# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଫେବୃୟାରୀ ୧୬/୨୦୨୦ (୧୬ ପୃଷ୍ଠା+ ଛୁଟିଦିନ) Sambalpur,Sunday, February 16 / 2020 ★★

୧୬ଶ ଭାଗ ୬୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**ୟୁଟ୍ୟୁବ୍ ଚ୍ୟାନେଲ ଲଞ୍ଚ କଲେ ଗୋବିନ୍ଦା**

ବଲିଉଡ୍‌ରେ ଦର୍ଶକଙ୍କ ମନୋରଞ୍ଜନ କରିଆସୁଥିବା ଗୋବିନ୍ଦା ନିଜର ଏକ ୟୁଟ୍ୟୁବ୍ ଚ୍ୟାନେଲ ଲଞ୍ଚ କରିଛନ୍ତି। ସମୟ ସହିତ ତାଳ ଦେଇ ନିଜକୁ ଡିଜିଟାଲ କରିଛନ୍ତି ସେ।

୦୨

୧୪

**ଭାୱ୍ନାଙ୍କୁ ଅଲିମ୍ପିକ ଯୋଗ୍ୟତା**

ଭାୱ୍ନା ଜାଟ୍ ୨୦ କିଲୋମିଟର ଚାଲି ଇଭେଣ୍ଟରେ ଜାତୀୟ ରେକର୍ଡ ଭଙ୍ଗ କରିବା ସହ ୨୦୨୦ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଛନ୍ତି।



# ଅନୁପଙ୍କ ଡ୍ରାଇଭର ଗିରଫ

ଝାରସୁଗୁଡ଼ା ଅଫିସ,୧୫।୨

ଛତିଶଗଡ଼ର ହମିରପୁର ଜଙ୍ଗଲରେ ଓଡ଼ିଶାର କଳ୍ପନା ଦାଶ (୩୨) ଓ ତାଙ୍କ ଝିଅ ବବ୍‌ଲି(୧୩) ହତ୍ୟା ଘଟଣାର ଅନ୍ୟତମ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରାଯାଇଛି। ସେ ହେଲେ ଏହି ଡବଲ ମର୍ଡର ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ବ୍ରଜରାଜନଗରର ପୂର୍ବତନ ବିଧାୟକ ଅନୁପ ସାଏଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋ। ହତ୍ୟା ଘଟଣାରେ ଅନୁପଙ୍କ ସହିତ ବର୍ଦ୍ଧନ ସମ୍ପୃକ୍ତ ଥିବା ସ୍ପଷ୍ଟ ହେବା ପରେ ଛତିଶଗଡ଼ର ରାୟଗଡ଼ ଜିଲା ଚକ୍ରଧରନଗର ଥାନା ପୋଲିସ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସୁନ୍ଦରଗଡ଼ ଜିଲାର ମୂଳ ବାସିନ୍ଦା ବର୍ଦ୍ଧନ ଗତ ୧୪ ବର୍ଷ ହେବ ଅନୁପଙ୍କ ଗାଡ଼ି ଚାଳକ ଭାବେ କାମ କରୁଥିଲେ।

ଅନୁପଙ୍କୁ ଚକ୍ରଧରନଗର ଥାନା ପୋଲିସ ବୁଧବାର ରାତିରେ ଝାରସୁଗୁଡ଼ାରୁ ଉଠାଇ ନେଇଥିଲା। ଏହି ଡବଲ ମର୍ଡର ଘଟଣାରେ ସେ ମୁଖ୍ୟ ଅଭିଯୁକ୍ତ ବୋଲି ଜଣାପଡିବା ପରେ ପୋଲିସ ଗୁରୁବାର ରାତିରେ ତାଙ୍କୁ ଗିରଫ କରିଥିଲା। ଗୁରୁବାର ଦିନ ତମାମ ତାଙ୍କୁ ଏନେଇ ପୋଲିସ ପଚରାଉଚରା ପରେ ଏହି ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଥିଲା। ହତ୍ୟାକାଣ୍ଡର କାରଣ କ’ଣ ଓ କିଭଳି ଭାବେ ଅନୁପ ଏହି ନାରକୀୟକାଣ୍ଡ ଘଟାଇଥିଲେ ସେ ସମ୍ପର୍କରେ ☞ପୃଷ୍ଠା-୪

**କଳ୍ପନା, ବବ୍‌ଲି ହତ୍ୟା ଘଟଣା**

- ଗୁପ୍ତସ୍ଥାନରେ ରଖି ପୋଲିସର ପଚରାଉଚରା
- ବର୍ଦ୍ଧନ ନିର୍ଦ୍ଦୋଷ କହିଲେ ସ୍ତ୍ରୀ,ଝିଅ
- ସୁନ୍ଦରଗଡ଼ର ମୂଳ ବାସିନ୍ଦା ବର୍ଦ୍ଧନ
- ୧୨ବର୍ଷ ହେବ ଅନୁପଙ୍କ ଗାଡ଼ି ଚାଳକ ଥିଲେ



ଗିରଫ ଡ୍ରାଇଭର ବର୍ଦ୍ଧନ ଟପ୍ପୋ।

## ତଦନ୍ତ ପାଇଁ ଆସିବ ଛତିଶଗଡ଼ ପୋଲିସ

ଭୁବନେଶ୍ୱର, ୧୫।୨(ବ୍ୟୁରୋ)

- ଆସିବେ ୩ ସ୍ୱତନ୍ତ୍ର ଟିମ୍
- ରାଜଧାନୀରେ ଥିବା ଫ୍ଲାଟ୍ ସହ ବିଭିନ୍ନ ଘଟଣାର ଖୋଳତାଡ଼ କରିବେ

ଝାରସୁଗୁଡା ଜିଲା ବ୍ରଜରାଜନଗରର ପୂର୍ବତନ ବିଧାୟକ ଅନୁପ ସାଏଙ୍କ ପରକୀୟା ପାପର ପେଡ଼ି ଖୋଲିବାକୁ ଓଡ଼ିଶା ଆସିବ ଛତିଶଗଡ଼ ପୋଲିସ। ଛତିଶଗଡ଼ରେ ମା’ ଓ ଝିଅଙ୍କୁ ହତ୍ୟା ପାଇଁ ଓଡ଼ିଶାରେ ହୋଇଥିବା ବ୍ଲୁ-ପ୍ରିଣ୍ଟ ପଛରେ ଲୁଚି ରହିଥିବା ଆଉ କିଛି ରହସ୍ୟ ଖୋଜିବ ପୋଲିସ ଟିମ୍। ଏଥିସହ ହତ୍ୟାକାଣ୍ଡ ସହ ଜଡିତ ସମସ୍ତ ଘଟଣା ଓ ସ୍ଥାନକୁ ନେଇ ମଧ୍ୟ ଖୋଳତାଡ଼ ହେବ। ତଦନ୍ତ ପାଇଁ ପର୍ଯ୍ୟାୟକ୍ରମେ ୩ ସ୍ୱତନ୍ତ୍ର ଟିମ୍ ଓଡ଼ିଶା ଆସି ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସହ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବ। ରାୟଗଡ଼ ଏସ୍‌ପି ☞ପୃଷ୍ଠା-୪

## ଟ୍ରମ୍ପଙ୍କ ୩ ଘଣ୍ଟା ପାଇଁ ଖର୍ଚ୍ଚ ହେବ ୧୦୦ କୋଟି

ନୂଆଦିଲ୍ଲୀ,୧୫।୨

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ୨୪ରୁ ଦୁଇଦିନିଆ ଭାରତ ଗସ୍ତରେ ଆସୁଛନ୍ତି। ଏହି ହାଇପ୍ରୋଫାଇଲ ଗସ୍ତ ପାଇଁ ସରକାର ବିପୁଳ ଅର୍ଥ ବ୍ୟୟ କରୁଥିବା ଜଣାପଡିଛି। ରିପୋର୍ଟ ଅନୁଯାୟୀ ୨୪ରେ ଟ୍ରମ୍ପ ଅହମଦାବାଦ ଗସ୍ତରେ ଯାଇ ସେଠାରେ ୩ ଘଣ୍ଟା ବିତାଇବେ। ତାଙ୍କୁ ସ୍ୱାଗତ କରିବା ପାଇଁ ଗୁଜରାଟ ସରକାର ୧୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରିବାକୁ ଯାଉଛନ୍ତି। ଏଥିପାଇଁ ପ୍ରସ୍ତୁତି ପୂରାଦମ୍‌ରେ ଚାଲିଛି। ଟ୍ରମ୍ପଙ୍କ ସ୍ୱାଗତ କାର୍ଯ୍ୟକ୍ରମରେ ଅର୍ଥ ବାଧକ ହେବା ଉଚିତ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ ବିଜୟ ରୁପାନି କହିଛନ୍ତି। ଅହମଦାବାଦରେ ରାସ୍ତା ମରାମତି ଓ ସହର ସୌନ୍ଦର୍ଯ୍ୟକରଣ ଦାୟିତ୍ୱ ମ୍ୟୁନିସିପାଲ କର୍ପୋରେଶନ ଏବଂ ଅହମଦାବାଦ ସହରାଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ (ଏୟୁଡିଏ)କୁ ଦିଆଯାଇଛି। ୧୭ଟି ରାସ୍ତାର ମରାମତି ଓ ବିମାନବନ୍ଦରରୁ ମୋଟେରା ଷ୍ଟାଡିୟମ୍ ୧.୫ କିଲୋମିଟର ରାସ୍ତା ସୌନ୍ଦର୍ଯ୍ୟକରଣ ପାଇଁ ୬୦ କୋଟି ମଞ୍ଜୁର ହୋଇଛି। ଏହାବ୍ୟତୀତ ଅନ୍ୟ ରାସ୍ତା ପାଇଁ ୨୬ କୋଟି ବ୍ୟୟ ହେବ। ସବୁ ବିଭାଗକୁ ଠିକ୍ ସମୟରେ ପ୍ରସ୍ତୁତି ଶେଷ କରିବାକୁ କୁହାଯାଇଛି।

# ବାଚସ୍ପତିଙ୍କ ରୁଲିଂକୁ ନେଇ ଝଡ଼

ଭୁବନେଶ୍ୱର,୧୫।୨(ବ୍ୟୁରୋ)

- ବିରୋଧୀଙ୍କ ହଙ୍ଗାମା, ଗୃହ କାର୍ଯ୍ୟ ବରବାଦ
- ବାଚସ୍ପତି ଡାକିଲେ ସର୍ବଦଳୀୟ ବୈଠକ
- ମାରାଥନ ଆଲୋଚନା ପରେ ସ୍ୱାଭାବିକ ହେଲା ସ୍ଥିତି
- ୯ ଥର ଗୃହ ମୁଲତବୀ



ବିରୋଧୀଙ୍କ ପ୍ରଚଣ୍ଡ ଆକ୍ରମଣରେ ଶନିବାର ପ୍ରଶ୍ନକାଳ, ମୁଲତବୀ, ଧନ୍ୟବାଦ ପ୍ରସ୍ତାବ ଆଲୋଚନା ସବୁକିଛି ବାଏଁ ବାଏଁ ଉଡିଯାଇଛି। ଦିନ ତମାମ ବିରୋଧୀ ଦଳ ସଦସ୍ୟମାନେ ଗୃହକୁ ନିଜ କବ୍‌ଜାକୁ ନେଇ ଯାଇଥିଲେ। ହଟ୍ଟଗୋଳ ଓ ନାରାବାଜିରେ ବିଧାନସଭା ଫାଟି ପଡିଥିଲା। ଗୃହର ମଧ୍ୟଭାଗରେ ବିରୋଧୀ ଦଳ ହଙ୍ଗାମା କଲେ ତାହା ଗଣମାଧ୍ୟମରେ ପ୍ରକାଶ ପାଇବ ନାହିଁ। ଶୁକ୍ରବାର ବାଚସ୍ପତି ଦେଇଥିବା ଏଭଳି ରୁଲିଂକୁ ନେଇ ବିଧାନସଭାରେ ଝଡ଼ ସୃଷ୍ଟି ହୋଇଛି। ବିରୋଧୀ ଦଳ ସଦସ୍ୟମାନେ ରୁଲିଂକୁ ବିରୋଧ କରି ଗୃହକୁ ସମ୍ପୂର୍ଣ୍ଣ ଅଚଳ କରି ଦେଇଛନ୍ତି। ଶନିବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଉଭୟ ଭାଜପା ଓ କଂଗ୍ରେସର ସଦସ୍ୟମାନେ ଏହି ପ୍ରସଙ୍ଗକୁ ନେଇ ବିଧାନସଭାରେ ତୁମ୍ଭିତୋଫାନ କରିଛନ୍ତି। ବାଚସ୍ପତି ତୁରନ୍ତ ଏଭଳି ରୁଲିଂକୁ ପ୍ରତ୍ୟାହାର କରନ୍ତୁ ବୋଲି ସେମାନେ ଦାବି କରିଥିଲେ। ରୁଲିଂ ପ୍ରତ୍ୟାହାର ନ ହେବା ଯାଏ ଗୃହ ଚଳାଇ ଦେବୁ ନାହିଁ। ଏଭଳି ରୁଲିଂ ଅଗଣତାନ୍ତ୍ରିକ ଏବଂ ବିରୋଧୀଙ୍କ କଣ୍ଠରୋଧ କରିବାର ଏକ ପ୍ରୟାସ ବୋଲି ଉଭୟ ଦଳର ସଦସ୍ୟମାନେ ଅଭିଯୋଗ କରିଥିଲେ। ଏହି ପ୍ରସଙ୍ଗକୁ ନେଇ ବିଧାନସଭାରେ ବିରୋଧୀ ସଦସ୍ୟମାନେ ହଙ୍ଗାମା କରିବାରୁ ଦିନତମାମ ଗୃହକାର୍ଯ୍ୟ ବରବାଦ ହୋଇଯାଇଛି। ବାଧହୋଇ ବାଚସ୍ପତି ବିଭିନ୍ନ ପର୍ଯ୍ୟାୟରେ ସନ୍ଧ୍ୟା ୬ଟା ୫୦ ଯାଏ ମୁଲତବୀ ଘୋଷଣା କରିଥିଲେ। ଗୃହ କାର୍ଯ୍ୟକୁ ସ୍ୱାଭାବିକ କରିବାକୁ ଅପରାହ୍ଣରେ ସର୍ବଦଳୀୟ ବୈଠକ ଡାକିଥିଲେ। ମାରାଥନ ଆଲୋଚନା ପରେ ବାଚସ୍ପତି ବିରୋଧୀଙ୍କ ଦାବି ନିକଟରେ ହାର ମାନିଛନ୍ତି। ରୁଲିଂ କେବଳ ଗୋଟିଏ ଦିନ ପାଇଁ ଥିଲା ବୋଲି ବାଚସ୍ପତି ଘୋଷଣା ☞ପୃଷ୍ଠା-୪

## ଏନ୍‌ଏଚ୍‌ରେ ଛିଣ୍ଡି ପଡିଲା ୧୩୩ କେଭି ବିଦ୍ୟୁତ୍ ତାର



ଛିଣ୍ଡିପଡିଥିବା ବିଦ୍ୟୁତ୍ ତାର।

ଝାରସୁଗୁଡ଼ା ଅଫିସ, ୧୫।୨

ଝାରସୁଗୁଡ଼ା ଜିଲା ବୁଡିପଥର ଗ୍ରୀଡ୍‌ରୁ ଧୁତ୍ରା ଅଲ୍‌ଟ୍ରାଟେକ୍ ସିମେଣ୍ଟ କାରଖାନାକୁ ଯାଇଥିବା ୧୩୩ କେଭି ବିଶିଷ୍ଟ ବିଦ୍ୟୁତ ତାର ଶନିବାର ଅପରାହ୍ଣରେ ହଠାତ ଛିଣ୍ଡି ଯାଇ ବିଟିଏମ୍ ଛକ (ଜାତୀୟ ରାଜପଥ-୪୯)ରେ ପଡିଥିଲା। ହେଲେ ସୌଭାଗ୍ୟ ବଶତଃ ଏଥିଯୋଗୁ କୌଣସି ଦୁର୍ଘଟଣା ଘଟି ନାହିଁ। ଜାତୀୟ ରାଜପଥ ଉପରେ ଏହି ତାର ପଡି ରହିବାରୁ ପ୍ରାୟ ୨ଘଣ୍ଟା ଯାତାୟାତ ବନ୍ଦ ରହିଥିଲା। ଖବର ପାଇ ବୁଡିପଥର ଗ୍ରୀଡର କର୍ମଚାରୀ ପହଞ୍ଚି ବିଦ୍ୟୁତ ପ୍ରବାହ ବନ୍ଦ କରି ମରାମତି କରିଥିଲେ। ତେବେ ସେଠାରେ ଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ଯେ, ଏହି ତାର ଛିଣ୍ଡି ତଳେ ପଡିବା ପରେ ନିଆଁ ବାହାରିଥିଲା। ତାର ଛିଣ୍ଡିଲା ସମୟରେ ଘଟଣା ସ୍ଥଳରୁ ଅଳ୍ପ ଦୂରରେ ଏକ ଯାତ୍ରୀବାହୀ ବସ୍ ଥିଲା। ଆଖପାଖରେ ଲୋକେ ମଧ୍ୟ ଚଳପ୍ରଚଳ କରୁଥିଲେ। ଦିନ ହୋଇଥିବାରୁ ଏବଂ ସେଠାରେ ଲୋକେ ଉପସ୍ଥିତ ଥିବାରୁ ଗାଡିମୋଟର ଅଟକାଇ କାହାରିକୁ ଯିବାକୁ ଦେଇ ☞ପୃଷ୍ଠା-୪

## ବାଙ୍କୀରେ ଡବଲ ମର୍ଡର

**ସରପଞ୍ଚଙ୍କ ସ୍ୱାମୀ, ଖବରଦାତାଙ୍କୁ ଗୋଡ଼େଇ ହାଣିଲେ ଦୁର୍ବୃତ୍ତ**

ବାଙ୍କୀ, ୧୫।୨ (ସ୍ୱ.ପ୍ର.)

କଟକ ଜିଲାର ବାଙ୍କୀରେ ଘଟିଛି ଡବଲ ମର୍ଡର। ବରପୁଟ ପଞ୍ଚାୟତର ଜୋକଲାଞ୍ଜି ପ୍ରକଳ୍ପ ନିକଟରେ ଖଜୁରିପଦା ନୂଆଗାଁ ପଞ୍ଚାୟତ ସରପଞ୍ଚ ମମତା ମହାପାତ୍ରଙ୍କ ସ୍ୱାମୀ ଭଗବାନ ସ୍ୱାଇଁ ଓ ଖବରଦାତା ଆଦିତ୍ୟ ରଣସିଂହଙ୍କୁ ଶନିବାର ଅପରାହ୍ଣରେ ଗୋଡାଇ ଗୋଡାଇ ହତ୍ୟା କରାଯାଇଛି। ଆଦିତ୍ୟଙ୍କ ଘର ଖଜୁରୀପଦା ଗ୍ରାମରେ ହୋଇଥିବାବେଳେ ସେ ଏକ ୱେବ ପୋର୍ଟାଲରେ ଖବରଦାତା ଭାବେ କାର୍ଯ୍ୟ କରୁଥିଲେ। ଅପରାହ୍ଣରେ ଉଭୟେ ଏକ ବାଇକ୍‌ରେ ବାଙ୍କୀ ଟାଉନ୍‌ରୁ ଗାଁକୁ ଫେରୁଥିଲେ। ଏହି ସମୟରେ ଜୋକଲାଞ୍ଜି ପ୍ରକଳ୍ପ ନିକଟରେ ପୂର୍ବରୁ କେତେଜଣ ଦୁର୍ବୃତ୍ତ ଲୁଚି ରହିଥିଲେ। ଭଗବାନ ଓ ଆଦିତ୍ୟ ପ୍ରକଳ୍ପ ନିକଟରେ ପହଞ୍ଚିବା କ୍ଷଣି ଦୁର୍ବୃତ୍ତମାନେ ବିଭିନ୍ନ ମାରଣାସ୍ତ୍ରରେ ସେମାନଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଆକ୍ରମଣରେ ଉଭୟ ଗୁରୁତର ହୋଇବେଳେ ଆଦିତ୍ୟଙ୍କ ଡାହାଣ ଗୋଡ଼ କଟିଯାଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଏକ ବୋଲୋରୋରେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଆଦିତ୍ୟଙ୍କୁ ମୃତ ଘୋଷଣା କରିଥିଲେ। ଭଗବାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ଼ ଡାକ୍ତରଖାନା ପଠାଯାଇଥିଲା। ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଖବରପାଇ ବାଙ୍କୀ ଉପଖଣ୍ଡ ପୋଲିସ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବିଫଳ ଯୋଜନା**

**ଆଜିର ମନ୍ତବ୍ୟ**

“ଜ୍ୟୋତିରାଦିତ୍ୟ ସିନ୍ଧିଆ ରାସ୍ତାକୁ ଓହ୍ଲାଇଲେ ବି କିଛି ଫରକ ପଡ଼ିବ ନାହିଁ।

-କମଲନାଥ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

ଭାରତ ପ୍ରାୟ ୪୦% ଅର୍ଗାନିକ କେମିକାଲ ଚାଇନାରୁ ଆମଦାନୀ କରୁଛି।

- ବାଣିଜ୍ୟ ମନ୍ତ୍ରଣାଳୟ


Taste the difference! Vencobb FRESH CHICKEN

15.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 50 | 93 | 103 |
| CTC | 51 | 94 | 104 |
| DKL | 52 | 96 | 106 |
| BDK | 55 | 100 | 110 |
| BLS | 57 | 102 | 112 |
| ANG | 52 | 96 | 106 |
| BHM | 50 | 93 | 103 |

*Conditions Apply

Issued in the Interest of Consumers


# ଛାତ୍ରୀଙ୍କ ପ୍ୟାଣ୍ଟ ଖୋଲିଲେ ଶିକ୍ଷୟିତ୍ରୀ

## ଥାନାରେ ଦୋଷ ସ୍ୱୀକାର ପରେ ସମାଧାନ

ବ୍ରହ୍ମପୁର ଅଫିସ,୧୫।୨

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଏକ ଘରୋଇ ସ୍କୁଲରେ ଶନିବାର ଅଭାବନୀୟ ଘଟଣା ଘଟିଛି। ଶ୍ରେଣୀ ଗୃହରେ ଜଣେ ଛାତ୍ରୀଙ୍କ ପ୍ୟାଣ୍ଟ(ଲେଗିଙ୍ଗସ୍) ଶିକ୍ଷୟିତ୍ରୀ ଖୋଲି ଦେବାରୁ ମାମଲା ଥାନାକୁ ଯାଇଛି। ଏହାକୁ ନେଇ ଛାତ୍ରୀଙ୍କ ବାପା ସ୍କୁଲରେ ପହଞ୍ଚି ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ସ୍କୁଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ପୋଲିସ ପହଞ୍ଚି ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଥାନାକୁ ଆଣିଥିଲା।

ଘଟଣାରୁ ପ୍ରକାଶ, ବ୍ରହ୍ମପୁରର ଏକ ଘରୋଇ ସ୍କୁଲ ୟୁନିଫର୍ମ ଶନିବାର ଧଳା ଥିବାବେଳେ ଜଣେ ଛାତ୍ରୀ ଧଳା ଫ୍ରକ୍ ଓ କଳାରଙ୍ଗର ପ୍ୟାଣ୍ଟ(ଲେଗିଙ୍ଗସ୍) ପିନ୍ଧିଥିଲେ। କ୍ଲାସ ଆରମ୍ଭ ବେଳେ ଛାତ୍ରୀ ପିନ୍ଧିଥିବା କଳା ରଙ୍ଗର ପ୍ୟାଣ୍ଟକୁ ଏହା ସ୍କୁଲ ୟୁନିଫର୍ମ ନୁହେଁ ବୋଲି କହି ଜଣେ ଶିକ୍ଷୟତ୍ରୀ ତାକୁ ଖୋଲି ଦେଇଥିଲେ। ଭୟରେ ଛାତ୍ରୀ ଜଣଙ୍କ କାହାକୁ କିଛି ନ କହି ଚୁପ ହୋଇ କ୍ଲାସରେ ବସିଥିଲେ। ସ୍କୁଲରୁ ଫେରିବା ବେଳେ ସେ ତାଙ୍କ ବାପାଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ଛାତ୍ରୀଙ୍କ ବାପା ଜଣେ ଆଇନଜୀବୀ ହୋଇଥିବାରୁ ସେ ଅଧ୍ୟକ୍ଷଙ୍କୁ ଘଟଣା ବିଷୟରେ ପଚାରିଥିଲେ। ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଜଣଙ୍କ ଥାନାରେ ଲିଖିତ ଆକାରରେ ଦୋଷ ସ୍ୱୀକାର କରିବା ସହ ଭବିଷ୍ୟତରେ ଏଭଳି ଭୁଲ କରିବେ ନାହିଁ ବୋଲି କହିଥିଲେ। ଶେଷରେ ଏହାର ଆପୋଷ ବୁଝାମଣାରେ ସମାଧାନ ହୋଇଥିବା ପୋଲିସ କହିଛି।

**ମଧ୍ୟପ୍ରଦେଶ କଂଗ୍ରେସରେ ଫାଟ**

........୯........

**ସ୍କୁଲ ଭ୍ୟାନ୍‌ରେ ନିଆଁ: ଜଳିଗଲେ ୪ ଶିଶୁ**

........୩........




## ପ୍ରେମ ସପ୍ତାହ ପରେ ଆଣ୍ଟି ଭାଲେଣ୍ଟାଇନ ୱିକ୍

ଫେବୃୟାରୀ ୭ରୁ ୧୪ ମଧ୍ୟରେ ଭାଲେଣ୍ଟାଇନ ୱିକ୍ ବା ପ୍ରେମ ସପ୍ତାହ ପାଳିତ ହୋଇଥାଏ। ତେବେ ଏହାପରେ ଫେବୃୟାରୀ ୧୫ରୁ ୨୧ ପର୍ଯ୍ୟନ୍ତ ଆଣ୍ଟି ଭାଲେଣ୍ଟାଇନ ୱିକ୍ ପାଳିତ ହୋଇଥାଏ। କେତେକ ଏହାକୁ ବିଶେଷ ଗୁରୁତ୍ୱ ଦେଇ ନ ଥାନ୍ତି। କ୍ରମାନ୍ୱୟରେ ଫେବୃୟାରୀ ୧୫ରେ ସ୍ଲାପ୍ ଡେ, ୧୬ରେ କିକ୍ ଡେ, ୧୭ରେ ପରଫ୍ୟୁମ ଡେ, ୧୮ରେ ଫ୍ଲିଟିଙ୍ଗ ଡେ, ୧୯ରେ କନ୍‌ଫେସନ ଡେ, ୨୦ରେ ମିସିଙ୍ଗ ଡେ ଏବଂ ୨୧ରେ ବ୍ରେକ୍ ଅପ ଡେ ପାଳନ କରାଯାଇଥାଏ।

# ୧୪ ବର୍ଷ ଜେଲରେ କାଟିଥିବା ବ୍ୟକ୍ତି ଏବେ ଏମ୍‌ବିବିଏସ୍

**କାଲାବୁରାଗି:** କର୍ନାଟକ କାଲାବୁରାଗି ଅଫଜଲପୁରାର ସୁଭାଷ ପାଟିଲ(୪୦) ନାମକ ଜଣେ ବ୍ୟକ୍ତି ଜେଲରେ ୧୪ ବର୍ଷ ରହିବା ପରେ ବି ନିଜ ସ୍ୱପ୍ନକୁ ସାକାର କରିପାରିଛନ୍ତି। ପିଲାଟି ଦିନରୁ ଡାକ୍ତର ହେବାର ସ୍ୱପ୍ନ ଦେଖିଥିବା ସୁଭାଷ ଜେଲରୁ ଫେରିବା ପରେ ଏବେ ଏମ୍‌ବିବିଏସ ଶିକ୍ଷା ସମାପ୍ତ କରିଛନ୍ତି। ସୂଚନାଯୋଗ୍ୟ, ୧୯୯୭ରେ ସେ ଏମ୍‌ବିବିଏସ ପାଠ୍ୟକ୍ରମରେ ନାମ ଲେଖାଇଥିଲେ। ହେଲେ ୨୦୦୨ରେ ଏକ ହତ୍ୟା ମାମଲାରେ ତାଙ୍କୁ ଜେଲ ଯିବାକୁ ପଡିଥିଲା। ସେଠାରେ ଥିବା



ସମୟରେ ସେ ଜେଲ ଓପିଡିରେ କାମ କରିଥିଲେ। ତାଙ୍କର ଭଲ ବ୍ୟବହାର ପାଇଁ ୨୦୧୬ରେ ସେ ଜେଲରୁ ମୁକୁଳିଥିଲେ। ଆଉ ୨୦୧୯ରେ ସେ ଏମ୍‌ବିବିଏସ ଶେଷ କରିଥିବା କହିଛନ୍ତି। ଚଳିତ ମାସରେ ଏମ୍‌ବିବିଏସ ଡିଗ୍ରୀ ପାଇଁ ଆବଶ୍ୟକ ଥିବା ଗୋଟିଏ ବର୍ଷର ବାଧ୍ୟତାମୂଳକ ଇଣ୍ଟର୍ଣ୍ଣସିପ ସମାପ୍ତ କରିଛନ୍ତି ସୁଭାଷ। ସୂଚନାଯୋଗ୍ୟ, ୨୦୦୨ରେ ସୁଭାଷଙ୍କୁ ଏକ ହତ୍ୟା ମାମଲାରେ ଗିରଫ କରାଯାଇଥିବା ବେଳେ ୨୦୦୬ରେ ତାଙ୍କୁ ଆଜୀବନ କାରାଦଣ୍ଡ ନିର୍ଦ୍ଦେଶ ଦେଇଥିଲେ କୋର୍ଟ। ୨୦୧୬ ସ୍ୱାଧିନତା ଦିବସରେ ତାଙ୍କୁ ଜେଲରୁ ମୁକ୍ତ କରିଦିଆଯାଇଥିଲା।

## ୨୪ ଘଣ୍ଟା ପର୍ଯ୍ୟନ୍ତ ଶରୀର ବାହାରେ ସୁରକ୍ଷିତ ରହିପାରିବ ମାନବ ହୃଦୟ



**ଲଣ୍ଡନ:** ଏବେ ହାର୍ଟ ଟ୍ରାନ୍ସପ୍ଲାଣ୍ଟ କରିବା ସହଜ ହୋଇପାରିବ। ଶରୀର ବାହାରେ ନୂତନ ଜ୍ଞାନକୌଶଳ ଦ୍ୱାର ୨୪ ଘଣ୍ଟା ସୁରକ୍ଷିତ ରଖାଯାଇପାରିବ। କେତେକ କୃତ୍ରିମ ଉପକରଣ ସହାୟତାରେ ଏଭଳି କରାଯାଇପାରିବ। ପରୀକ୍ଷାମୂଳକ ଭାବେ ଘୁଷୁରିର ହୃଦୟକୁ ୨୪ ଘଣ୍ଟା ପର୍ଯ୍ୟନ୍ତ ସୁରକ୍ଷିତ ରଖାଯାଇପାରିଛି। ଉତ୍ତର କୋରୋଲିନାର ଡୁରହାମ୍‌ରେ ଥିବା ଡ୍ୟୁକ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଏଭଳି ଗବେଷଣା କରି ବେଶ ସଫଳ ରହିଛନ୍ତି। ଏସମ୍ପର୍କିତ ୧୮ ସେକେଣ୍ଡର ଏକ ଭିଡ଼ିଓ ମଧ୍ୟ ସୋସିଆଲ ମିଡ଼ିଆରେ ଶେୟାର କରାଯାଇଛି।

## ୟୁଟ୍ୟୁବ୍ ଚ୍ୟାନେଲ୍ ଲଞ୍ଚ୍ କଲେ ଗୋବିନ୍ଦା

**ମୁମ୍ବାଇ:** ୮୦ ଦଶକରୁ ବହୁମୁଖୀ ପ୍ରତିଭା ଯୋଗେ ଦର୍ଶକଙ୍କ ମନୋରଞ୍ଜନ କରିଆସୁଥିବା ଗୋବିନ୍ଦା ନିଜର ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ଲଞ୍ଚ କରିଛନ୍ତି। ସମୟ ସହିତ ତାଳ ଦେଇ ନିଜକୁ ଡିଜିଟାଲ କରିଛନ୍ତି ଗୋବିନ୍ଦା। ବର୍ତ୍ତମାନ ତାଙ୍କ ହାତରେ କୌଣସି ଫିଲ୍ମ ନ ଥିବାରୁ ସମୟର ସଦୁପଯୋଗ କରିବାକୁ ଆଗେଇ ଆସିଛନ୍ତି। ଦର୍ଶକଙ୍କ ସହିତ ସିଧାସଳଖ ଯୋଡ଼ି ହେବାକୁ 'ଗୋବିନ୍ଦା ନଂ-୧' ନାମରେ ଏକ ୟୁଟ୍ୟୁବ୍ ଚ୍ୟାନେଲ ଖୋଲିଛନ୍ତି। ଏହି ଚ୍ୟାନେଲ ଜରିଆରେ ଗୋବିନ୍ଦା ନିଜେ ଗାଇଥିବା କିଛି ଗୀତ ଏବଂ ଅନ୍ୟାନ୍ୟ ପ୍ରତିଭା ପ୍ରଦର୍ଶିତ କରିବେ। ଭାଲେଣ୍ଟାଇନ୍ସ ଡେ'ରେ ନିଜେ ଗାଇଥିବା ଗୀତ 'ଚଲ୍ନା ରୋମାନ୍ସ କରେ' ଏବଂ 'ତୁ ମେରୀ ଡ୍ରିମ୍ କମ୍ ଟ୍ରୁ ହେ' ପୋଷ୍ଟ କରିଛନ୍ତି। ନିଜର ନୂତନ କ୍ୟାରିୟର ନେଇ ଗୋବିନ୍ଦା କୁହନ୍ତି, ଏହି ୟୁଟ୍ୟୁବ୍ ଚ୍ୟାନେଲ ଜରିଆରେ ଦର୍ଶକଙ୍କୁ ନିୟମିତ ମନୋରଞ୍ଜନର ଖୋରାକ ଯୋଗାଇବେ। ମୋ'ର ବିଶ୍ୱାସ ମୋତେ ଦର୍ଶକଙ୍କ ଢେରସାରା ଭଲପାଇବା ଏବଂ ଆଶୀର୍ବାଦ ମିଳିବ। ଗୋବିନ୍ଦାଙ୍କ ପୂର୍ବରୁ ଆଲିଆ ଭଟ୍ଟ, ପ୍ରିୟଙ୍କା ଚୋପ୍ରା, ଜ୍ୟାକ୍‌ଲିନ ଫର୍ନାଡିସ୍, କାର୍ତ୍ତିକ ଆର୍ଯ୍ୟନ, ଅଜୟ ଦେବଗନ, ମାଧୁରୀ ଦୀକ୍ଷିତ୍, ଅର୍ଜୁନ କପୁର ଏବଂ ଅନ୍ୟ ସେଲିବ୍ରିଟିମାନେ ମଧ୍ୟ ନିଜ ନିଜର ୟୁଟ୍ୟୁବ୍ ଚ୍ୟାନେଲ୍ ମାଧ୍ୟମରେ ଦର୍ଶକଙ୍କ ମନୋରଞ୍ଜନ କରିଆସୁଛନ୍ତି।



# ଦ୍ୱିତୀୟ ଥର ମା' ହେଲେ ଲିଜା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଲିଜା ହେଡେନ୍‌ଙ୍କ ଘରକୁ ଖୁସି ଖବର ଆସିଛି। ସେ ଦ୍ୱିତୀୟ ଥର ମା' ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସେ ଏକ ପୁତ୍ରସନ୍ତାନକୁ ଜନ୍ମ ଦେଇଛନ୍ତି। ତା'ର ନାଁ ରଖିଛନ୍ତି ଲିଓ। ପ୍ରଶଂସକଙ୍କୁ ଏହି ଖୁସି ଜଣାଇବା ପାଇଁ ଲିଜା ସୋସିଆଲ ମିଡିଆରେ କିଛି ଫଟୋ ଶେୟାର କରିଛନ୍ତି। ଫଟୋଟିରେ ତାଙ୍କ ଦୁଇ ପୁଅ ରହିଥିବା ଦେଖିବାକୁ ମିଳିଛି। ଦୁହେଁ ଦୁହିଁଙ୍କୁ ବେଶ୍ ଖୁସି ମନରେ ଚାହିଁଛନ୍ତି। ଏଥିରେ ଲିଜା କ୍ୟାପଶନ ଲେଖିଛନ୍ତି, ଏହି ଛୋଟମାନଙ୍କ ଆଶୀର୍ବାଦ ମୋ' ହୃଦୟକୁ ଛୁଇଁଗଲା। ଯାହା କି ପ୍ରଥମରୁ କେବେ ହୋଇ ନ ଥିଲା। ମୁଁ ପୂରା ନିଶବ୍ଦ ହୋଇଗଲି। ତୁମ ଦୁଇଜଣଙ୍କୁ ଦେଖିବାଠାରୁ ମୋ' ପାଇଁ ଦୁନିଆରେ ଆଉ କିଛି ଭଲନାହିଁ। ମୋର ବିଶ୍ୱାସ ଆସୁନି ମୁଁ ଦୁଇଜଣଙ୍କ ମା'ବୋଲି। 'ଲିଓ' ଏବଂ 'ଜ୍ୟାକ୍'। ୧୩ ତାରିଖଠାରୁ ମୋ' ଜୀବନ ସବୁଦିନ ପାଇଁ ବଦଳି ଯାଇଛି। ସେ ତାଙ୍କ ସ୍ୱାମୀଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।



ଫିଲ୍ମ 'ଆୟଶା' ଜରିଆରେ ଲିଜା ବଲିଉଡ୍‌ରେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ଏହା ପରେ 'ହାଉସ୍‌ଫୁଲ - ୩', 'ଦ ସୌକୀନ୍ସ କ୍ୱିନ୍', 'ୟେ ଦିଲ୍ ହେ ମୁସ୍କିଲ୍' ଆଦି ଫିଲ୍ମରେ ଅଭିନୟ କରିଥିଲେ। ଏହା ସହିତ କେତେକ ଜଣାଶୁଣା ମ୍ୟାଗାଜିନ୍‌ରେ ତାଙ୍କର କଭର ଫଟୋ ମଧ୍ୟ ପ୍ରକାଶ ପାଇଥିଲା।

# ଓଦା ହୋଇଗଲେ ଜଣାଇଦେବ ସ୍ମାର୍ଟ ଡାଇପର

**ନ୍ୟୁୟର୍କ:** ମାସାଚ୍ୟୁସେଟସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜି (ଏମଆଇଟି)ର ଭାରତୀୟ ବଂଶୋଦ୍ଭବ ଗବେଷକମାନେ ବିକାଶ କରିଛନ୍ତି ଏକ ସ୍ମାର୍ଟ ଡାଇପର । ଏହି ଡାଇପର ସାମାନ୍ୟ ଓଦା ହୋଇଗଲେ କେୟାରଗିଭରଙ୍କୁ ସତର୍କ କରିଦେବ। ରାତିରେ ଶିଶୁଙ୍କ ଡାଏପର ଓଦା ହୋଇଗଲେ ବଦଳାଇବା ପାଇଁ ମାତାପିତାଙ୍କୁ ବି ଚିନ୍ତା କରିବାକୁ ପଡିବନି। ସ୍ମାର୍ଟ ଡାଏପର ଉପରେ ଏକ ମଏଶ୍ଚର ସେନ୍‌ସର ରହିଛି। ଏହା ଓଦା ହେବା କ୍ଷଣି ନିକଟରେ ଥିବା ରିସିଭରକୁ ସଂକେତ ପଠାଇବ। କମ୍ପ୍ୟୁଟର କିମ୍ବା ସ୍ମାର୍ଟଫୋନକୁ ଏହା ଜଣାଇ ଦେବ । ଡାଇପରରେ ଲଗାଯାଇଥିବା ସେନ୍‌ସର ବି ବୟସ୍କଙ୍କ ଡାଏପରରେ ଲଗାଯାଇପାରିବ। ଏଣୁ ଯେଉଁ ରୋଗୀମାନେ ଡାଇପର ବଦଳାଇବା ପାଇଁ ଜଣାଇବାରେ ଅକ୍ଷମ ହୋଇଥାନ୍ତି ସେ କ୍ଷେତ୍ରରେ ଏହି ସେନ୍‌ସର ଜଣାଇଦେବ ବୋଲି କୁହନ୍ତି ଏମ୍‌ଆଇଟିର ଅଟୋ ଆଇଡି ଲାବୋରେଟୋରିର ଗବେଷକ ପଙ୍କୁରୀ ସେନ୍। ପାଶିଭ ରେଡିଓ ଫ୍ରିକ୍ୱେନ୍ସି ଆଇଡେଣ୍ଟିଫିକେଶନ(ଆର୍‌ଏଫ୍‌ଆଇଡି) ଟ୍ୟାଗ ଦ୍ୱାରା ଗଠିତ ଏହି ସେନସରକୁ ଡାଏପରରେ ତରଳ ଶୋଷି ନେବା ପାଇଁ ବ୍ୟବହୃତ ଉତ୍କୃଷ୍ଟ ଶୋଷକ ପଲିମର ( ଏକ ପ୍ରକାର ହାଇଡ୍ରୋ ଜେଲ୍)ତଳେ ଖଞ୍ଜାଯାଇଛି। ଟ୍ୟାଗ୍‌ରେ ରେଡିଓ ତରଙ୍ଗ ପଠାଇବା ଲାଗି ଗୋଟିଏ ଆଣ୍ଟିନା ଏବଂ ତଥ୍ୟ ଷ୍ଟୋର କରିବା ପାଇଁ ଏକ ଚିପ୍ ମଧ୍ୟ ଲଗାଯାଇଛି। ଆର୍‌ଏଫ୍‌ଆଇଡିକୁ ଚାର୍ଜ କରିବା ପାଇଁ ବ୍ୟାଟେରି ଆବଶ୍ୟକତା ପଡିବ ନାହିଁ । ଏହା ରିଡରରୁ ନିର୍ଗତ ରେଡିଓ ୱେଭ୍‌ରୁ ଶକ୍ତି ସଂଗ୍ରହ କରି ଚାର୍ଜ ହୋଇପାରିବ। ଡାଇପର୍‌ରେ ହାଇଡ୍ରୋଜେଲ ଓଦା ହୋଇଗଲେ ଏହା ସମ୍ପ୍ରସାରିତ ହୋଇ ସମାନ୍ୟ ସୁପରିବାହୀ ଗୁଣ ପ୍ରକାଶ କରେ । ଏହାଦ୍ୱାରା ଆର୍‌ଏଫ୍‌ଆଇଡି ଟ୍ୟାଗ ସକ୍ରିୟ ହୋଇଥାଏ ଓ ୧ ମିଟର ଦୂରରେ ଥିବା ଆରଏଫ୍‌ଆଇଡି ରିଡର୍‌କୁ ସଂକେତ ପଠାଇଥାଏ। ଏହାକୁ ତିଆରି କରିବାରେ କମ୍ ଖର୍ଚ୍ଚ ହେଉଥିବାରୁ ବଜାରରେ ଏହାର ଦାମ୍ ମଧ୍ୟ କମ୍ ରହିବ ବୋଲି କୁହନ୍ତି ଗବେଷକ। ମୂତ୍ର ରୋକିବାରେ ଅକ୍ଷମତା କିମ୍ବା କୋଷ୍ଠକାଠିନ୍ୟ ଭଳି ସମସ୍ୟାକୁ ଏହା ମଧ୍ୟ ଠାବ କରି ତା'ର ରେକର୍ଡ ରଖିପାରିବ। ଏହି ଡାଏପର ଶିଶୁ ଓ ବୟସ୍କଙ୍କ ମୂତ୍ରନଳୀ ସଂକ୍ରମଣ ରୋକିବାରେ ସହାଯ୍ୟ କରିବ ବୋଲି ସହ ଗବେଷକ ନୀତିନ ଆର୍ କାଣ୍ଟାରେଡ୍ଡୀ କହିଛନ୍ତି। ମୁଖ୍ୟତଃ ଏକାବେଳକେ ଅଧିକ ଶିଶୁଙ୍କ ଯତ୍ନ ନେଉଥିବା ନର୍ସମାନଙ୍କ ଲାଗି ଏହା ବେଶି କାମରେ ଆସିବ। କେଉଁ ଶିଶୁର ଡାଇପର ବଦଳାଇବା ଦରକାର ତାହା ସେମାନେ ସହଜରେ ଜାଣିପାରିବେ।



## ଶୁଭଫଳ ଆଣିଦିଏ କଳସ

**ନୂଆଦିଲ୍ଲୀ:** ଗୃହପ୍ରବେଶ, ନବରାତ୍ରି ପୂଜା, ଦୀପାବଳି, ଲକ୍ଷ୍ମୀପୂଜା, ଯଜ୍ଞ ଅନୁଷ୍ଠାନ, ବିବାହ ଆଦି ଯେକୌଣସି ମାଙ୍ଗଳିକ କାର୍ଯ୍ୟରେ ପ୍ରଥମେ କଳସ ସ୍ଥାପନ କରାଯାଇଥାଏ। ଧର୍ମଶାସ୍ତ୍ରରେ ଲିଖିତ ଅଛି, ଏହି ମଙ୍ଗଳ କଳସ ସମୁଦ୍ର ମନ୍ଥନ ସମୟର ପ୍ରତୀକ। ସୁଖ ଏବଂ ସମୃଦ୍ଧି ପାଇଁ ପ୍ରତୀକ କଳସ ସ୍ଥାପନ କରାଯାଇଥାଏ। ବାସ୍ତୁଶାସ୍ତ୍ର ଅନୁସାରେ, ଇଶାନ କୋଣରେ ଜଳପୂର୍ଣ୍ଣ କଳସ ସ୍ଥାପନ କଲେ ଶୁଭଫଳ ମିଳିଥାଏ। ଘରେ ସୁଖ ସମୃଦ୍ଧି ବୃଦ୍ଧି ହୋଇଥାଏ। ତମ୍ବାଧାତୁରେ ତିଆରି କଳସକୁ ଦ୍ୱାର ସମ୍ମୁଖରେ ରଖିଲେ ମନରେ ସକାରାତ୍ମକ ଭାବନା ଜାଗ୍ରତ ହୋଇଥାଏ। ଘରେ ଶାନ୍ତି ବିରାଜ କରେ। ଘରର ଇଶାନ କୋଣରେ ତମ୍ବା କିମ୍ବା ମାଟି କଳସରେ ଜଳ ପୂର୍ଣ୍ଣ କରି ଏହା ଉପରେ ଆମ୍ବଡାଳ ଏବଂ ନଡ଼ିଆ ରଖନ୍ତୁ। କଳସ ଉପରେ ସ୍ୱସ୍ତିକ୍ ଚିହ୍ନ ଆଙ୍କି ଏହା ଉପରେ ଏକ ଲାଲ୍ ରଙ୍ଗର କପଡ଼ା ଘୋଡ଼ାନ୍ତୁ। ଏପରି କଲେ ଘରୁ ନକରାତ୍ମକ ଶକ୍ତି ଦୂରେଇଯାଇ ପରିବାରରେ ସୁଖ ଶାନ୍ତି ବଜାୟ ରହେ।



## ପେଚା ସହିତ ଟିକ୍‌ଟକ୍ ଭିଡିଓ କରିବା ମହଙ୍ଗା ପଡ଼ିଲା

**ଅହମଦାବାଦ:** ବନ୍ୟପ୍ରାଣୀଙ୍କ ସହିତ ଟିକ ଟିକ ଭିଡ଼ିଓ କରିବା ଜଣେ ଯୁବତୀଙ୍କୁ ମହଙ୍ଗା ପଡ଼ିଛି। ଗୁଜରାଟର ସୁରଟରେ ବାସ କରୁଥିବା ଟିକ୍‌ଟକ ଷ୍ଟାର କୀର୍ତ୍ତି ପଟେଲ ଏକ ପେଚା ସହିତ ଭିଡ଼ିଓ କରି ଏହାକୁ ସୋସିଆଲ ମିଡ଼ିଆରେ ଶେୟାର କରିଥିଲେ। ଏହାକୁ ଦେଖିବା ପରେ ବନ ବିଭାଗ ପକ୍ଷରୁ ତାଙ୍କ ଉପରେ ୨୫ ହଜାର ଟଙ୍କାର ଜରିମାନା ନୋଟିସ ଜାରି ହୋଇଛି। ଏହା ସହିତ କୀର୍ତ୍ତିଙ୍କୁ ପେଚା ଯୋଗାଇଥିବା ବ୍ୟକ୍ତିଙ୍କୁ ୧୦ ହଜାର ଟଙ୍କାର ଜରିମାନା ଦଣ୍ଡାଦେଶ ହୋଇଛି। ୧୯୭୨ ବନ୍ୟପ୍ରାଣୀ ସୁରକ୍ଷା ଅଧିନିୟମ ଅନ୍ତର୍ଗତ ଏଭଳି କରାଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଅଭିଯୋଗ ମିଳିବା ପରେ ଏହାର ତଦନ୍ତ କରାଯାଇ ଏଭଳି ଦଣ୍ଡାଦେଶ କରାଯାଇଛି।



## ରାଜା-ରାଣୀଙ୍କ ବାହାଘର

**ବେଙ୍ଗାଲୁରୁ:** କର୍ନାଟକ ରାଜଧାନୀ ବେଙ୍ଗାଲୁରୁର କୁବନ ପାର୍କରେ ଏକ ଘୋଡ଼ା(ରାଜା) ଏବଂ ଘୋଡ଼ୀ(ରାଣୀ)ର ବିବାହ ଭାଲେଣ୍ଟାଇନ୍ସ ଡେ'ରେ ସମ୍ପନ୍ନ ହୋଇଛି। ଏହି ବିବାହ ପାରମ୍ପରିକ ରୀତିନୀତିରେ ହୋଇଥିଲା। ଘୋଡ଼ା ଧୋତି ଏବଂ ଶାର୍ଟ ପିନ୍ଧିଥିବା ବେଳେ ଘୋଡ଼ୀ ଶାଢ଼ି ସହିତ ମଙ୍ଗଳସୂତ୍ର ମଧ୍ୟ ପିନ୍ଧିଥିଲା। ଏହି ବିବାହ ପାଇଁ କେନ୍ଦ୍ର ସରକାର ୧ ଲକ୍ଷ ଏବଂ ରାଜ୍ୟ ସରକାର ୫୦ ହଜାର ଟଙ୍କା ଦେବାକୁ ଆଗ୍ରହ ପ୍ରକାଶ କରିଥିଲେ। ଏହି ଟଙ୍କାରେ ବିବାହ ଉତ୍ସବରେ ଯୋଗ ଦେଇଥିବା ଅତିଥିଙ୍କୁ ମିଷ୍ଟାନ୍ନ ଖାଇବାକୁ ଦିଆଯାଇଥିଲା। ବିବାହ ସମ୍ପନ୍ନ ନ ହେଉଣୁ ଏହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପରେ ଲୋକେ ବେଶ୍ ମଜାଳିଆ କମେଣ୍ଟ ସବୁ ଦେଇଛନ୍ତି। କିଛି ୟୁଜର କହିଛନ୍ତି, ବ୍ୟାଚଲର ଥାଇ ଘୋଡ଼ା ଭଲରେ ଥିଲା। ବିଚରା! ଆଉ କିଛି ୟୁଜର ବିବାହ ନେଇ ଶୁଭକାମନା ଜଣାଇଛନ୍ତି। ସେହିପରି ଆଉ ଜଣେ ୟୁଜର ଲେଖିଛନ୍ତି, କାହିଁକି ତାଙ୍କ ଜୀବନକୁ ନଷ୍ଟ କଲ? ବିବାହ କରି କିଏବା ଖୁସିରେ ଅଛି! ଏପରି ଅନେକ କୌତୂହଳପୂର୍ଣ୍ଣ କମେଣ୍ଟ ସବୁ ଦେଇଛନ୍ତି ୟୁଜର।



ଫଟୋ ଭାଇରାଲ

**ସଂକ୍ଷେପରେ**

## ପୁଣି ଗଣିତ ପ୍ରଶ୍ନପତ୍ର ଲିକ୍ ଗୁଜବ

ସମ୍ବଲପୁର,୧୫ା୨(ବ୍ୟୁରୋ): ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଯୁକ୍ତ ୩ ତୃତୀୟ ବର୍ଷ କେମେଷ୍ଟ୍ରି ଓ ଜୁଲୋଜି ଦ୍ୱିତୀୟ ସେମିଷ୍ଟର ପ୍ରଶ୍ନପତ୍ର ବୁଧବାର ଲିକ୍ ହୋଇଥିଲା। ପୁଣି ଗଣିତ ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଶନିବାର ଗୁଜବ ସୃଷ୍ଟି ହୋଇଛି। ଏହା ଜାଣିବା ପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶେଷ ସମୟରେ ପ୍ରଶ୍ନପତ୍ର ପରିବର୍ତ୍ତନ କରାଯାଇଛି। ଛାତ୍ରୀଛାତ୍ର ଅନ୍ୟ ଏକ ପ୍ରଶ୍ନପତ୍ର ସେଟ୍‌ରେ ପରୀକ୍ଷା ଦେଇଛନ୍ତି। ହେଲେ ଏହି ଘଟଣାକୁ ପରୀକ୍ଷା ନିୟନ୍ତ୍ରକ ସୂର୍ଯ୍ୟ ନାଏକ ଖଣ୍ଡନ କରିଛନ୍ତି। କୌଣସି ପ୍ରଶ୍ନପତ୍ର ଲିକ୍ ହୋଇ ନାହିଁ । ବୁଧବାର ପ୍ରଶ୍ନପତ୍ର ଲିକ୍ ହୋଇଥିବାରୁ ପରୀକ୍ଷାରେ ସ୍ୱଚ୍ଛତା ଓ ସୁରକ୍ଷା ଦୃଷ୍ଟିରୁ ଶନିବାର ଗଣିତ ପ୍ରଶ୍ନପତ୍ର ପରିବର୍ତ୍ତନ କରାଯାଇଛି ବୋଲି କହିଛନ୍ତି। ଏଣୁ ସତରେ ପ୍ରଶ୍ନପତ୍ର ଲିକ୍ ହୋଇଛି ନା ଘଟଣାକୁ ଲୁଚାଇବାକୁ ପରୀକ୍ଷା ନିୟନ୍ତ୍ରକ ଏଭଳି ସଫେଇ ଦେଇଛନ୍ତି ତାହା ସନ୍ଦେହ ସୃଷ୍ଟି କରିଛି। ଏଣୁ ଏ ନେଇ ତଦନ୍ତ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ଦାବି କରିଛନ୍ତି।




# ସ୍କୁଲ୍ ଭ୍ୟାନ୍‌ରେ ନିଆଁ : ଜଳିଗଲେ ୪ ଶିଶୁ

ଚଣ୍ଡିଗଡ଼,୧୫ା୨(ପି.ଟି.)

ପଞ୍ଜାବର ସଙ୍ଗରୁର୍ ଜିଲାରେ ଶନିବାର ଏକ ସ୍କୁଲ୍ ଭ୍ୟାନ୍‌ରେ ନିଆଁ ଲାଗିଯିବାରୁ ୪ ଶିଶୁ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଏକ ଘରୋଇ ସ୍କୁଲ୍‌ର ପିଲାମାନଙ୍କୁ ନେଇ ମିନିଭ୍ୟାନ୍‌ଟି ଯାଉଥିବାବେଳେ ଲଙ୍ଗୋୱାଲ-ସିଦ୍‌ସମାଚାର ରୋଡ୍‌ରେ ଏହି ଦୁର୍ଘଟଣା ଘଟିଥିଲା । ସେତେବେଳେ ଭ୍ୟାନ୍‌ରେ ୧୨ ଜଣ ପିଲା ଥିଲେ। ପାଖ କ୍ଷେତରେ କାମ କରୁଥିବା ଲୋକେ ୮ ଜଣଙ୍କୁ ଉଦ୍ଧାର କରିଥିଲେ। ଭ୍ୟାନ୍ ଭିତରେ ଜଳିଯାଇଥିବା ପିଲାଙ୍କ ବୟସ ୧୦ରୁ ୧୨ ବର୍ଷ ମଧ୍ୟରେ ବୋଲି ପୋଲିସ କହିଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ। ଅଗ୍ନିକାଣ୍ଡର ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ନିର୍ଦ୍ଦେଶ ଦେବା ସହ ଏଥିପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ସ୍କୁଲ ଛୁଟି ହେବା ପରେ ପିଲାମାନଙ୍କୁ ଧରି ଭ୍ୟାନ୍‌ଟି ଫେରୁଥିଲା। ସ୍କୁଲ୍‌ଠାରୁ ଅଳ୍ପ ଦୂରରେ ହୋଇଥିବାବେଳେ ନିଆଁ ଲାଗିଥିବା ଦେଖି ଜଣେ ବ୍ୟକ୍ତି ଡ୍ରାଇଭରଙ୍କୁ ଜଣାଇବା ସହ ଭ୍ୟାନ ଅଟକାଇବାକୁ କହିଥିଲେ। ଡ୍ରାଇଭର ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଓ ପାଖ ଜମିରେ କାମ କରୁଥିବା କେତେଜଣ ଧାଇଁ ଆସି କୌଣସି ପ୍ରକାରେ ୮ ଜଣ ପିଲାଙ୍କୁ ଉଦ୍ଧାର କରିପାରିଥିଲେ। ତେବେ ଭ୍ୟାନ୍‌ର ଗୋଟିଏ ଡୋର୍ ଜାମ୍ ହୋଇଯାଇଥିବାରୁ ଅନ୍ୟ ୪ ଜଣଙ୍କୁ ବାହାର କରିବା ସମ୍ଭବ ହୋଇପାରି ନ ଥିଲା। ମୃତ ୪ ଶିଶୁଙ୍କ ମଧ୍ୟରୁ ୨ ଜଣ ଗୋଟିଏ ପରିବାରର ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ସ୍କୁଲ୍ ପ୍ରଶାସନ ଶୁକ୍ରବାର ରାତିରେ ଉକ୍ତ ଭ୍ୟାନ୍ କିଣିଥିଲେ। ମାତ୍ର ୮ ଜଣ ପିଲାଙ୍କୁ ନେବା ସାମର୍ଥ୍ୟ ଉକ୍ତ ଭ୍ୟାନ୍‌ର ରହିଥିବା କୁହାଯାଉଛି।



ନିଆଁ ଲାଗି ଯାଇଥିବା ସ୍କୁଲ୍ ଭ୍ୟାନ ।

# 'ଆଗକୁ ବଢ଼ିବା ପାଇଁ ଶକ୍ତି ଦିଏ ଶିକ୍ଷା'

**ବଲାଙ୍ଗୀର କିସ୍ ଶାଖାକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ**

ବଲାଙ୍ଗୀର ଅଫିସ, ୧୫ା୨

ଭୁବନେଶ୍ୱରସ୍ଥିତ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍‌ସେସ୍ (କିସ୍)ର ବଲାଙ୍ଗୀର ଶାଖା ମୋତିଲାଲ ଓସ୍ୱାଲ-କିସ୍ ଜନଜାତି ଆବାସିକ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଉଦ୍‌ଘାଟନ କରିଛନ୍ତି । ଏହି ଉଦ୍‌ଘାଟନୀ ସମାରୋହରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଥିଲେ ଯେ, ଶିକ୍ଷା ଆଗକୁ ବଢ଼ିବା ପାଇଁ ଶକ୍ତି ଦିଏ । ଶିକ୍ଷା ସାମାଜରେ ପରିବର୍ତ୍ତନ ଆଣିଥାଏ। ବଲାଙ୍ଗୀର କିସ୍‌କୁ ଉଦ୍‌ଘାଟନ କରି ସେ ଖୁସି । ବଲାଙ୍ଗୀର ପରି ପଛୁଆ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଏହି ଅନୁଷ୍ଠାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ । ବଲାଙ୍ଗୀରରେ ଏହି ଅନୁଷ୍ଠାନ ପ୍ରତିଷ୍ଠା କରିଥିବାରୁ କିସ୍ ପ୍ରତିଷ୍ଠାତା ଡ ଅଚ୍ୟୁତ ସାମନ୍ତ ଓ ମୋତିଲାଲ ଓସ୍ୱାଲ ଗ୍ରୁପ୍‌କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ଶିକ୍ଷାର ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ସାରା ରାଜ୍ୟରେ ୬୫୦୦ ହଷ୍ଟେଲ କରାଯାଇଛି। ଏଥିରେ ୬ ଲକ୍ଷରୁ ଉର୍ଦ୍ଧ୍ୱ ପିଲା ପଢୁଛନ୍ତି। ଏହି ସବୁ ହଷ୍ଟେଲରେ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ଏହା ସହିତ ସହରାଞ୍ଚଳ ହଷ୍ଟେଲରେ ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କୁ ଇଂଲିଶ ମିଡିୟମରେ ଶିକ୍ଷା ଦିଆଯାଉଛି। ସବୁ ବ୍ଲକରେ ଆଦର୍ଶ ବିଦ୍ୟାଳୟ ଖୋଲାଯାଉଛି। ରାଜ୍ୟର ୩୦ଟି ଜିଲାର ୧୦୧ ସ୍କୁଲକୁ ସେଣ୍ଟର ଅଫ୍ ଏକ୍ସଲେନ୍ସି ଭାବେ ଗଢ଼ିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ସୂଚନା ଦେଇଥିଲେ । ପିଲାଙ୍କ ପାଖରେ ଶିକ୍ଷାର ଆଲୋକ ପହଞ୍ଚାଇବା ଲାଗି କାମ କରିବାକୁ ସେ ଆହ୍ୱାନ ଦେଇଥିଲେ ।

ଉଦ୍‌ଘାଟନ ସମାରୋହରେ ଅନ୍ୟତମ ଅତିଥି ଭାବେ ରାଜ୍ୟ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ, ବଲାଙ୍ଗୀର ଏମପି ସଙ୍ଗୀତା କୁମାରୀ ସିଂଦେଓ, ବିଧାୟକ ନରସିଂହ ମିଶ୍ର, କିଟ୍-କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ଏମପି ଅଚ୍ୟୁତ ସାମନ୍ତ, ଜିଲାପାଳ ଅରିନ୍ଦମ ଡାକୁଆ, ମୋତିଲାଲ ଓସ୍ୱାଲ ଗ୍ରୁପ୍ ଅଧ୍ୟକ୍ଷ ମୋତିଲାଲ ଓସ୍ୱାଲ, ସୁନୀତା ଅଗ୍ରୱାଲ, ରାମଦେଓ ଅଗ୍ରୱାଲ ଓ ବିମଳା ଓସ୍ୱାଲ ମଞ୍ଚାସୀନ ଥିଲେ । ଜିଲାପାଳ ଅରିନ୍ଦମ ଡାକୁଆ ସ୍ୱାଗତ ଭାଷଣ ଦେଇଥିଲେ। କିସ୍ ପ୍ରତିଷ୍ଠାତା ଡ ସାମନ୍ତ ବକ୍ତବ୍ୟ ରଖି କିସ୍ ବିଶ୍ୱବିଦ୍ୟାଳୟର ପରିକଳ୍ପନା, ବଲାଙ୍ଗୀର କିସ୍ ଶାଖାର ଉପଯୋଗିତା ଓ ଜନଜାତି ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାର ସଂକଳ୍ପ ଉପରେ କହିଥିଲେ। ଏହି ଅନୁଷ୍ଠାନ ଗଢ଼ିବା ଦିଗରେ ଆର୍ଥିକ ସହାୟତା ଯୋଗାଇ ଦେଇଥିବାରୁ ମୁମ୍ବାଇର ମୋତିଲାଲ ଓସ୍ୱାଲ ଫାଇନାନ୍ସିଆଲ ଗ୍ରୁପ୍‌କୁ ଧନ୍ୟବାଦ୍ ଜଣାଇଥିଲେ। ଏହି ଆବାସିକ ବିଦ୍ୟାଳୟରେ ସମ୍ପୂର୍ଣ୍ଣ ମାଗଣାରେ ବଲାଙ୍ଗୀର ଜିଲାର ଜନଜାତି ଛାତ୍ରୀଛାତ୍ରମାନେ ନିଶୁଳ୍କ ଗୁଣାତ୍ମକ ଶିକ୍ଷା ପାଇପାରିବେ ବୋଲି ସୂଚନା ଦେଇଥିଲେ। ଆଗାମୀ ଦିନରେ ରାଜ୍ୟର ୩୦ଟି ଜିଲାରେ ଏଭଳି କିସ୍ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ସେ କହିଥିଲେ। ବିଧାୟକ ନରସିଂହ ମିଶ୍ର ବକ୍ତବ୍ୟ ରଖି ବିଧାନସଭା ଚାଲୁଥିବାବେଳେ ସମୟ ଦେଇ ବଲାଙ୍ଗୀର କିସ୍ ଆବାସିକ ସ୍କୁଲକୁ ଉଦ୍‌ଘାଟନ କରିବା ପାଇଁ ଆସିଥିବାରୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କୁ ସେ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଓସ୍ୱାଲ ଗ୍ରୁପ୍‌ର ସୁନୀତା ଅଗ୍ରୱାଲ ଓ ବିମଳା ଅଗ୍ରୱାଲ କିସ୍ କ୍ୟାମ୍ପସରେ ୫୦ ଶଯ୍ୟା ବିଶିଷ୍ଟ ଏକ ହସ୍ପିଟାଲ ମଧ୍ୟ ଉଦ୍‌ଘାଟନ କରିଥିଲେ।




ବଲାଙ୍ଗୀର କିସ୍ ଆବାସିକ ସ୍କୁଲ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥିମାନେ ।

# ଶ୍ରୀମନ୍ଦିରରେ ନୀତି ବିଳମ୍ବ ସହ ବଡ଼ ମହାସ୍ନାନ

ପୁରୀ ଅଫିସ, ୧୫ା୨

- ଦ୍ୱାର ଫିଟା ଡେରି ଯୋଗୁ ପରବର୍ତ୍ତୀ ନୀତି ପ୍ରଭାବିତ
- ବିଳମ୍ବରେ ବାହାରିଲା ମହାପ୍ରସାଦ

କୌଣସି ପରିସ୍ଥିତିରେ ମହାପ୍ରଭୁଙ୍କ ସେବା ପୂଜାରେ ବିଳମ୍ବକୁ ବରଦାସ୍ତ କରାଯିବ ନାହିଁ। ଯେଉଁ ପାଳିଆ ସେବକ ୩ଥର ନୀତିରେ ବିଳମ୍ବ କରିବେ ତାଙ୍କୁ ସେବାରୁ ବହିଷ୍କାର କରାଯିବ। ଏପରି କି ଜାଣିଶୁଣି ଯଦି କେହି ଥରେ ବି ଡେରି କରୁଥିବା ଜଣାପଡ଼ିବ ତେବେ ଶାଢ଼ିବନ୍ଧା ରଦ୍ଦ ସହିତ ତାଙ୍କୁ ମଧ୍ୟ ସେବାରୁ ହଟାଯିବ। ଶ୍ରୀମନ୍ଦିର ପ୍ରଶାସନର ଏହି କଠୋର ଆଭିମୁଖ୍ୟ ପରେ ନୀତିକାନ୍ତି ପ୍ରାୟ ଠିକ୍‌ଠାକ ଚାଲୁଥିଲା। କେବେ କେଉଁଦିନ ନୀତିରେ ସାମାନ୍ୟ ବିଳମ୍ବ ହେଉଥିଲେ ମଧ୍ୟ ପରବର୍ତ୍ତୀ ନୀତିକୁ ତ୍ୱରାନ୍ୱିତ କରାଯାଉଥିଲା। କିନ୍ତୁ ଶନିବାର ମହାପ୍ରଭୁଙ୍କ ନୀତିକାନ୍ତିରେ ପ୍ରାୟ ୨ଘଣ୍ଟା ବିଳମ୍ବ ହୋଇଛି। ଦ୍ୱାରଫିଟାରୁ ଆରମ୍ଭ ହୋଇଥିବା ଏହି ବିଳମ୍ବ ଅନ୍ୟାନ୍ୟ ନୀତିକୁ ପ୍ରଭାବିତ କରିଥିଲା। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦ୍ୱାରଫିଟା ବିଳମ୍ବ ପରେ ଶ୍ରୀମନ୍ଦିରରେ ବଡ଼ ମହାସ୍ନାନ ବି ହୋଇଥିଲା।

ଶ୍ରୀମନ୍ଦିର ଜୟ ବିଜୟ ଦ୍ୱାର ୫ଜଣ ସେବକଙ୍କ ଉପସ୍ଥିତିରେ ଫିଟାଯାଏ। ଏହି ସେବକମାନେ ହେଲେ ପଢିଆରୀ, ଭିତରଚ୍ଛ ମହାପାତ୍ର, ଅଖଣ୍ଡ, ମୁଦୁଲି ଏବଂ ମେକାପ। ସାଧାରଣତଃ ଭୋର ୫ଟା ୧୦ ମଧ୍ୟରେ ଏହି ଦ୍ୱାର ଫିଟାଯାଇଥାଏ। ଶନିବାର ଏହି ସମୟରେ ଦ୍ୱାର ଫିଟାଇବା ଲାଗି ୪ଜଣ ସେବକ ପହଞ୍ଚିଥିଲେ ମଧ୍ୟ ଜଣେ ଆସି ନ ଥିଲେ। ଫଳରେ ତାଙ୍କୁ ଅନ୍ୟମାନେ ଅପେକ୍ଷା କରିଥିଲେ। ସମ୍ପୃକ୍ତ ସେବକ ପ୍ରାୟ ଅଧଘଣ୍ଟାଏ ପରେ ପହଞ୍ଚିଥିଲେ। ଏହାପରେ ସକାଳ ୫ଟା ୪୫ରେ ଦ୍ୱାର ଫିଟାଯାଇ ଠାକୁରଙ୍କ ନୀତି ଆରମ୍ଭ ହୋଇଥିଲା। ଏହି ବିଳମ୍ବ ଯୋଗୁ ସକାଳ ପ୍ରାୟ ୬ଟା ମଧ୍ୟରେ ହେଉଥିବା ମଙ୍ଗଳ ଆଳତି ୬ଟା ୩୫ରେ ଶେଷ ହୋଇଥିଲା। ପରେ ଅବକାଶ ପାଇଁ ପ୍ରସ୍ତୁତି ଚାଲିଥିଲା। ଏହି ସମୟରେ ଜଣେ ଛୋଟ ପିଲା ଜୟବିଜୟ ଦ୍ୱାର ତଳକୁ ଭିତର କାଠ ପରିସରରେ ପରିସ୍ରା କରିଦେଇଥିଲେ। ଫଳରେ ସେହିଠାରେ ହିଁ ନୀତି ଅଟକି ବଡ଼ ମହାସ୍ନାନ ପାଇଁ ପ୍ରସ୍ତୁତି ଆରମ୍ଭ କରାଯାଇଥିଲା। ଏଥିପାଇଁ ପ୍ରାୟ ୧ଘଣ୍ଟା ସମୟ ଲାଗିଥିଲା। ବଡ଼ ମହାସ୍ନାନ ପରେ ଯେଉଁଠାରୁ ନୀତି ଅଟକିଥିଲା ସେହିଠାରୁ ପୁଣି ଆରମ୍ଭ ହୋଇଥିଲା। ତେବେ ଏହି ବିଳମ୍ବ ଯୋଗୁ ଶନିବାର ଅପରାହ୍ନ ପ୍ରାୟ ୩ଟାରେ ବାହାରିଥିଲା ମହାପ୍ରସାଦ। ସାଧାରଣତଃ ପ୍ରତିଦିନ ଅପରାହ୍ନ ୧ଟାରୁ ସାଢେ ୧ଟା ମଧ୍ୟରେ ଅବଢା ବାହାରିଥାଏ। କିନ୍ତୁ ଗୋଟିଏ ଦିନରେ ଦ୍ୱାରଫିଟାରେ ଡେରି ହେବା ଏବଂ ଠାକୁରଙ୍କ ବଡ଼ ମହାସ୍ନାନ ଯୋଗୁ ଭକ୍ତମାନେ ମହାପ୍ରସାଦ ପାଇବାରେ ବିଳମ୍ବ ଘଟିଥିଲା।

**ବିଧାନସଭା ପ୍ରଶ୍ନୋତ୍ତର**

# ରାଜ୍ୟରେ ୫,୯୫୦ ଭିକାରୀ

ଭୁବନେଶ୍ୱର,୧୫ା୨(ବ୍ୟୁରୋ)

- କଟକରେ ସର୍ବାଧିକ ୧,୦୬୦; ଦେବଗଡ଼ରେ ୩
- ପୁନର୍ବାସ ପାଇଁ 'ସହାୟ' ଯୋଜନା

ରାଜ୍ୟରେ ୫,୯୫୦ ଜଣ ଭିକାରି ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କଟକ ଜିଲାରେ ସର୍ବାଧିକ ୧,୦୬୦ଜଣ ଭିକାରି ଅଛନ୍ତି। ସେହିପରି ଗଞ୍ଜାମରେ ୫୪୫, ପୁରୀ ୩୬୬, ମୟୂରଭଞ୍ଜ ୪୮୫, ସମ୍ବଲପୁର ୩୦୩, ସୁନ୍ଦରଗଡ଼ ୪୨୩, ଅନୁଗୋଳ ୨୦୫, ବାଲେଶ୍ୱର ୧୩୧, ଭଦ୍ରକ ୧୨୮, ବଲାଙ୍ଗୀର ୩୪୪, ଢେଙ୍କାନାଳ ୧୩୨, କେନ୍ଦୁଝର ୧୮୯, ଖୋର୍ଦ୍ଧା ୧୯୬, କୋରାପୁଟ ୨୪୯, ନବରଙ୍ଗପୁର ୧୮୩, ରାୟଗଡ଼ା ୧୭୬ ଏବଂ ସୋନପୁରରେ ସର୍ବାଧିକ ୨୮୩ ଜଣ ଭିକାରି ରହିଛନ୍ତି। ଶନିବାର ବିଧାନସଭାରେ ବିଜେଡି ସଭ୍ୟ ସୌଭିକ ବିଶ୍ୱାଳଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ସୂଚନାନୁଯାୟୀ ଦେବଗଡ଼ ଜିଲାରେ ସର୍ବନିମ୍ନ ୩ଜଣ ଭିକାରି ଥିବା ବେଳେ ବୌଦ୍ଧରେ ୬, ଗଜପତି ୫୮, ଜଗତ୍‌ସିଂହପୁର ୬୧, ଯାଜପୁର ୬୯, ଝାରସୁଗୁଡ଼ା ୩୮, କଳାହାଣ୍ଡି ୭୪, କନ୍ଧମାଳ ୭୩, କେନ୍ଦ୍ରାପଡ଼ା ୨୨, ମାଲକାନଗିରି ୨୮, ନୟାଗଡ଼ ୬୫ ଏବଂ ନୂଆପଡ଼ାରେ ସର୍ବନିମ୍ନ ୩୧ଜଣ ଭିକାରି ଅଛନ୍ତି। ଭିକାରିଙ୍କ ପୁନର୍ବାସ ବ୍ୟବସ୍ଥା କରିବା ଲାଗି ରାଜ୍ୟ ସରକାର 'ସହାୟ' ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଚଳିତ ବର୍ଷ ପୁରୀ ଜିଲାରେ ଭିକ୍ଷୁକଙ୍କ ପାଇଁ ୫ଟି ପୁନର୍ବାସ ଗୃହ ପ୍ରତିଷ୍ଠା କରାଯାଇଥିବା ବେଳେ ଭୁବନେଶ୍ୱରଠାରେ ମଧ୍ୟ ଏଭଳି ପୁନର୍ବାସ ଗୃହ ସ୍ଥାପନ କରାଯିବ ବୋଲି ଗୃହରେ ସୂଚନା ଦେଇଛନ୍ତି।



# ରାଜ୍ୟରେ ୧୨.୪୪ ଲକ୍ଷ ଭିନ୍ନକ୍ଷମ

ଭୁବନେଶ୍ୱର,୧୫ା୨(ବ୍ୟୁରୋ)

**୨୧ ଶ୍ରେଣୀରେ ଚିହ୍ନଟ କରାଯାଇଛି**

୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟରେ ୧୨ ଲକ୍ଷ ୪୪ ହଜାର ୪୦୨ଜଣ ଭିନ୍ନକ୍ଷମ ଅଛନ୍ତି। ସେମାନଙ୍କୁ ୨୧ଟି ଭାଗରେ ଶ୍ରେଣୀଭୁକ୍ତ କରାଯାଇଛି। ସେମାନଙ୍କ ଶିକ୍ଷା ଲାଗି ୧୦୨ଟି ସ୍ୱତନ୍ତ୍ର ବିଦ୍ୟାଳୟ ଓ ୧ଟି ମହାବିଦ୍ୟାଳୟ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଛି। ୪୮ଟି ସ୍ୱତନ୍ତ୍ର ବିଦ୍ୟାଳୟ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ହେଉଛି। ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ୧୯ଟି ବେସରକାରୀ ସଂସ୍ଥାକୁ ଧନ୍ଦାମୂଳକ ତାଲିମ ପ୍ରଦାନ ନିମିତ୍ତ ନିୟୋଜିତ କରାଯାଇଛି। ନିଯୁକ୍ତି କ୍ଷେତ୍ରରେ ସରକାରୀସ୍ତରରେ ୪ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ସେମାନଙ୍କ ଆୟ ବୃଦ୍ଧି ଲାଗି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ରିହାତି ଶୁଳ୍କ ହାରରେ ଋଣ ପ୍ରଦାନ କରାଯାଉଛି। ବିଜେଡି ସଭ୍ୟ ଉମାକାନ୍ତ ସାମନ୍ତରାୟଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସାମାଜିକ ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି।

# ମହିଳା କମିଶନରେ ୧୦ ହଜାର ମାମଲା

ଭୁବନେଶ୍ୱର,୧୫ା୨(ବ୍ୟୁରୋ)

ରାଜ୍ୟ ମହିଳା କମିଶନଙ୍କ ନିକଟରେ ୧୦,୧୩୦ଟି ମାମଲା ବିଚାରାଧୀନ ରହିଛି। ସେଥିରୁ ୨,୭୨୯ ମାମଲା ପଞ୍ଜୀକୃତ ହୋଇଥିବା ବେଳେ ୨,୦୫୧ ମାମଲାର ଶୁଣାଣି ଶେଷ ହୋଇଛି। ଏହି ମାମଲାଗୁଡ଼ିକ ମଧ୍ୟରୁ ଯୌତୁକ ନିର୍ଯାତନା ପାଇଁ ୭୭୦, ଘରୋଇ ହିଂସା ପାଇଁ ୧,୮୭୮, ମିଥ୍ୟା ବିବାହ ପ୍ରତିଶ୍ରୁତି ୧୦୩, ଯୌତୁକଜନିତ ମୃତ୍ୟୁ ୪୩, ଅପହରଣ ୭୮, ଯୌନ ନିର୍ଯାତନା ୮, କାର୍ଯ୍ୟସ୍ଥଳରେ ଅସଦାଚରଣ ୬୦, ମହିଳା ଅଧିକାର ଉଲ୍ଲଂଘନ ୨୯୬ ଏବଂ ଅସଦାଚରଣ ୧୩୨ଟି ମାମଲା ରୁଜୁ ହୋଇଛି। ବିଜେଡି ସଭ୍ୟ ଉମାକାନ୍ତ ସାମନ୍ତରାୟଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଶନିବାର ବିଧାନସଭାରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ଏହି ସୂଚନା ଦେଇଛନ୍ତି।

# ଶ୍ରୀମନ୍ଦିରରେ ପାନଛେପ ଦେଖି ୫-ଟି ସଚିବ କ୍ଷୁବ୍ଧ

ପୁରୀ ଅଫିସ, ୧୫ା୨

ଶ୍ରୀମନ୍ଦିର ଭିତରକୁ ପାନ, ଗୁଟ୍‌ଖା ଉପରେ କଟକଣା ରହିଛି। କେହି ଏସବୁ ଖାଇ କିମ୍ବା ନେଇ ମନ୍ଦିର ଭିତରକୁ ପ୍ରବେଶ କରିପାରିବେ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଛି। କୌଣସି ବ୍ୟକ୍ତି ଯଦି ଏହାକୁ ଉଲ୍ଲଂଘନ କରନ୍ତି ତେବେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବାର ବ୍ୟବସ୍ଥା ରହିଛି। ତଥାପି ଅନେକେ ଏଭଳି କଟକଣାକୁ ମାନୁ ନାହାନ୍ତି। ପାନ, ଗୁଟ୍‌ଖା ଇତ୍ୟାଦି ଖାଇ ମନ୍ଦିରକୁ ଯାଉଛନ୍ତି। ଶନିବାର ଶ୍ରୀମନ୍ଦିର ପରିସରରେ ପାନଛେପ ପଡ଼ିଥିବା ଦେଖି ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ ଅସନ୍ତୋଷ ବ୍ୟକ୍ତ କରିବା ଘଟଣା ଏହାକୁ ସ୍ପଷ୍ଟ କରିଛି।

ସକାଳେ ୫-ଟି ସଚିବ ପାଣ୍ଡିଆନ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ନାଭିକଟା ମଣ୍ଡପ ଓ ଘଣ୍ଟିଦ୍ୱାର ମଧ୍ୟସ୍ଥ ପାହାଚ ଉପରେ ପାନଛେପ ପଡ଼ିଥିବା ଦେଖିଥିଲେ। ଏ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିବା ସହ ପାଖରେ ଥିବା ସୁବେଦାର ଯୋଗେଶ ଚନ୍ଦ୍ର ସ୍ୱାଇଁଙ୍କୁ ଡାକି ଦେଖାଇଥିଲେ। ଆଗାମୀ ଦିନରେ ଯେପରି କେହି ବି ପାନ, ଗୁଟ୍‌ଖା ଖାଇ ମନ୍ଦିରକୁ ନ ଆସିବେ ଏବଂ କୌଣସି ସ୍ଥାନରେ ପାନଛେପ, ଗୁଟ୍‌ଖା ଖୋଳ ଆଦି ନ ପଡ଼େ ସେନେଇ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଦେବା ଲାଗି ଯୋଗେଶଙ୍କୁ କହିଥିଲେ। ପାନଛେପକୁ ନେଇ ପାଣ୍ଡିଆନ ଅସନ୍ତୋଷ ପ୍ରକାଶ କରିବା ଜଣାପଡ଼ିବା ପରେ ଶ୍ରୀମନ୍ଦିରର ସ୍କ୍ୱାଡ୍ ବେଢା ପରିସର ବୁଲି ବିଭିନ୍ନ ସ୍ଥାନ ତନ୍ନ ତନ୍ନ କରି ଦେଖିଥିଲେ। ତେବେ ପାନ, ଗୁଟ୍‌ଖା ଉପରେ କଟକଣା ସତ୍ତ୍ୱେ କିଏ ଏବଂ କିପରି ଏହାକୁ ଖାଇ ମନ୍ଦିରକୁ ଆସୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭକ୍ତଙ୍କୁ ପ୍ରବେଶ ପଥରେ ଯାଞ୍ଚ କରାଯାଉଛି। କୌଣସି ନିଶାଦ୍ରବ୍ୟ ପାଖରେ ଥିଲେ ତାହାକୁ ଗେଟ୍‌ରେ ରଖି ଦିଆଯାଉଛି। ଏହାସତ୍ତ୍ୱେ ମନ୍ଦିର ପରିସରରେ ପାନଛେପ ପଡୁଛି। ତେଣୁ ଶ୍ରୀମନ୍ଦିର ସେବାୟତ ଏବଂ କର୍ମଚାରୀ ପାନ, ଗୁଟ୍‌ଖା ଖାଇ ମନ୍ଦିରକୁ ଯାଉଥିବା ଚର୍ଚ୍ଚା ହେଉଛି।

**ଉଲ୍ଲଂଘନ ହେଉଛି କଟକଣା**



ଶ୍ରୀମନ୍ଦିରକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ସେହିପରି ମନ୍ଦିର ଭିତରକୁ ସମସ୍ତେ ଗୋଡ଼, ହାତ, ମୁହଁ ଧୋଇ ଶୁଦ୍ଧପୂତ ଭାବେ ପରିଷ୍କାର ହୋଇ ଯିବାର ବିଧି ରହିଛି। ଏହାକୁ ଦୃଷ୍ଟିରେ ରଖି ଗତବର୍ଷ ଜୁଲାଇ ୨୯ରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। କୌଣସି ସେବକ, ଭକ୍ତ କିମ୍ବା ଶ୍ରୀମନ୍ଦିର କର୍ମଚାରୀ ପାନ, ଗୁଟ୍‌ଖା, ପାନମସଲା ଖାଇ ବା ଏସବୁ ନେଇ ମନ୍ଦିର ଭିତରକୁ ଯାଇପାରିବେ ନାହିଁ। ପ୍ରବେଶ ପଥରେ ଯାଞ୍ଚ ହେବ। ଯଦି ପାନ, ଗୁଟ୍‌ଖା, ପାନମସଲା ଖାଇ କେହି ମନ୍ଦିର ଭିତରକୁ ପ୍ରବେଶ କରି ଧରାପଡ଼ିବେ ତାଙ୍କଠାରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଚାରିଦ୍ୱାରରେ ଭକ୍ତଙ୍କୁ ସଚେତନ କରିବା ଲାଗି ସୂଚନାଫଳକ ମଧ୍ୟ ଲଗାଯାଇଥିଲା। ଗତବର୍ଷ ଅଗଷ୍ଟ ପହିଲାରୁ ଏହି କଟକଣାକୁ କଡ଼ାକଡ଼ି କରାଯାଇଥିଲା। ପ୍ରଥମ ଦିନରେ ହିଁ ୪ ଜଣ ଧରାପଡ଼ି ୪୦୦ ଟଙ୍କା ଜରିମାନା ଦେଇଥିଲେ। କିନ୍ତୁ ଏବେ ଏହି କଟକଣାକୁ କେହି ମାନୁ ନ ଥିବା ବିଭିନ୍ନ ସମୟରେ ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ମନ୍ଦିରକୁ ପାନ, ଗୁଟ୍‌ଖା ଖାଇ ପ୍ରବେଶ ଉପରେ କଟକଣା ରହିଛି। ଶନିବାର କେହି ପାନଛେପ ବେଢା ପରିସରରେ ପକାଇଥିଲେ। ଏଣିକି ମନ୍ଦିର ଭିତରକୁ ଯେପରି ଆଦୌ ପାନ, ଗୁଟ୍‌ଖା କେହି ଖାଇ ନ ଯିବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରୁଦ୍ରାକ୍ଷୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏପ୍ରିଲ ୫ରୁ ବିଶାଳ ଆର୍ମି ନିଯୁକ୍ତି ମେଳା

**ଭୁବନେଶ୍ୱର,୧୫।୨(ବ୍ୟୁରୋ)**

ଆସନ୍ତା ଏପ୍ରିଲ ୫ ତାରିଖରୁ ୧୬ ଯାଏ ପାରାଦୀପସ୍ଥିତ ଗୋପବନ୍ଧୁ ଷ୍ଟାଡିୟମ୍‌ଠାରେ ବିଶାଳ ଆର୍ମି ନିଯୁକ୍ତି ମେଳା ଆୟୋଜିତ ହେବ। ରାଜ୍ୟର ୧୦ ଜିଲା ଯଥା କଟକ, ମୟୂରଭଞ୍ଜ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ନୟାଗଡ, ବାଲେଶ୍ୱର, ଖୋର୍ଦ୍ଧା, ଯାଜପୁର, ପୁରୀ ଓ ଭଦ୍ରକ ଜିଲାର ଇଚ୍ଛୁକ ପ୍ରାର୍ଥୀମାନେ ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ କରିପାରିବେ । ଆର୍ମି ପକ୍ଷରୁ ୨୦୧୫ ଅକ୍ଟୋବର ପହିଲାରୁ ଉନ୍ମୁକ୍ତ ନିଯୁକ୍ତି ମେଳା ବ୍ୟବସ୍ଥା ପରିବର୍ତ୍ତିତ ହୋଇ ଅନ୍‌ଲାଇନ୍ ପଞ୍ଜୀକରଣ ଓ ଆବେଦନପତ୍ର ଦାଖଲ ବ୍ୟବସ୍ଥା ଅନୁସୃତ ହୋଇଆସୁଛି। ସେଥିପାଇଁ ଏହି ନିଯୁକ୍ତି ମେଳାରେ ଭାଗନେବାକୁ ହେଲେ ପ୍ରାର୍ଥୀମାନେ http://www.joinindianarmy.nic.in ୱେବ୍‌ସାଇଟ୍‌ରେ ନିଜର ନାମ ପ୍ରଥମେ ପଞ୍ଜୀକୃତ କରିବେ । ଫେବୃୟାରୀ ୮ରୁ ମାର୍ଚ୍ଚ ୨୩ ମଧ୍ୟରେ ଏହି ପଞ୍ଜୀକରଣ ପ୍ରକ୍ରିୟା ଚାଲୁରହିବ । ଆର୍ମି ନିଯୁକ୍ତି ମେଳାରେ ପ୍ରାର୍ଥୀ ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ ହେବ । ସମସ୍ତ ପ୍ରକ୍ରିୟା ସ୍ୱୟଂସମ୍ପୂର୍ଣ୍ଣ ହେବ । ଶାରୀରିକ, ଲିଖିତ ଓ ମେଡିକାଲ ପରୀକ୍ଷାରେ କୌଣସି ମଧ୍ୟସ୍ଥ ସହାୟତା କରିପାରିବେ ନାହିଁ । ତେଣୁ ଦଲାଲ, ଟାଉଟର ବା ମଧ୍ୟସ୍ଥଙ୍କ ଫାନ୍ଦରେ ନ ପଡିବା ପାଇଁ ନିର୍ଦ୍ଦେଶକ (ନିଯୁକ୍ତି) କର୍ଣ୍ଣେଲ୍ ଆଶିଷ ମୋହନ ତ୍ରିଖା ସୂଚନା ଦେଇଛନ୍ତି । ଅଧିକରୁ ଅଧିକ ଓଡ଼ିଆ ପିଲାମାନେ ଆର୍ମିରେ ନିଯୁକ୍ତି ପାଇବା ପାଇଁ ଏହି ବିଶାଳ ନିଯୁକ୍ତି ମେଳାର ଉଦ୍ଦେଶ୍ୟ ବୋଲି ତ୍ରିଖା କହିଛନ୍ତି ।

# ୧୧ କେ.ଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାଇୱା ଡ୍ରାଇଭର ମୃତ

**ମହାକାଳପଡା, ୧୫।୨ (ଡି.ଏନ.ଏ.)**

କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ତରପଦା ଗ୍ରାମରେ ଶନିବାର ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ବାଲି ବୋଝେଇ ହାଇୱା ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାମନଗର ପଞ୍ଚାୟତ ବରଜ ଗ୍ରାମର ପ୍ରଭାତ ସେଠୀ (୩୦) ।ପ୍ରକାଶ ଯେ, ପ୍ରଭାତ ସକାଳ ପ୍ରାୟ ୯ଟାରେ ତଣ୍ଡିଆପାଳ ସାମୁଦ୍ରିକ ଥାନା ଅନ୍ତର୍ଗତ ତରପଦା ଗ୍ରାମର ଜଣେ ବ୍ୟକ୍ତିଙ୍କ କୋଠାଘର କାମ ପାଇଁ ଏକ ହାଇୱାରେ ବାଲି ନେଇ ଯାଉଥିଲେ। ଗାଁ ରାସ୍ତାରେ ଯିବା ସମୟରେ ଟଣା ଯାଇଥିବା ଟିଭି କେବୁଲ ତାର ହାଇୱାରେ ଲାଗି ଯାଇଥିଲା। ଫଳରେ ସେ ଗାଡ଼ି ଉପରେ ଚଢି କେବୁଲ ତାର ଟେକିବା ସମୟରେ ଅଳ୍ପ ଉଚ୍ଚରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପୋଡି ହୋଇଯାଇଥିଲ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ଜଣାପଡିବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ ପ୍ରଭାତ ବରଜ ଗ୍ରାମର ଗୋପୀ ସେଠୀଙ୍କ ପୁଅ। ପୋଲିସ ଏହି ଘଟଣାରେ ଓଆର୦୪ ଏମ୍ ୧୮୧୫ ନଂ ହାଇୱାକୁ ଜବତ କରିଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମାଞ୍ଚଳରେ କମ୍ ଉଚ୍ଚତାରେ ବିଦ୍ୟୁତ ତାର ଯାଇଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଅଭିଯୋଗ ହେଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନାକେଇ ନାକରେ ଗୁଣା,**
**ପାକେଇ ଖାଉଛି ଚଣା,**
**କୁମ୍ଭାର ଉହାରେ ଚାନ୍ଦୁଆ ଟଣା,**
**ଏସବୁ ବିଡ଼ମ୍ବନା ।**

ଯାହାର ନାକ ଅସୁନ୍ଦର ତା'ପାଇଁ ନାକଗୁଣା ସେତେ ଗୁରୁତ୍ୱ ରଖିନଥାଏ । ଚଣା ଭଳି ଟାଣ ଜିନିଷ ଖାଇବା ପାଇଁ ମଜଭୁତ ଦାନ୍ତର ଆବଶ୍ୟକତା ପଡ଼ିଥାଏ । ବିନା ଦାନ୍ତରେ ଚଣା ଖାଇବା ନିହାତି କଷ୍ଟକର ହୋଇଯାଇଥାଏ । କୁମ୍ଭାର ଯାହାର ମାଟି କାଦୁଅରେ କାମ ତା' ଦୁଆରେ ଚାନ୍ଦୁଆ ଟଣାଯିବା ମୂଲ୍ୟହୀନ ହୋଇଯାଏ । ଏସବୁ ଅକାରଣ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ନୂଆ ଯୋଗୀ ଭିକେ ବାଇ,**
**ପାଉ କି ନ ପାଉ ବୁଲୁଥାଇ ।**

ଯୋଗୀ ଭିକ୍ଷା କରି ପେଟ ପୋଷିଥାଏ। ଯିଏ ନୂଆ ନୂଆ ଯୋଗୀ ହୋଇଥାଏ ତା'ର ସେତେ ଚିହ୍ନାଜଣା ନ ଥିବାରୁ ଭିକ ମିଳିବା କଷ୍ଟକର ହୋଇଯାଇଥାଏ । ପରୋକ୍ଷରେ ନୂଆ କରି କାମ ଆରମ୍ଭ କରୁଥିବା ବ୍ୟକ୍ତି ପକ୍ଷେ ଅଭିଜ୍ଞତା ଅଭାବରୁ ସେଥିରେ ସଫଳ ହେବା ନିମନ୍ତେ ସମୟ ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୩ ଖଣି ଲିଜ୍‌ଧାରୀଙ୍କ ସମ୍ପତ୍ତି ଜବତ ନିର୍ଦ୍ଦେଶ

**କେନ୍ଦୁଝର, ୧୫।୨(ଡି.ଏନ୍.ଏ.)**

ଜରିମାନା ଖିଲାପି ୩୧ଟି ଖଣିର ୨୩ ଲିଜ୍‌ଧାରୀଙ୍କ ନାମରେ ଓପିଡିଆର୍ ସାର୍ଟିଫିକେଟ ମାମଲା ଦାଏର ହୋଇ ୬୩୫୦କୋଟି ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଥିଲା। ଇତିମଧ୍ୟରେ କେତେ ଲିଜ୍‌ଧାରୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେଇ ସମ୍ପତ୍ତି ଜବତ ପାଇଁ ପ୍ରକ୍ରିୟା ଜାରି ରହିଛି। କେନ୍ଦୁଝର ଜିଲାପାଳଙ୍କ କୋର୍ଟରେ ଶନିବାର ୫ଟି ଖଣିର ଶୁଣାଣି ଥିବାବେଳେ ୩ଟି ଖଣି ଲିଜ୍‌ଧାରୀଙ୍କ ସମ୍ପତ୍ତି ଜବତ କରି ଜରିମାନା ଅର୍ଥ ଆଦାୟ କରିବାକୁ ଜିଲାପାଳଙ୍କ କୋର୍ଟ ନିର୍ଦ୍ଦେଶ ଜାରି କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଶନିବାର ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ଏସ୍‌ଡି ଶର୍ମା, ଅର୍ଜୁନ ଲୋଧା, ମିଡ୍‌ଇଷ୍ଟ ଇଣ୍ଟିଗ୍ରେଟେଡ ଷ୍ଟିଲ ଲିଃ, ମିଡଇଷ୍ଟ ଇଣ୍ଟିଗ୍ରେଟେଡ ଷ୍ଟିଲ ବଡବିଲ ଏବଂ କେନ୍ଦୁଝର ଖଣି କାର୍ଯ୍ୟାଳୟ ଅନ୍ତର୍ଗତ ମେସର୍ସ ଗନ୍ଧମାର୍ଦ୍ଦନ ସ୍ପଞ୍ଜ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ ଲିଃର ଶୁଣାଣି ଥିଲା। ଏହି ଶୁଣାଣିରେ ଜିଲାପାଳଙ୍କ କୋର୍ଟ ସାର୍ଟିଫିକେଟ ମାମଲା (ନଂ.୨୮/୨୦୧୮)କୁ ବିଚାର କରି ଏସ୍‌ଡି ଶର୍ମା ଖଣି ଲିଜ୍‌ଧାରୀଙ୍କ ଗାଡିମୋଟର, ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଜବତ କରିବା ପାଇଁ ୱାରେଣ୍ଟ ଜାରି କରିଛନ୍ତି। ସେହିପରି ଓପିଡିଆର୍ ମାମଲା (ନଂ. ୩୩/୨୦୧୮)ର ମେସର୍ସ ଗନ୍ଧମାର୍ଦ୍ଦନ ସ୍ପଞ୍ଜ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ ଲିଃ ଉପରେ ୨୯୫, ୭୫, ୩୦୫୦୧ ଟଙ୍କା ଜରିମାନା ହୋଇଥିବାବେଳେ ଖଣି କର୍ତ୍ତୃପକ୍ଷ ଉତ୍ତରାଧିକାରୀ ଦର୍ଶାଉ ନ ଥିବା ଏବଂ ଜରିମାନା ଅର୍ଥ ଦାଖଲ ନ କରିବା କାରଣରୁ ସଂପୃକ୍ତ ଖଣି କର୍ତ୍ତୃପକ୍ଷଙ୍କ ସମ୍ପତ୍ତି ଜବତ କରିବାକୁ ୱାରେଣ୍ଟ ଜାରି କରିଛନ୍ତି। ଏଥିସହ ଓପିଡିଆର୍ ମାମଲା (ନଂ.୪୦/୨୦୧୮)ର ଅର୍ଜୁନ ଲୋଧା ଲିଜ୍‌ଧାରୀଙ୍କ ମାମଲା ବିଚାର କରି ଲିଜ୍‌ଧାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ଜବତ ସହ ତାଙ୍କର ସଂପତ୍ତି ଜବତ କରି ଜରିମାନା ଅର୍ଥ ଆଦାୟ ପାଇଁ ୱାରେଣ୍ଟ ଜାରି କରିଛନ୍ତି। ଅପରପକ୍ଷେ ସାର୍ଟିଫିକେଟ ମାମଲା (ନଂ ୪୮/୨୦୧୮)ର ମିଡ୍‌ଇଷ୍ଟ ଇଣ୍ଟିଗ୍ରେଟେଡ ଷ୍ଟିଲ ଲିଃର ବିଚାର କରି କେନ୍ଦ୍ରୀୟ ଖଣି ଟ୍ରିବ୍ୟୁନାଲ ନିର୍ଦ୍ଦେଶ ମୁତାବକ ଜରିମାନା ଅର୍ଥ ପଇଠ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏହାବାଦ୍ ମାମଲା (ନଂ.୬୪/୨୦୧୮)ର ମିଡଇଷ୍ଟ ଇଣ୍ଟିଗ୍ରେଟେଡ ଷ୍ଟିଲ ବଡବିଲର ବିଚାର କରାଯାଇଥିବାବେଳେ ଖଣି କମ୍ପାନୀ ତରଫରୁ ଆଗାମୀ ୭ଦିନ ମଧ୍ୟରେ ଦୁଇଟି କିସ୍ତିରେ ବକେୟା ଜରିମାନା ଅର୍ଥ ପଇଠ କରିବାକୁ ଜିଲାପାଳଙ୍କ କୋର୍ଟ ନିର୍ଦ୍ଦେଶ ଜାରି କରିଥିବା ଜଣାପଡିଛି।

**ପ୍ରଥମ ପୃଷ୍ଠାରୁ...**

## ଅନୁପଙ୍କ...

ସେ ପୋଲିସକୁ ସୂଚନା ଦେଇଥିଲେ। ଏଥିରେ ତାଙ୍କୁ ତାଙ୍କ ଡ୍ରାଇଭର ବର୍ଦ୍ଧନ ସହଯୋଗ କରିଥିଲେ ବୋଲି ଅନୁପ ପୋଲିସ ଆଗରେ ସ୍ପଷ୍ଟ କରିଥିଲେ। ଏହାପରେ ପୋଲିସ ଡ୍ରାଇଭର ବର୍ଦ୍ଧନଙ୍କୁ ତାଙ୍କ ବ୍ରଜରାଜନଗର ରାଜପୁର ପଞ୍ଚାୟତ ଅନ୍ତର୍ଗତ ବଘରାଚକାସ୍ଥିତ ଘରୁ ଶୁକ୍ରବାର ରାତିରେ ଉଠାଇ ନେଇଥିଲା। ପଚରା ଉଚୁରା ପରେ ପୋଲିସ ତାଙ୍କୁ ଗିରଫ କରିଛି। ଜେରା ବେଳେ ଅନୁପ କେବଳ ବର୍ଦ୍ଧନଙ୍କ ନାଁ ନେଇଥିଲେ। ପୋଲିସ କିନ୍ତୁ ଏହି ଘଟଣାରେ ଏକାଧିକ ବ୍ୟକ୍ତି ସାମିଲ ଥିବା ସନ୍ଦେହ କରୁଛି। ସେଥିପାଇଁ ଶନିବାର ଦିନସାରା ପୋଲିସ ବର୍ଦ୍ଧନଙ୍କୁ କୌଣସି ଏକ ଗୁପ୍ତସ୍ଥାନରେ ରଖି ପଚରା ଉଚରା କରୁଛି। ତେବେ ବର୍ଦ୍ଧନଙ୍କଠାରୁ ପୋଲିସ କ'ଣ ତଥ୍ୟ ପାଇଛି ସେ ନେଇ କିଛି ଜଣାପଡି ନାହିଁ। ଅନ୍ୟପକ୍ଷେ ବର୍ଦ୍ଧନଙ୍କ ସ୍ତ୍ରୀ ଓ ଝିଅ ଏ ନେଇ ଭାଙ୍ଗି ପଡିଛନ୍ତି। ବର୍ଦ୍ଧନ ନିର୍ଦ୍ଦୋଷ ବୋଲି ସେମାନେ କହିବା ସହ ପୋଲିସ ଠିକ ଭାବେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୬ ମେ ୭ରେ ଚକ୍ରଧରନଗର ଥାନା ଅଧୀନ ହମିରପୁର ଜଙ୍ଗଲ ରାସ୍ତାରେ ଜଣେ ମହିଳା ଓ ତାଙ୍କ ଶିଶୁ କନ୍ୟାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପ୍ରାଥମିକ ତଦନ୍ତ ବେଳେ ଏହା ଦୁର୍ଘଟଣାଜନିତ ମୃତ୍ୟୁ ଭଳି ଲାଗୁଥିଲା। ହେଲେ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଇଥିଲା। ସେତେବେଳେ ଦୁଇ ମୃତଦେହର ପରିଚୟ ମିଳି ନ ଥିଲା। ଉଭୟ ମୃତଦେହ ଡିଏନଏ ଟେଷ୍ଟ କରାଯାଇଥିଲା। ଶେଷରେ ଏକ ହତ୍ୟା ମାମଲା (ନଂ.୧୫୮/୧୬)ରୁଜୁ କରି ଉଭୟ ମୃତଦେହର ଫଟୋକୁ ଓଡିଶା, ପଶ୍ଚିମବଙ୍ଗ, ବିହାର, ମହାରାଷ୍ଟ୍ର, ଉତ୍ତରପ୍ରଦେଶ ଓ ଝାଡ଼ଖଣ୍ଡର ବିଭିନ୍ନ ଥାନାକୁ ପଠାଯାଇଥିଲା। ଏହି ଘଟଣାର ତଦନ୍ତ କରିବା ପାଇଁ ଏକ ପୋଲିସ ଟିମ୍ ବି ଗଠନ କରାଯାଇଥିଲା। ପ୍ରାୟ ୧ ବର୍ଷ ପରେ ମୃତ ମା'ଝିଅଙ୍କ ପରିଚୟ ମିଳିଥିଲା। ଓଡିଶା ପୋଲିସରେ କାର୍ଯ୍ୟରତ ଜଣେ କନ୍‌ଷ୍ଟେବଲ ସେହି ମା'ଝିଅଙ୍କ ସମ୍ପର୍କରେ ତଥ୍ୟ ଦେଇଥିଲେ। ଘଟଣାସ୍ଥଳରୁ ମହିଳାଙ୍କ ମୋବାଇଲ ଫୋନ ମିଳି ନ ଥିଲା। ପରେ ତାଙ୍କ ମୋବାଇଲ ଫୋନ ନମ୍ବର ଆଣିବା ପରେ କଲ୍ ଡିଟେଲ୍ସ ଅଣାଯାଇଥିଲା। ସେଥିରୁ ପୂର୍ବତନ ବିଧାୟକ ଅନୁପ ସାଏଙ୍କ ସହିତ ତାଙ୍କର ଲିଙ୍କ୍ ଥିବା ଜଣାପଡିଥିଲା।

୨୦୧୧ରେ କଳ୍ପନାଙ୍କ ସହିତ ତାଙ୍କ ସ୍ୱାମୀ ସୁନୀଲ ଶ୍ରୀବାସ୍ତବଙ୍କ ବିବାହ ବିଚ୍ଛେଦ ହୋଇଥିଲା। ଏହାପରେ କଳ୍ପନାଙ୍କ ସହିତ ଅନୁପଙ୍କ ସମ୍ପର୍କ ବଢ଼ିଥିଲା। ସେହିବର୍ଷ ଅନୁପ ଭୁବନେଶ୍ୱର ସୁନ୍ଦରପଦାରେ ଏକ ୩ ମହଲାର ଫ୍ଲାଟ୍ କିଣି କଳ୍ପନାଙ୍କୁ ସେଠାରେ ରଖିଥିଲେ। ଏମିତି ଦୀର୍ଘଦିନ ଧରି ଏକା ସଙ୍ଗେ ରହିବାରୁ କଳ୍ପନା ସ୍ତ୍ରୀର ମର୍ଯ୍ୟାଦା ଦାବି କରିବା ସହିତ ସମ୍ପତ୍ତିର ଭାଗ ମାଗିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଅଧିକାଂଶ ସମୟରେ ପାଟିତୁଣ୍ଡ ହେଉଥିଲା। ଏହାପରେ କଳ୍ପନାଙ୍କୁ ରାସ୍ତାରୁ ହଟାଇବାକୁ ଅନୁପ ଯୋଜନା କରିଥିଲେ। ରାୟଗଡ ଯାଇ ଏକ ମନ୍ଦିରରେ ବିବାହ କରିବାକୁ କଳ୍ପନାଙ୍କୁ ରାଜି କରାଇଥିଲେ ଅନୁପ। କଳ୍ପନା ରାଜି ହେବା ପରେ ଅନୁପ ଏଥିପାଇଁ ସମସ୍ତ ଯୋଜନା ପ୍ରସ୍ତୁତ କରିଥିଲେ। ଅନୁପ ୨୦୧୬ ମେ' ୬ ତାରିଖ ରାତି ପ୍ରାୟ ୯ଟାରେ କଳ୍ପନା ଓ ବବ୍‌ଲିଙ୍କୁ ନେଇ ନିଜ ଗାଡିରେ ରାୟଗଡ ଅଭିମୁଖେ ବାହାରିଥିଲେ। ବର୍ଦ୍ଧନ ଗାଡ଼ି ଚଳାଇଥିଲେ। ରାତିର ଅନ୍ଧକାର ଓ ଜଙ୍ଗଲ ରାସ୍ତାରେ ଅନୁପ ଗାଡିରେ ଥିବା ଏକ ଲୁହା ରଡରେ କଳ୍ପନା ଓ ବବଲିଙ୍କ ମୁଣ୍ଡକୁ ପିଟି ହତ୍ୟା କରିଥିଲେ। ଶେଷରେ ଉଭୟଙ୍କ ମୃତଦେହକୁ ରାସ୍ତା ଉପରେ ପକାଇ ତାଙ୍କ ଉପରେ ଗାଡି ମଡ଼ାଇ ଦୁର୍ଘଟଣାର ରୂପ ଦିଆଯାଇଥିଲା।

## ତଦନ୍ତ ପାଇଁ ...

ସନ୍ତୋଷ ସିଂଙ୍କ ସୂଚନା ମୁତାବକ, ଭୁବନେଶ୍ୱର ସୁନ୍ଦରପଦାରେ ଥିବା ଅନୁପଙ୍କ ଫ୍ଲାଟରେ ମଧ ଛାନ୍‌ଭିନ୍ କରିବ ଛତିଶଗଡ଼ ପୋଲିସ। ମୃତ ମହିଳା ବ୍ରଜରାଜନଗରର କଳ୍ପନା ଦାଶ (୩୨)ଙ୍କୁ ରଖିବା ପାଇଁ ୨୦୧୧ରେ ଅନୁପ ଉକ୍ତ ଜମିକୁ ନିଜ ସ୍ତ୍ରୀଙ୍କ ନାମରେ କିଣି ସେଠାରେ ଫ୍ଲାଟ ତିଆରି କରିଥିଲେ। ପରବର୍ତ୍ତୀ ସମୟରେ ସେ ଫ୍ଲାଟରେ କଳ୍ପନାଙ୍କ ସହ ସମୟ ବିତାଉଥିଲେ। ଏପରି କି ବିଧାୟକ ଥିବାବେଳେ ସେ ଅଧିକାଂଶ ସମୟରେ ସେହି ଘରେ ରହୁଥିଲେ। ନିକଟରେ ଥିବା ଏକ ସ୍କୁଲରେ କଳ୍ପନାଙ୍କ ଝିଅ ବବ୍‌ଲିର ନାମ ଲେଖାଇବାବେଳେ ଅନୁପ ଅଭିଭାବକ ଭାବେ ଉଲ୍ଲେଖ କରିଥିଲେ। ହେଲେ କଳ୍ପନା ତାଙ୍କୁ ବିବାହ କରିବା ସହ ଉକ୍ତ ଫ୍ଲାଟକୁ ତାଙ୍କ ନାମରେ କରିବା ପାଇଁ ଅନୁପଙ୍କୁ କହିଥିଲେ। ନିଜର ସ୍ତ୍ରୀ ଓ ପିଲା ଥିବାରୁ ଅନୁପ ଏଥିରେ ରାଜି ହୋଇ ନ ଥିଲେ। ଏହା ଆଗକୁ ତାଙ୍କ ରାଜନୈତିକ କ୍ୟାରିୟର ପାଇଁ ବିପଦ ଆଣିବ ବୋଲି ଆଶଙ୍କା କରି ଅନୁପ ଉଭୟ ମା' ଓ ଝିଅଙ୍କୁ ରାସ୍ତାରୁ ହଟାଇବା ପାଇଁ ଉକ୍ତ ଫ୍ଲାଟରୁ ହିଁ ଯୋଜନା କରିଥିଲେ। ତେଣୁ ଛତିଶଗଡ଼ ପୋଲିସ ଭୁବନେଶ୍ୱର ଆସି ଉକ୍ତ ଫ୍ଲାଟକୁ ଯିବା ଆଖପାଖରେ ରହୁଥିବା ଲୋକଙ୍କୁ ପଚରାଉଚରା କରିବ। ଝିଅ ପଢୁଥିବା ସ୍କୁଲକୁ ଯାଇ ମଧ ଖୋଳତାଡ଼ କରିବ। ତେବେ ଛତିଶଗଡ଼ ପୋଲିସ ଟିମ୍‌କୁ କମିଶନରେଟ ପୋଲିସ ସମସ୍ତ ସହଯୋଗ କରିବ ବୋଲି ସୂଚନା ମିଳିଛି।ଅନ୍ୟପକ୍ଷରେ ଏହି ପରକୀୟା ପ୍ରୀତିକୁ ଲୁଚାଇବାକୁ ଯାଇ ଅନୁପ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟାଇଥିଲେ। କଳ୍ପନା ଓ ତାଙ୍କ ନାବାଳିକା ଝିଅଙ୍କୁ ଲୁହାରଡ଼ରେ ନିର୍ମମଭାବେ ହତ୍ୟାକରିବା ପରେ ଛତିଶଗଡ଼ର ରାୟଗଡ଼ ଜିଲା ଚକ୍ରଧରନଗର ଥାନା ଅନ୍ତର୍ଗତ ହମିରପୁର ଜଙ୍ଗଲ ରାସ୍ତାରେ ପକାଇ ଦେଇଥିଲେ। ଏହାପରେ ପରିଚୟ ଜଣା ନ ପଡ଼ିବା ପାଇଁ ଅନୁପଙ୍କ ନିର୍ଦ୍ଦେଶରେ ତାଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋ ଦୁଇ ମୃତଦେହ ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ। ଶନିବାର ଡ୍ରାଇଭର ଟପ୍ପୋଙ୍କୁ ଗିରଫ କରିବା ପରେ ହତ୍ୟାରେ ବ୍ୟବହୃତ ଗାଡ଼ି ଓ ଲୁହାରଡ୍ ଜବତ ପାଇଁ ଛତିଶଗଡ଼ ପୋଲିସ ଉଦ୍ୟମ ଆରମ୍ଭ କରିଛି। ଏଥିସହ ଦୁଇ ଅଭିଯୁକ୍ତଙ୍କୁ ଯେପରି ଉପଯୁକ୍ତ ଦଣ୍ଡ ମିଳିବ ସେଥିପାଇଁ ଆଉକିଛି ପ୍ରମାଣ ନିହାତି ଆବଶ୍ୟକ। ଓଡ଼ିଶା ଆସିଲେ ଏସବୁ ପ୍ରମାଣ ପାଇବାକୁ ଲକ୍ଷ୍ୟ ରଖିଛି ଛତିଶଗଡ଼ ପୋଲିସ ଟିମ୍।

## ଏନ୍‌ଏଚ୍‌ରେ ଛିଣ୍ଡି...

ନ ଥିଲେ। ଏଣୁ ଏକ ବଡ ଧରଣର ଦୁର୍ଘଟଣା ଟଳିଛି। ଭବିଷ୍ୟତରେ ଯେଭଳି ଏପରି ନ ଘଟେ ସେଥିପ୍ରତି ବିଦ୍ୟୁତ୍ ବିଭାଗ ଧ୍ୟାନ ଦେଉ ବୋଲି ଲୋକେ କହିଛନ୍ତି । ଅନ୍ୟପଟେ ଏହି ତାର କିପରି ଛିଣ୍ଡିଲା ତାହା ବିଦ୍ୟୁତ ବିଭାଗ ଅଧିକାରୀ ତଦାରଖ କରୁଛନ୍ତି। ଏ ସମ୍ପର୍କରେ ଓପିଟିସିଏଲ୍ ଡିଜିଏମ୍ ଟିକନାଥ ହରିଜନଙ୍କ ସହ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ ।

## ବାଙ୍କୀରେ...

ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ ଓ ବାଙ୍କୀ ଥାନା ଅଧିକାରୀ ସମୀର କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଚଳାଇଛନ୍ତି। ଏନେଇ ଥାନାରେ ମାମଲା (ନଂ.୩୭/୨୦) ରୁଜୁ କରାଯାଇଛି। ଆଦିତ୍ୟଙ୍କ ମୃତଦେହ ଜବତ କରି ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇଛି। ହତ୍ୟାକାଣ୍ଡର କାରଣ ଜଣାପଡ଼ିନାହିଁ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଥିବାବେଳେ ଏହି ଘଟଣା ବାଙ୍କୀରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଆଇଆଇସି ପଣ୍ଡା କହିଛନ୍ତି, ତଦନ୍ତ ଆରମ୍ଭ ହୋଇଛି। ଫେରାର୍ ଅଭିଯୁକ୍ତଙ୍କୁ ଧରିବା ନିମନ୍ତେ ଉଦ୍ୟମ ଜାରି ରହିଛି।

## ବାଚସ୍ପତିଙ୍କ...

କରିବା ପରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ପୂର୍ବାହ୍ନ ୧୦ଟା ୩୦ ମିନିଟରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାକାର୍ଯ୍ୟ ଚଳାଇବା ଲାଗି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହକୁ ପ୍ରବେଶ କରିଥିଲେ। ସଦସ୍ୟମାନେ ଛିଡ଼ା ହୋଇ ବାଚସ୍ପତିଙ୍କୁ ନମସ୍କାର ଜଣାଇ ସ୍ୱାଗତ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯିବା ପୂର୍ବରୁ କଂଗ୍ରେସ ଦଳର ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତି ଗୃହର ମଧ୍ୟଭାଗକୁ ଆସି ବାଚସ୍ପତି ଦେଇଥିବା ରୁଲିଂକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଏହି ସମୟରେ କଂଗ୍ରେସର ଅନ୍ୟ ସଦସ୍ୟ ସୁରେଶ କୁମାର ରାଉତରାୟ, ମହମ୍ମଦ ମୋକିମ, ସନ୍ତୋଷ ସିଂ ସାଲୁଜା, ରମେଶ ଜେନା ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ଭାଜପା ସଦସ୍ୟମାନେ ମଧ ଏହି ପ୍ରସଙ୍ଗରେ କଂଗ୍ରେସ ସଦସ୍ୟମାନଙ୍କୁ ସମର୍ଥନ କରି ହୋ-ହଲ୍ଲା କରିଥିଲେ। ପ୍ରବଳ ହଟ୍ଟଗୋଳକୁ ଦେଖି ବାଚସ୍ପତି ମାତ୍ର ଅଧ ମିନିଟ ପରେ ଗୃହକୁ ୧୧ ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ। ପୁଣି ୧୧ ଟା ୩୦ରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ପରିସ୍ଥିତିରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ପୂର୍ବଭଳି ତାରା ଗୃହର ମଧ୍ୟଭାଗକୁ ଆସି ରୁଲିଂ ପ୍ରତ୍ୟାହାର କରିବାକୁ ବାଚସ୍ପତିଙ୍କ ନିକଟରେ ଦାବି କରିଥିଲେ। ବାଚସ୍ପତିଙ୍କ ମନମୁଖୀ ଶାସନ ଚଳିବ ନାହିଁ, ଚଳିବ ନାହିଁ...ସ୍ଲୋଗାନ ଦେଇଥିଲେ। କଂଗ୍ରେସ ଓ ଭାଜପା ସଦସ୍ୟମାନେ ମଧ ତାଙ୍କ ସହ ତାଳ ଦେଇଥିଲେ। ବାଚସ୍ପତି ଉଭୟ ଦଳର ସଦସ୍ୟମାନଙ୍କୁ ସିଟ୍‌ରେ ବସିବା ଲାଗି ଅନୁରୋଧ କରିଥିଲେ। ମାତ୍ର ଏହି ଅନୁରୋଧ ବିରୋଧୀଙ୍କ ଉପରେ କୌଣସି ପ୍ରଭାବ ପକାଇ ନ ଥିଲା। ରୁଲିଂ ପ୍ରତ୍ୟାହାର ନ କରିବା ଯାଏ ସିଟ୍‌କୁ ଯିବେ ନାହିଁ ବୋଲି ସେମାନେ ଅଡ଼ି ବସିଥିଲେ। ୪ ମିନିଟ୍ କାଳ ବାଚସ୍ପତି ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ସେ କହିଥିଲେ ଯେ, ଏକ ଗୁରୁତ୍ୱପୂର୍ଣ୍ଣ ମୁଲତବୀ ଆଲୋଚନା ପାଇଁ ପ୍ରସ୍ତାବ ଦିଆଯାଇଛି। ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା ହେବାର ଅଛି। ଆପଣମାନେ ନିଜ ସିଟ୍‌କୁ ଯାଆନ୍ତୁ। ତା'ପରେ ବିଚାର କରାଯିବ। ମାତ୍ର ବାଚସ୍ପତିଙ୍କ ପରାମର୍ଶକୁ ସଦସ୍ୟମାନେ ଗ୍ରହଣ ନ କରି ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ଗୃହରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। କୌଣସି ଉପାୟ ନ ପାଇ ବାଚସ୍ପତି ଗୃହକୁ ୧୧ ଟା ୩୪ ମିନିଟରେ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ମଧ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ବିରୋଧୀ ଦଳ ସଦସ୍ୟମାନେ ରୁଲିଂକୁ ନେଇ ହଟ୍ଟଗୋଳ କରିଥିଲେ। ବାଚସ୍ପତି ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ ମଧ ପରିସ୍ଥିତିରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ବାଚସ୍ପତି ପୁଣି ଗୃହକୁ ୧୫ ମିନିଟ ପାଇଁ ମୁଲତବୀ ଘୋଷଣା କରିଦେଇଥିଲେ। ୩ଟା ୧୮ରୁ ପୁଣି ଅଧଘଣ୍ଟା ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ୩ଟା ୫୦ ମିନିଟରେ ବାଚସ୍ପତି ଗୃହରେ ଦେଖା ଦେଇଥିବା ଅଚଳାବସ୍ଥାକୁ ଏଡାଇବା ପାଇଁ ସର୍ବଦଳୀୟ ବୈଠକ ଡାକିଥିଲେ। ଅପରାହ୍ନ ୫ଟାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, କଂଗ୍ରେସ ଦଳ ନେତା ନରସିଂହ ମିଶ୍ର, ବିରୋଧୀ ଦଳ ଉପ ମୁଖ୍ୟ ସଚେତକ ମୋହନ ଚରଣ ମାଝି, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ତାରା ପ୍ରସାଦ ବାହିନୀପତି, ଦେବୀ ପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାଶ ଏବଂ ସିପିଆଇଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡାଙ୍କୁ ଯୋଗ ଦେବାକୁ ବାଚସ୍ପତି ଅନୁରୋଧ କରିଥିଲେ। ଗୃହକୁ ଅପରାହ୍ନ ୩ଟା ୫୧ରୁ ଅପରାହ୍ନ ୫ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ସର୍ବଦଳୀୟ ବୈଠକରେ କୌଣସି ନିର୍ଯ୍ୟାସ ବାହାରି ନ ପାରିବାରୁ ଗୃହକୁ ସନ୍ଧ୍ୟା ୬ଟା ୫୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ। ଦୀର୍ଘ ଆଲୋଚନା ପରେ ବିରୋଧୀଙ୍କ ଦାବିକୁ ବାଚସ୍ପତି ଗ୍ରହଣ କରି ରୁଲିଂ ଗୋଟିଏ ଦିନ ପାଇଁ ଥିଲା ବୋଲି ଘୋଷଣା କରିବା ପରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

# ମୃତକଙ୍କ ପରିଚୟ ପାଇବା ଚ୍ୟାଲେଞ୍ଜ ଥିଲା

ହତ୍ୟା ଘଟଣାରେ ଅଜଣା ମୃତଦେହକୁ ଚିହ୍ନଟ କରି ଅପରାଧୀଙ୍କୁ ଧରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ଥାଏ। ଏଭଳି ଏକ ଘଟଣାରେ ଅଭିଯୁକ୍ତଙ୍କୁ ଧରିଥିଲେ ବାରଙ୍ଗ ଥାନାର ଭାରପ୍ରାପ୍ତ ଅଧିକାରୀ ଶଶିକାନ୍ତ ରାଉତ। ବର୍ଷାରେ ସବୁ ପ୍ରମାଣ ନଷ୍ଟ ହୋଇଯାଇଥିଲେ ମଧ ୮ ଦିନ ଭିତରେ ସେ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲେ। ଏନେଇ ପାଇଥିବା ଅନୁଭୂତି ସମ୍ପର୍କରେ ସେ ଯାହା କୁହନ୍ତି...

**ଥାନା ଅଧିକାରୀଙ୍କ ଅନୁଭୂତି**



୨୦୧୯ ସେପ୍ଟେମ୍ବର ୧୧ ସକାଳେ ପ୍ରବଳ ବର୍ଷା ହେଉଥିଲା। ଏହି ସମୟରେ ଥାନାକୁ ଫୋନ ଆସିଲା ଯେ, ପଞ୍ଚୁପାଳ ଗ୍ରାମ କେନାଲ ନିକଟ ତାରିଣୀ ମନ୍ଦିର ସମ୍ମୁଖରେ ଜଣେ ବ୍ୟକ୍ତିଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଛି। ସଙ୍ଗେ ସଙ୍ଗେ ମୁଁ ମୋର ଟିମ୍‌କୁ ନେଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କଲି। ଏକ ଧାରୁଆ ଅସ୍ତ୍ରରେ ଉକ୍ତ ବ୍ୟକ୍ତିଙ୍କ ବେକ ଓ ମୁହ କଟାଯିବା ସହ ଛେଚା ଯାଇଥିଲା। ଏନେଇ ଫୋରେନସିକ ଟିମ୍ ଓ ଡଗ୍ ସ୍କ୍ୱାଡ୍‌କୁ ଖବର ଦିଆଗଲା। ସେମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୂର୍ବଦିନ ରାତିରୁ ପ୍ରବଳ ବର୍ଷା ହେଉଥିବାରୁ ହତ୍ୟାକାରୀଙ୍କ ପ୍ରମାଣ ମିଳିବା ଟିମ୍ ପାଇଁ କଷ୍ଟସାଧ୍ୟ ଥିଲା। ପାଖରେ ଥିବା ଏକ ମଣ୍ଡପ ଉପରେ ଏକ ମୋଟା ବାଉଁଶରେ କିଛି ରକ୍ତ ଲାଗିଥିବା ଦେଖି ଏହା ସାହାଯ୍ୟରେ ହତ୍ୟା କରାଯାଇଥିବା ଆଶଙ୍କା କରାଯାଉଥିଲା। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇ ରିପୋର୍ଟକୁ ଅପେକ୍ଷା କରିଥିଲୁ। ଅପରପକ୍ଷେ ମୃତକଙ୍କ କୌଣସି ପରିଚୟ ନ ମିଳିବା ଆମ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଥିଲା। ମୃତକଙ୍କ ଫଟୋକୁ ବିଭିନ୍ନ ଥାନାକୁ ପଠାଯିବା ସହ ସୋସିଆଲ ମିଡିଆରେ ସେୟାର କରାଯାଇଥିଲା। ଘଟଣା ଘଟିଥିବା ଗାଁ ପାଖରେ ଏକ ବିଶେଷସୂତ୍ରରୁ ଖବରମିଳିଲା ଯେ, ମୃତକଙ୍କ ସହ ଆଗରୁ ସେହି ଗ୍ରାମର ଶୁଭେନ୍ଦୁ ରଥ କାମ କରିବା ସହ ମିଳାମିଶା କରୁଥିଲେ। ମାତ୍ର ଘଟଣା ଘଟିବା ପରଠାରୁ ସେ ଫେରାର ଥିଲେ। ଏନେଇ ଆମେ ଶୁଭେନ୍ଦୁଙ୍କୁ ଖୋଜିଥିଲୁ। ଧରିବା ପରେ ତାଙ୍କୁ ଏବିଷୟରେ ପଚରାଉଚରା କରିଥିଲୁ। ମାତ୍ର ସେ କିଛି ମାନି ନ ଥିଲେ। ଏନେଇ ତାଙ୍କୁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଥାନାରେ ବସାଇ ସିସିଟିଭିରେ ତାଙ୍କ ଗତିବିଧି ଲକ୍ଷ୍ୟ କରିଥିଲୁ। ସେଥିରେ ତାଙ୍କ ମାନସିକ ଅବସ୍ଥା ଦେଖି ସନ୍ଦେହ ଅଧିକ ବଢ଼ିବାରୁ ମାମଲାର ତଦନ୍ତ ଚାଲିବା ପର୍ଯ୍ୟନ୍ତ ସବୁଦିନ ଥାନାକୁ ଆସିବା ପାଇଁ କହିଥିଲି। ମାତ୍ର ସେ ୨ ଦିନ ଥାନାକୁ ଆସିବା ପରେ ଫେରାର ହୋଇଯାଇଥିଲେ। କୌଣସି ସୂତ୍ରରୁ ମୃତକଙ୍କ ଫଟୋ ମୋବାଇଲ ଫୋନରେ ଦେଖି ତାଙ୍କ ସ୍ତ୍ରୀ ସେପ୍ଟେମ୍ବର ୧୪ରେ ବାରଙ୍ଗ ଥାନାକୁ ଆସିଥିଲେ। ଏହି ସମୟରେ ମୃତକଙ୍କ ପରିଚୟ ମଣ୍ଟୁ ବୋଲି ଜଣାପଡିଥିଲା। ତାଙ୍କ ଘର ଚନ୍ଦକା ଥାନା ଅନ୍ତର୍ଗତ ଚୁଡ଼ଙ୍ଗଗଡ଼ରେ ବୋଲି ସ୍ତ୍ରୀ କହିଥିଲେ। ଏହାପରେ ତଦନ୍ତରେ ଅସୁବିଧା ହୋଇ ନ ଥିଲା। ସେପଟେ ରକ୍ତ ନମୁନା ରିପୋର୍ଟରେ ମଣ୍ଟୁ ମଦ ପିଇଥିବା ବାହାରିବାରୁ ବାରଙ୍ଗ ଅଞ୍ଚଳର ବିଭିନ୍ନ ମଦଦୋକାନୀଙ୍କୁ ପଚରାଉଚରା କରାଯାଇଥିଲା। ଘଟଣାଦିନ ରାତିରେ ମଣ୍ଟୁ ଓ ଶୁଭେନ୍ଦୁ ବାରଙ୍ଗ ପରିବାମାର୍କେଟ ପାଖ ମଦଦୋକନରୁ ମଦଆଣି ପିଇଥିବା ଜଣାପଡ଼ିଥିଲା। ସେହି ତଥ୍ୟକୁ ଆଧାରକରି ପୁନର୍ବାର ଶୁଭେନ୍ଦୁଙ୍କୁ ଧରି ପଚାରଉଚୁରା କରିଥିଲୁ। ଏଥର ସେ ସତକଥା ମାନିଯିବା ସହ ନିଜ ଦୋଷ ସ୍ୱୀକାର କରିଥିଲେ। ଶୁଭେନ୍ଦୁଙ୍କ କହିବାନୁଯାୟୀ ସେମାନେ ମଦ ଆଣି ମନ୍ଦିର ପାଖ କେନାଲ କଡ଼ରେ ବସି ପିଇଥିଲେ। ଏହି ସମୟରେ ମଣ୍ଟୁଙ୍କ ସହ ତାଙ୍କର ବଚସା ହୋଇଥିଲା। ଏଥିରେ ଶୁଭେନ୍ଦୁ ରାଗିଯାଇ ମଣ୍ଟୁଙ୍କ ମୁଣ୍ଡକୁ ପାଖରେ ପଡ଼ିଥିବା ଏକ ବାଉଁଶରେ ବାଡ଼େଇ ଦେଇଥିଲେ। ଫଳରେ ସେ ସେଠାରେ ପଡ଼ିଯାଇଥିଲେ। ଏହାପରେ ଶୁଭେନ୍ଦୁ ପାଖରେ ଥିବା ଘାସକଟା ଖଣ୍ଡାରେ ମଣ୍ଟୁଙ୍କ ବେକ ଓ ମୁହଁକୁ ହାଣିଦେଇଥିଲେ। ଉକ୍ତ ଖଣ୍ଡାକୁ କେନାଲ ପାଖ ବୁଦାକୁ ଫୋପାଡି ଚାଲିଯାଇଥିଲେ। ଦୋଷ ସ୍ୱୀକାର କରିବା ପରେ ଶୁଭେନ୍ଦୁଙ୍କୁ ଗିରଫ କରାଯାଇଥିଲା।

ରିପୋର୍ଟ- ମନୋଜ ସ୍ୱାଇଁ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – କେତୁଙ୍କ ନକ୍ଷତ୍ରରେ ରହି କେତୁଯୁକ୍ତ କାରଣରୁ ସାଧାରଣ କଥାରେ ବେଶି ବିବ୍ରତ ହେବା ନିଜ ପାଇଁ କ୍ଷତିର କାରଣ ହୋଇପାରେ । ଶନି ଦୃଷ୍ଟିରେ ଚନ୍ଦ୍ର ରହିଥିବାରୁ ସାମାଜିକ ସ୍ତରରେ ଅନ୍ୟମନସ୍କ ଓ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ ।

**ବୃଷ** – ଅଷ୍ଟମସ୍ଥ ତିନୋଟି ଗ୍ରହ ଆପଣଙ୍କୁ ଅର୍ଥ ସମ୍ପର୍କୀୟ କିମ୍ବା ମତ ମନ୍ତବ୍ୟ ସକାଶେ ସମସ୍ୟା ସୃଷ୍ଟି କରିବେ । ଶୁକ୍ର ଉଚ୍ଚ ରାଶିରେ ଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବ, କିନ୍ତୁ ବିଶେଷ କିଛି ଅସୁବିଧା ହେବ ନାହିଁ । କର୍ମକ୍ଷେତ୍ର କିମ୍ବା ପାରିବାରିକ ସମସ୍ୟା ସୁଧାରିବାରେ ଅସଫଳତାକୁ ନେଇ ବନ୍ଧୁ କିମ୍ବା ପାଖ ପଡ଼ୋଶୀଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି।

**ମିଥୁନ** – ଅଭାବ ନ ଥିଲେ ମଧ୍ୟ ଚନ୍ଦ୍ରଙ୍କ ଅଶୁଭ ସମ୍ପର୍କରୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଫାଇଦା ହାସଲ ପାଇଁ ସମ୍ପର୍କୀୟମାନେ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି। ବନ୍ଧୁଙ୍କ ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିବେ, କିନ୍ତୁ ସୁବିଧାରେ କାମ ହାସଲ କରିବା କଷ୍ଟକର ହେବ। ସଭା ସମିତିରେ ପ୍ରଶଂସା, ମନୋରଞ୍ଜନରେ ରୁଚିଯୁକ୍ତ ହୋଇପାରନ୍ତି।

**କର୍କଟ** – ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଆଇନ, ଅଦାଲତ, ଲୋକସମ୍ପର୍କ କ୍ଷେତ୍ରରେ ଆଶାନୁଯାୟୀ ସୁଫଳ ପାଇବେ। କିନ୍ତୁ ପୁଷ୍ୟା ନକ୍ଷତ୍ରଜାତ ବ୍ୟକ୍ତିମାନେ କଠୋର ପରିଶ୍ରମ ଜନିତ ଦୈହିକ ଦୁର୍ବଳତା ଯୋଗୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ଆର୍ଥିକ ଅବନତିର ସମୀକ୍ଷା କରି ଚିନ୍ତିତ ରହିପାରନ୍ତି। ବ୍ୟବସାୟ, ପ୍ରଶାସନ ଓ ଆଇନ କ୍ଷେତ୍ର ପୂର୍ବବତ୍ ରହିବ।

**ସିଂହ** – ରାଶି ପ୍ରତି ରବି ଓ ବୁଧଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ଯୋଗୁ ଶାରୀରିକ ସୁସ୍ଥତା, ବିଶିଷ୍ଟବ୍ୟକ୍ତିଙ୍କ ଅନୁକମ୍ପା, ଅର୍ଥଲାଭ ସହ କାର୍ଯ୍ୟ ସିଦ୍ଧି ଅବଶ୍ୟମ୍ଭାବୀ । ଗ୍ରହଗୁଡ଼ିକ ଅନୁକୂଳତାରୁ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇଲେ ମଧ୍ୟ ଆବଶ୍ୟକତା ଅପୂରଣ ରହିବ ନାହିଁ । କଚେରି ମାମଲା କିମ୍ବା ଜମିଜମା କ୍ଷେତ୍ରରେ ମାନସିକ ଅବସାଦ କାରଣରୁ କୌଣସି କାମ ଉତ୍ସାହପ୍ରଦ ହୋଇନପାରେ।

**କନ୍ୟା** – ଆଜିର ପ୍ରତ୍ୟୁଷ ଯାତ୍ରାରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେଇପାରେ। କିନ୍ତୁ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଭାଇଙ୍କ ସମସ୍ୟାର ସମାଧାନ ଏବଂ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଯୋଗୁ ଚିନ୍ତା କରିପାରନ୍ତି। ପ୍ରଶାସନିକ ସ୍ତରରେ ସମସ୍ୟାର ଅନ୍ତ ଘଟିବା ସାଙ୍ଗକୁ ଅର୍ଥ ସଂକଟର ସମାଧାନ କରିବାରେ ସଫଳ ହେବେ।

**ତୁଳା** – ଶନିଙ୍କ ପ୍ରଭାବରେ ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରିବ, କିନ୍ତୁ କୌଣସି ଅସୁବିଧା ହେବନାହିଁ। କିନ୍ତୁ ଛୋଟ ଛୋଟ ଘଟଣାକୁ କେନ୍ଦ୍ରକରି ପରିବାରରେ ମନାନ୍ତର ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ କାର୍ଯ୍ୟଦକ୍ଷତା କାରଣରୁ ନିଜ ପରିସରରେ ପ୍ରତିଷ୍ଠିତ ହେବେ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସାଧନ ସକାଶେ ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ।

**ବିଛା** – ଶତ୍ରୁଗୃହୀ କର୍ମାଧିପ ଯୋଗୁ ଆକସ୍ମିକ ସମସ୍ୟା କାରଣରୁ ଚେଷ୍ଟା କରୁଥିବା କାର୍ଯ୍ୟରେ ଗତି ମନ୍ଥର ହେବ। ଯାତ୍ରା ସମୟରେ ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ ହୋଇପାରେ। ସଭାସମିତି, ପ୍ରଶାସନ, ପ୍ରକାଶନ, ଆଇନ ଓ ଅଦାଲତ କ୍ଷେତ୍ରରେ ଆଶ୍ୱସ୍ତି ଲାଭ କରିବେ। ସାମୟିକ କ୍ରନିକ୍ ରୋଗଜନିତ ସ୍ୱାସ୍ଥ୍ୟ ସମସ୍ୟା ସାମୟିକ ମନକୁ ଭାରାକ୍ରାନ୍ତ କରିପାରେ।

**ଧନୁ** – ଅଧୈର୍ଯ୍ୟ ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଅବଶ୍ୟ ସଫଳତା ପାଇବାରେ ଅସୁବିଧା ହେବନାହିଁ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଏଣୁ ଅନ୍ୟର କଥାକୁ ସତ ମନେକରି କାମ କଲେ ଅପଦସ୍ଥ ହେବାକୁ ପଡ଼ିପାରନ୍ତି। ଆଲୋଚନାରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବାର ବହୁତ ସମ୍ଭାବନା ରହିଛି ।

**ମକର** – ଅନୁକୂଳ ଗ୍ରହ ପ୍ରଭାବରୁ ଯେମିତି ଯାହା ଚାହିଁବେ, ସବୁଥିରେ ସଫଳତା ହାସଲ କରି ଖୁସୀ ହେବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କମିବ। ସାମୟିକ ସମ୍ପର୍କ ରହିଥିବା ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ। ଗୃହସୀମା, ନିର୍ମାଣ, ଜମିଜମା କାରବାରରେ ସମସ୍ୟାମୁକ୍ତ ରହିବା ସହ ଆର୍ଥିକ ସ୍ଥିତି ପୂର୍ବପରି ରହିବ।

**କୁମ୍ଭ** – ବିଭିନ୍ନ ପୁରାତନ ସମସ୍ୟାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ଯୋଗାଯୋଗ କଲେ ଉପକୃତ ହେବେ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖି ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ଯାତ୍ରା ସମୟରେ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହୋଇପାରନ୍ତି।

**ମୀନ** – ଷଷ୍ଠାଧିପ ଯୁକ୍ତ ବୁଧଙ୍କ କୁପ୍ରଭାବରେ ସକାଳୁ ସକାଳୁ ପାରିବାରିକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। କିନ୍ତୁ ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ କର୍ମକ୍ଷେତ୍ରରେ ଚେଷ୍ଟା ଅବ୍ୟାହତ ରଖନ୍ତୁ, ନିଶ୍ଚିତ ଉପକୃତ ହେବେ। ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ମଧ ସୁଫଳ ମିଳିବାର ଆଶା ରହିଛି ।

ଆଜି ଫାଲ୍‌ଗୁନ୍ କୃଷ୍ଣ ଅଷ୍ଟମୀ ରବିବାର, ଫେବୃୟାରୀ ୧୬ ତାରିଖ, ରାଶି ନକ୍ଷତ୍ର-ଅନୁରାଧା/ବିଛା, ମେଷ ରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ସକାଳ ଘ୭।୦୪ମି. ଗତେ ଘ୧୦।୦୬ମି. ମଧ୍ୟେ ଅମୃତବେଳା। ଦିବା ଘ୯।୦୯ମି. ଗତେ ଘ୧୦।୩୫ମି. ମଧ୍ୟେ, ଘ୧।୨୪ମି. ଗତେ ଘ୨।୫୦ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୧୬ମି. ଗତେ ଘ୫।୦୪ ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ବିଧାନସଭା ବିବରଣୀ କମ୍ପ୍ୟୁଟରୀକୃତ ହେବ

ଭୁବନେଶ୍ୱର,୧୫।୨(ବ୍ୟୁରୋ)- ପୂର୍ବରୁ ଓଡ଼ିଶା ବିଧାନସଭାର ବିବରଣୀ ହାତରେ ଲେଖା ଯାଉଥିଲା । କିନ୍ତୁ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଏଣିକି ହାତଲେଖା ପରିବର୍ତ୍ତେ ବିଧାନସଭା ବିବରଣୀ କମ୍ପ୍ୟୁଟର ଦ୍ୱାରା ପ୍ରସ୍ତୁତ କରାଯାଇ ଗୃହର ମାନ୍ୟବର ବିଧାୟକ,ବିଧାୟିକାମାନଙ୍କ ନିକଟକୁ ସଦସ୍ୟ ସ୍ୱୀକୃତି /ସଂଶୋଧନ ନିମନ୍ତେ ପଠାଯିବ । ଷୋଡ଼ଶ ବିଧାନସଭାର ତୃତୀୟ ଅଧିବେଶନଠାରୁ ଏହା କାର୍ଯ୍ୟକାରୀ କରାଯିବ ବୋଲି ବାଚସ୍ପତି ଡ. ପାତ୍ର ପ୍ରକାଶ କରିଛନ୍ତି । ଶନିବାର ବାଚସ୍ପତି ଡ. ପାତ୍ର ଏହି କାର୍ଯ୍ୟର ତଦାରଖ କରିବା ପାଇଁ ରିପୋର୍ଟର୍ସ ଶାଖା ପରିଦର୍ଶନ କରି ସଂପୃକ୍ତ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ଏହି ଆଲୋଚନା ସମୟରେ ଉପସଚିବ (ରିପୋର୍ଟିଂ) ଦେବାନନ୍ଦ ଦୋରା ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

### ସ୍ୱାଭିମାନ ଅଞ୍ଚଳରେ ମାଓବାଦୀଙ୍କ ଲ୍ୟାଣ୍ଡ ମାଇନ ବିସ୍ଫୋରଣ

ମାଲକାନଗିରି,୧୫।୨(ସ୍ୱ.ପ୍ର.)- ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ହାନ୍ତାଲଗୁଡାରେ ମାଓବାଦୀ ମାନେ ଶନିବାର ଲ୍ୟାଣ୍ଡ ମାଇନ ବିସ୍ଫୋରଣ କରିଛନ୍ତି। ଏଥିରେ କାହାର କିଛି କ୍ଷତି ହୋଇ ନ ଥିବା ଜଣାପଡିଛି। ଗତ କିଛି ଦିନ ହେଲା ମାଓବାଦୀ ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ଛକାପଞ୍ଝା ଲାଗି ରହିଛି। ଏହି ଅଞ୍ଚଳରେ ରାସ୍ତା କାମ ଚାଲିଥିବା ବେଳେ କିଛି ଦୂରରେ ସେମାନେ ବିସ୍ଫୋରଣ କରିଛନ୍ତି। ଏହି ସମୟରେ ପୋଲିସ ମଧ୍ୟ ଅଳ୍ପ ଦୂରରେ ଥିଲେ। ମାଓବାଦୀମାନେ ନିଜ ସ୍ଥିତି ଜାହିର କରିବାକୁ ଏଭଳି ଘଟାଉଥିବା ଅନୁମାନ କରାଯାଉଛି। ଏନେଇ ଏସପି ରିଶିକେଶ ଡି. ଖିଲାରୀଙ୍କୁ ପଚାରିବାରୁ ସେ ଘଟଣାକୁ ସ୍ୱୀକାର କରିଛନ୍ତି। ତେବେ ମାଓବାଦୀମାନେ ଯେଉଁ ଉଦ୍ଦେଶ୍ୟ ନେଇ ବିସ୍ଫୋରଣ ଘଟାଇଥିଲେ ତାହା ଫେଲ୍ ମାରିଛି। ଏଥିରେ କାହାର କିଛି କ୍ଷତି ହୋଇନାହିଁ ବୋଲି ସେ କହିଛନ୍ତି।

# ରୋକାଗଲା ବାଲ୍ୟ ବିବାହ, ଫେରିଗଲେ ବର

ବାହାନଗା,୧୫।୨(ଡି.ଏନ.ଏ.) ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଅଞ୍ଚଳରେ ବାଲ୍ୟ ବିବାହ ରୋକିବାକୁ ଆସିଥିବା ଖଇରାସ୍ଥିତ ଚାଇଲ୍ଡଲାଇନ କର୍ମକର୍ତ୍ତା ହରଡଘଣାରେ ପଡିଛନ୍ତି। ଏନେଇ କର୍ମକର୍ତ୍ତାମାନେ ଖନ୍ତାପଡା ଥାନାରେ ଅଭିଯୋଗ ହେବା ପରେ ପୋଲିସ୍ ଏଥିରେ ହସ୍ତକ୍ଷେପ କରିଥିଲା। ଫଳରେ ବିବାହ କରିବାକୁ ଆସିଥିବା ବର ବରଯାତ୍ରୀ ନେଇ ଫେରିଯାଇଥିଲେ।

ଏହି ଅଞ୍ଚଳର ଜଣେ ନାବାଳିକା (୧୭ବର୍ଷ ୨ ଦିନ)ଙ୍କର ବିବାହ ଖଇରା ଥାନା ଡାଲଙ୍ଗ ଗ୍ରାମ ନିକଟସ୍ଥ ତୁଡିଗଡିଆ ଅଞ୍ଚଳର ଶରତ କୁମାର ମହାରଣା(୩୫)ଙ୍କ ସହ ସ୍ଥିର ହୋଇଥିଲା। ଶୁକ୍ରବାର ରାତିରେ ବିବାହ ପାଇଁ ନାବାଳିକାଙ୍କ ପରିବାର ପକ୍ଷରୁ ସମସ୍ତ ଆୟୋଜନ ହୋଇସାରିଥିଲା। ଖବରପାଇ ଖଇରାସ୍ଥିତ ଚାଇଲ୍ଡଲାଇନ ଉପକେନ୍ଦ୍ରର ନିର୍ଦ୍ଦେଶକ ମଦନମୋହନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଟିମ୍ ଲିଡର ତପସ୍ୱିନୀ ରାଉତ, ଟିମ୍ ସଭ୍ୟ ପଞ୍ଚାନନ ତ୍ରିପାଠୀ, ଜ୍ୟୋତିପ୍ରକାଶ କର, ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଗୋପାଳପୁର ଫାଣ୍ଡି ପୋଲିସ ଓ କେତେକ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ନାବାଳିକାଙ୍କ ଘର ପାଖରେ ରାତି ସାଢେ ୭ଟାରେ ପହଞ୍ଚିଥିଲେ । ଏହି ସମୟରେ ନାବାଳିକା ଘର ପାଖରେ ଗ୍ରାମବାସୀ ଭୋଜି ଖାଇବା ପାଇଁ ପ୍ରସ୍ତୁତ ହେଉଥିଲେ। ଚାଇଲ୍ଡଲାଇନ କର୍ମଚାରୀ ସ୍ଥାନୀୟ ଲୋକଙ୍କୁ ଏଠାରେ ବାଲ୍ୟ ବିବାହ ହେଉଥିବା ବାବଦରେ ପଚାରିବା ସହ ବନ୍ଦ କରିବା ପାଇଁ କହିବାରୁ ଉପସ୍ଥିତ ଲୋକଙ୍କ ଆକ୍ରୋଶରେ ଶିକାର ହୋଇଥିଲେ। ଲୋକେ କର୍ମଚାରୀମାନଙ୍କୁ ଗାଳିଗୁଲଜ କରିବା ସହିତ ବାନ୍ଧିବାକୁ ଉଦ୍ୟମ କରିବାରୁ ସେମାନେ ସେଠାରୁ ପଳାଇ ଆସି ଖନ୍ତାପଡା ଥାନାରେ ଅଭିଯୋଗ କରିଥିଲେ। ତେବେ ରାତିରେ ବର ବିବାହ ପାଇଁ ଆସିବାରୁ ଗୋପାଳପୁର ଫାଣ୍ଡି ପୋଲିସ ଓ ଖନ୍ତାପଡା ଥାନା ପୋଲିସ ପହଞ୍ଚି ବରଘର ଲୋକମାନଙ୍କୁ ବୁଝାଇବା ସହିତ ବିବାହ ନ କରିବା ପାଇଁ ବାରଣ କରିଥିଲେ । ବିବାହ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଉଭୟ ପକ୍ଷଙ୍କ ନାମରେ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। କାଗଜପତ୍ର ଅନୁଯାୟୀ ନାବାଳିକାଙ୍କ ବର୍ତ୍ତମାନର ବୟସ ୧୭ବର୍ଷ ୨ ଦିନ ହୋଇଥିବାରୁ ବିବାହ କରିବା ଆଇନ ବିରୋଧୀ। ତେଣୁ ୧୮ବର୍ଷ ହେଲେ ବିବାହ କରିପାରିବ ବୋଲି ପୋଲିସ ବୁଝାଇବା ପରେ ବିବାହ କରିବାକୁ ଆସିଥିବା ଯୁବକ ଶିଶୁପାଳ ହୋଇ ଫେରି ଯାଇଥିଲେ। କେତେକ ଗଣମାଧ୍ୟମ ପ୍ରତିନିଧିମାନେ ଘଟଣାସ୍ଥଳକୁ ଯାଇ ଫଟୋ ଉଠାଉଥିବା ବେଳେ ସେମାନେ ମଧ୍ୟ ଗ୍ରାମବାସୀଙ୍କ ଆକ୍ରୋଶରେ ଶିକାର ହୋଇଥିଲେ ।

# ଟ୍ରକରୁ ୧.୮୦କୋଟିର ଗଞ୍ଜେଇ ଜବତ



ଜବତ ହୋଇଥିବା ଗଞ୍ଜେଇ ବସ୍ତା ।

ନୟାଗଡ ଅଫିସ,୧୫।୨ ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ ବାଣିଗୋଛା ଥାନାର ବାଣିଗୋଛା ରାଜପୁତ ଢାବା ନିକଟରେ ଶୁକ୍ରବାର ରାତିରେ ଏକ ଟ୍ରକରୁ ୧୨ ଶହ କେଜି ଗଞ୍ଜେଇ ଜବତ କରାଯାଇଛି। ତାହାର ମୂଲ୍ୟ ପ୍ରାୟ ୧ କୋଟି ୮୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। କେନ୍ଦ୍ରୀୟ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ ଭୁବନେଶ୍ୱର ପକ୍ଷରୁ ଉକ୍ତ ଗଞ୍ଜେଇକୁ ଜବତ କରାଯାଇ ଟ୍ରକ ଡ୍ରାଇଭରଙ୍କୁ ଗିରଫ କରାଯାଇଛି । ତେବେ ତଦନ୍ତ ଚାଲିଥିବା ଓ କୋର୍ଟ ଚାଲାଣ କରାଯାଇ ନ ଥିବାରୁ ଡ୍ରାଇଭରଙ୍କ ନାଁ ମିଳିପାରି ନାହିଁ। ଅନ୍ୟପକ୍ଷେ ତଳେ ଗଞ୍ଜେଇ ଓ ଉପରେ ବହ୍ଲା କାଠ ରଖାଯାଇ ଟ୍ରକ ଯୋଗେ ରାୟଗଡାରୁ ଭୁବନେଶ୍ୱରକୁ ଗଞ୍ଜେଇ ଚୋରା ଚାଲାଣ କରାଯାଉଥିଲା। ଜବତ କାଠର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ । ପ୍ରାପ୍ତ ସୂଚନା ଅନୁସାରେ, ଓଆର୧୧ ଇ ୮୧୯୯ ନଂ ବିଶିଷ୍ଟ ଟ୍ରକରେ ୧୨ ଶହ କେଜିର ୩୯ ବସ୍ତା ଗଞ୍ଜେଇ ରହିଥିଲା । ଗୋଟିଏ ବସ୍ତା ଭିତରେ ୩ କେଜିଆ ପ୍ୟାକେଟ ୮ରୁ ୧୦ଟା ରହିଥିଲା । ଗଞ୍ଜେଇ ଚାଲାଣ ସମ୍ପର୍କରେ ଜଣା ନ ପଡିବା ପାଇଁ ଉପରେ ବହ୍ଲା କାଠ ରଖାଯାଇଥିଲା।

## ଉପରେ ବହ୍ଲା କାଠ ତଳେ ଗଞ୍ଜେଇ

ଗଞ୍ଜେଇ ଚାଲାଣ ନେଇ ସୂଚନା ପାଇବା ପରେ ଗୁରୁବାର ଠାରୁ ନୟାଗଡ ପୋଲିସର ସହାୟତା ନେଇଥିଲେ କେନ୍ଦ୍ରୀୟ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ । କେନ୍ଦ୍ରୀୟ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟର ୭ ଜଣିଆ ଦଳ ଓ ନୟାଗଡ ପୋଲିସ ଫୋର୍ସ ମିଳିତ ଭାବେ ରାୟଗଡାରୁ ଆସୁଥିବା ଗଞ୍ଜେଇ ଟ୍ରକକୁ ଧରିବାକୁ ପ୍ରସ୍ତୁତି ଜାରି ରଖିଥିଲେ । ଏପରିସ୍ଥଳେ ଟ୍ରକକୁ ଆଗ ଓ ପଛରୁ ଏସକର୍ଟ କରି ଗଞ୍ଜେଇ ଚାଲାଣ ହେଉଥିଲା । କିନ୍ତୁ ବାଣିଗୋଛା ଢାବା ନିକଟରେ ପାଇଲଟିଂ ଦଳ ଅଦୃଶ୍ୟ ହୋଇ ଯାଇଥିଲେ । ସେହି ସମୟରେ କେନ୍ଦ୍ରୀୟ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟର ୭ ଜଣିଆ ଦଳ ଗଞ୍ଜେଇ ଟ୍ରକ ଜବତ କରିବା ସହ ଡ୍ରାଇଭରଙ୍କୁ କାବୁ କରିଥିଲେ। ଶନିବାର ଖୋର୍ଦ୍ଧା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଜବତ ଗଞ୍ଜେଇକୁ ଓଜନ କରାଯାଇଛି ।

### ଏମ୍‌ଏଲ୍‌ଏଙ୍କ ସ୍ତ୍ରୀ/ସ୍ୱାମୀଙ୍କୁ ମିଳିବ ସ୍ୱାସ୍ଥ୍ୟବୀମା

ଭୁବନେଶ୍ୱର, ୧୫।୨ (ବ୍ୟୁରୋ) ଓଡ଼ିଶା ବିଧାନସଭାର ସଭ୍ୟମାନଙ୍କ ସହ ସେମାନଙ୍କ ସ୍ତ୍ରୀ/ସ୍ୱାମୀଙ୍କୁ ମଧ୍ୟ ସ୍ୱାସ୍ଥ୍ୟବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ଏ ସମ୍ପର୍କରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ । ଏହି ପ୍ରସ୍ତାବକୁ ଅର୍ଥ ବିଭାଗ ଗ୍ରହଣ କରିଛି। ଏଥି ପୂର୍ବରୁ ପୂର୍ବତନ ଏମ୍‌ଏଲ୍‌ଏମାନେ ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ ।

### ବେଲପାହାଡ ଅଞ୍ଚଳରୁ ୭ ଶିଶୁ ଶ୍ରମିକ ଉଦ୍ଧାର

ଝାରସୁଗୁଡା ଅଫିସ, ୧୫।୨ ଝାରସୁଗୁଡା ଜିଲ୍ଲା ବେଲପାହାଡ ଅଞ୍ଚଳର ବିଭିନ୍ନ ଗ୍ୟାରେଜ, ମାଂସ ଦୋକାନ, ତେଜରାତି ଦୋକାନ ଓ ହୋଟେଲ ଗୁଡିକରେ ଚଢ଼ାଉ କରି ୭ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ଜିଲ୍ଲା ଟାସ୍କ ଫୋର୍ସ ପକ୍ଷରୁ ଏହି ଅଭିଯାନ ଆରମ୍ଭ କରାଯାଇଛି। ବେଲପାହାଡ ଥାନାରେ ଏ ନେଇ ଏକ ଷ୍ଟେଶନ ଡାଏରି କରାଯାଇଛି। ଉଦ୍ଧାର ଶିଶୁ ଶ୍ରମିକମାନଙ୍କୁ ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଛି। ଏହି ଚଢ଼ାଉରେ ଜିଲ୍ଲା ସହ ଶ୍ରମ ଅଧିକାରୀ ଦିବ୍ୟଜ୍ୟୋତି ନାଏକ, ଚାଇଲ୍ଡ ଲାଇନର ଜିଲ୍ଲା ସଂଯୋଜକ ଆଶିଷ କୁମାର ପଣ୍ଡା, ଶିଶୁ ମଙ୍ଗଳ ସମିତିର ସଦସ୍ୟ ଗୁଣନିଧି ଭଇଁସା, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସମୀର ମିଶ୍ର, ଶ୍ରମ ବିଭାଗର ଜନ୍ମେଜୟ ସା, ଚାଇଲ୍ଡ ଲାଇନର ସଦସ୍ୟ ରାଧେଶ୍ୟାମ ନାଏକ, ଡୋଳାମଣି ସେଠ, ପୋଲିସ କର୍ମଚାରୀ ନିର୍ମଳା ତ୍ରିପାଠୀ ଓ ଅମରେଶ ପଣ୍ଡା ପ୍ରମୁଖ ସାମିଲ ଥିଲେ । ଶିଶୁମାନଙ୍କୁ ଶ୍ରମିକ ଭାବେ ଖଟାଉଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରମ ଅଧିକାରୀ କହିଛନ୍ତି।

ଜୀବାଣୁ ପ୍ରତିରୋଧର ମୂଳମନ୍ତ୍ର

Brought to you by: Apollo HOSPITALS BHUBANESWAR

ପ୍ରଶ୍ନ: ଜୀବାଣୁର ସଞ୍ଚାରକୁ ନିମିଷକ ମଧ୍ୟରେ କିପରି ରୋକିବେ?
କ. କାଶିବା ଓ ଛିଙ୍କିବା ସମୟରେ ନିଜର ମୁହଁ ଓ ନାକକୁ ଘୋଡ଼ାଇଦିଅନ୍ତୁ ।
ଖ. ନିଜ ହାତକୁ ସଫା ରଖନ୍ତୁ ।



ଏକ ଆଲ୍‌କହଲ୍ ଭିତ୍ତିକ ହ୍ୟାଣ୍ଡ କ୍ଲିନର୍ ବ୍ୟବହାର କରି କିମ୍ବା ଆଣ୍ଟିମାଇକ୍ରୋବିଆଲ୍ ସାବୁନ ଓ ଉଷୁମ ପାଣିରେ ଧୋଇ ନିଜ ହାତକୁ ସଫା କରନ୍ତୁ ।

ଡା. ସୁନୀତା ସାହୁ, ଏମ୍‌ଡି (ମାଇକ୍ରୋବାୟୋଲୋଜି)
ଭାରପ୍ରାପ୍ତ ବରିଷ୍ଠ ପରାମର୍ଶଦାତା - ମାଇକ୍ରୋବାୟୋଲୋଜି ଏବଂ ହସ୍ପିଟାଲ ଇନ୍‌ଫେକ୍ସନ୍ କଣ୍ଟ୍ରୋଲ
ଆପୋଲୋ ହସ୍ପିଟାଲ୍ସ - ଭୁବନେଶ୍ୱର
ଆପଏଣ୍ଟମେଣ୍ଟ : ୦୬୭୪ ୬୬୬୧୦୧୬ । ଇମର୍ଜେନ୍ସି: ୦୬୭୪ ୬୬୬୦୬୬୬

## ଆଜି କ'ଣ କେଉଁଠି

**ବିଜେପୁର**
■ଯୋଗ ଶିବିର ଓ ଆଲୋଚନାଚକ୍ରର ଉଦ୍‌ଯାପନୀ, ବିଜେପୁର ଆନନ୍ଦ ମାର୍ଗ ପ୍ରାଥମିକ ବିଦ୍ୟାଳୟ, ପୂର୍ବାହ୍ନ ୧୨ଟା।
■୨୪କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସଙ୍କର୍ଷଣ ଟିଓୟୁପି ସ୍କୁଲ ୨ଡିଆ, ସକାଳ ୮ଟା।

**ସୁବର୍ଣ୍ଣପୁର**
■ଭଗବତୀ ଟ୍ରଫି କ୍ରିକେଟ୍ ପାଟଣାଗଡ କ୍ରିକେଟ୍ କ୍ଲବ ବନାମ ପ୍ରୋଗ୍ରେସିଭ ଆସୋସିଏଶନ ଝାରସୁଗୁଡା, ଗାନ୍ଧୀ ପଡିଆ, ପୂର୍ବାହ୍ନ ୧୦ଟା ।

**ଜାମଟିକ୍ରା**
■ଅତାବିରା ବ୍ଲକ ଯାଦବ ସମାଜର ବାର୍ଷିକୋତ୍ସବ, ରେଙ୍ଗାଲିକ୍ୟାମ୍ପ ରୋହିଦାସ କମ୍ପ୍ଲେକ୍ସ, ପୂର୍ବାହ୍ନ ୧୦ଟା ।

**ସମ୍ବଲପୁର**
■ଜିଲ୍ଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ ୮ଟା ।
■୧୬ ଓ ୧୯ ବର୍ଷରୁ କମ୍ ଆନ୍ତଃ କ୍ଲବ କ୍ରିକେଟ ଲିଗ୍ ମ୍ୟାଚ, ବିକାଶ ସ୍କୁଲ ଖେଳ ପଡିଆ, ସକାଳ ୮ଟା ।
■ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ, ହୀରାକୁଦ ସୁବାସ ମଇଦାନ, ସକାଳ ୮ଟା ।
■ଦୀନବନ୍ଧୁ ଗୋସ୍ୱାମୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନୀ, ହାୱା ମଇଦାନ, ପୂର୍ବାହ୍ନ ୯ଟା ।
■ଭାଗବତ କଥାମୃତ, ହୋମଯଜ୍ଞ ଓ ପୂର୍ଣ୍ଣାହୁତି, ବୁର୍ଲା ଜଗନ୍ନାଥ ମନ୍ଦିର, ପୂର୍ବାହ୍ନ ୧୦ଟା ।
■ଓଡ଼ିଶା ସେଲ୍ସ ଏକ୍‌ଜିକ୍ୟୁଟିଭ ଆସୋସିଏଶନ୍‌ର ରାଜ୍ୟସ୍ତରୀୟ ସମ୍ମିଳନୀ, ନାରୀସେବା ସଦନ ସଭା କକ୍ଷ, ପୂର୍ବାହ୍ନ ସାଢ଼େ ୧୦ ଟା ।
■ଟ୍ରେଡ୍ ଫେୟାର ସାଂସ୍କୃତିକ କାର୍ଯ୍ୟକ୍ରମ, ଅଇଁଠାପାଲି ପିଏଚଡି ପଡିଆ, ସନ୍ଧ୍ୟା ୬ ଟା ।
■ସର୍ବଭାରତୀୟ କବାଡି ଟୁର୍ନାମେଣ୍ଟ ଉଦ୍‌ଯାପନୀ, ବୀର ସୁରେନ୍ଦ୍ର ସାଏ ଟାଉନ ହଲ ପଡିଆ, ରାତି ୯ ଟା ।

**ବରଗଡ଼**
■ଶ୍ରୀ ଶ୍ରୀ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଦ୍ୱିବାର୍ଷିକୀ ମହୋତ୍ସବ, ତଳିପଡ଼ା ସମଲେଶ୍ୱରୀ ମନ୍ଦିର, ପୂର୍ବାହ୍ନ ୮ଟା ।
■କବିତାଗ୍ରନ୍ଥ ସରାଗ ରାଗ ଉନ୍ମୋଚନ ସମାରୋହ, ହୋଟେଲ ଗଣପତି, ସନ୍ଧ୍ୟା ୫ଟା ୩୦ମିନିଟ୍ ।

**ଦେବଗଡ଼**
■ଘରୋଇ କ୍ରିକେଟ ଲିଗ ମ୍ୟାଚ (୧୯ବର୍ଷରୁ କମ) ଦ୍ୱିତୀୟ ଦିନ, ଇନ୍ଦିରାଗାନ୍ଧି ଷ୍ଟାଡ଼ିୟମ, ମହୁଲଡିପା ସାହି ଖେଳ ପଡ଼ିଆ, ସକାଳ ୧୦ଟା।
■ସାମୂହିକ ସଫେଇ କାର୍ଯ୍ୟକ୍ରମ, ଦେବଗଡ଼ ଜିଲ୍ଲା, ସକାଳ ୮ଟା।
■କେନ୍ଦୁପତ୍ର ବନ କର୍ମଚାରୀ ଓ ଋତୁକାଳୀନ କର୍ମଚାରୀଙ୍କ ବନାଞ୍ଚଳସ୍ତରୀୟ ଦକ୍ଷତା ବୃଦ୍ଧି କର୍ମଶାଳା, ବମ୍ପରଡ଼ା କେନ୍ଦୁପତ୍ର ବନାଞ୍ଚଳ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।

**ଲୋଇସିଂହା**
ରମାଇ ପାହାଡ ମହୋତ୍ସବ ଶୁଭସ୍ତମ୍ଭ ସ୍ଥାପନ, ମାଲୁପାଲି, ମଧ୍ୟାହ୍ନ ୧୨ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

**PALLISREE HIGHER SECONDARY SCHOOL, SINDHEKELA**
At/Po- Sindhekela, Dist.-Bolangir-767035
Contact : 9937697269
**WALK-IN-INTERVIEW**
Interested Candidates having requisite qualification for the post of a Library Attendant may attend in a Walk-in-Interview scheduled to be held on Dt.23.02.2020 at 10.00 A.M. in College Premises. Candidates are required to bring their Original Certificates for verification and also submit self attested Xerox copies of their educational certificates with bio-data.
**N.B.- (1) Minimum Qualification : Graduation with Computer knowledge. (2) This Post in purely Contractual.**
Sd./- Principal

ଅତିରିକ୍ତ ସହକାରୀ, ଦେବୋତ୍ତର, ଆୟୁକ୍ତ, କଟକ
ଓ.ଏ. ନଂ.– ୦୧/୨୦୨୦ ଧା୪୧ରା
ଶାନ୍ତିଲତା ମିଶ୍ର ଏବଂ ଅନ୍ୟଜଣେ ... ବାଦୀ
ବନାମ
ଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁ
ପ୍ରତିନିଧିତ୍ୱ .... ତହସିଲଦାର, ଯାଜପୁର ଓଗେର ... ପ୍ରତିବାଦୀ
ଯାଜପୁର ଜିଲ୍ଲା ଶୀତଳେଶ୍ୱର ଅନ୍ତର୍ଗତ ମୌଜାରେ ଥିବା ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଓ ତାଙ୍କର ସମ୍ପତ୍ତି ସର୍ବସାଧାରଣ ଠାକୁର ନୁହନ୍ତି ଏବଂ ଏହା ଏକ ଘରୋଇ ଠାକୁର ଅଟନ୍ତି। ଶାନ୍ତିଲତା ମିଶ୍ର ଓଗେର ଆମ୍ଭ ଅଦାଲତରେ ଏହା ଏକ ଘରୋଇ ଠାକୁର ଓ ଘରୋଇ ସମ୍ପତ୍ତି ଦାବିକରି ହିନ୍ଦୁ ସର୍ବସାଧାରଣଙ୍କ ପକ୍ଷରୁ ଚନ୍ଦ୍ରମଣି ଦାସଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଉକ୍ତ ପ୍ରତିନିଧିତ୍ୱ ବିରୁଦ୍ଧରେ କାହାର କିଛି ଆପତ୍ତି ଥିଲେ ଆସନ୍ତା ତା୨୭।୦୩।୨୦୨୦ରିଖ ଆମ୍ଭ ଅଦାଲତରେ ହାଜର ହୋଇ ଆପତ୍ତି ଅଭିଯୋଗ ଜଣାଇବେ । ତାରିଖ ଗତେ କାହାର ଆବେଦନ ଗ୍ରହଣ ଯୋଗ୍ୟ ନୁହେଁ।
ଶ୍ରୀ ଦେବାଶିଷ ଦାଶ, ଓ.କେ.ଏସ୍ (୧)
ସ୍ୱା./– ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତ, କଟକ
ଭୂ–ସମ୍ପତ୍ତିର ତାଲିକା
RoR Vide Tahasil No.-210
RSD Vide No. 612/608 Dt.18.3.1997
RSD Vide No. 488 Dt.1.3.1994
Mouza - Sitaleswar
Khata No. 18, Stitiban - A0.23Dec.
Plot No. - 811, A0.08 Decimiles
Hal Khata No. 550, Plot - 811, Area- A0.32Dec.

DAYANAND PLAY/PUBLIC SCHOOL
Residential & Day Boarding, Raseram Vihar, Padiabahal, Sambalpur, Mob- 7381058813, 8249212113
ADMISSION CONTINUE NURSERY ONWARDS
FEATURES
Recognized by Govt. of Odisha | Own bus facility
Affiliated to be CBSE | Day boarding & Hostel facility
Trained & Experienced Faculties | Hygienic & Nutritious food
Green & Safe Environment | Separate boys & girls hostel
CCTV Surveillance | Sports, Game, Yoga, Dance etc
PLEASE CONTCT AT OFFICE FOR 25% RTE FREE SEATS IN CLASS- I ADMISSION
VISIT OUR BRANCHES:- HLO Colony, Sbp, M-8763032586, Dhanupali, Sbp, M-8763032587, Putiapali, Sbp, M-9439006359, Parmanpur, Sbp, M-9439007359, Dherapada, Sonepur, M-8763032589, Patavadi Sonepur M-9438115772, Palaceline, Bolangir, M-8763032590, Gosala/ Burla, SBP, M-9438117191, Kirei, Sundargarh M-9348018080, Main Road, Jharsuguda M-9438115752



## ଜିଲ୍ଲା ଚିଠି
### ପୁରୀ

## ବାଡ଼ ଖାଉଛି ଫସଲ

ମହାପ୍ରଭୁଙ୍କ ବିଭିନ୍ନ ଯାନିଯାତ୍ରା ମଧ୍ୟରୁ ପ୍ରସିଦ୍ଧ ହେଉଛି ରଥଯାତ୍ରା। ପବିତ୍ର ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ଏହା ଅନୁଷ୍ଠିତ ହୋଇଥାଏ। ଏହା କେବଳ ପୁରୀ କି ଓଡ଼ିଶାରେ ସୀମିତ ନୁହେଁ, ଭାରତର ବିଭିନ୍ନ ରାଜ୍ୟ ଏପରି କି ବିଦେଶର ଅନେକ ସ୍ଥାନରେ ମଧ୍ୟ ରଥଯାତ୍ରା ଆୟୋଜନ ହେଉଛି। ଏହା ନିଶ୍ଚିତ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। କିନ୍ତୁ କିଛିବର୍ଷ ହେଲା ଅଦିନରେ ବିଭିନ୍ନ ଜାଗାରେ ଆୟୋଜନ ହେଉଛି ରଥଯାତ୍ରା, ଯାହାକି ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ପ୍ରତି ଘୋର ଅପମାନ ଏବଂ ଶାସ୍ତ୍ର ବିରୋଧୀ। ଏହାକୁ ନେଇ ହୋହଲ୍ଲା, ବିକ୍ଷୋଭ, କୁଶପୁତ୍ତଳିକା ଦାହ ଏପରି କି ଥାନା ଯାଏ ବି କଥା ଯାଉଛି। ପ୍ରତିବାଦ ପରେ କେଉଁଠି ଆୟୋଜକ ତାଙ୍କ ନିଷ୍ପତ୍ତିରୁ ଓହରି ଯାଉଛନ୍ତି ତ ପୁଣି କେହି କେହି ଅବମାନନା କରୁଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ଏଥିରେ ରୋକ୍ ଲଗାଇବା ପାଇଁ ଅନେକ ସମୟରେ ଚେଷ୍ଟା କରୁଛି। କିନ୍ତୁ ଏ ପର୍ଯ୍ୟନ୍ତ ଏଥିରେ ଶତ ପ୍ରତିଶତ ସଫଳତା ମିଳିନାହିଁ। ଗତବର୍ଷ ସେପ୍ଟେମ୍ବର ୬ତାରିଖ ପରିଚାଳନା କମିଟି ବୈଠକରେ ଏ ସଂକ୍ରାନ୍ତରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ପୁରୀରେ ଯେଉଁଭଳି ବିଧି ଓ ପରମ୍ପରା ଅନୁସାରେ ରଥଯାତ୍ରା କରାଯାଉଛି ଅଧିକାଂଶ ସ୍ଥାନରେ ବିଧି ମୁତାବକ ହେଉନାହିଁ। ତେଣୁ ରାଜ୍ୟ ସରକାରଙ୍କ ସହଯୋଗରେ ରଥଯାତ୍ରାର ବିଧି ବିଶ୍ୱବାସୀଙ୍କୁ ଅବଗତ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏହାସତ୍ତ୍ୱେ କେତେକ ଅନୁଷ୍ଠାନ ଏହାକୁ ବେଖାତିର କରିଆସୁଛନ୍ତି। ଗତ ମାସ ୩୦ ତାରିଖ ବସନ୍ତ ପଞ୍ଚମୀରେ ମୁମ୍ବାଇରେ ଇସ୍କନ ପକ୍ଷରୁ ରଥଯାତ୍ରା କରାଯିବାକୁ ନେଇ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଭିନ୍ନ ସଙ୍ଗଠନ ପକ୍ଷରୁ ବିକ୍ଷୋଭ, କୁଶପୁତ୍ତଳିକା ଦାହ ସହ ଇସ୍କନ ଅଧିକାରୀଙ୍କ ନାଁରେ ଥାନାରେ ଏତଲା ଦିଆଯାଇଛି। ହେଲେ ମୁମ୍ବାଇରେ ଅଦିନିଆ ରଥଯାତ୍ରା ଆୟୋଜନ କରାଯିବାରେ ପୁରୀର ଜଣେ ଯୁବ ଦଇତାପତିଙ୍କ ହାତ ଥିବା ଚର୍ଚ୍ଚା ହେଉଛି। ସମ୍ପୃକ୍ତ ଦଇତାପତି ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ମହାପ୍ରଭୁଙ୍କ ବିଧି ପରମ୍ପରାକୁ ଆଡ଼େଇ ଆୟୋଜକଙ୍କ ସହ ହାତ ମିଶାଇ ରଥଯାତ୍ରା କରିଛନ୍ତି। ସେହିପରି ଭୁବନେଶ୍ୱରରେ ମହାପ୍ରଭୁଙ୍କ ରଘୁନାଥ ବେଶକୁ ନେଇ ବି ବିବାଦ ଉପୁଜିଥିଲା। ରତ୍ନସିଂହାସନ ବାହାରେ ମହାପ୍ରଭୁଙ୍କ ଏହି ଦୁର୍ଲଭ ବେଶ କରାଯାଇଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ପୁରାଣ ଅନୁସାରେ, ସ୍ୱତନ୍ତ୍ର ତିଥିରେ ଶ୍ରୀମନ୍ଦିର ରତ୍ନସିଂହାସନରେ ଏହି ବେଶ କରାଯିବାର ବିଧି ଥିବାବେଳେ ଏହା ବାହାରେ ହେବା ପଛରେ ବି ଶ୍ରୀମନ୍ଦିରର କେତେଜଣ ସେବାୟତଙ୍କ ହାତ ରହିଥିଲା। ସେହିପରି କୋଲକାତାରେ ଜଣେ ବ୍ୟକ୍ତିଙ୍କ ଘରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ସ୍ଥାପନ କରିଥିଲେ ଶ୍ରୀମନ୍ଦିରର କେତେଜଣ ସେବାୟତ। ଏଠି ବାଡ଼ ଫସଲ ଖାଉଛି। ତେଣୁ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ କିପରି ସୁରକ୍ଷିତ ରଖାଯିବ ସେନେଇ ଗବେଷକ ଓ ବୁଦ୍ଧିଜୀବୀ ପ୍ରଶ୍ନ କରୁଛନ୍ତି। –ହେମନ୍ତ ନାୟକ

# ସଂରକ୍ଷଣ ଉଠାଇବା ପାଇଁ ଚକ୍ରାନ୍ତ କରୁଛି କେନ୍ଦ୍ର : କଂଗ୍ରେସ

ଭୁବନେଶ୍ୱର,୧୫।୨(ବ୍ୟୁରୋ) କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି) ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି)ଙ୍କ ପାଇଁ ଉଦ୍ଦିଷ୍ଟ ସଂରକ୍ଷଣ ବ୍ୟବସ୍ଥାକୁ ଉଠାଇ ଦେବାକୁ ଚକ୍ରାନ୍ତ କରୁଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏହା ବିରୋଧରେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ନିର୍ଦ୍ଦେଶକ୍ରମେ ଶନିବାର ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ଏସ୍‌ଟି, ଏସ୍‌ସି ଏବଂ ଓବିସି ସେଲ୍ ପକ୍ଷରୁ ରାଜ୍ୟପାଳ ଗଣେଶୀ ଲାଲଙ୍କ ପ୍ରତିନିଧିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କଂଗ୍ରେସର ସମସ୍ତ ପ୍ରତିନିଧିଙ୍କୁ ଏକକାଳୀନ ରାଜଭବନ ଭିତରକୁ ପ୍ରବେଶ ଅନୁମତି ନ ମିଳିବାରୁ ଫାଟକ ସମ୍ମୁଖରେ ପ୍ରତିନିଧିମାନେ ପ୍ରତିବାଦ କରିଥିଲେ। ଭୁବନେଶ୍ୱର ଡିସିପିଙ୍କ ଅନୁରୋଧ କ୍ରମେ ରାଜ୍ୟପାଳଙ୍କ ପ୍ରତିନିଧି ଫାଟକ ନିକଟକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ।

ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝିଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଭାରତର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଏସ୍‌ସି, ଏସ୍‌ଟି ଏବଂ ଓବିସି ବର୍ଗର ଲୋକଙ୍କ ସୁରକ୍ଷା, ଶିକ୍ଷା, ନିଯୁକ୍ତି ଓ ପଦୋନ୍ନତି କ୍ଷେତ୍ରରେ ସମ୍ବିଧାନ ସ୍ୱୀକୃତ ସଂରକ୍ଷଣ ବ୍ୟବସ୍ଥାକୁ ଦୃଢ଼ ଭାବେ କାର୍ଯ୍ୟକାରୀ ପାଇଁ ଦାବି କରାଯାଇଛି। ଦେଶ ସ୍ୱାଧୀନତା ସମୟରୁ ଏହି ବର୍ଗର ଜନସାଧାରଣଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ସମ୍ବିଧାନର ଅନୁଚ୍ଛେଦଗୁଡିକରେ ବ୍ୟବସ୍ଥା କରାଯାଇଛି। ତେଣୁ ଏହି ବ୍ୟବସ୍ଥାକୁ ଠିକ୍ ଭାବେ କାର୍ଯ୍ୟକାରୀ କରି ଓଡ଼ିଶାରେ ବସବାସ କରୁଥିବା ବହୁଜନବର୍ଗର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଯତ୍ନବାନ ହୁଅନ୍ତୁ ବୋଲି ପ୍ରଦୀପ ମାଝି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଭୁଜବଳ ମାଝି, ବିଜୟଲକ୍ଷ୍ମୀ ସାହୁ, ବିଷ୍ଣୁଚରଣ ବାରିକ, ବାଙ୍କନିଧି ବେହେରା, ହଳଧର ସେଠୀ, ବିଦ୍ୟାଧର ଦେହୁରୀ, ଦେବେନ୍ଦ୍ର ମଲ୍ଲିକ, ଫକୀର ଖଟୁଆ, ଅଭିଷେକ ରାଉତ, ଅମିୟ ପାଣ୍ଡବ, ପ୍ରତିମା ମଲ୍ଲିକ, କୈଳାସ ସାହୁ, ଦୀପକ ମହାପାତ୍ର, ଜାନକୀ ମଲ୍ଲିକ, ବିଶ୍ୱଭୂଷଣ ମହାପାତ୍ର, ଅମିର ଭୂୟାଁ, ସର୍ବେଶ୍ୱର ସେଠୀ, ତାପସ ସେଠୀ, କାଶୀନାଥ ଡାକୁଆ, ସେକ୍ କାଦିର୍, ଦେବେନ୍ଦ୍ର ପ୍ରସାଦ ଦାସ ପ୍ରମୁଖ ଯୋଗ ଦେଇଥିଲେ।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଷ୍ଟ୍ରେସଡ୍ ଆସେଟ୍‌ସ୍ ରିକଭରି ଶାଖା(SARB), କଟକ
ମଧୁପାଟଣା , କଟକ- ୭୫୩୦୧୦(ଓଡିଶା)
ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

**ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୩) ଏବଂ ଧାରା ୧୩(୧୨)ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତାମାନେ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି । ତେଣୁ ବିଶେଷତଃ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

**ଋଣଗ୍ରହୀତାମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ ।**

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଜାମିନ୍‌ଦାର/ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ଶ୍ରୀ ବିନୋଦ କୁମାର ଅଗ୍ରୱାଲ୍ ଏବଂ ଶ୍ରୀମତୀ ରେଖା ଅଗ୍ରୱାଲ୍, ପ୍ଲଟ୍ ନଂ.: ୧୫୦୩/ବି, ସେକ୍ଟର-୬, ସିଡିଏ, ପୋ: ମର୍କତ ନଗର, ଥାନା: ବିଡ଼ାନାସୀ, ଜିଲ୍ଲା: କଟକ । | ସମ୍ପତ୍ତି ମାଲିକ: ଶ୍ରୀ ବିନୋଦ କୁମାର ଅଗ୍ରୱାଲ | ଶ୍ରୀ ବିନୋଦ କୁମାର ଅଗ୍ରୱାଲଙ୍କ ନାମରେ ଥିବା ସମ୍ପତ୍ତି (ଜମି ଏବଂ ଗୃହ)ର ସମସ୍ତ ଅଂଶ ବିଶେଷ ଯାହାକି ବିଡ଼ାନାସୀ ପ୍ରୋଜେକ୍ଟ ଏରିଆ, ସେକ୍ଟର-୬, ସିଡିଏ, ଥାନା: ବିଡ଼ାନାସୀ, ଏସ୍‌ଆରଓ: କଟକ ସିଟି, ଜିଲ୍ଲା: କଟକ, 'ବି' କାଟାଗୋରୀ, ପ୍ଲଟ୍ ନଂ.: ୧୫୦୩, ଡ୍ରଇଂ ନଂ.: ସିଡିଏ (ପିଏଲ) ବି/୧୧୦, କ୍ଷେତ୍ର: ୫୦ ଫୁଟ X ୮୦ଫୁଟ = ୪୦୦୦ ବର୍ଗଫୁଟ, କିସମ: ଘରବାଡ଼ି, ଚୌହଦୀ-ପୂର୍ବ: ୪୦ ଫୁଟ ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୧୪୮୮, ଉତ୍ତର: ପ୍ଲଟ ନଂ.: ୧୫୦୨, ଦକ୍ଷିଣ: ପ୍ଲଟ ନଂ.: ୧୫୦୪ । | ୧୮.୧୨.୨୦୧୭ | ୧୪.୦୨.୨୦୨୦ | ୧୧.୧୨.୨୦୧୭ ସୁଦ୍ଧା ଟ.୨୦,୫୯,୩୧୧/- ଏବଂ ତା.୧୨.୧୨.୨୦୧୭ ଠାରୁ ତତ୍‌ପରବର୍ତ୍ତୀ ସୁଧ |

ସ୍ଥାନ: କଟକ, ତାରିଖ: ୧୫.୦୨.୨୦୨୦ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ପ୍ରେମର ସାମର୍ଥ୍ୟ ଯୋଗୁ ଏବଂ ଆତ୍ମଦାନର ପ୍ରେରଣା ଯୋଗୁ ମନୁଷ୍ୟ ଦେବତାମାନଙ୍କ ସହ ସମାନ କ୍ଷମତାର ଅଧିକାରୀ ହୋଇପାରେ। କିନ୍ତୁ ସେ ଯେତେବେଳେ ନିଜର ଅହଂକାର ଓ ସ୍ୱାର୍ଥପରତାରୁ ମୁକ୍ତ ହୁଏ- ସେତେବେଳେ ସେ ଦେବତାଙ୍କଠାରୁ ମଧ୍ୟ ଅଧିକ କ୍ଷମତାଶାଳୀ ହୋଇପାରେ।
-ଶ୍ରୀମା

# ବିଫଳ ଯୋଜନା



ଆକାର ପଟେଲ

ସେପ୍ଟେମ୍ବର ୨୦୧୪ରେ 'ମେକ୍ ଇନ୍ ଇଣ୍ଡିଆ'ର ଶୁଭାରମ୍ଭ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ୱେବ୍‌ସାଇଟ୍ (pmindia.gov.in)ରେ ଲେଖାଯାଇଛି ଯେ, ଭାରତକୁ ଏକ ଗ୍ଲୋବାଲ ମାନୁଫାକ୍ଚରିଂ ହବ୍‌ରେ ପରିଣତ କରିବା ପାଇଁ ଆମ ନିର୍ମାଣ ଶିଳ୍ପକୁ କିପରି ଆଗେଇ ନିଆଯାଇପାରିବ ତାହା ଉପରେ ଭାରତର ନୀତି-ନିର୍ମାତାମାନେ ଢେର୍ ବର୍ଷ ଧରି ବିତର୍କ କରିଆସୁଥିଲେ। କିନ୍ତୁ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେଲା ପରେ କେଇ ମାସ ଭିତରେ ପୁଞ୍ଜିନିବେଶକୁ ତ୍ୱରାନ୍ୱିତ କରିବା, ନବୋଦ୍ଭାବନକୁ ପ୍ରୋତ୍ସାହିତ କରିବା, ଦକ୍ଷତାର ବିକାଶ ସାଧନ କରିବା, ବୌଦ୍ଧିକ ସମ୍ପତ୍ତିର ସୁରକ୍ଷା କରିବା ଏବଂ ସର୍ବୋତ୍ତମ ମାନର ନିର୍ମାଣ ଭିତ୍ତିଭୂମି ତିଆରି କରିବା ଲାଗି 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ଆରମ୍ଭ କରିଛନ୍ତି। ନିର୍ମାଣ ଶିଳ୍ପ ହେଉଛି ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ଭିତରଦେଇ ନିମ୍ନ ଆୟକାରୀ ଗୋଷ୍ଠୀ ମଧ୍ୟବିତ୍ତ ଏବଂ ମଧ୍ୟମ ଆୟକାରୀ ଗୋଷ୍ଠୀ ଧନୀ ହୋଇପାରିବେ। ଏକ ଗ୍ରାମୀଣ ଓ କୃଷିଭିତ୍ତିକ ଅର୍ଥନୀତିର ଦେଶକୁ ଉନ୍ନତ ଅର୍ଥନୀତିରେ ପରିଣତ କରିବା ଲାଗି ପ୍ରଥମେ ହାଲୁକା ଶିଳ୍ପ (ମୁଖ୍ୟତଃ ପୋଷାକ ଶିଳ୍ପ)ରୁ ଆରମ୍ଭ କରି ପରେ ଅଧିକ ଜଟିଳ ପ୍ରଯୁକ୍ତିବିଦ୍ୟାଭିତ୍ତିକ ଭାରି ଶିଳ୍ପରେ ପ୍ରବେଶ କରିବା ଛଡ଼ା ଅନ୍ୟ ରାସ୍ତା ନାହିଁ। ୨୦୧୪ରେ ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ଭାରତୀୟ ନିର୍ମାଣ ଶିଳ୍ପର ଅବଦାନ ଥିଲା ୧୫ ପ୍ରତିଶତ। ଗତବର୍ଷ ଏହା ୧୪ ପ୍ରତିଶତକୁ ହ୍ରାସ ପାଇଛି। ସୁତରାଂ ପ୍ରଧାନମନ୍ତ୍ରୀଙ୍କ 'ମେକ୍ ଇନ୍ ଇଣ୍ଡିଆ' ଫେଲ୍ ମାରିଛି ଏବଂ ଏହା ଲାଗୁ ହେବାର ଇତି ମଧ୍ୟରେ ପାଞ୍ଚବର୍ଷ ଅତିକ୍ରାନ୍ତ ହୋଇସାରିଲାଣି।

ସରକାରଙ୍କ ବିଫଳତାକୁ ବୁଝାଇବା ପାଇଁ ଅନ୍ୟ ଦେଶଗୁଡ଼ିକ ସହ ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରୁଛି। ଆମେ ଯେଉଁ ପଡ଼ୋଶୀ ଦେଶ ଚାଇନା ସହ ଅନେକ ସମୟରେ ନିଜର ତୁଳନା କରୁ ତାହାର ଅର୍ଥନୀତିର ଆକାର ଭାରତର ପାଞ୍ଚଗୁଣରୁ ଅଧିକ। ଏହାର ଜିଡିପିକୁ ନିର୍ମାଣ ଶିଳ୍ପର ଅଂଶ ୨୯ ପ୍ରତିଶତ ଯାହା ଭାରତର ପ୍ରାୟ ଦୁଇଗୁଣ ଏବଂ ଏହା ୨୦୧୪ରୁ ୨୦୨୦ ଭିତରେ ସ୍ଥିର ଅଛି। ଭିଏତ୍‌ନାମର ଜିଡିପିକୁ ନିର୍ମାଣ ଶିଳ୍ପର ଅବଦାନ ଏବେ ୧୬ ପ୍ରତିଶତ ଅଛି ଏବଂ ଆମେ ଯେତେବେଳେ ମେକ୍ ଇନ୍ ଇଣ୍ଡିଆ ଆରମ୍ଭ କଲୁ ସେତେବେଳେ ଏହା ଥିଲା ୧୩ ପ୍ରତିଶତ। ଶ୍ରୀଲଙ୍କାରେ ଏହା ବର୍ତ୍ତମାନ ୧୬ ପ୍ରତିଶତ ଅଛି। ସେହିପରି ଏହା ଥାଇଲାଣ୍ଡରେ ୨୭ ପ୍ରତିଶତ, ଇଣ୍ଡୋନେସିଆରେ ୧୯ ପ୍ରତିଶତ, ଫିଲିପାଇନ୍ସରେ ୧୯ ପ୍ରତିଶତ, ମାଲେସିଆରେ ୨୧ ପ୍ରତିଶତ ଏବଂ ସିଙ୍ଗାପୁରରେ ୨୦ ପ୍ରତିଶତ ଅଛି। ଜର୍ମାନୀରେ ଏହା ୨୦ ପ୍ରତିଶତ ଅଛି, ଯାହା ଆଶ୍ଚର୍ଯ୍ୟଜନକ ନୁହେଁ କାରଣ ଏହା ବିଶ୍ୱର ବୃହତ୍ତମ ଅଟୋମୋବାଇଲ ଶିଳ୍ପର ଦେଶ ଭାବେ ଜଣାଶୁଣା। ପୋଷାକ ପରେ ଅଟୋମୋବାଇଲ ହେଉଛି ଶିଳ୍ପ ବିକାଶର ଦ୍ୱିତୀୟ ପାହାଚ। ଯେତିକି ବର୍ଷ ହେଲା ଭାରତରେ ମେକ୍ ଇନ୍ ଇଣ୍ଡିଆ ଲାଗୁ ହେଲାଣି, ସେହି ଅବଧି ଭିତରେ ବାଂଲାଦେଶର ନିର୍ମାଣ ଶିଳ୍ପ ୧୬ରୁ ୧୮ ପ୍ରତିଶତକୁ ବୃଦ୍ଧି ପାଇଛି। ବାଂଲାଦେଶର ଜିଡିପି ମୋଟାମୋଟି ଭାବେ ବାର୍ଷିକ ୮ ପ୍ରତିଶତ ହାରରେ ବୃଦ୍ଧି ପାଉଛି, ଯାହା ଭାରତଠାରୁ ଢେର୍ ଅଧିକ। ଆଉ ଏକ ଆଶ୍ଚର୍ଯ୍ୟର ବିଷୟ ହେଉଛି ଏହି ସମୟ ଭିତରେ ବାଂଲାଦେଶର ପୋଷାକ ରପ୍ତାନି ୩୮ ବିଲିୟନ ଆମେରିକୀୟ ଡଲାରକୁ ବୃଦ୍ଧି ପାଇଛି। ଅଥଚ ଭାରତର ରପ୍ତାନି ୧୮ ବିଲିୟନରୁ ୧୬ ବିଲିୟନ ଡଲାରକୁ ହ୍ରାସ ପାଇଛି। ପୋଷାକ ଶିଳ୍ପ ଅତି ଗୁରୁତ୍ୱପୂର୍ଣ୍ଣ କାରଣ ଏଥିରେ ବହୁ ସଂଖ୍ୟାରେ ଅର୍ଦ୍ଧକୁଶଳୀ ଶ୍ରମିକ ଏବଂ ବିଶେଷତଃ ମହିଳା ନିଯୁକ୍ତି ପାଇଥାନ୍ତି। ବାଂଲାଦେଶରେ ପ୍ରାୟ ୫୦୦୦ ପୋଷାକ ତିଆରି କାରଖାନା ଥିବାବେଳେ ସେଗୁଡ଼ିକରେ ନିଯୁକ୍ତ ୮୫ ପ୍ରତିଶତ କର୍ମଚାରୀ ହେଉଛନ୍ତି ମହିଳା। ଏପରି କି ଭିଏତ୍‌ନାମ ବି ଭାରତଠାରୁ ଅଧିକ ପୋଷାକ ରପ୍ତାନି କରୁଛି। ନିର୍ମାଣ ଶିଳ୍ପରେ କର୍ମଚାରୀମାନଙ୍କୁ ନିର୍ଦ୍ଦିଷ୍ଟ ବେତନରେ ପୂର୍ଣ୍ଣକାଳୀନ ନିଯୁକ୍ତି ମିଳିଥାଏ। ତେଣୁ ଅନ୍ୟତ୍ର ଅସ୍ଥାୟୀ ନିଯୁକ୍ତି ଅପେକ୍ଷା ଏହି ଶିଳ୍ପରେ ନିଯୁକ୍ତି ପାଇବାକୁ ଲୋକେ ବେଶି ପସନ୍ଦ କରିଥାନ୍ତି। ତେବେ ଭାରତ ଏ କ୍ଷେତ୍ରରେ ବିଫଳ ହେବାର କାରଣ କ'ଣ ? ମୋ ମତରେ ମେକ୍ ଇନ୍ ଇଣ୍ଡିଆ ବାସ୍ତବରେ ଏକ ରଣନୀତି ନୁହେଁ, ଏକ ଲୋଗୋ ଓ କିଛି ଶବ୍ଦ ମାତ୍ର। ତେଣୁ ତାହା ନିରର୍ଥକ।

ଚାଇନାରେ ନିର୍ମାଣ ଶିଳ୍ପ ପ୍ରତିଷ୍ଠା କରିବା ଅଧିକ ବ୍ୟୟସାପେକ୍ଷ କାରଣ ସେଠାରେ ଶ୍ରମିକ ଓ କର୍ମଚାରୀମାନଙ୍କ ବେତନ ଅଧିକ। ତା' ସତ୍ତ୍ୱେ ଗତ ପାଞ୍ଚବର୍ଷ ଭିତରେ ସେଠାରେ ଜିଡିପିକୁ ନିର୍ମାଣ ଶିଳ୍ପର ଅବଦାନ ହ୍ରାସ ପାଇ ନାହିଁ, ଯାହା ମେକ୍ ଇନ୍ ଇଣ୍ଡିଆ ଆରମ୍ଭ ପରେ ଭାରତରେ ଘଟିଛି। ଏଣେ ପ୍ରଧାନମନ୍ତ୍ରୀ କହୁଛନ୍ତି, ଭାରତକୁ ୫ ଟ୍ରିଲିୟନ ଡଲାରର ଅର୍ଥନୀତି କରିବେ। ଏହା ଏକ ବାସ୍ତବ ଲକ୍ଷ୍ୟ ନୁହେଁ। ଭାରତର ଜିଡିପି ଦିନେ ନା ଦିନେ ସେହି ସ୍ତରରେ ପହଞ୍ଚିବ କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଧାର୍ଯ୍ୟ ଅବଧି ଭିତରେ ନୁହେଁ। ପ୍ରଶ୍ନ ହେଉଛି କେତେ ଶୀଘ୍ର ଆମେ ସେହି ଜାଗାରେ ପହଞ୍ଚିପାରିବା ଏବଂ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ସରକାର କ'ଣ କରିପାରିବେ ?

ଭାରତର ଅର୍ଥନୀତିକୁ ବିକଶିତ କରିବା ପାଇଁ ମୋଦି ଯେଉଁ ମେକ୍ ଇନ୍ ଇଣ୍ଡିଆ ଆରମ୍ଭ କଲେ ତାହା ଫେଲ୍ ମାରିଲା। ବାସ୍ତବରେ ସେ ତା' ଉପରେ ବିଶେଷ ଗୁରୁତ୍ୱ ଦେଇ ନାହାନ୍ତି। ପ୍ରଧାନମନ୍ତ୍ରୀଙ୍କ ୱେବ୍‌ସାଇଟରେ ୨୦୧୪ ପରଠାରୁ କୌଣସି ତଥ୍ୟ ଅପ୍‌ଡେଟ୍ କରାଯାଇ ନାହିଁ। ଏହାକୁ ଅପ୍‌ଡେଟ୍ କରାଯିବା ଦରକାର ଏବଂ ଲୋକଙ୍କୁ ଜଣାଇବା ଦରକାର ଯେ ମେକ୍ ଇନ୍ ଇଣ୍ଡିଆ ବିଫଳ ହୋଇଛି। ତା'ହେଲେ କିଛି ନୂଆ ଯୋଜନା ଆରମ୍ଭ କରାଯାଇପାରିବ, ନ ହେଲେ ଆମର ନିର୍ମାଣ ଶିଳ୍ପ ଅଧୋଗତି କରିଚାଲିଥିବ।

Email: aakar.patel@gmail.com

# ଚାଲ ସାଧାରଣ ମଣିଷ ହେବା



ଡ. ରମେଶ ଚନ୍ଦ୍ର ପରିଡ଼ା

ନିଜକୁ ଜଣେ ସାଧାରଣ ମଣିଷଠାରୁ ଭିନ୍ନ ରୂପେ, ଅର୍ଥାତ୍ ଉଚ୍ଚତର ରୂପେ ଉପସ୍ଥାପିତ କରିବା ପ୍ରବୃତ୍ତି ଆମ ସମସ୍ତଙ୍କ ମଧ୍ୟରେ ଅଳ୍ପବହୁତ ରହିଛି। ପୋଷାକପତ୍ର, ଚାଲିଚଳନ, କଥାବାର୍ତ୍ତାର ଭଙ୍ଗୀଠାରୁ ଆରମ୍ଭକରି ଅଧିକ ଧନ ଉପାର୍ଜନ କରି ଧନୀ ହେବା କିମ୍ବା ଜ୍ଞାନ ଉପାର୍ଜନ କରି ଜ୍ଞାନୀ ବୋଲାଇବା ଇତ୍ୟାଦି ଆକାଂକ୍ଷା ମୂଳରେ ଏହା ପ୍ରଚ୍ଛନ୍ନ ଭାବେ ନିହିତ। ସେଥିପାଇଁ ଆମେ ଜୀବନବ୍ୟାପୀ ପ୍ରତି ମୁହୂର୍ତ୍ତରେ ତତ୍ପର ରହିଥାଉ। ଏଥିରେ ସଫଳତା ଆମ ଅହଂକାରକୁ ସନ୍ତୁଷ୍ଟ କରେ ସତ, ତେବେ ସର୍ବଦା ଆମକୁ ରଖିଥାଏ ଶାରୀରିକ ତଥା ମାନସିକ ଚାପ ମଧ୍ୟରେ। ସମୟକ୍ରମେ ଜୀବନ ଅଧିକରୁ ଅଧିକ ପ୍ରତିଯୋଗିତାମୂଳକ ହୋଇଚାଲିଛି। ଫଳରେ ଏ ଚାପ ବଢ଼ିବାରେ ଲାଗିଛି। ଯେଉଁ ଦେଶ ଯେତେ ଉନ୍ନତ ସେଠାର ଲୋକଙ୍କଠାରେ ଏହା ସେତେ ଅଧିକ। ଫଳରେ ତାହାର କୁପରିଣାମ ପ୍ରକଟିତ ହେଉଛି ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଏବଂ ସାମାଜିକ ଜୀବନ ସମେତ ପ୍ରକୃତି ଓ ପରିବେଶ ଉପରେ। ଉଚ୍ଚ ରକ୍ତଚାପ, ମଧୁମେହ, ମାନସିକ ବିକୃତି, ହିଂସ୍ର ମନୋଭାବ ଆଦି ବ୍ୟାପକ ହେବାଠାରୁ ଆରମ୍ଭକରି ନିଜକୁ ବଡ଼ ବୋଲି ଉପସ୍ଥାପିତ କରିବା ଲାଗି ପ୍ରାକୃତିକ ସମ୍ପଦର ଦୁରୁପଯୋଗ ତଥା ବିବିଧ କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ଓ ପରିସଂସ୍ଥାକୁ କ୍ଷତି ପହଞ୍ଚାଇବା ଏହାର ଗୋଟିଏ ଗୋଟିଏ କୁପରିଣତି। ଏଥିରୁ ନା ମିଳୁଛି ସୁଖ ନା ଶାନ୍ତି। କେବଳ ଲୋଭ ଓ ଅହଂକାରର ମାୟାମୃଗ ପଛରେ ଧାଇଁବା ହିଁ ସାର ହେଉଛି।

ଅନ୍ୟପକ୍ଷରେ ସାଧାରଣ ମଣିଷଟିଏ ଭଳି ବଞ୍ଚିବା ମନକୁ ଚାପମୁକ୍ତ କରିଥାଏ। ଏଣୁ ଶାନ୍ତିରେ ବଞ୍ଚିହୁଏ। ଏ କଥା ଚିନ୍ତା କଲେ ମନକୁ ଆସେ ଇଂରେଜ କବି ଚାର୍ଲସ ମାକେଙ୍କ 'ମିଲର ଅଫ୍ ଦ ଡି'କବିତାଟି। ଏହି ପ୍ରସିଦ୍ଧ ଲୋକଗୀତରେ ସେ ସୂଚିତ କରିଛନ୍ତି, କିପରି ଜଣେ ଅଟାକଳ ଚଳାଉଥିବା ସାଧାରଣ ମଣିଷଟିଏ ବିତାଉଥିବା ଶାନ୍ତିପୂର୍ଣ୍ଣ ଜୀବନ ଦେଖି ସେଥିପ୍ରତି ଈର୍ଷାନ୍ୱିତ ହୋଇ ପଡ଼ିଥିଲେ ଇଂଲଣ୍ଡର ମହାମହିମ ରାଜା। ଏବେ ଆମେ ବସ୍ତୁବାଦର ଚରମସୀମାରେ ଉପନୀତ ହେଲା ପରେ କ୍ରମେ ଆମଠାରେ ଅନୁରୂପ ପ୍ରବୃତ୍ତି ଜାଗ୍ରତ ହେବାର ସୂଚନା ମିଳିଲାଣି। ଫଳରେ ଆମ ମଧ୍ୟରୁ ଅନେକେ ମାନସିକ ଚାପ ସୃଷ୍ଟିକାରୀ ଧନ ଓ ପ୍ରତିପତ୍ତି ଅପେକ୍ଷା ଅଧିକ ଚାହିଁଲେଣି ଶାନ୍ତିରେ ଅର୍ଥାତ୍ ସାଧାରଣ ମଣିଷ ଭାବେ ବଞ୍ଚିବାକୁ। ବିଶେଷକରି ଏଭଳି ମାନସିକତା ଅଧିକରୁ ଅଧିକ ଦାନା ବାନ୍ଧିବାରେ ଲାଗିଛି କର୍ମ ନିଶାଗ୍ରସ୍ତ ବା ୱାର୍କ ହୋଲିକ୍‌ସଙ୍କ ଦେଶ ଜାପାନ ସମେତ ଅନ୍ୟ କିଛି ଦେଶର ଯୁବମାନସରେ।

ନିଜକୁ 'ବୌଦ୍ଧ ଯୁବା' ବୋଲି ଅଭିହିତ କରୁଥିବା ଏମାନଙ୍କ ମତରେ ଆଜିକାଲି ଜୀବନ ଅତ୍ୟନ୍ତ ଜଟିଳ ଏବଂ କ୍ଳାନ୍ତିଯୁକ୍ତ ହୋଇପଡ଼ିଛି। ସେଥିପାଇଁ ଆମକୁ ସର୍ବଦା କିଛି ନା କିଛି ବିଷୟରେ ଚିନ୍ତାଗ୍ରସ୍ତ ରହିବାକୁ ପଡୁଛି। ଏଥିରୁ ମୁକ୍ତ ରହିବାକୁ ହେଲେ ସବୁ ପରିସ୍ଥିତିରେ ଶାନ୍ତ ଏବଂ ବ୍ୟାକୁଳତାହୀନ ହେବା ଦରକାର। ତାଙ୍କର ଏ ମାନସିକତାରେ ପ୍ରତିଫଳିତ ହେଉଛି ମହାଯୋଗୀ ଶ୍ରୀଅରବିନ୍ଦଙ୍କ ବାଣୀ- ଯଦି ତୁମେ ଯେପରି ଅଛ ସେଥିରେ ସନ୍ତୁଷ୍ଟ ନୁହଁ, ତେବେ ତୁମେ କଦାପି ସନ୍ତୁଷ୍ଟ ହୋଇପାରିବ ନାହିଁ। ତେଣୁ ସେମାନେ ଶ୍ରେଷ୍ଠତା ଲାଭ କରିବାର କୁକୁର ଧାଉଡ଼ିରେ ରହୁନାହାନ୍ତି ଏବଂ ବଡ଼ ବଡ଼ ଅସରନ୍ତି ସ୍ୱପ୍ନ ଦେଖି ତା'ପଛରେ ଅଣନିଃଶ୍ୱାସୀ ହୋଇ ଧାଉଁନାହାନ୍ତି। ବରଂ ସବୁ ସାଧାରଣ ମଣିଷଙ୍କ ଭିତରେ ନିଜକୁ ଅନ୍ୟତମ ବୋଲି ଧରିନେଇ ନିର୍ଲିପ୍ତ ଭାବେ କାମ କରିବାକୁ ପସନ୍ଦ କରୁଛନ୍ତି।

ସାଧାରଣତଃ ପିଲାମାନଙ୍କୁ ମା'ବାପା ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହାର ଠିକ୍ ଓଲଟା ଶିକ୍ଷା ଦିଅନ୍ତି। ସେମାନଙ୍କୁ ଅନ୍ୟମାନଙ୍କଠାରୁ ନିଜକୁ ଅଲଗା ବୋଲି ପ୍ରତିପାଦିତ କରିବା ତଥା ଶ୍ରେଷ୍ଠତା ପଛରେ ଧାଇଁବାକୁ ପ୍ରରୋଚିତ କରନ୍ତି। ଫଳରେ ସେମାନେ ନିଜ ଭାବାବେଗର ଅନୁଧାବନ କରିବା ପରିବର୍ତ୍ତେ ଏହା ହିଁ କରିବାକୁ ଲାଗନ୍ତି ଏବଂ ନିଜକୁ ଏକ ଚାପଗ୍ରସ୍ତ ବିଚିତ୍ର ବ୍ୟକ୍ତିତ୍ୱରେ ପରିଣତ କରିଦିଅନ୍ତି। ଏହା ମନକୁ ଆଣିଥାଏ ଆମେରିକୀୟ କବି ଉଇଷ୍ଟାନ୍ ଲ୍ୟୁଗ୍ ଏଭଡେନଙ୍କ 'ଦ ଆଭରେଜ' କବିତାର ପଂକ୍ତିଟିଏ। ଓଡ଼ିଆରେ ତାହାକୁ ନିମ୍ନୋକ୍ତ ରୂପେ ପ୍ରକାଶ କରାଯାଇପାରିବ। ମାତାପିତାଙ୍କର ଉଚ୍ଚାକାଂକ୍ଷା ସରଳ ଲଜ୍ଜାଶୀଳ ଶିଶୁଟିକୁ ଭୟଭୀତ କରି ପକାଇଲା। କୌଣସି ସାଧାରଣ ବୃତ୍ତିଟିଏ ଯଥେଷ୍ଟ ନୁହେଁ, ତାକୁ ସର୍ବୋଚ୍ଚରେ ପହଞ୍ଚି ନାୟକଟିଏ ହେବାକୁ ପଡିବ। ସେମାନଙ୍କ ଶ୍ରଦ୍ଧାଭାଜନ ହେବାକୁ ହେଲେ ମନ ଭିତରେ ତା'ର ନୀରବ ଅଶାନ୍ତି ଗର୍ଜନ କରିବାକୁ ଲାଗିଲା। ତଳକୁ ଚାହିଁ ସେ ଦେଖିଲା ଜଣେ ସାଧାରଣ ମଣିଷର ଛାୟା ଅସାଧାରଣ ହେବାକୁ ଉପେକ୍ଷା କରି ପଳାୟନ କଲା।

ଜଣେ ବ୍ୟକ୍ତିବିଶେଷ ହିସାବରେ ଈଶ୍ୱର ଆମକୁ ଏକ ନିର୍ଦ୍ଦିଷ୍ଟ ଦକ୍ଷତା ପ୍ରଦାନ କରିଛନ୍ତି। ତାହାକୁ ନୀଚ ବୋଲି ଭାବି ଅତିକ୍ରମ କରିବାକୁ ଚାହିଁଲେ ଆମେ ନିଶ୍ଚିତ ରୂପେ ବିଫଳ ହେବା। ସର୍ବକାଳୀନ ଶ୍ରେଷ୍ଠ ବୈଜ୍ଞାନିକ ଆଇନଷ୍ଟାଇନ ମଧ୍ୟ ଏହା ସ୍ୱୀକାର କରିଥିଲେ। ଏଣୁ ସେ କହିଥିଲେ, ଯେତେ ଚେଷ୍ଟା କଲେ ବି ଗାଈ ଗଛ ଚଢ଼ିବାକୁ କଦାପି କ୍ଷମ ହୋଇ ପାରିବ ନାହିଁ। ଏପରିସ୍ଥଳେ ଆମେ ପ୍ରତ୍ୟେକେ ନିଜ ଭିତରେ ଥିବା ଅନ୍ତର୍ନିହିତ ଗୁଣର ବିକାଶ ଲାଗି ଧ୍ୟାନଦେବା ଉଚିତ। ତାହା ଆମକୁ ଜଣେ ସାଧାରଣ ମଣିଷର ଶାନ୍ତ ସରଳ ଜୀବନ ଜିଇବାକୁ ଦେଇପାରିବ।



ବୌଦ୍ଧ ଯୁବାମାନେ ଏହାକୁ ହୃଦୟଙ୍ଗମ କରିଛନ୍ତି। ତାଙ୍କ ମତରେ ସବୁ କଥାକୁ ସମ୍ପୂର୍ଣ୍ଣ ତ୍ରୁଟିମୁକ୍ତ କରିବାକୁ ବସିଲେ ତାହା ଆମକୁ ଅମଣିଷ କରିଦିଏ। ଆମର ମାନବସୁଲଭ ଦୁର୍ବଳତାକୁ ଗ୍ରହଣ କରିବାର କ୍ଷମତା ଅପହରଣ କରିନିଏ ଏବଂ ଆମକୁ ପାଗଳାମି ଆଡକୁ ଠେଲିଦିଏ। ତେଣୁ ସେମାନେ କେବଳ ସାଧାରଣ ଭାବେ ବଞ୍ଚିବାକୁ ଚାହାନ୍ତି। ଏହି କାରଣରୁ ତାଙ୍କ ମଧ୍ୟରୁ ଅନେକେ ଏବେ ଉଚ୍ଚ ପଦପଦବୀ ପରିତ୍ୟାଗ କରି କୃଷି, ଶିକ୍ଷାଦାନ ଆଦି ସହଜ ସରଳ ବୃତ୍ତି ଆପଣାଇବାକୁ ଲାଗିଲେଣି।

ଏହାକୁ ଲକ୍ଷ୍ୟକରି କର୍ପୋରେଟ ଗୁରୁ ଆଜମୀ ଜମଲ କହନ୍ତି ଯେ, ଆଜିକାଲିର ଯୁବତୀଯୁବକମାନେ ଅତ୍ୟନ୍ତ ଆତ୍ମସଚେତନ। ସେମାନଙ୍କର ନିଜ କ୍ଷମତା ଓ ଦୁର୍ବଳତାର ମୂଲ୍ୟାୟନ କରିବାର ବେଶ୍ ଦକ୍ଷତା ରହିଛି। ସେମାନେ ପଦପଦବୀ ଓ ଅର୍ଥ ଉପାର୍ଜନର ମୂଲ୍ୟ ବୁଝନ୍ତି ଏବଂ ତା'ର ସସୀମତା ମଧ୍ୟ ବୁଝନ୍ତି। ଅତଏବ ସେମାନେ ଅନୁଭବ କରିବାକୁ ଲାଗିଲେଣି ଯେ, ତାଙ୍କ ପୂର୍ବବର୍ତ୍ତୀ ପିଢ଼ି 'ଆତ୍ମାରହିତ' ସଫଳତା ଏବଂ 'ବସ୍ତୁବାଦୀ ଲକ୍ଷ୍ୟ' ପଛରେ ଧାଇଁ ଧାଇଁ ନକାରାତ୍ମକ ଭାବପ୍ରବଣତାର ଭଉଁରି ଭିତରେ ନିଜକୁ ହଜାଇ ଦେଇଛନ୍ତି। ତାହା ତାଙ୍କୁ ସୁଖ କି ଶାନ୍ତି ଦେଇପାରିନି। ତେଣୁ ସେମାନେ ସେଥିରୁ ମୁକ୍ତ ହେବାକୁ ଚାହାନ୍ତି। ସେଥିପାଇଁ ନିଜକୁ ସାଧାରଣ ମଣିଷ ରୂପେ ଉପସ୍ଥାପିତ କରିବା ଏବଂ ସରଳ ଜୀବନ ଜିଇବା ଲାଗି ସେମାନେ କୁଣ୍ଠା ବା ଲଜ୍ଜାବୋଧ କରୁନାହାନ୍ତି। ଚାଲନ୍ତୁ ଆମେ ତାଙ୍କୁ ଅନୁସରଣ କରିବା। ତାହା କେବଳ ଯେ ଆମକୁ ପ୍ରକୃତ ସୁଖ ଓ ଶାନ୍ତିରେ ବଞ୍ଚିବାକୁ ସମର୍ଥ କରିବ ତା' ନୁହେଁ ସମଗ୍ର ବିଶ୍ୱକୁ ଯୁଦ୍ଧବିଗ୍ରହ ଓ ଆତଙ୍କବାଦରୁ ମୁକ୍ତ ଏବଂ ଏହାର ପରିବେଶ ଓ ପରିସଂସ୍ଥାର ସୁରକ୍ଷା ମଧ୍ୟ ସମ୍ଭବ କରିପାରିବ।

ଉଷାନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର,
ଭୁବନେଶ୍ୱର, ମୋ-୯୯୩୭୯୮୫୭୬୭

# ବ୍ରିଟେନ ଅର୍ଥମନ୍ତ୍ରୀ

ବ୍ୟକ୍ତିତ୍ୱ



ରିଷି ସୁନକ

ୟୁରୋପୀୟ ସଂଘ (ଇୟୁ)ରୁ ବ୍ରିଟେନ ଅଲଗା ହେବା (ବ୍ରେକ୍‌ଜିଟ୍) ପ୍ରସଙ୍ଗ ଅଦ୍ୟାବଧି ସେଠାରେ ସର୍ବାଧିକ ଚର୍ଚ୍ଚିତ ଘଟଣା ରହିଆସିଛି। ଏଭଳି ସ୍ଥଳେ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍ ମନ୍ତ୍ରିମଣ୍ଡଳରେ ଅଦଳବଦଳ କରିଛନ୍ତି। ଜନ୍‌ସନ୍‌ଙ୍କ ମୁଖ୍ୟ ଉପଦେଷ୍ଟା ଡୋମିନିକ୍ କୁମିଙ୍ଗ୍‌ସଙ୍କ ସହ ସରକାରଙ୍କ ନୀତିକୁ ନେଇ ମତଭେଦ ହେବା ପରେ ୧୩ ଫେବୃୟାରୀରେ ସାଜିଦ୍ ଜାଭିଦ ଅର୍ଥମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଫଳରେ ଯୁବ ଏମ୍‌ପି ରିଷି ସୁନକଙ୍କୁ ଜନ୍‌ସନ ଅର୍ଥମନ୍ତ୍ରୀ ପଦବୀରେ ଅବସ୍ଥାପିତ କରିଛନ୍ତି। ଭାରତୀୟ ବଂଶୋଦ୍ଭବ କଞ୍ଜରଭେଟିଭ୍ ପାର୍ଟି ନେତା ରିଷି ଇନ୍‌ଫୋସିସ୍‌ର ସହପ୍ରତିଷ୍ଠାତା ଏନ.ଆର୍. ନାରାୟଣମୂର୍ତ୍ତିଙ୍କ ଜ୍ୱାଇଁ ହୋଇଥିବାରୁ ଏହା ଭାରତୀୟଙ୍କ ପାଇଁ ଗର୍ବ ଆଣିଦେଇଛି। ଫଳରେ ତାଙ୍କ ରାଜନୈତିକ ଉତ୍ଥାନ ବିଷୟରେ ଜାଣିବାକୁ ସମସ୍ତଙ୍କ ଆଗ୍ରହ ରହିବା ସ୍ୱାଭାବିକ।

ଇଂଲଣ୍ଡର ସାଉଥ୍‌ହାମ୍ପଟନ୍‌ରେ ୧୨ ମେ ୧୯୮୦ରେ ରିଷି ଏକ ପଞ୍ଜାବୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପ୍ରାରମ୍ଭିକ ଶିକ୍ଷା ୱିଞ୍ଚେଷ୍ଟର କଲେଜରେ ହୋଇଥିଲା। ସେ ଅକ୍ସଫୋର୍ଡର ଲିଙ୍କନ୍ କଲେଜରୁ ଦର୍ଶନ, ରାଜନୀତି ଓ ଅର୍ଥନୀତି (ପିପିଇ)ରେ ପଢ଼ା ଶେଷ କରିବା ପରେ ଫୁଲ୍‌ବ୍ରାଇଟ୍ ସ୍କଲାର ଭାବେ ଷ୍ଟାନ୍‌ଫର୍ଡ ବିଶ୍ୱବିଦ୍ୟାଳୟରେ ଏମ୍‌ବିଏ ପଢ଼ିଥିଲେ। ମ୍ୟାନେଜ୍‌ମେଣ୍ଟ ଡିଗ୍ରୀ ଅର୍ଜନ କରିବା ପରେ ରିଷି ଗୋଲ୍‌ଡମ୍ୟାନ୍ ସାଚ୍‌ରେ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ। ୨୦୦୬ ମସିହାରେ ହେଜ୍ ଫଣ୍ଡ୍ ମ୍ୟାନେଜମେଣ୍ଟ ଫାର୍ମ 'ଚିଲ୍‌ଡ୍ରେନ୍ସ ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ୍ ମ୍ୟାନେଜମେଣ୍ଟ'ର ସହଯୋଗୀ ପାଲଟିଥିଲେ। ୨୦୦୯ରେ ସେ ଏହି କାର୍ଯ୍ୟରୁ ଅବ୍ୟାହତି ନେଇଥିଲେ। ୨୦୧୦ରେ ନିଜସ୍ୱ ହେଜ୍‌ଫଣ୍ଡ ସୃଷ୍ଟି କରି ସେଥିରେ ୭୦୦ ନିୟୁତ ଡଲାର ବିନିଯୋଗ କରିଥିଲେ। ଶ୍ୱଶୁର ବିଶ୍ୱର ଜଣେ ନାମକରା ଶିଳ୍ପପତି ହୋଇଥିବାରୁ ତାଙ୍କ ପଦାଙ୍କ ଅନୁସରଣ କରିଥିଲେ ରିଷି। ନାରାୟଣମୂର୍ତ୍ତିଙ୍କ ମାଲିକାନାରେ ଥିବା କାଟାମାରାନ୍ ଭେଞ୍ଚର୍ସରେ ତାଙ୍କୁ ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଥିଲା।

ରିଷିଙ୍କ ରାଜନୈତିକ ଅଭ୍ୟୁଦୟ ୨୦୧୪ରେ କଞ୍ଜରଭେଟିଭ୍ ପ୍ରାର୍ଥୀ ଚୟନ ହେବାରୁ ଆରମ୍ଭ ହୋଇଥିଲା। ସେ ବ୍ରିଟେନ୍ ପାର୍ଲାମେଣ୍ଟକୁ ୨୦୧୫ ସାଧାରଣ ନିର୍ବାଚନରେ ରିଚ୍‌ମଣ୍ଡରୁ ନିର୍ବାଚିତ ହୋଇଥିଲେ। ସୂଚନା ଦିଆଯାଇପାରେ ଯେ, ପୂର୍ବରୁ ଏହି ଆସନରୁ ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ୱିଲିୟମ୍ ହେଗ୍ ଜିତି ବ୍ରିଟେନ୍‌ର ଗୁରୁତ୍ୱପୂର୍ଣ୍ଣ ପଦବୀ ଅକ୍ତିଆର କରିପାରିଥିଲେ। ତେବେ ରିଷିଙ୍କୁ ୨୦୧୫ରୁ ୨୦୧୭ ଯାଏ ପରିବେଶ, ଖାଦ୍ୟ ଓ ଗ୍ରାମୀଣ ବ୍ୟାପାର ସଂକ୍ରାନ୍ତ ସିଲେକ୍ଟ କମିଟିର ସଦସ୍ୟ କରାଯାଇଥିଲା। ତାଙ୍କ ରାଜନୈତିକ ଆଭିମୁଖ୍ୟ ସ୍ପଷ୍ଟ ଥିବାରୁ ସେ ବ୍ରେକ୍‌ଜିଟ୍‌କୁ ସମର୍ଥନ କରିଛନ୍ତି। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି କାର୍ଯ୍ୟ କରିଥିବା ରିଷି ପ୍ରଧାନମନ୍ତ୍ରୀ ଜନ୍‌ସନଙ୍କ ଦ୍ୱାରା ଟ୍ରେଜେରିର ଚିଫ୍ ସେକ୍ରେଟାରୀ ଦାୟିତ୍ୱରେ ଥିବା ବେଳେ ଅନେକ ଦୃଢ଼ ନିଷ୍ପତ୍ତି ନେଇଥିଲେ। ଫଳରେ ତାଙ୍କୁ ପ୍ରିଭି କାଉନ୍‌ସିଲର ସଦସ୍ୟ କରାଯାଇଥିଲା। ୧୩ ଫେବୃୟାରୀରେ ହୋଇଥିବା ମନ୍ତ୍ରିମଣ୍ଡଳ ଅଦଳବଦଳରେ ରିଷିଙ୍କୁ ଅର୍ଥମନ୍ତ୍ରୀ କରାଯିବା ପରେ ଏବେ ବ୍ରିଟିଶ ପାର୍ଲାମେଣ୍ଟରେ ତାଙ୍କ ଭୂମିକା ବଢ଼ିଯାଇଛି। କୁହାଯାଉଛି ବ୍ରେକ୍‌ଜିଟ୍‌କୁ ନେଇ ବ୍ରିଟେନ୍ ଅର୍ଥନୀତି ଅନେକ ସମସ୍ୟା ଦେଇ ଗତି କରୁଛି। ଏଭଳି ଏକ ସମୟରେ ରିଷି ଆର୍ଥିକ ନୀତି ପ୍ରଣୟନ ଦିଗରେ କିଭଳି ପଦକ୍ଷେପ ନେଉଛନ୍ତି, ତାହା ଉପରେ ଦେଶବାସୀଙ୍କ ନଜର ରହିଛି।

ରିଷିଙ୍କ ପାରିବାରିକ ଇତିହାସ ଦେଖିଲେ ତାଙ୍କ ଜେଜେବାପା ଥିଲେ ପଞ୍ଜାବର ବାସିନ୍ଦା। କାର୍ଯ୍ୟ ଅନ୍ୱେଷଣରେ ପରିବାର ଲୋକେ ପୂର୍ବ ଆଫ୍ରିକା ଚାଲିଯାଇଥିଲେ। ୧୯୬୦ରେ ସେଠାରୁ ସେମାନେ ବ୍ରିଟେନ ପଳାଇଥିଲେ। ରିଷିଙ୍କ ବାପା ଯାଶଭିର୍ ଜଣେ ଡାକ୍ତର ଥିବା ବେଳେ ମାତା ଉଷା ଫାର୍ମାସିଷ୍ଟ ଭାବେ ଏକ ସ୍ଥାନୀୟ ଫାର୍ମାସୀ ଚଳାଉଥିଲେ। ୩ ସନ୍ତାନଙ୍କ ମଧ୍ୟରୁ ରିଷି ସମସ୍ତଙ୍କଠାରୁ ବଡ଼। ନିଜ କଥା ଦେଖିଲେ ନାରାୟଣମୂର୍ତ୍ତିଙ୍କ କନ୍ୟା ଅକ୍ଷତା ହେଉଛନ୍ତି ରିଷିଙ୍କ ସହଧର୍ମିଣୀ ଓ ଦୁଇ ସନ୍ତାନକୁ ନେଇ ତାଙ୍କ ସଂସାର।

**- ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଭଲ ଚାକିରି ଓ ଭଲ ଜାଗାରେ ବାହା ହୋଇ ଘରସଂସାର କରିବା ଲାଗି ସ୍ୱପ୍ନ ଦେଖନ୍ତି ଯୁବପିଢ଼ି। କିନ୍ତୁ ସ୍ୱାଧୀନତା ପ୍ରାପ୍ତିର ଦୀର୍ଘବର୍ଷ ପରେ ମଧ୍ୟ ରାସ୍ତା ଓ ପାଣି ଅଭାବରୁ ଏମାନେ ଅବିବାହିତ ରହିବା କଥା ବିଶ୍ୱାସ ହେଉ ନ ଥିଲେ ବି ସତ। ମଧ୍ୟପ୍ରଦେଶର ସନଚିରାୟା ଅଭୟାରଣ୍ୟରେ ଥିବା ୨୪ଟି ଗାଁରେ ଘଟୁଛି ଏମିତି ଘଟଣା। ଏହି ସବୁ ଗାଁର ଯୁବଗୋଷ୍ଠୀଙ୍କ ମଧ୍ୟରୁ ପ୍ରାୟ ୬୦ ପ୍ରତିଶତ ବାହା ହୋଇପାରିନାହାନ୍ତି। ଗତବର୍ଷ ସୁଦ୍ଧା ଅବିବାହିତ ୬୯୦ ଜଣ ମଧ୍ୟରୁ ୪୦ରୁ ଊର୍ଦ୍ଧ୍ୱ ବୟସର ଥିଲେ ୪୦୦ ଜଣ। ପାଣି ଅଭାବରୁ ଖରାଦିନେ ଏଠାକାର ଗ୍ରାମବାସୀ ଗାଁ ଛାଡି ବାହାରକୁ ଚାଲିଯାଆନ୍ତି। ଜଙ୍ଗଲିଆ ରାସ୍ତା ଏତେ ଖରାପ ଯେ, କେବଳ ମୋଟରସାଇକେଲ ଓ ସ୍କୁଟର ହିଁ ଯାଇହୁଏ। ଏଭଳି ସମସ୍ୟାରେ ଗାଁର ଝିଅପୁଅଙ୍କୁ କାହିଁକିବା କିଏ ବାହାହେବ ? ଏବେ ୩୪ କିମି ଲମ୍ବ ସଡକ ଛାଓ୍ୱନିରୁ ଘାଟିଗାଁ ଯାଏ ନିର୍ମାଣ କରାଯାଉଛି। ପ୍ରତି ଗାଁରେ ଟ୍ୟୁବୱେଲ ମଧ୍ୟ ବସାଯାଇଛି। ଏଣିକି ଗାଁଗୁଡିକରେ ସାହାନାଇ ବାଜିବ। ସେମାନଙ୍କ ପାଇଁ ଏହାଠାରୁ ବଡ଼ କଥା ଆଉ କ'ଣ ବା ଥାଇପାରେ!

## ଚିରନ୍ତନୀ

କେଉଁ ଜୋଛନା ମରଇ ତୋ ନୀଳ ଜଳେ
ମୋହରି ଜୋଛନା ସେ ଗୋ ଖେଳେ କଉଶଳେ
କାନ୍ଦଇ ତୋହରି ତୁଳ
ତୁଷାରେ ସେ କେଉଁ ଫୁଲ,
ମୋହରି ପରାଣ ପ୍ରିୟ ଏମାନ ସକଳେ। (ଚିତ୍ରୋତ୍ପଳା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଫେବୃୟାରୀ ୧୯୯୫

- ଜୁଲାଇ ମାସରେ ଭିଏତନାମ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ର ସହଯୋଗୀ (ଏସିଆନ) ସଂସ୍ଥାରେ ଯୋଗଦେବ ବୋଲି ଦେଶର ବିଦେଶ ମନ୍ତ୍ରୀ ପ୍ରକାଶ କରିଛନ୍ତି।
- ବୌଦ୍ଧିକ ସମ୍ପତ୍ତି ଅଧିକାର ଓ କପିରାଇଟ ସୁରକ୍ଷା ନେଇ ଆମେରିକା ଓ ଚାଇନା ମଧ୍ୟରେ କଥାବାର୍ତ୍ତା ଆରମ୍ଭ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 0 | | E | 8 | | | | | | | 1 | D | | 4 |
| | | | | | 4 | | | | | | 8 | | | |
| | B | | | 9 | | A | | | | D | | 5 | | |
| | 3 | | 7 | 1 | | | | 4 | 2 | | B | | C | E |
| | | | | | 0 | | 7 | 2 | | 6 | 9 | | | A |
| | 5 | D | 9 | 3 | | | | A | | | 6 | E | | 7 |
| | | | 6 | | | | 0 | | | | D | | | |
| | C | E | | 7 | | 2 | | | | | | 1 | | |
| | 8 | 7 | | | | | D | | | | | 6 | 2 | 3 |
| | | 6 | | C | E | | | | | | | | 8 | 9 |
| | | | 2 | | | | A | 1 | | 5 | 0 | | | |
| | | | 8 | | | | B | E | | 3 | 7 | 0 | D | |
| | 4 | 3 | 1 | | | | | | | | | 9 | | C |
| 8 | 6 | | 4 | B | | | | | | | C | | | 5 |
| 5 | | | | 6 | | | | 3 | 1 | 2 | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | C | 4 | A | 0 | E | 8 | 9 | 7 | 3 | D | B | 6 | 1 | 5 |
| 6 | 0 | D | C | 1 | 4 | 3 | B | 5 | E | 2 | 9 | 8 | 7 | A |
| 7 | 9 | 8 | 3 | D | 5 | 6 | 0 | 4 | A | 1 | C | 2 | E | B |
| 5 | B | 1 | 8 | 9 | 2 | A | E | D | 7 | 6 | 4 | C | 0 | 3 |
| E | 3 | A | 6 | 7 | B | C | 1 | 2 | 0 | 5 | 8 | 4 | 9 | D |
| 4 | 5 | 6 | 2 | A | 3 | B | 7 | 9 | 1 | 8 | D | 0 | C | E |
| 0 | A | 7 | 9 | E | D | 2 | 3 | 1 | C | B | 6 | 5 | 8 | 4 |
| C | D | 9 | 5 | B | 7 | E | 6 | 8 | 4 | 0 | A | 3 | 2 | 1 |
| 3 | 8 | 2 | 1 | 6 | C | 4 | D | 0 | 5 | E | 7 | A | B | 9 |
| 1 | E | B | 4 | 8 | 0 | 5 | A | C | 2 | 9 | 3 | 7 | D | 6 |
| D | 2 | 5 | 0 | 4 | 9 | 7 | 8 | B | 6 | 3 | 1 | E | A | C |
| 8 | 6 | 3 | E | C | 1 | 9 | 5 | A | B | 7 | 2 | D | 4 | 0 |
| A | 7 | C | B | 3 | 6 | D | 2 | E | 9 | 4 | 0 | 1 | 5 | 8 |
| B | 4 | 0 | 7 | 5 | 8 | 1 | C | 6 | D | A | E | 9 | 3 | 2 |
| 9 | 1 | E | D | 2 | A | 0 | 4 | 3 | 8 | C | 5 | B | 6 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜଳ ସଂରକ୍ଷଣ ଆବଶ୍ୟକ

ମହାଶୟ,

ଜଳ ବିନା ଜୀବଜଗତ ବଞ୍ଚିବା ଅସମ୍ଭବ। ବର୍ଷାଦିନେ ନଦୀ ଜଳପୂର୍ଣ୍ଣ ହୋଇଯାଉଛି। ମାତ୍ର କେତେଟା ଦିନ ପରେ ନଦୀନାଳ ଶୁଖିଯାଉଛି। ଗ୍ରୀଷ୍ମଋତୁରେ ପଶୁପକ୍ଷୀ ବୁନ୍ଦାଏ ପାଣି ପାଇଁ ତହଳବିକଳ ହେଉଛନ୍ତି। ନଦୀରେ ପାଣି ନ ରହିବାରୁ ଜଳସ୍ତର କମି କମି ଯାଉଛି। କୂଅ, ନଳକୂପ ଆଦି ଶୁଖିଯାଉଛି। ପାଣି ବିନା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସବୁ ଦୃଷ୍ଟିରୁ ସରକାର ଜଳ ସଂରକ୍ଷଣ କରିବା ଜରୁରୀ। ନଦୀ, ନାଳ ସବୁ ଖନନ କରି ଜଳ ସଞ୍ଚୟ କରିବା ଆବଶ୍ୟକ। ଜଳାଶୟମାନ ପୋତି ହୋଇଯିବାରୁ ଜଳ ସଂରକ୍ଷଣ ହୋଇପାରୁନାହିଁ। ଜଳ ସଂରକ୍ଷଣ ନ କରି ଜଳକୁ ନେଇ ରାଜନୀତି କରିବା ହାସ୍ୟାସ୍ପଦ। ଜନସାଧାରଣ ମଧ୍ୟ ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଭାବରେ ଜଳାଶୟଗୁଡ଼ିକୁ ପୁନରୁଦ୍ଧାର କରିପାରିଲେ ସମସ୍ତଙ୍କର ମଙ୍ଗଳ ହେବ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

### ପର୍ଯ୍ୟଟକ ସାବଧାନ

ଏବେ ପର୍ଯ୍ୟଟନ ଋତୁ। ଦୂରଦୂରାନ୍ତରୁ ପକ୍ଷୀ ଯେପରି ଉଡିଆସନ୍ତି ଚିଲିକାକୁ, ପର୍ଯ୍ୟଟକ ମଧ୍ୟ ସେପରି ନଦୀକୂଳ, ସମୁଦ୍ରତଟ, ପର୍ବତ, ବଣ ପାଖକୁ ବାଛନ୍ତି ଭୋଜିଭାତ କରି ଖୁସି ହେବାକୁ। ହେଲେ ପକ୍ଷୀମାନଙ୍କର ମାଂସକୁ ରୋଷେଇ ପାଇଁ ସଂଗ୍ରହ କରି ବନାନୀର ଶୋଭାକୁ ଉପଭୋଗ କରୁଥିବା ମଣିଷ ଚିନ୍ତା କରିପାରେ ନାହିଁ ଆମେ ଯେପରି ଆନନ୍ଦ ପାଇଁ ବ୍ୟାକୁଳ ଅନ୍ୟ ଜୀବ ମଧ୍ୟ ସେପରି ଆନନ୍ଦ ଅନ୍ୱେଷଣ କରିଆସିଛି। ପର୍ଯ୍ୟଟକ ଦଳ ପରିବେଶକୁ ଧ୍ୟାନ ନ ଦେଇ ଜଙ୍ଗଲରେ ଚୁଲି କରି ରୋଷେଇ କରୁଛନ୍ତି। ଗରିଷ୍ଠ ଭୋଜନ କରି ଉଦର ଶାନ୍ତିକରି ଆନନ୍ଦରେ ଚାଲିଗଲା ପରେ ଦେଖନ୍ତି ନାହିଁ ଏ ସ୍ଥାନରେ କେତେ ବର୍ଜ୍ୟବସ୍ତୁ ଛାଡି ଦେଇଯାଇଛନ୍ତି। ଏହାକୁ ପରିଷ୍କାର କରିବ କିଏ ? ସର୍ବୋପରି ଚୁଲିରେ ନିଆଁକୁ ସମ୍ପୂର୍ଣ୍ଣ ଅଣଦେଖା କରୁଛନ୍ତି। ପରେ ପବନ ଶୁଖିଲା ପତ୍ରର ସମ୍ମିଶ୍ରଣରେ ସେହି ନିଆଁ ବନାଗ୍ନି ସାଜି ଆଜି ଅଷ୍ଟ୍ରେଲିଆ ପରି ପରିସ୍ଥିତ ସୃଷ୍ଟି କରଛି। ଆଗାମୀ ଦିନରେ ବଣଭୋଜି ପାଇଁ ଆଉ ବଣ ରହିବ ତ ? ସେ କଥାକୁ ହେଜି ସୁଖ ଅନ୍ୱେଷୀ ପର୍ଯ୍ୟଟକମାନେ ସତର୍କ ହେବାକୁ ପାଠକ ଶ୍ରେଷ୍ଠ ବିଚାର କରେ।

ରମାକାନ୍ତ ପୁରୋହିତ, ନିରାକାରପୁର, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପୁଲ୍‌ୱାମା ଶହୀଦଙ୍କ ସ୍ମୃତିରେ କ୍ରିକେଟ ଟୁର୍ନାମେଣ୍ଟ

ପଡିଆବାହାଲ, ୧୫।୨ (ଡି.ଏନ.ଏ.)
ପୁଲୱାମା ଶହୀଦଙ୍କ ସ୍ମୃତିରେ ପଧାନପାଲି ଖେଳ ପଡିଆରେ ୧୬ଟି ଦଳକୁ ନେଇ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଶୁକ୍ରବାର ପ୍ରଥମ ଦିବସରେ ବିଶାଲଖିଣ୍ଡା ଦଳ ପ୍ରଥମ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ଶନିବାର ଦ୍ୱିତୀୟ ଦିବସରେ ଝାଙ୍କରପାଲି ଦଳକୁ ହରାଇ ପଡିଆବାହାଲ ଦଳ ଦ୍ୱିତୀୟ ସେମିଫାଇନାଲକୁ ପ୍ରବେଶ କରିଛି। ପବିତ୍ର ରଣା, ସରୋଜ ମେହେର, ସିଦ୍ଧେଶ୍ୱର ସୁହୁରା ଓ ପ୍ରକାଶ ବାଗ ଖେଳ ପରିଚାଳନା କରିଥିଲେ। ୧୮ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂଚନା ଦେଇଛନ୍ତି।

### ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇ ସ୍କୁଟିଚାଳକ ଗୁରୁତର

ରେଙ୍ଗାଲି,୧୫।୨(ଡି.ଏନ.ଏ.)
ରେଙ୍ଗାଲି ରାମଚନ୍ଦ୍ର ନଗର ୱାନ୍ ୱେ ପୁରୁଣାବସ୍ତି ସାପ୍ତାହିକ ବଜାର ନିକଟରେ ବିଦ୍ୟୁତ ପୋଲକୁ ଧକ୍କା ଦେଇ ଜଣେ ସ୍କୁଟି ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ରାମଚନ୍ଦ୍ରନଗରର କାହ୍ନୁଆ ମାହାଣା (୨୨)। ତାଙ୍କୁ ରେଙ୍ଗାଲି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ଭିମ୍‌ସାର ପଠାଯାଇଥିଲା ।

### ଶିକ୍ଷକଙ୍କୁ ଚାପୁଡା ଭିଡିଓ ଭାଇରାଲ

ସମ୍ବଲପୁର,୧୫।୨(ବ୍ୟୁରୋ)
ଯୁଯୁମୁରା ବ୍ଲକ ଅଞ୍ଚଳରେ ଗୋଟିଏ ସ୍କୁଲର ଜଣେ ଶିକ୍ଷକ ଛାତ୍ରୀମାନଙ୍କୁ ଅଶୋଭନୀୟ ବ୍ୟବହାର କରି ଗିରଫ ହୋଇଛନ୍ତି। ଏହି ଘଟଣାରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ତଦନ୍ତ ଜାରି ରହିଛି। ହେଲେ ସେଦିନ ସ୍କୁଲରେ ଜଣେ ଯୁବକ ସମ୍ପୃକ୍ତ ଶିକ୍ଷକଙ୍କୁ ଚାପୁଡା ମାରିବା ନେଇ ଏକ ଭିଡିଓ ଭାଇରାଲ ହୋଇଛି। ଏହି ଘଟଣାରେ ପୋଲିସ କିନ୍ତୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହିଁ। ବହି ଧରି ଶପଥ ପୂର୍ବକ ସେ କିଛି ଭୁଲ୍ କରି ନାହାନ୍ତି ବୋଲି ଭିଡିଓରେ ଶିକ୍ଷକ କହୁଛନ୍ତି। ତେବେ ଖବର ପାଇ ପୋଲିସ ସେଠାରେ ପହଞ୍ଚି ଶିକ୍ଷକଙ୍କୁ ଉଦ୍ଧାର କରିଥିଲା। ହେଲେ ତାଙ୍କୁ ମାଡ ମରାଯାଇ ନାହିଁ ବୋଲି ସଦର ଥାନା ଅଧିକାରୀ ଚିନ୍ତାମଣୀ ପ୍ରଧାନ କହିଛନ୍ତି।

# ଆନ୍ଦୋଳନରୁ ଓହରିଲେ ଆଇନଜୀବୀ

## ସ୍ୱାଭାବିକ ହେଲା କୋର୍ଟ କଚେରି କାର୍ଯ୍ୟ, ନାଗରିକ ମଞ୍ଚର ବିରୋଧ

ରେଢାଖୋଲ,୧୫।୨(ଡି.ଏନ.ଏ.)

ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ପଶ୍ଚିମ ଓଡିଶା ଓକିଲ ସଂଘ ସମୂହର କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଅନୁମୋଦନ ଓ ସମ୍ବଲପୁର ଜିଲା ଓକିଲ ସଂଘର ଆହ୍ୱାନ କ୍ରମେ ୨୦୧୮ ସେପ୍ଟେମ୍ବର ୬ ତାରିଖଠାରୁ ଚାଲି ଆସିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଏଠାରେ ପ୍ରତ୍ୟାହୃତ ହୋଇଛି। ରେଢାଖୋଲ ଓକିଲ ସଂଘର ଆନ୍ଦୋଳନ ଶନିବାର ପ୍ରତ୍ୟାହୃତ ହୋଇଛି। ଶନିବାର ଓକିଲମାନେ କାର୍ଯ୍ୟରେ ଯୋଗ ଦେବା ପରେ କୋର୍ଟ କଚେରି କାର୍ଯ୍ୟ ସ୍ୱାଭାବିକ ହୋଇଛି। ଶୁକ୍ରବାର ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଥିବା ସଂଘର ସଭାପତି ଅଭୟ କୁମାର ବୀର ଓ ସଂପାଦକ ଗଣେଶ୍ୱର ପ୍ରଧାନ ଜଣାଇଛନ୍ତି। ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ସମସ୍ତ ସଦସ୍ୟ ଯୋଗ ଦେଇ ଆନ୍ଦୋଳନ ପ୍ରତ୍ୟାହୃତ କରିବାକୁ ମତାମତ ଦେବା ପରେ ଏ ନେଇ ବିଭିନ୍ନ ଅଦାଲତ ସହ ରାଜ୍ୟ ବାର କାଉନସିଲକୁ ଲିଖିତ ଭାବେ ଜଣାଇ ଦିଆଯାଇଛି। ତେବେ ଓକିଲ ସଂଘର ଏହି ନିଷ୍ପତ୍ତିକୁ ରେଢାଖୋଲ ନାଗରିକ ମଞ୍ଚ ପକ୍ଷରୁ ବିରୋଧ କରାଯାଇଛି। ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହାର ନିଷ୍ପତ୍ତି ଜଣାପଡିବା ପରେ ଶନିବାର ଦିନ ୧୦ଟା ବେଳେ ନାଗରିକ ମଞ୍ଚର ଅନାଦି ଚରଣ ସାହୁଙ୍କ ନେତୃତ୍ୱରେ ନାଗରିକମାନେ କୋର୍ଟ ସମ୍ମୁଖରେ ଓକିଲମାନଙ୍କୁ କୋର୍ଟ ଭିତରକୁ ଯିବାକୁ ବାରଣ କରିଥିଲେ। ପଶ୍ଚିମ ଓଡିଶାର ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅନ୍ଦୋଳନ ପ୍ରତ୍ୟାହାର ନ କରିବାକୁ କହିଥିଲେ। ହେଲେ ଆନ୍ଦୋଳନର ରୂପରେଖ ଓ ରାଜ୍ୟ ବାର କାଉନସିଲଙ୍କ ଓକିଲମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଏବଂ ସର୍ବୋପରି ରାଜ୍ୟ ଆଇନ ବିଭାଗ ପକ୍ଷରୁ ଜାରି ହୋଇଥିବା ଅନ୍ୟ ଅଦାଲତକୁ କେସ୍ ରେକର୍ଡ ପଠାଯିବା ନେଇ ନାଗରିକ ମଞ୍ଚ ସହ ଆଲୋଚନା ପରେ ଓକିଲମାନେ କାର୍ଯ୍ୟରେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଓକିଲଙ୍କ ଏହି ଆନ୍ଦୋଳନକୁ ନେଇ ରାଜ୍ୟ ବାର କାଉନସିଲ ସଂଘର କାର୍ଯ୍ୟକର୍ତ୍ତାଙ୍କ ସହ ଓକିଲମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନର ଆଭିମୁଖ୍ୟ ରଖି ନୋଟିସ ଜାରି କରାଯାଇଛି। ରାଜ୍ୟ ଆଇନ ବିଭାଗ ପକ୍ଷରୁ ଆନ୍ଦୋଳନ ଚାଲିଥିବା କୋର୍ଟ ଗୁଡିକରୁ ଅନ୍ୟ ଅଦାଲତକୁ ମୋକଦ୍ଦମାଗୁଡିକ ପଠାଯିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାଦ୍ୱାରା ଓକିଲଙ୍କ ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଏକ ପ୍ରକାର ଉଦ୍ୟମ ଆରମ୍ଭ ହୋଇଛି। ୨୦୧୮ ସେପ୍ଟେମ୍ବର ୬ ତାରିଖରୁ ରେଢାଖୋଲ ଓକିଲ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଥିଲା। ଏହି ଆନ୍ଦୋଳନକୁ ରେଢାଖୋଲ ନାଗରିକ ମଞ୍ଚ ପୂର୍ଣ୍ଣ ସମର୍ଥନ କରିଥିଲା।



ରେଢାଖୋଲ ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ସରପଞ୍ଚମାନେ।

## ବନ୍ଦ ହୋଇଗଲା ବୈଠକ

ରେଢାଖୋଲ,୧୫।୨(ଡି.ଏନ.ଏ.)
ରେଢାଖୋଲ ପଞ୍ଚାୟତ ସମିତି ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ତେବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରକାଶିତ ହିତାଧିକାରୀ ତାଲିକାରେ ବହୁ ଯୋଗ୍ୟ ହିତାଧିକାରୀ ବାଦ୍ ପଡିଥିବା ନେଇ ସରପଞ୍ଚମାନେ ଅଭିଯୋଗ କରି ହଟ୍ଟଗୋଳ କରିଥିଲେ। ପୁନଃ ତାଲିକା ପ୍ରକାଶ କରାଯିବା ସହ ବୈଠକର ବିବରଣୀ ଜିଲାପାଳଙ୍କୁ ପଠାଯାଉ। ପୁନଃ ତାଲିକା ପ୍ରକାଶ ପର୍ଯ୍ୟନ୍ତ ବୈଠକକୁ ସ୍ଥଗିତ ରଖାଯାଉ ବୋଲି ସେମାନେ ଅଡି ବସିଥିଲେ। ଏଣୁ ବୈଠକର ମାତ୍ର ୨୦ ମିନିଟ ପରେ ବାଧ ହେଇ ଏହାକୁ ସ୍ଥଗିତ ରଖାଯାଇଛି। ବ୍ଲକ ଅଧକ୍ଷା କବିତା ପ୍ରଧାନ, ଉପାଧକ୍ଷ ଅନ୍ତର୍ଯ୍ୟାମି ପ୍ରଧାନ, ବିଡିଓ ପରିକ୍ଷିତ ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ତେବେ ୧୨୬୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇଛି। ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଗାଇଡ୍ ଲାଇନ୍ ଅନୁଯାୟୀ ଏହି ତାଲିକା ପ୍ରସ୍ତୁତ କରାଯାଇଛି ବୋଲି ବିଡିଓ ସାହୁ କହିଛନ୍ତି।

# ଏସ୍‌ୟୁ ଛାତ୍ରୀଛାତ୍ରଙ୍କ ଆମରଣ ଅନଶନ ଜାରି

ସମ୍ବଲପୁର,୧୫।୨(ବ୍ୟୁରୋ)

- ବୈଠକରେ ନିଷ୍ପତ୍ତି ହୋଇପାରିଲା ନାହିଁ
- ଦୁଇ ଛାତ୍ରୀଛାତ୍ର ଅସୁସ୍ଥ
- ପୋଲିସ ଜରିଆରେ ଦାବିପତ୍ର ଦେଲେ

ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ମେଡିକାଲ ଫିଜିକ୍ସ ପାଠ୍ୟକ୍ରମ (ଡିପ୍ଲୋମା) ପ୍ରଦାନ କରା ନ ଯାଇ କେବଳ ଫିଜିକ୍ସ ସ୍ନାତକୋତ୍ତର ପାଠ୍ୟକ୍ରମ ବ୍ୟବସ୍ଥା କରାଯିବାକୁ ନେଇ ଆନ୍ଦୋଳନ ଜାରି ରହିଛି। ଶନିବାର ପ୍ରଶାସନିକ କୋଠାରେ ଚାଲିଥିବା ଛାତ୍ରୀଛାତ୍ରଙ୍କ ଆମରଣ ଅନଶନ ଦ୍ୱିତୀୟ ଦିନରେ ପହଞ୍ଚିଛି। ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ଅର୍କ କେଶରୀ ମହାପାତ୍ର, ରେଜିଷ୍ଟ୍ରାର ସଞ୍ଜିତ ସାହୁ ଓ ସମସ୍ତ ବିଭାଗର ପ୍ରଫେସରଙ୍କୁ ନେଇ ଆଲୋଚନା ହୋଇଥିଲା । ହେଲେ ଏହି ସମସ୍ୟାର ସମାଧାନର ବାଟ ବାହାରି ନ ଥିଲା। ଅନ୍ୟପଟେ ଛାତ୍ରୀଛାତ୍ରଙ୍କୁ ପୋଲିସ ଦାବି ଉପରେ ଏକ ପତ୍ର ଦେବାକୁ କହିଥିଲା । ଏଣୁ ଛାତ୍ରୀଛାତ୍ର ପୋଲିସ ଜରିଆରେ ଏକ ଦାବିପତ୍ର ଦେଇଥିଲେ। ଜିଲାପାଳ, ଏସପି, କୁଳପତି, ୫-ଟି ବିଭାଗର ମୁଖ୍ୟଙ୍କୁ ନେଇ ଏକ ବୈଠକ କରାଯାଉ। ସେଥିରେ ଲିଖିତ ପ୍ରତିଶ୍ରୁତି ଦିଆଯାଉ । ବିଶ୍ୱବିଦ୍ୟାଳୟ ଉପରେ ଆଉ ଭରଷା କରାଯାଇ ନ ପାରେ। ଏହି ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନ ଓ ସରକାର ହସ୍ତକ୍ଷେପ କରନ୍ତୁ ବୋଲି ଛାତ୍ରୀଛାତ୍ର ଦାବି କରିଛନ୍ତି । ଅନ୍ୟପକ୍ଷେ ଆନ୍ଦୋଳନରେ ବସିଥିବା ଛାତ୍ର ଅଭିଷେକ ମହାନ୍ତି ଓ ଛାତ୍ରୀ ନିବେଦିତା ମହାନ୍ତି ଅସୁସ୍ଥ ହୋଇପଡିବାରୁ ଉଭୟଙ୍କୁ ବୁର୍ଲା ଭିମ୍‌ସାରକୁ ନିଆଯାଇଥିଲା। ଚିକିତ୍ସା ପରେ ନିବେଦିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହେବାରୁ ଛାଡି ଦିଆଯାଇଛି। ଅଭିଶେକ ଚିକିତ୍ସାଧୀନ ଅଛନ୍ତି।

# ପୁଣି ଆନ୍ଦୋଳନରେ ତଲାବିରା କୋଇଲା ଖଣି ବିରୋଧୀ



ତଲାବିରା କୋଇଲା ଖଣି କାମ ନେଇଥିବା ଠିକା କମ୍ପାନୀ ଅଫିସ ସମ୍ମୁଖରେ ଲୋକେ ଧାରଣାରେ ବସିଛନ୍ତି।

ସମ୍ବଲପୁର/ରେଙ୍ଗାଲି, ୧୫।୨(ବ୍ୟୁରୋ/ଡି.ଏନ.ଏ.)

ହକ୍ ମାଗିଲେ ଜେଲ୍ ପଠାଇ ଦେଉଛ। ଆମର ଜମିବାଡି, ଘରଦ୍ୱାର ସବୁ ଉଜାଡି ଦେଉଛ । ଆମେ ବେଘର ହୋଇ ଗଲୁ। କ୍ଷତିପୂରଣ ନାହିଁ କି ଚାକିରି ନାହିଁ । ଦାବି କଲେ ପୋଲିସ ଲଗାଇ ଜେଲ୍‌ରେ ପୂରାଇ ଦେଉଛ । ଆମର ସବୁ ଗଲା। ଏବେ ବଞ୍ଚି ଲାଭ କ'ଣ। ସମସ୍ତଙ୍କୁ ଗୁଳି ମାରିଦିଅ। ଜିଲା ପ୍ରଶାସନ ସ୍ଥାଣୁ ହୋଇ ବସିଛି। ବିସ୍ଥାପିତଙ୍କୁ ସବୁ ସୁବିଧାସୁଯୋଗ ଯୋଗାଇ ଦେବା ପାଇଁ ସରକାର ଦେଉଥିବା ପ୍ରତିଶ୍ରୁତି ଭୁଲି ଯାଉଛି। ତଲାବିରା କୋଇଲା ଖଣିରେ ଘରଦ୍ୱାର ହରାଇ ଥିବା ଲୋକେ ସରକାର ତଥା ପ୍ରଶାସନ ଉଦ୍ଦେଶ୍ୟରେ ଏଭଳି କହିଛନ୍ତି। ଖଣି କାମ ନେଇଥିବା ଠିକା କମ୍ପାନୀ ଅଫିସ ସମ୍ମୁଖରେ ଶନିବାର ମାତୃଭୂମି ସଂଗଠନ ନେତୃତ୍ୱରେ ତଲାବିରା କୋଇଲା ଖଣି ବିରୋଧୀଙ୍କ ପକ୍ଷରୁ ଧାରଣା ଦିଆଯାଇଥିଲା। ପୀତାମ୍ବର ବିଶ୍ୱାଳ ଏହାର ନେତୃତ୍ୱ ନେଇଥିଲେ। ୧୫ ଜଣ ଆନ୍ଦୋଳନକାରୀଙ୍କ ନାମରେ ହୋଇଥିବା ମାମଲା ପ୍ରତ୍ୟାହର କରିବା ପାଇଁ ଏମାନେ ଦାବି କରିଛନ୍ତି। ମାମଲା ଥିଲେ ସେମାନଙ୍କ ଭିବିଷ୍ୟତ ଅନ୍ଧାର ହୋଇଯିବ। ଏହା କିପରି ନ୍ୟାୟ ଅଟେ। କମ୍ପାନୀ ଦାବି ପୂରଣ କରୁ ବୋଲି ଏମାନେ କହିଛନ୍ତି। ତଲାବିରା କୋଇଲା ଖଣି ଜିଏମ୍ ସଞ୍ଜିତ କୁମାର ନାୟକଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରାଯାଇଛି। ସଦର ଏସ୍‌ଡିପିଓ ତପନ ମହାନ୍ତି, ଠେଲକଲୋଇ ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ, ହେମନ୍ତ କୁମାର ପାଣ୍ଡେ, ରାକେଶ ରଞ୍ଜନ ତିୱାରୀ, ଜଳନ୍ଧର ବୁଦ୍ଧିଆ, କିଶୋର ରୋହିଦାସ, ଜୟରାମ ରୋହିଦାସ, କବିସୂର୍ଯ୍ୟ ରାଉତ, ପ୍ରଫୁଲ୍ଲ ପଧାନ, ଶରତ କୁମାର ଭୋଇ, ଗୁରୁଦେବ ସାହୁଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଅଞ୍ଚଳବାସୀ ନିଜ ହକ୍ ପାଇଁ ଗତ ୧୦ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଖଣି କାମ ବନ୍ଦ କରିଦେଇ ଖଣି ଖନନ ଜାଗାରେ ଧାରଣାରେ ବସିଥିଲେ। ପ୍ରଶାସନିକ ଓ ଅଧିକାରୀ ଓ କମ୍ପାନୀ କର୍ତ୍ତୃପକ୍ଷ ବାରମ୍ବାର ଆଲୋଚନା କରିଥିଲେ ମଧ ଲୋକେ ସେମାନଙ୍କ ପ୍ରତିଶ୍ରୁତିକୁ ବିଶ୍ୱାସ ନ କରି ପ୍ରଥମେ ନିଯୁକ୍ତି ପତ୍ର ଧରିବାକୁ ଅଡି ବସିଥିଲେ। ଏଣୁ ଆଲୋଚନା ବିଫଳ ହୋଇଥିଲା। ହେଲେ ପୋଲିସ ଲଗାଇ ଏମାନଙ୍କୁ ୧୩ ତାରିଖରେ ଉଠାଇ ଦିଆଯାଇଥିଲା। ୧୫ ଜଣଙ୍କୁ ପୋଲିସ ଜେଲ୍ ପଠାଇ ଦେଇଛି।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ସନ୍ତୋଷୀ କ୍ଲବ ଚାମ୍ପିୟନ



ଧନକଉଡା ପଡିଆରେ ଆୟୋଜିତ ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ଖେଳାଳିଙ୍କ ସହ ଅତିଥିମାନେ ।

ସମ୍ବଲପୁର, ୧୫।୨ (ବ୍ୟୁରୋ)

ଗେଙ୍ଗୁଟିପାଲି ଜନାର୍ଦ୍ଦନ ଯୁବକ ସଂଘ ପକ୍ଷରୁ ଆୟୋଜିତ ୪୩ତମ ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଧନକଉଡା ପଡିଆଠାରେ ଉଦ୍‌ଯାପିତ ହୋଇଯାଇଛି । ସାକ୍ଷୀପଡା ସନ୍ତୋଷି କ୍ଲବ ଚାମ୍ପିୟନ ଓ ସର୍ଲାକାନୀ କ୍ଲବ ରନର୍ସ ଅପ୍ ଟ୍ରଫି ହାସଲ କରିଛି। ଫାଇନାଲ ମ୍ୟାଚ ସନ୍ତୋଷି ଓ ସର୍ଲାକାନୀ ମଧ୍ୟରେ ସଂଘର୍ଷପୂର୍ଣ୍ଣ ହୋଇଥିଲା । ଶେଷରେ ସନ୍ତୋଷି କ୍ଲବ ୧-୦ ଗୋଲରେ ବିଜୟୀ ହୋଇଥିଲା । ଦଳର ବିଜୁ ଓରାମ ଦର୍ଶନୀୟ ଗୋଲସ୍କୋର କରିଥିଲେ। ନେହେରୁ ଓରାମ, ଜୟରାଜ ଧର, କାର୍ତ୍ତିକ ଓରାମ, କିଶୋର ପଣ୍ଡା, ନନ୍ଦୁ ନାୟକ ମ୍ୟାଚ ପରିଚାଳନା କରିଥିଲେ । ପଦ୍ମନାଭ ମେହେର ମୁଖ୍ୟଅତିଥି, ବାଦଲ ଓରାମ ଓ ଅନିତା ଓରାମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ । ଅମିତ ଓରାମ, ଚନ୍ଦନ ଓରାମ, ସଂଗୀତା ଓରାମ, ଜଗଦିଶ ଓରାମ, ବନ୍ତି ମୁଣ୍ଡା, ବାବୁଲୁ ମୁଣ୍ଡା, ସୁକୁମାର ଓରାମ, ପପୁ ସାହୁ, ବୁଲୁ ସାହୁ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ । ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ ।

## ଫଟୋରେ ଖବର





ଶନିବାର ବିଭିନ୍ନ ଦାବି ନେଇ ସମ୍ବଲପୁର ରେଳ ଷ୍ଟେଶନର ସଫେଇ କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି (ବାମ)। ଶନିବାର ସମ୍ବଲପୁର ପିଏଚ୍‌ଡି ପଡିଆରେ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ମୂଲ୍ୟବୋଧ ଲୁଡୁ ଖେଳର ବିଜେତାଙ୍କୁ ପୁରସ୍କୃତ କରାଯାଉଛି ।

# ୨୦ରେ ଲ୍ୟାମ୍ପ୍ସରେ ତାଲା ପକାଇବେ ଚାଷୀ

କୁଚିଣ୍ଡା, ୧୫।୨ (ଡି.ଏନ.ଏ.)

**ଧାନ ବିକ୍ରି ପାଇଁ ଟୋକନ ସମସ୍ୟା**

କୁଚିଣ୍ଡା କୃଷି ଜିଲା ଅନ୍ତର୍ଗତ ପାରୁଆଭାଡି ସେବା ସମବାୟ ଅଧୀନରେ ଥିବା ଅନେକ ଚାଷୀ ଏ ପର୍ଯ୍ୟନ୍ତ ସେମାନଙ୍କ ଧାନ ବିକ୍ରି କରି ନ ପାରି ନାହାନ୍ତି। ଟୋକନ ସମସ୍ୟା ପାଇଁ ଏଭଳି ପରିସ୍ଥିତି ଉପୁଜିଛି। ଏହାକୁ ନେଇ ପାରୁଆଭାଡି ଜୟଜଗନ୍ନାଥ କୃଷକ ସଂଗଠନ ଏବଂ ବାଉରୀଗୋଡା ଜୟ କିସାନ କୃଷକ ସଂଗଠନର ବହୁ ଚାଷୀ ଶନିବାର ଲ୍ୟାମ୍ପ୍ସ ଘେରାଉ କରିଥିଲେ। ୨୦ ତାରିଖ ଦିନ ପାରୁଆଭାଡି ଲ୍ୟାମ୍ପ୍ସରେ ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପାରୁଆଭାଡି ଲ୍ୟାମ୍ପ୍ସ କର୍ତ୍ତୃପକ୍ଷଙ୍କୁ ଏ ନେଇ ଚେତାବନୀ ପତ୍ର ପ୍ରଦାନ କରିଛନ୍ତି। କୁଳମଣୀ ପୃଷେଠ, ଶିବନାରାୟଣ ନାୟକ, ଉପେନ୍ଦ୍ର କୁମାର ପଟେଲ, ହରିଶଙ୍କର ପଟେଲ, ଜନାର୍ଦ୍ଦନ ପୃଷେଠ, ଯୁଧିଷ୍ଠିର ନାୟକ, ମନୋଜ ପଟେଲ, ରମାକାନ୍ତ ସେନାପତିଙ୍କ ସମେତ ୨୫ରୁ ଊର୍ଦ୍ଧ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ତେବେ ଲ୍ୟାମ୍ପ୍ସ କର୍ତ୍ତୃପକ୍ଷଙ୍କ ସୂଚନାନୁସାରେ ରେଜିଷ୍ଟ୍ରେଶନ କରିଥିବା ଚାଷୀଙ୍କ ମଧ୍ୟରୁ ୭୩ ଜଣ ଚାଷୀଙ୍କ ଟୋକନ ଆସି ଫେରି ଯାଇଛି। ୭୨ ଜଣ ଚାଷୀଙ୍କ ଟୋକନ ଆଦୌ ଆସି ନ ଥିଲା । ଏଥିରେ ଅସନ୍ତୁଷ୍ଟ ଚାଷୀ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବାକୁ ଚାହୁଁଥିଲେ। ହେଲେ କିଛି ସୁଫଳ ନହେବାରୁ ୧୯ ତାରିଖ ଭିତରେ ଟୋକନ ନ ଦେଲେ ୨୦ରୁ ଲ୍ୟାମ୍ପ୍ସରେ ତାଲା ପକାଇବେ ବୋଲି କହିଛନ୍ତି।

# ଜିଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ:ଫୋରସି, ଉତ୍କଳ ସଂଘ ବିଜୟୀ

ସମ୍ବଲପୁର, ୧୫।୨ (ବ୍ୟୁରୋ)
ଜିଲାସ୍ତରୀୟ ଆନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ମ୍ୟାଚରେ ଫୋରସି ଓ ଉତ୍କଳ ସଂଘ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅଜିତପୁର କ୍ରୀଡା ସଂଘ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ଫୋରସି ଦଳକୁ ଆମନ୍ତ୍ରଣ କରିଥିଲା । ଫୋରସି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୭୦ ରନ୍ ସଂଗ୍ରହ କରିଥିଲା । ବ୍ୟାଟ୍ସମ୍ୟାନ ଆୟୁଷ ନାୟକ ୭୦ ରନ୍‌ରେ ୧୦୫ ରନ୍ ସଂଗ୍ରହ କରିଥିଲେ । ଅଜିତପୁର ବୋଲର ରତେଶ୍ୱର ମହାନ୍ତି ୨ଟି ଉଇକେଟ ହାସଲ କରିଥିଲେ। ୧୭୦ ରନ୍‌ର ପିଛା କରି ଅଜିତପୁର ୧୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୧ ରନ୍ କରି ପରାଜୟ ବରଣ କରିଥିଲା । ବ୍ୟାଟ୍ସମ୍ୟାନ ଅଭିନବ ସାମନ୍ତ ୨୪ ବଲ୍‌ରେ ୩୯ ରନ୍ କରିଥିଲେ । ଫୋରସି ବୋଲର ମହମ୍ମଦ ଇଜାକ୍ ୪ଟି ଓ ଶ୍ରେଷ୍ଠା ସିଂ ୩ଟି ଉଇକେଟ ହାସଲ କରିଥିଲେ । ମାନସ ମିଶ୍ର ଅତିଥି ଭାବେ ଯୋଗଦେଇ ଫୋରସି ବ୍ୟାଟ୍ସମ୍ୟାନ ଆୟୁଷ ନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ । ଦ୍ୱିତୀୟ ମ୍ୟାଚ୍ ଉତ୍କଳ ସଂଘ ବନାମ ମେହେତାବ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା । ଉତ୍କଳ ସଂଘ ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ୨୦ ଓଭରରେ ୬ ଉଇକେଟ ହରାଇ ୧୯୨ ରନ୍ ସଂଗ୍ରହ କରିଥିଲା । ଅନୁପ ପ୍ରଧାନ ୩୫ ବଲ୍‌ରେ ୬୧ ଓ ଧ୍ରୁତ ସାହୁ ୬ ବଲରେ ୨୪ ରନ୍ କରିଥିଲେ । ମେହେତାବ ବୋଲର ମହମ୍ମଦ ୱାସିମ ଓ ସୟଦ ଜ୍ୟାକି ୨ଟି ଲେଖାଏଁ ଉଇକେଟ ହାସଲ କରିଥିଲେ। ୧୯୩ ରନର ବିଜୟ ଲକ୍ଷ୍ୟ ନେଇ ମେହେତାବ ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୪୨ ରନ୍ ସଂଗ୍ରହ କରି ୫୦ ରନ୍ ବ୍ୟବଧାନରେ ପରାଜୟ ବରଣ କରିଥିଲା । ସୟଦ ଜ୍ୟାକି ୧୦ ବଲ୍‌ରେ ୨୫ ରନ୍ କରିଥିଲେ। ଉତ୍କଳ ସଂଘ ବୋଲର ଅବିନାଶ ନନ୍ଦ ୩ଟି ଓ ଧ୍ରୁତ ସାହୁ ୨ଟି ଉଇକେଟ ହାସଲ କରିଥିଲେ । ଜିଲା କ୍ରୀଡା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାର ଓ କାଉନସିଲ ସଭ୍ୟ ସୁବୋଧ ସାହୁ ଅତିଥି ଭାବେ ଯୋଗଦେଇ ଧ୍ରୁତ ସାହୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ମହମ୍ମଦ ଇସାକ, ଗୁରଦୀପ ସିଂ, ସୁନୀଲ ସାହୁ ମ୍ୟାଚ ପରିଚାଳନା କରିଥିଲେ । ମହମ୍ମଦ ନିଜାମ୍ ଖାନ୍ ସ୍କୋରର ଥିଲେ ।



ସମ୍ବଲପୁର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଧ୍ରୁତ ସାହୁଙ୍କୁ ଅତିଥିମାନେ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି ।

# ଭୁବନେଶ୍ୱର ମହାନଗର ନିଗମ

ସଂଖ୍ୟା 4715 ତା 12/02/2020

## ଗୃହ ଟିକସ (ହୋଲ୍ଡିଂ ଟ୍ୟାକ୍ସ) ଖିଲାପକାରୀଙ୍କୁ ନୋଟିସ୍

No. C-509:- ଏତଦ୍ୱାରା ନିମ୍ନଲିଖିତ ବାକିଆ ଗୃହଟିକସ (ହୋଲ୍ଡିଂ ଟ୍ୟାକ୍ସ) ଖିଲାପକାରୀମାନଙ୍କୁ ଭୁବନେଶ୍ୱର ମହାନଗର ନିଗମ ତରଫରୁ ଡ଼ିସେମ୍ବର ୨୦୧୯ ରେ ରେଡ୍ ନୋଟିସ୍ ଜାରି କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେମାନେ ତାଙ୍କର ଗୃହଟିକସ ପୈଠ କରିନାହାନ୍ତି ।

ଏଣୁ ନିମ୍ନଲିଖିତ ଖିଲାପକାରୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା ୨୮.୦୨.୨୦୨୦ ରିଖ ମଧ୍ୟରେ ବାକିଆ ଗୃହଟିକସ ପୈଠ ନକଲେ Odisha Public Demand Recovery Act, 1962 ଅନୁଯାୟୀ ସାର୍ଟିଫିକେଟ୍ କେସ୍ ମାଧ୍ୟମରେ ବାକିଆ ଗୃହଟିକସ ଆଦାୟ କରାଯିବ ଓ ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ ଆକ୍ଟ-୨୦୦୩ ର ବିଭିନ୍ନ ଧାରା ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ ।

ଖିଲାପକାରୀଙ୍କ ସବିଶେଷ ତାଲିକା BMC Website-www.bmc.gov.in ରେ ମଧ୍ୟ ଉପଲବ୍ଧ ଅଛି ଓ ଗୃହଟିକସ (ହୋଲ୍ଡିଂ ଟ୍ୟାକ୍ସ) ଖିଲାପକାରୀମାନଙ୍କ ନାମ ନିମ୍ନରେ ଦିଆଗଲା ।

| Sl. No. | Ward No. | Holding No. | Name & Address of the defaulters | Amount |
|---|---|---|---|---|
| 1 | 2 | 26980 | Kamal Kapoor 516/1676, Sampark Vihar | 46,412.00 |
| 2 | 2 | 11957 | Smt. Santilata Mohanty Dpx-3, Maruti Villa, Patia | 1,85,640.00 |
| 3 | 2 | 12421 | Smrutiranjan Das & Aradhana Das D-15, Aryapalli, Patia, Bhuabneswar | 1,21,384.00 |
| 4 | 2 | 19545 | Dharanidhar Dash Starcity Apt, Bhubaneswar | 20,944.00 |
| 5 | 3 | 13059 | Subash Ch Patnaik 516/17929, Khadim Show Room, Magnetic Srq, Patia, Bbsr | 22,208.00 |
| 6 | 3 | 24662 | Sujata Mohapatra 522/2574, Patia Stn Road | 2,72,432.00 |
| 7 | 3 | 19558 | Pruthiraj Jena, Bijay Jena, Adhiraj Jena 442/398/4322, Xavier Int School, Patia | 2,14,180.00 |
| 8 | 3 | 12748 | Sasmita Samal Mig-70, Ph-Ii, Kanan Vihar, Patia | 10,920.00 |
| 9 | 3 | 19564 | Balaram Jena Shop No-04, Ph-Ii, Kanan Vihar | 19,089.00 |
| 10 | 4 | 6155 | Gajanan Agrawal Plot No-243 & 245, Nh-5, Pahal, | 94,96,244.00 |
| 11 | 4 | 4546 | Mohit Ku Aagrawal Plot No-63, Nh-5Pahal, | 1,02,160.00 |
| 12 | 4 | 8304 | Niranjan Rana Plot No-91, Nh-5Pahal, | 1,34,484.00 |
| 13 | 4 | 8011 | Sri Bharat Motors, Anita Didwania Plot No-212 & 203, Nh-5Pahal, | 94,33,332.00 |
| 14 | 4 | 6759 | Bharat Motors, Ommprakash Didwania Plot No-214 & 217, Nh-5 Pahal, | 61,10,568.00 |
| 15 | 4 | 6020 | Global Intstitute Plot 1717, Hanspal | 11,87,424.00 |
| 16 | 4 | 8052 | Ashok Ku Mohapatra Plot 1165, Naharkanta | 13,79,592.00 |
| 17 | 4 | 7584 | Apex B-Tech College Plot No-96, Nh-5 Pahal, | 2,71,58,768.00 |
| 18 | 4 | 4698 | Family Planning Plot No. 262/1970, Hanspal | 2,43,756.00 |
| 19 | 4 | 6278 | Sonali Mohapatra Plot No.531/337, Nh-5, Rudrapur | 5,99,168.00 |
| 20 | 4 | 9094 | Birendra Kumar Dhawan Plot No-182/2194, Nh-5 Pahal, | 23,91,440.00 |
| 21 | 4 | 8124 | Prutiraj Ray Plot No.182/2194, Nh-5, Rudrapur | 79,152.00 |
| 22 | 4 | 6776 | Niranajna Rana Plot No-91, Nh-5 Pahal, | 1,11,980.00 |
| 23 | 4 | 10635 | Sriram Building Construction C/O Suresh Kumar Patal Hanspal | 10,50,660.00 |
| 24 | 4 | 7963 | Krupa Filling Stn Plot No-1159, | 45,860.00 |
| 25 | 4 | 6569 | Swarnamanjari Devi Plot No-90,Pahal | 37,344.00 |
| 26 | 4 | 6616 | S Behera Plot No-16,Pahal | 21,728.00 |
| 27 | 4 | 9019 | Ranjit Singh Jain Plot No-08,Jayapur | 34,59,360.00 |
| 28 | 4 | 6491 | Manish Ku Agarwalla C/O-Pramod Ch Rath Plot No-445,Infront Of Lakheswar Petrol Pump | 91,140.00 |
| 29 | 4 | 9461 | Jyoti Infrastructure Pvt Ltd Utkal Signature,Pahal | 2,39,240.00 |
| 30 | 4 | 9839 | Ganapati Sahoo & Piyush Sahoo | 47,036.00 |
| 31 | 4 | 6376 | R Chouhan & Others Plot No-809/2187, Puri, Ratnapur | 19,128.00 |
| 32 | 4 | 8081 | Vijaya Ku Gupta | 15,520.00 |
| 33 | 4 | 11112 | Rabindra Nath Panda | 2,24,185.00 |
| 34 | 4 | 11144 | Dibakar Mohanty | 2,23,125.00 |
| 35 | 5 | 10055 | Amarenda Dash 592/6399/6402, Sameigadia, Chakeishiani, Bhubaneswar | 24,180.00 |
| 36 | 5 | 20109 | Lalatendu Pati & Sasilendu Pati 409, Sameigadia, Chakeishiani, Bhubaneswar | 11,444.00 |
| 37 | 5 | 513 | Bhaskar Swain & Others Palasuni, Pandara | 12,280.00 |
| 38 | 5 | 4544 | Bhagban Sahoo Palasuni, Pandara | 23,751.00 |
| 39 | 5 | 6319 | Debendra Sethy Palasuni, Pandara | 16,940.00 |
| 40 | 5 | 6602 | Ambika Parida Palasuni, Pandara | 14,280.00 |
| 41 | 5 | 9142 | Ramesh Panigrahi Plot No-1726/11394, Satya Vihar, Pandara | 1,87,880.00 |
| 42 | 5 | 10996 | Suvendu Mohapatra Plot No-1582/ 5955 Satya Vihar, Pandara | 1,11,208.00 |
| 43 | 6 | 12137 | B.Khuntia Plot No - 427 | 44,128.00 |
| 44 | 6 | 15852 | Dr Kanungo Plot No -4718 | 18,744.00 |
| 45 | 6 | 16693 | Smt T.Swain Plot No -4718 | 29,772.00 |
| 46 | 6 | 21133 | Jyotshna Kumari Biswa Plot No -46 | 1,71,360.00 |
| 47 | 6 | 21828 | Balaram Swain Plot No -Ga -133 | 2,16,884.00 |
| 48 | 6 | 24519 | Sukanta Ku Tripathy Plot No - Ga-52 | 20,040.00 |
| 49 | 6 | 5436 | S Pattnaik Plot No -58/2694 | 20,012.00 |
| 50 | 6 | 15999 | Hari Bandhu Mohanty Plot No -370/3011 | 1,07,104.00 |
| 51 | 6 | 12070 | Rajani Kanta Mohanty Plot No -370/1861 | |
| 52 | 6 | 17189 | Sanjaya Behera Plot No -369/2168/4169 | 7,10,536.00 |
| 53 | 6 | 18005 | B.K Pattnaik Plot No -370/2119 | 1,33,644.00 |
| 54 | 6 | 16315 | Biswajieet Pattnaik Plot No -306(P) | 2,22,740.00 |
| 55 | 6 | | S. Pasupati Pvt. Ltd. Plot No -386 Sp-21 | 59,300.00 |
| 56 | 6 | | Chakradhara Panda Plot No -435/1865 | 55,340.00 |
| 57 | 7 | 24214 | Muralidhar Sahoo Plot No - 9 Ss Vihar | 14,532.00 |
| 58 | 8 | 19864 | Vishal Kumar Dey Plot No -62/A,Prachi Enclave Cs Pur | 56,228.00 |
| 59 | 8 | 13772 | Dhaneswar Jena Plot No -12, District Centre,Cs Pur | 10,668.00 |
| 60 | 8 | 12502 | A.K Nayak Plot No -18, District Centre,Cs Pur | 10,640.00 |
| 61 | 8 | 12656 | B.N Pattnaik Plot No -30, District Centre,Cs Pur | 11,872.00 |
| 62 | 8 | 12515 | J.K Rath Plot No -31, District Centre,Cs Pur | 18,240.00 |
| 63 | 8 | 11748 | Dr Mmata Mohanty Plot No -279, District Centre,Cs Pur | 11,228.00 |
| 64 | 8 | 12916 | Smt M Behera Plot No -321, District Centre,Cs Pur | 53,660.00 |
| 65 | 8 | 14361 | Smt. Puspanjali Behera Plot No -328, District Centre,Cs Pur | 36,024.00 |
| 66 | 8 | 16413 | Dharani Dhara Patra Plot No -308, District Centre,Cs Pur | 3,11,824.00 |
| 67 | 8 | 19506 | Biswajit Khuntia Plot No -66, District Centre,Cs Pur | 10,500.00 |
| 68 | 8 | 25275 | Sri Ashis Ranjan Khuntia Plot No -313, District Centre,Cs Pur | 2,61,788.00 |
| 69 | 8 | 25285 | Sri Laxmidhar Jena Plot No -319/A, District Centre,Cs Pur | 1,61,468.00 |
| 70 | 8 | 20482 | Sarada Prasad Satapathy Plot No -275, District Centre,Cs Pur | 22,336.00 |
| 71 | 8 | 24298 | Sri Bijay Ku Nayak Plot No -335, District Centre,Cs Pur | 9,436.00 |
| 72 | 8 | 25626 | Sri Ramakanta Behera Plot No -322, District Centre,Cs Pur | 1,22,416.00 |
| 73 | 8 | 26700 | Smt Manjushree Sahoo Plot No -199, District Centre,Cs Pur | 52,208.00 |
| 74 | 8 | 26745 | Smt Bidyulata Dei Plot No -280, District Centre,Cs Pur | 71,652.00 |
| 75 | 8 | 24750 | Smt Suswapna Acharya Plot No -252, District Centre,Cs Pur | 73,108.00 |
| 76 | 8 | 27044 | Smt Bithika Das Plot No -83, District Centre,Cs Pur | 1,40,148.00 |
| 77 | 8 | 27003 | Smt Kamal Mishra Plot No -140, District Centre,Cs Pur | 58,008.00 |
| 78 | 8 | 27051 | Debabrat Amarnath Plot No -314, District Centre,Cs Pur | 2,60,708.00 |
| 79 | 8 | 9384 | Pratima Mishra Plot No -3/9 Vip Enclave C.S Pur | 21,420.00 |
| 80 | 8 | 8146 | Krushna Mohan Sahoo & Basanti Sahoo Plot No - 1881/384 Near P.N Bank C.S Pur | 17,388.00 |
| 81 | 9 | 10094 | Sanghamitra Pattnaik Plot No -A/1905,Sri Arobinda Nagar | 57,980.00 |
| 82 | 9 | 24797 | Smt Minati Rout Plot No -332/1803/2631 C.S Pur Near | 10,820.00 |
| 83 | 11 | 1594 | K.C Tripathy Dia - 52,Vss Nagar | 32,940.00 |
| 84 | 11 | 1835 | S.B Mohapatra Cm-4,Vss Nagar | 13,920.00 |
| 85 | 11 | 1031 | Jayakrushna Kasta Bm-18 ,Vss Nagar | 10,240.00 |
| 86 | 11 | 807 | Arun Ku Mathan Bm-100,Vss Nagar | 34,776.00 |
| 87 | 13 | 4653 | Aswin Kumar Mohanty Shop No-27,Bda Market Complex,Cs Pur | 10,580.00 |
| 88 | 15 | 10401 | K Anand Mohantyplot No- N/426,I.R.C.Village ,Nayappali | 12,57,789.00 |
| 89 | 15 | 3521 | B.Ray,Plot No-N-4,/237 ,Irc Village,Nayapalli | 12,36,037.00 |
| 90 | 15 | 13137 | The M.D Hotel Bari International,Plot No-B/6,I.R.C.Village ,Nayappali | 1,85,052.00 |
| 91 | 16 | 11330 | Smt Sarala Goswami Maitri Vihar D-24 | 5,97,996.00 |
| 92 | 16 | 18809 | Khirod Ku Sahoo Plot No -2 Maitri Vihar | 2,54,500.00 |
| 93 | 16 | 18810 | Binod Ku Sahoo Plot No -3,Maitri Vihar | 2,03,600.00 |
| 94 | 16 | 19407 | Pramod Ku Behera Phase -1,S-25,Maitri Vihar | 50,432.00 |
| 95 | 16 | 11159 | Kamala Prasad Pattnaik Phase -1,S-35,Maitri Vihar | 58,563.00 |
| 96 | 16 | 14099 | Jayanti Sahoo Plot No-258 J. Vihar | 2,45,434.00 |
ଲିଗ୍ ପର୍ଯ୍ୟାୟରେ ଦଳର ଉତ୍‌ଥାନ ପତନ ଦେଖିବାକୁ ମିଳିଲା। କିଛି ମ୍ୟାଚ୍‌ରେ ପରାଜୟ ହେବା ସତ୍ତ୍ୱେ ଦଳର ପ୍ରଦର୍ଶନ ଅତ୍ୟନ୍ତ ଖରାପ ଦେଖିବାକୁ ମିଳିନି। ବ୍ୟକ୍ତିଗତ ଭାବେ ପ୍ରତ୍ୟେକ ଖେଳାଳି ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଅଧିନାୟକ ଶୁଭ୍ରାଂଶୁ ଫାଇନାଲ ମ୍ୟାଚ୍‌ରେ ଶତକ ହାସଲ କରିବା ପରେ ଦଳର ବ୍ୟାଟିଂ ଲାଇନଅପ ଦୃଢ଼ ହୋଇଛି ବୋଲି ମୁଁ ଭାବୁଛି। କ୍ୱାର୍ଟର ଫାଇନାଲକୁ ନେଇ ଆମେ ପ୍ରସ୍ତୁତ ଅଛୁ।

–ରଶ୍ମିରଞ୍ଜନ ପରିଡ଼ା, କୋଚ୍

# ଆଫ୍ରିଦୀଙ୍କ ପଞ୍ଚମ କନ୍ୟା ସନ୍ତାନ



**ଇସଲାମାବାଦ,୧୫।୨**

ପାକିସ୍ତାନର ପୂର୍ବତନ ଅଧିନାୟକ ଶାହିଦ ଆଫ୍ରିଦୀଙ୍କ ଘର ପଞ୍ଚମ ଥର ବାପା ହେବାର ସୁଃଖ ପାଇଛନ୍ତି। ଏ ନେଇ ସେ ନିଜେ ସୂଚନା ଦେଇଛନ୍ତି। ପଞ୍ଚମ କନ୍ୟାର ବାପା ହୋଇଥିବାରୁ ସେ ନିଜକୁ ଭାଗ୍ୟବାନ ବୋଲି ମନେ କରୁଛନ୍ତି। ଟୁଇଟ୍‌ରେ ଶେୟାର କରିଥିବା ଫଟୋ ଆଫ୍ରିଦୀ ଜଣେ ଶିଶୁ କନ୍ୟାଙ୍କୁ ହାତରେ ଧରିଥିବାବେଳେ ସ୍ତ୍ରୀ ନାଦିଆ ପାଖରେ ଛିଡ଼ା ହୋଇଛନ୍ତି। ଅନ୍ୟ ୪ ଝିଅ ଅକ୍‌ସା, ଅଂଶା, ଅଜୱା ଓ ଅସମାରା ମଧ୍ୟ ଫଟୋରେ ଅଛନ୍ତି। ଏହି ଫଟୋ ସୋସିଆଲ ମିଡିଆରେ ବହୁ ପ୍ରଶଂସକ ଶୁଭେଚ୍ଛା ଜଣାଇଥିବାବେଳେ କିଛି ସମାଲୋଚନା କରିଛନ୍ତି।

# ସେମିରେ ହାରିଲା ଭାରତ

**ମାନିଲା (ଫିଲିପାଇନ୍ସ), ୧୫।୨ (ପି.ଟି.)**

ଭାରତୀୟ ପୁରୁଷ ଦଳ ଏଠାରେ ଚାଲିଥିବା ଏସିଆନ ଟିମ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ସେମିଫାଇନାଲରୁ ବିଦାୟ ନେଇଛି। ଦଳ ୨-୩ରେ ଦୁଇଥର ଚାମ୍ପିୟନ ଇଣ୍ଡୋନେସିଆଠାରୁ ପରାସ୍ତ ହୋଇଛି। ତେବେ ଏସିଆନ ଗେମ୍ସ ଚାମ୍ପିୟନ ଜୋନାଟାନ କ୍ରିଷ୍ଟିଙ୍କ ବିପକ୍ଷରେ ଲକ୍ଷ୍ୟ ସେନ୍ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ଦ୍ୱିତୀୟ ସିଙ୍ଗଲ୍ସରେ ବିଶ୍ୱର ୩୧ନମ୍ବର ମାନ୍ୟତାପ୍ରାପ୍ତ ଲକ୍ଷ୍ୟ ବିଶ୍ୱର ୭ ନମ୍ବର ଖେଳାଳି ଜୋନାଟାନଙ୍କୁ ୨୧-୧୮, ୨୨-୨୦ରେ ହରାଇ ଦେଇଥିଲେ। ଆନ୍ଥୋନୀ ଜିନ୍‌ଟିଙ୍ଗଙ୍କ ବିପକ୍ଷ ପ୍ରଥମ ସିଙ୍ଗଲ୍ସର ଓପନିଂ ଗେମ୍‌ରେ ୬-୨୧ରେ ପଛୁଆ ଥିବା ଅବସ୍ଥାରେ ବି. ସାଇ ପ୍ରଣୀଥ ମ୍ୟାଚରୁ ଓହରି ଯାଇଥିଲେ। ଡବଲ୍ସ ଯୋଡ଼ି ଏମ୍. ଆର୍. ଅର୍ଜୁନ ଏବଂ ଧ୍ରୁବ କାପିଲା ଲଚୁଆ ପ୍ରଦର୍ଶନ କରି ତିନିଥର ବିଶ୍ୱ ଚାମ୍ପିୟନ ତଥା ଦ୍ୱିତୀୟ ର୍‍ୟାଙ୍କିଂପ୍ରାପ୍ତ ମହମ୍ମଦ ଅହସାନ ଏବଂ ହେଣ୍ଡ୍ରା ସେଟିୱାନ ଯୋଡ଼ିଙ୍କଠାରୁ ୧୦-୨୧, ୨୧-୧୪, ୨୧-୨୩ରେ ପରାଜିତ ହୋଇଥିଲେ। ଏହାଦ୍ୱାରା ଇଣ୍ଡୋନେସିଆ ୨-୧ରେ ଅଗ୍ରଣୀ ଲାଭ କରିନେଇଥିଲା। ପରେ ତୃତୀୟ ସିଙ୍ଗଲ୍ସରେ ୨୦୧୮ ସାରଲରଲକ୍ସ ଓପନ ଚାମ୍ପିୟନ ଶୁଭଙ୍କର ଦେ ବିଶ୍ୱର ୨୦ ନମ୍ବର ଖେଳାଳି ଶେସାର ହିରେନ୍ ରୁସ୍ତାଭିଟୋଙ୍କ ବିପକ୍ଷରେ ୨୧-୧୭, ୨୧-୧୫ରେ ଚମକପ୍ରଦ ବିଜୟ ହାସଲ କରିବା ଦ୍ୱାରା ଭାରତ ପୁଣି ମୁକାବିଲାକୁ ୨-୨ ସ୍ତରକୁ ନେଇଆସିଥିଲା। ମାତ୍ର ନିର୍ଣ୍ଣାୟକ ଡବଲ୍ସରେ ଚିରାଗ ଶେଟ୍ଟି ଏବଂ ଲକ୍ଷ୍ୟ ବିଶ୍ୱର ନମ୍ବର ୱାନ ଯୋଡ଼ି ମାର୍କସ ଫର୍ନାଲ୍‌ଡି ଜିଡିଅନ ଏବଂ କେଭିନ୍ ସଞ୍ଜୟ ସୁକାମୁଲ୍‌ଜୋ ଯୋଡ଼ିଙ୍କ ଉଚିତ ମୁକାବିଲା କରି ନ ପାରି ମାତ୍ର ୨୪ ମିନିଟ୍‌ରେ ୨୧-୬, ୨୧-୧୩ରେ ହାରିଯାଇଥିଲେ। ସେମିଫାଇନାଲରେ ହାରି ଭାରତ ଏହି ପ୍ରତିଯୋଗିତାରେ ଦ୍ୱିତୀୟ ଥର ପାଇଁ ବ୍ରୋଞ୍ଜ ହାସଲ କରିପାରିଛି।

# ଚିନାପ୍ପା, ଘୋଷାଲ ଚାମ୍ପିୟନ

**ଚେନ୍ନାଇ, ୧୫।୨ (ପି.ଟି.)**

ଜ୍ୟୋତ୍ସ୍ନା ଚିନାପ୍ପା ଓ ସୌରଭ ଘୋଷାଲ ଯଥାକ୍ରମେ ଜାତୀୟ ସିନିୟର ସ୍କ୍ୱାଶ୍ ଚାମ୍ପିୟନଶିପ୍ ମହିଳା ଓ ପୁରୁଷ ଟାଇଟଲ ହାସଲ କରିଛନ୍ତି। ସ୍ଥାନୀୟ ଆଇଏସଏ କୋର୍ଟଠାରେ ଅନୁଷ୍ଠିତ ୭୭ତମ ଜାତୀୟ ସିନିୟର ଚାମ୍ପିୟନଶିପ୍‌ରେ ଚିନାପ୍ପା ଓ ଘୋଷାଲ ଯଥାକ୍ରମେ ସେମାନଙ୍କର ୧୮ତମ ଏବଂ ୧୩ତମ ଟାଇଟଲ ବିଜୟୀ ହୋଇଛନ୍ତି। ଭାରତୀୟ ମହିଳା ସ୍କ୍ୱାଶରେ ଚିନାପ୍ପା ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଖେଳାଳି। ଫାଇନାଲରେ ସେ ତନ୍ୱି ଖାନ୍ନାଙ୍କୁ ୮-୧୧, ୧୧-୬, ୧୧-୪, ୧୧-୭ରେ ହରାଇ ଦେଇଥିଲେ। ଗତବର୍ଷ ପୁଣେଠାରେ ଟାଇଟଲ ଜିତି ଭୁବନେଶ୍ୱରୀ କୁମାରଙ୍କ ରେକର୍ଡକୁ ଭଙ୍ଗ କରିଦେଇଥିଲେ। ଭୁବନେଶ୍ୱରୀ ୧୬ଥର ଜାତୀୟ ଚାମ୍ପିୟନ ହୋଇ ପାରିଥିଲେ। ଚିନ୍ନାପା ୨୦୦୦ରେ ପ୍ରଥମ ଜାତୀୟ ଟାଇଟଲ ହାସଲ କରିଥିଲେ।





ଟ୍ରଫି ସହ ସୌରଭ ଘୋଷାଲ ଓ ଜ୍ୟୋତ୍ସ୍ନା ଚିନାପ୍ପା।

ଏହାପରଠାରୁ ସେ ମାତ୍ର ଦୁଇଟି ମ୍ୟାଚରେ ପରାଜିତ ହୋଇଛନ୍ତି, ତାହା ପୁଣି ଫାଇନାଲରେ। ସେହିପରି ପୁରୁଷ ବିଭାଗରେ ଘୋଷାଲ ତାଙ୍କ ପ୍ରାଧାନ୍ୟ ଅବ୍ୟାହତ ରଖିଛନ୍ତି। ଫାଇନାଲରେ ସେ ଯୁବ ଖେଳାଳି ଦ୍ୱିତୀୟ ସିଡ୍ ଅଭିଷେକ ପ୍ରଧାନଙ୍କୁ ୧୧-୬, ୧୧-୫, ୧୧-୬ରେ ହରାଇ ଦେଇଥିଲେ। ଟାଇଟଲ ମୁକାବିଲାରେ ଅଭିଜ୍ଞତାସମ୍ପନ୍ନ ନମ୍ବର ୱାନ ଖେଳାଳି ଘୋଷାଲ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ କୌଣସି ସୁଯୋଗ ନ ଦେଇ ବିଜୟ ହାସଲ କରିଥିଲେ।

# ସ୍ୱର୍ଣ୍ଣ ହରାଇବେ ଉସ୍ତ୍ୟୁଗୋଭ୍

**ମସ୍କୋ, ୧୫।୨ (ଏଏଫ୍‌ପି):** ଡୋପ୍ ଟେଷ୍ଟରେ ବିଫଳ ହେବା ପରେ ରୁଷୀୟ ବାଇଥଲେଟ୍ ଏଭଜେନି ଉସ୍ତ୍ୟୁଗୋଭ ସସ୍‌ପେଣ୍ଡ ହୋଇଛନ୍ତି। ଫଳରେ ୨୦୧୪ ୱିଣ୍ଟର ଅଲିମ୍ପିକ ରିଲେରେ ସେ ଯେଉଁ ପଦକ ପାଇଥିଲେ ତାହା ପ୍ରତ୍ୟାହାର କରିନିଆଯିବ। ଇଣ୍ଟରନ୍ୟାଶନାଲ ବାଇଥ୍ଲନ ୟୁନିୟମ (ଆଇବିୟୁ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ୩୪ ବର୍ଷୀୟ ଏହି ଆଥଲେଟ ଆହୁରି ମଧ୍ୟ ଭାଙ୍କୋଭରଠାରେ ୨୦୧୦ ଅଲିମ୍ପିକ ୧୫ କିମି ମାସ୍ ଷ୍ଟାର୍ଟ ଟାଇଟଲ ଜିତିଥିଲେ। ୬ ବର୍ଷ ପୂର୍ବେ ସୋଚି ୱିଣ୍ଟର ଗେମ୍ସ ପରେ ସେ ଅବସର ନେଇଥିଲେ। ୨୦୧୪ରେ ତାଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରେ ଏକ ପ୍ରକାର ଷ୍ଟେରଏଡ୍ ଠାବ କରାଯାଇଥିଲା। ଫଳତଃ ୨୦୧୩-୧୪ ସିଜନରେ ତାଙ୍କର ସମସ୍ତ ଫଳାଫଳକୁ ରଦ୍ଦ କରାଯାଇଛି। ଆଇବିୟୁ ଆହୁରି ମଧ୍ୟ ସ୍ୱେତଲାନା ସ୍ଲେପ୍‌ଟସୋଭାଙ୍କ ୨୦୧୩-୧୪ ଫଳାଫଳକୁ ଅବୈଧ ଘୋଷଣା କରିଛି। ଏହି ଆଥଲେଟ ଜଣକ ଅନ୍ୟ ଏକ ଷ୍ଟେରଏଡ୍ ଓକ୍ଷାରିନ୍ ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ। ମସ୍କୋ ଡୋପ୍ ଟେଷ୍ଟ ଲାବରେଟୋରିରେ କେତେକ ଡାଟା ଟ୍ୟାମ୍ପରିଂ ହୋଇଥିବା ଅଭିଯୋଗକୁ ନେଇ ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) ରୁଷିଆକୁ ୨୦୨୦ ଅଲିମ୍ପିକ୍ସରୁ ବାସନ୍ଦ କରିଛି।


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ନାରାୟଣ ସାହୁ**
ଗ୍ରାମ: ରାଜନଗର, ଆଠଗଡ, କଟକ
ତିରୋଧାନ: ୨୬।୦୨।୨୦୧୯
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ସତ୍ୟନିଷ୍ଠା ଓ ପରୋପକାରିତା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ବନ୍ଧୁ ପରିବାରବର୍ଗ।
ଧ-୬୩୨୨୫

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଲୋଭବତୀ ନାୟକ**
ଆବିର୍ଭାବ: ୧୯୪୫
ତିରୋଧାନ: ୦୬।୦୨।୨୦୨୦
ଆପଣଙ୍କ ଭଲପାଇବା, ସ୍ନେହ, ଶ୍ରଦ୍ଧା ଆମପାଇଁ ସବୁଦିନ ଆଦର୍ଶ ହୋଇ ରହିଥାଉ। ଆଜି ଏକାଦଶାହରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଦେଇ ତୁମ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
**ଶୋକସନ୍ତପ୍ତ:**
ସ୍ୱାମୀ, ଦିଅର, ଯା, ପୁଅ, ବୋହୂ, ଝିଅ, ଜ୍ୱାଇଁ, ପୁତୁରା, ପୁତୁରା ବୋହୂ, ଭଣଜା, ଭାଣିଜୀ, ଭଣଜା ବୋହୂ, ନାତି, ନାତୁଣୀ, ନାତୁଣୀ ବୋହୂ, ବନ୍ଧୁ ଓ ପରିବାରବର୍ଗ।
ସୌଜନ୍ୟ- ଓଡ଼ିଶା ସମବାୟ ସମିତି କର୍ମଚାରୀ ସଂଘ
ଧ-୧୪୫୭୫

**ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ମୁରଲୀଧର ବେହୁରା**
ଇ-୭, ବି.ଜେ.ବି ନଗର, ଭୁବନେଶ୍ୱର
ତିରୋଧାନ:ତା. ୨୧।୦୨।୨୦୦୬ରିଖ
“ପୁଣ୍ୟତୋୟା”
ସମୟର ସୁଅରେ ଇତିମଧ୍ୟରେ ଚଉଦ ବର୍ଷ ବିତିଗଲାଣି। ଏବେ ମଧ୍ୟ ଆପଣଙ୍କ ଉପସ୍ଥିତି ଆମେ ଅନୁଭବ କରିପାରୁଛୁ। ଆପଣଙ୍କର ସ୍ମୃତି ଅମଳିନ। ଆପଣଙ୍କର ଆଶୀର୍ବାଦ ଆମର କାମ୍ୟ, ପାଥେୟ।
**-:ଚରଣାଶ୍ରିତ:-**
କନ୍ୟା, ପୁତ୍ର ଏବଂ ପରିବାରବର୍ଗ।
ଧ-୧୬୬୬୫

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ପ୍ରଭାତୀ ମହଲା**
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ: ୧୯।୦୯।୧୯୬୯
ତିରୋଧାନ: ୦୬।୦୨।୨୦୨୦
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣୀ ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନଃ ଶୋଷୟତି ମାରୁତଃ
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପାର୍ଥନା।
**-:ଶ୍ରଦ୍ଧାଞ୍ଜଳି ସହ:-**
ଆତ୍ମୀୟସ୍ୱଜନ ଓ ଧରିତ୍ରୀ ପରିବାରବର୍ଗ
ଧ-୧୬୭୪୭

**ଦ୍ୱାଦଶାହ ଉପଲକ୍ଷେ**



**୰କାଞ୍ଚନବାଳା ଦାଶ**
ସ୍ୱାମୀ-ପ୍ରଫୁଲ୍ଲ କୁମାର ଦାଶ
ପୂର୍ବତନ ରେଳ ଶ୍ରମିକ ନେତା
କୁଦିଆରୀ, ଜଟଣୀ
ଆବିର୍ଭାବ : ୦୪.୧୦.୧୯୪୦
ତିରୋଧାନ : ୦୫.୦୨.୨୦୨୦
ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଅଚରଣ ଆମ ଜୀବନର ଚଲାପଥରେ ପାଥେୟ ହୋଇ ରହିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ପରିବାର - ସ୍ୱାମୀ- ପ୍ରଫୁଲ୍ଲ, ପୁତ୍ର- ମୁନା, ବୁନା, ଝିଅ-ମିନୀ,କୁନି,ପନି, ଯାଆ- ଗୋଲାପ, ଟିକିନା, ବୋହୂ-ବେବି, ଝୁନି, ଜ୍ୱାଇଁ- ବିଷ୍ଣୁ, କେଦାର, କାଶୀ, ରଫି, ପୁତୁରା-ରୁନା, ଟୁନା, ଲୁନା, ଜିନା, ସମସ୍ତ ଝିଆରି, ପୁତୁରାବୋହୂ, ନାତିନାତୁଣୀମାନେ
ଧ-୧୬୭୪୮

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ଗୌତମ


ରୋହନ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)


ଝିଅ ବବ୍‌ଲି ସହ କଳ୍ପନା ଦାଶ(ଫାଇଲ ଫଟୋ)

# ୨୦୦୬ରୁ ଅନୁପଙ୍କ ଡ୍ରାଇଭର ଥିଲେ ବର୍ଦ୍ଧନ

**କଳ୍ପନା ଦାଶ ଓ ତାଙ୍କ ଝିଅ ବବ୍‌ଲି ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଝାରସୁଗୁଡ଼ା ଜିଲା ବ୍ରଜରାଜନଗରର ପୂର୍ବତନ ବିଧାୟକ ଅନୁପ ସାଏ । ଛତିଶଗଡ଼ର ରାୟଗଡ ଜିଲା ଚକ୍ରଧରନଗର ଥାନା ପୋଲିସ ତାଙ୍କୁ ଗିରଫ କରିବା ପରେ ଏହି ଘଟଣାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ଜୋର ଧରିଛି। ପୋଲିସ ଆଗରେ ଅନୁପ ନିଜ ଦୋଷ ସ୍ୱୀକାର କରିଛନ୍ତି। ଏହି ହତ୍ୟା ଘଟଣାର ଅନ୍ୟତମ ଅଭିଯୁକ୍ତ ତଥା ଅନୁପଙ୍କ ଗାଡ଼ି ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କୁ ଛତିଶଗଡ଼ ପୋଲିସ ଶନିବାର ଗିରଫ କରିବା ପରେ ଆଉ କିଛି ତଥ୍ୟ ପଦାକୁ ଆସିଛି.. ।**

**ବ୍ରଜରାଜନଗର,୧୫।୨(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବୀରମିତ୍ରପୁର ଅଞ୍ଚଳରେ ବର୍ଦ୍ଧନ ଟପ୍ପୋଙ୍କ ନିଜ ଘର। ୨୦୦୦ ମସିହାରୁ ସେ ରାଜପୁର ଗ୍ରାମର ରାଜକୁମାର ସରାଫଙ୍କ ଟ୍ରାକ୍ଟର ଡ୍ରାଇଭର ଭାବେ କାମ କରୁଥିଲେ। ହେଲେ ୨୦୦୬ରେ ଅନୁପଙ୍କ ଡ୍ରାଇଭର ଭାବେ ନିଯୁକ୍ତି ପାଇଥିଲେ। ବିଶ୍ୱସ୍ତ ହୋଇଥିବାରୁ ସେ ଅନୁପଙ୍କ ବ୍ୟକ୍ତିଗତ କାମ ମଧ୍ୟ ବୁଝୁଥିଲେ। ଅନୁପଙ୍କ ଘର ପାଖରେ ଭଡାରେ ରହୁଥିଲେ। ସ୍ତ୍ରୀ ଓ ଗୋଟିଏ ପୁଅ ଓ ଝିଅଙ୍କୁ ନେଇ ତାଙ୍କର ତେଲଲୁଣର ସଂସାର। କଳ୍ପନା ଦାଶ ଓ ତାଙ୍କ ଝିଅ ବବ୍‌ଲି ହତ୍ୟା ଘଟଣାରେ ଅନୁପ ଗିରଫ ହେବା ପରେ ପୋଲିସ ତାଙ୍କୁ ଜୋର କରିଥିଲା। ଏହି ଘଟଣାରେ ଅନ୍ୟ କିଏ ସମ୍ପୃକ୍ତ ବୋଲି ପୋଲିସର ପ୍ରଶ୍ନରେ ଅନୁପ ଡ୍ରାଇଭର ବର୍ଦ୍ଧନଙ୍କ ନାମ ନେଇଥିଲେ। ଘଟଣା ଦିନ ବର୍ଦ୍ଧନ ଗାଡ଼ି ଚଳାଉଥିଲେ ବୋଲି ଅନୁପ ପୋଲିସକୁ କହିଥିଲେ। ୨୦୧୬ ମେ’୬ ରାତି ପ୍ରାୟ ୯ ଟାରେ ଅନୁପ କଳ୍ପନା ଓ ବବ୍‌ଲିଙ୍କୁ ନେଇ ନିଜ ଗାଡିରେ ରାୟଗଡ଼ ଅଭିମୁଖେ ବାହାରିଥିଲେ। ରାୟଗଡ଼ର କୌଣସି ଏକ ମନ୍ଦିରରେ ଦୁହେଁ ବିବାହ କରିବେ ବୋଲି କଳ୍ପନାକୁ ପ୍ରତିଶ୍ରୁତି ଦେଇଥିଲେ ଅନୁପ। ବର୍ଦ୍ଧନ ଗାଡ଼ି ଚଳାଉଥିଲେ।ରାତିର ଅନ୍ଧକାର ଓ ଜଙ୍ଗଲର ରାସ୍ତାରେ ଅନୁପଙ୍କ ଗାଡ଼ି ଦ୍ରୁତ ଗତିରେ ଚାଲୁଥିଲା। ଏହି ସୁଯୋଗକୁ ହାତଛଡ଼ା କରି ନ ଥିଲେ ଅନୁପ । ଗାଡିରେ ଥିବା ଏକ ଲୁହା ରଡରେ କଳ୍ପନା ଓ ବବ୍‌ଲିଙ୍କ ମୁଣ୍ଡକୁ ପିଟି ହତ୍ୟା କରିଥିଲେ ସେ। ଅନ୍ଧକାର ଓ ନିସ୍ତବ୍ଧ ଜଙ୍ଗଲ ଭିତରେ କଳ୍ପନା ଓ ବବ୍‌ଲିଙ୍କ କରୁଣ ଚିତ୍କାର କେହି ଶୁଣି ପାରି ନ ଥିଲେ। ଶେଷରେ ଉଭୟଙ୍କ ଶରୀରକୁ ରାସ୍ତା ଉପରେ ପକାଇ ତାଙ୍କ ଉପରେ ଗାଡି ଚଢ଼ାଇ ଦେଇଥିଲେ ବର୍ଦ୍ଧନ ବୋଲି ଅନୁପ ପୋଲିସକୁ କହିଥିଲେ।


ବର୍ଦ୍ଧନ ଟପ୍ପୋ।

# ଅନୁପ ସାଏଙ୍କ କୁଶପୁତ୍ତଳିକା ଦାହ

**ବ୍ରଜରାଜନଗର,୧୫।୨(ଡି.ଏନ.ଏ.):** ବ୍ରଜରାଜନଗରରେ ପୂର୍ବତନ ବିଧାୟକ ଅନୁପ ସାଏ ଡବଲ ମର୍ଡର ଘଟଣାରେ ଗିରଫ ହେବା ପରେ ଏହା ସାରା ରାଜ୍ୟରେ ଚର୍ଚ୍ଚା ସୃଷ୍ଟି କରିଛି। ଜଣେ ଜନପ୍ରତିନିଧି ଏଭଳି ବିଭତ୍ସକାଣ୍ଡ ଘଟାଇବା ଗ୍ରହଣଯୋଗ୍ୟ ନୁହେଁ ବୋଲି ସବୁ ମହଲରେ ମତ ପ୍ରକାଶ ପାଇଛି। ଏହାକୁ ନେଇ ଅନୁପଙ୍କ ଭାବମୂର୍ତ୍ତି କ୍ଷୁର୍ଣ୍ଣ ହେବା ସହ ସେ ବିବାଦରେ ଯୋଡ଼ି ହୋଇପଡ଼ିଛନ୍ତି। ଏହିକ୍ରମରେ ଶନିବାର ବ୍ରଜରାଜନଗରରେ ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଭାଜପା ମହିଳା ମୋର୍ଚ୍ଚା ଏନଏଚ-୪୯ର ଗାନ୍ଧୀଛକରେ ଅନୁପଙ୍କ କୁଶ ପୁତ୍ତଳିକା ଦାହ କରିବା ସହିତ ତାଙ୍କୁ ନାବାଳିକା ହତ୍ୟା ଅଭିଯୋଗରେ ଫାଶି ହେଉ ବୋଲି ଦାବି କରିଛନ୍ତି। ନାରୀନେତ୍ରୀ ବିୟୁଟି ଶ୍ରୀବାସ୍ତବଙ୍କ ନେତୃତ୍ୱରେ ମହିଳାମାନେ ଏକତ୍ରିତ ହୋଇ ଅନୁପଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଆରତୀ ରାୟ, ଭାରତୀ ବାରିକ, ଟିଙ୍କିନା ଧଳ, ଟୁମ୍‌କି ପଟେଲ, କୁନ୍ତି ମେହେର, ମଞ୍ଜରୀ ପୃଷ୍ଟି, ଜୟନ୍ତୀ ବଗର୍ତ୍ତି ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।


ବ୍ରଜରାଜନଗରରେ ପୂର୍ବତନ ବିଧାୟକ ଅନୁପ ସାଏଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

# ରାଜ୍ୟରେ ଖାଲି ପଡ଼ିଛି ୬୦% ଇଞ୍ଜିନିୟରିଂ ସିଟ୍

**ଭୁବନେଶ୍ୱର,୧୫।୨(ବ୍ୟୁରୋ):** ରାଜ୍ୟରେ ଏବେ ସଙ୍କଟଜନକ ପରିସ୍ଥିତି ଦେଇ ଗତି କରୁଛି ଇଞ୍ଜିନିୟରିଂ କଲେଜ। ଦିନକୁ ଦିନ ଇଞ୍ଜିନିୟରିଂ ଶିକ୍ଷା ପ୍ରତି ଛାତ୍ରୀଛାତ୍ରଙ୍କ ଆଗ୍ରହ କମୁଛି। ଫଳରେ ରାଜ୍ୟରେ ୬୦%ରୁ ଅଧିକ ଇଞ୍ଜିନିୟରିଂ ସିଟ୍ ଖାଲି ପଡ଼ିଛି। ୨୦୧୯-୨୦ ଶିକ୍ଷାବର୍ଷରେ ମାତ୍ର ୧୧,୭୪୫ ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଚଳିତବର୍ଷ ମୋଟ ୩୧,୧୭୪ ସିଟ୍‌ରୁ ୧୯,୪୨୯ଟି ଖାଲି ପଡ଼ିଛି। ଇଞ୍ଜିନିୟରିଂ ପଢ଼ା ସରିବା ପରେ ଛାତ୍ରୀଛାତ୍ର ଚାକିରି ନ ପାଇ ବେକାର ରହୁଛନ୍ତି। ଏପରି କି ରାଜ୍ୟରେ ଥିବା ଘରୋଇ ଶିଳ୍ପ ସଂସ୍ଥାରେ ନିଯୁକ୍ତି ଦେବା ପାଇଁ ସ୍ୱତନ୍ତ୍ର ଭାବେ ପଦକ୍ଷେପ ନିଆଯାଉ ନ ଥିବାରୁ ଇଞ୍ଜିନିୟରିଂ ଶିକ୍ଷାଠାରୁ ପିଲାମାନେ ଦୂରେଇ ଯାଉଛନ୍ତି। ଶନିବାର ବିଧାନସଭାରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତର ରଖି ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାୟକ ଏହି ସୂଚନା ପ୍ରଦାନ କରିଛନ୍ତି। ରାଜ୍ୟରେ ବର୍ତ୍ତମାନ ୯୩ ଇଞ୍ଜିନିୟରିଂ କଲେଜ ଓ ୧୬୩ ଡିପ୍ଲୋମା କଲେଜ ରହିଛି। ଇତିମଧ୍ୟରେ ୩ ଇଞ୍ଜିନିୟରିଂ କଲେଜ ବନ୍ଦ କରିବାକୁ ଅନୁମତି ଦିଆଯାଇଛି। ଅନ୍ୟପକ୍ଷରେ ଉତ୍ତମ ପ୍ରଦର୍ଶନ କରୁ ନ ଥିବା ତଥା ରୁଗ୍‌ଣ ଅନୁଷ୍ଠାନକୁ ସରକାର କୌଣସି ସାହାଯ୍ୟ କରିବେ ନାହିଁ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

# ବସ ଓଲଟି ୩ ମୃତ, ୩୬ ଆହତ

**ନବରଙ୍ଗପୁର,୧୫।୨(ବି.ପ୍ର.)**
ନବରଙ୍ଗପୁର-ପାପଡାହାଣ୍ଡି ୨୬ ନମ୍ବର ଜାତୀୟ ରାଜପଥ ତଥା ଡିୟରପାର୍କ ଠାରୁ କିଛି ଦୂରରେ ଜଗାକାଳିଆ ନାମକ ଏକ ଘରୋଇ ବସ (ନଂ. ଓଡି୧୦ସି-୧୧୧୪) ଶନିବାର ଓଲଟି ପଡିବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ଦୁଇ ଜଣ ବସ ତଳେ ଚାପି ହୋଇ ଏବଂ ଜଣେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏଥିସହ ୩୬ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ତେବେ ମୃତକଙ୍କ ପରିଚୟ ମିଳି ପାରି ନାହିଁ। ବସ ଦ୍ରୁତ ଗତିରେ ଥିବାରୁ ଗାଈକୁ ବଞ୍ଚାଇବାକୁ ଯାଇ ଡ୍ରାଇଭର ହଠାତ ବ୍ରେକ ଦେଇଥିଲେ । ବସ୍ ଗାଈ ଉପରେ ମାଡିଯାଇ ରାସ୍ତା କଡକୁ ଓଲଟି ପଡିଥିଲା।








ମୋ ନାମ ପରବେଶ, ଜିଲ୍ଲା ଭରତପୁର, ରାଜସ୍ଥାନର ବାସିନ୍ଦା। ମୋ ସମୟ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଓ ଅନିୟମିତ ରହୁଥିଲା। ବହୁତ ମହଙ୍ଗା-ମହଙ୍ଗା ଡାକ୍ତରଙ୍କୁ ଦେଖାଇଲି, କିନ୍ତୁ ଆଦୌ କିଛି ଫରକ ପଡ଼ିଲା ନାହିଁ। ଦିନେ ମୋ ଭଉଣୀ ମୋ ସମସ୍ୟାକୁ ବୁଝି ‘ସଚ୍ଚି ସହେଲୀ’ ଆୟୁର୍ବେଦିକ ଟନିକ୍ ବ୍ୟବହାର କରିବାର ପରାମର୍ଶ ଦେଲେ। କାରଣ ମୋ ଭଉଣୀ ମଧ୍ୟ ‘ସଚ୍ଚି ସହେଲୀ’ର ରେଜଲ୍ଟ ସହ ପରିଚିତ ଥିଲା। ତା’ କହିବା ଅନୁସାରେ ‘ସଚ୍ଚି ସହେଲୀ’ ଟନିକ୍ ଦୁଇ-ଦୁଇ ଚାମଚ ସକାଳେ-ସନ୍ଧ୍ୟାବେଳେ ସେବନ କରିବା ଆରମ୍ଭ କଲି। ମାତ୍ର ୨୧ ଦିନ ଭିତରେ ମୋତେ ବହୁତ ଲାଭ ମିଳିଲା।

ମୋ ନାମ ଅଞ୍ଜନା, ବୟସ ୩୨ ବର୍ଷ, ଗ୍ରାମ ମେନଥାପଲ, ନାହନର ବାସିନ୍ଦା। ପ୍ରାଇଭେଟ୍ ଚାକିରି କରେ। ଅଫିସ୍‌ରେ କାମ କରିବା ପରେ ଘରକାମ କରିବାର ସାହସ ରହୁ ନ ଥିଲା, କାରଣ ତଳିପେଟ ବ୍ୟଥା, ରକ୍ତହୀନତା ସମସ୍ୟା ମୋତେ ଆରମ୍ଭରୁ ରହୁଥିଲା। ଚିକିତ୍ସା ତ ବହୁତ କରାଇଲି କିନ୍ତୁ କିଛି ଲାଭ ମିଳିଲା ନାହିଁ । ଦିନେ ମୋ ବାନ୍ଧବୀଙ୍କ କହିବା ଅନୁସାରେ ମୁଁ ଆୟୁର୍ବେଦିକ ‘ସଚ୍ଚି ସହେଲୀ’ ଟନିକ୍ ୨-୨ ଚାମଚ ସେବନ କରିବା ଆରମ୍ଭ କଲି। ମାତ୍ର ଏକ ମାସ ଭିତରେ ହିଁ ମୋ ସ୍ୱାସ୍ଥ୍ୟ ସ୍ଥିତି ବହୁତ ଭଲ ହୋଇଯାଇଛି। ଏଥିପାଇଁ ମୁଁ ଆୟୁର୍ବେଦିକ ‘ସଚ୍ଚି ସହେଲୀ’କୁ କୃତଜ୍ଞତା ଜଣାଉଛି ।

ମୋ ନାମ ସୁଲୋଚନା ଦେବୀ, ବୟସ ୨୮ ବର୍ଷ, ସିରମୋରର ବାସିନ୍ଦା ତଥା ଗୃହିଣୀ । ଯେବେଠାରୁ ସେ ଦିନଗୁଡ଼ିକ ଆରମ୍ଭ ହେଲା ସେବେଠାରୁ ପେଟ ବ୍ୟଥା, କ୍ଳାନ୍ତି, ଚିଡ଼ିଚିଡ଼ାପଣ ଏ ସବୁ ସମସ୍ୟା ଆରମ୍ଭ ହୋଇଯାଇଥିଲା। ମୋ ଅବସ୍ଥା ଦେଖି ମୋ ନଣନ୍ଦ ମୋତେ ସଚ୍ଚି ସହେଲୀ କମ୍ପ୍ଲିଟ୍ ଟ୍ରିଟ୍‌ମେଣ୍ଟ ଆଣି ଦେଲେ। ନିର୍ଦ୍ଦେଶ ଅନୁଯାୟୀ ‘ସଚ୍ଚି ସହେଲୀ’ ଟନିକ୍ ୨-୨ ଚାମଚ ନଖଉଷୁମ ପାଣି ସହିତ ସକାଳେ-ସନ୍ଧ୍ୟାବେଳେ ସେବନ କରିବା ଆରମ୍ଭ କଲି। ମାତ୍ର ୨ ମାସ ମଧ୍ୟରେ ମୋ ସମସ୍ୟାରୁ ଅପେକ୍ଷାକୃତ ଉପଶମ ମିଳିଲା। ଏବେ ମୋର ଆୟୁର୍ବେଦିକ ‘ସଚ୍ଚି ସହେଲୀ’ ଉପରେ ପୂର୍ଣ୍ଣ ଭରସା ଅଛି।

ମୁଁ କୁଳି, ଜିଲ୍ଲା ମେନ ପୁରୀ (ୟୁପି)ର ବାସିନ୍ଦା, ଜବ୍ କରେ । ମୋ ଅଣ୍ଟା ବ୍ୟଥାର ସମସ୍ୟା କାରଣରୁ ବହୁତ ଚିନ୍ତିତ ରହୁଥିଲି, ଏହି କାରଣରୁ କୁଣ୍ଡିଆ ଓ ଜ୍ୱଳନ ସମସ୍ୟା ମଧ୍ୟ ରହୁଥିଲା। ସମୟ ମଧ୍ୟ ନିୟମିତ ରହୁ ନ ଥିଲା। ଦିନେ ମୋ ମମ୍ମି ମୋତେ ଆୟୁର୍ବେଦିକ ‘ସଚ୍ଚି ସହେଲୀ’ର କମ୍ପ୍ଲିଟ୍ ଟ୍ରିଟ୍‌ମେଣ୍ଟ ଆଣିଦେଲେ। ତବାରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ମୁଁ ‘ସଚ୍ଚି ସହେଲୀ’ ଟନିକ ଦୁଇ-ଦୁଇ ଚାମଚ ସକାଳେ-ସନ୍ଧ୍ୟାବେଳେ ସେବନ ଆରମ୍ଭ କଲି। ମାତ୍ର ୫ ସପ୍ତାହରେ ମୋର ସବୁ ସମସ୍ୟା ପୂର୍ବାପେକ୍ଷା ବହୁତ କମିଗଲା। ଥ୍ୟାଙ୍କ ୟୁ ‘ସଚ୍ଚି ସହେଲୀ’।

24x7 Helpline : 0171-3055171 | ଆପଣଙ୍କ ନିକଟତମ ମେଡିକାଲ ଷ୍ଟୋର୍‌ରୁ କିଣନ୍ତୁ







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଏକମାତ୍ର କୁଞ୍ଚିକ ହେଉଛି କଠିନ ପରିଶ୍ରମ, ଦୂରଦୃଷ୍ଟି, କର୍ତ୍ତବ୍ୟବୋଧ ଓ ଦୃଢ଼ ସଂକଳ୍ପ।
- ଇନ୍ଦିରାଗାନ୍ଧୀ



## ସଂକ୍ଷେପରେ...

### ମିନିଟ୍ରକ୍ ଧକ୍କାରେ ଶିକ୍ଷକ ମୃତ

ବୌଦ୍ଧ,୧୫।୨(ସ୍ୱ.ପ୍ର)
ମିନିଟ୍ରକ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଶନିବାର ବୌଦ୍ଧ ଜିଲା ହରଭଙ୍ଗା ଥାନା ଶଙ୍ଖୁଲୋଇ ଗ୍ରାମର ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚତୁର୍ଭୁଜ ଚାଉଳିଆ(୪୩)। ସେ ଛତରଙ୍ଗ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିବା ସହ ଏକ ମାମଲା (ନଂ.୨୪/୨୦) ରୁଜୁ କରି ତଦନ୍ତ ଚଳାଇଛି । ଚତୁର୍ଭୁଜ ସବୁଦିନ ପରି ଶନିବାର ସକାଳେ ବାଇକ୍ ଯୋଗେ ନିଜ ପୁଅକୁ ଧରି ଛତରଙ୍ଗ ଶିଶୁ ମନ୍ଦିରକୁ ଯାଉଥିଲେ। ଏହି ସମୟରେ କେନ୍ଦୁପତ୍ର ଫଡି ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ମିନିଟ୍ରକ (ନଂ.ଓଆର୦୭ଏସ/୭୩୨୯) ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଚତୁର୍ଭୁଜ ଓ ତାଙ୍କ ପୁଅ ବାଇକ୍‌ରୁ ଛିଟିକି ପଡିଥିଲେ ଏବଂ ଚତୁର୍ଭୁଜଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ତୁରନ୍ତ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବୌଦ୍ଧ ମେଡିକାଲକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ନିଆଯାଉଥିବା ବେଳେ ବାଟରେ ମୃତ୍ୟୁ ଘଟିଥିଲା।

### ବିଦ୍ୟୁତ୍ କାଟକୁ ବିରୋଧ କଲା ବୌଦ୍ଧ ବିକାଶ ଗର୍ଜନ ସେନା

ବୌଦ୍ଧ,୧୫।୨(ସ୍ୱ.ପ୍ର)
୧୬ ତାରିଖ ମଧ୍ୟରେ ବକେୟା ବିଦ୍ୟୁତ୍ ବିଲ୍ ପୈଠ ନ କଲେ ଗ୍ରୀଡକୋ ପକ୍ଷରୁ ଉପଭୋକ୍ତାଙ୍କ ବିଦ୍ୟୁତ୍ କାଟ୍ କରାଯିବା ନିଷ୍ପତ୍ତିକୁ ବୌଦ୍ଧ ବିକାଶ ଗର୍ଜନ ସେନା ବିରୋଧ କରିଛି। ଏ ନେଇ ସଙ୍ଗଠନ ପ୍ରମୁଖ ବାଲ୍ମିକୀ ମହାକୁଡ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଦାବି ଜଣାଇଛନ୍ତି । ଆଗକୁ ଗ୍ରୀଷ୍ମ ମାସ ସହିତ ଛାତ୍ରଛାତ୍ରୀଙ୍କ ପରୀକ୍ଷା ରହିଛି। ଏହାଦ୍ୱାରା ଉପଭୋକ୍ତା ଓ ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେବେ। ଏହାସହିତ ବକେୟା ବିଲ୍ ଥିବା ଉପଭୋକ୍ତାଙ୍କ ମାମଲାର ସମାଧାନ ଦୁଇମାସ ଭିତରେ କରାଯାଉ, ଖରାପ ମିଟର ମରାମତି, ଅଘୋଷିତ ବିଦ୍ୟୁତ କାଟ ବନ୍ଦ କରିବା ପାଇଁ ଦାବି କରାଯାଇଛି। ଏଥିସହିତ ବୌଦ୍ଧ ପଛୁଆ ଓ କୃଷିଭିତ୍ତିକ ଅନଗ୍ରସର ଜିଲା ହୋଇଥିବାରୁ କିସ୍ତି ହିସାବରେ ବକେୟା ବିଦ୍ୟୁତ୍ ବିଲ୍ ଆଦାୟ ପାଇଁ ଉପଭୋକ୍ତାମାନଙ୍କୁ ସୁଯୋଗ ଦେବାକୁ ମଧ୍ୟ ଦାବି କରାଯାଇଛି। ଏଥିପ୍ରତି ପ୍ରଶାସନ କିମ୍ବା ରାଜ୍ୟ ସରକାର କୌଣସି ପଦକ୍ଷେପ ନ ନେଇ ଉପଭୋକ୍ତାମାନଙ୍କ ବିଦ୍ୟୁତ କାଟ୍ କଲେ ବୌଦ୍ଧ ବିକାଶ ଗର୍ଜନ ସେନା ପକ୍ଷରୁ ଉଚିତ ଜବାବ ଦିଆଯିବ ବୋଲି ଚେତବାନୀ ଦିଆଯାଇଛି।

# ଚାଷୀ ଅନଶନ ପ୍ରତ୍ୟାହୃତ

## ପ୍ରଶାସନିକ ଅଧିକାରୀ ଦେଲେ ପ୍ରତିଶ୍ରୁତି

ଝାରବନ୍ଧ,୧୫।୨(ଡି.ଏନ.ଏ)

ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ଡଭା ପ୍ରାଥମିକ କୃଷି ସମବାୟ(ପ୍ୟାକ୍ସ) ଅଧୀନରେ ରହିଥିବା ୧୯୧ଜଣ ଚାଷୀଙ୍କ ଅମଳ ଧାନକୁ କିଣାଯାଉ ନ ଥିବା ପ୍ରତିବାଦରେ ବୁଧବାରଠାରୁ ଚାଲିଥିବା ଅନଶନ ପ୍ରଶାସନିକ ଅଧିକାରୀଙ୍କ ନିର୍ଭର ପ୍ରତିଶ୍ରୁତି ପରେ ଶନିବାର ରାତ୍ରିପ୍ରାୟ ୮ଟାରେ ପ୍ରତ୍ୟାହୃତ ହୋଇଛି। ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ଅନଶନସ୍ଥଳକୁ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ । ଏହା ସହିତ ଧାନ ବିକ୍ରି ପାଇଁ ବନ୍ଦ ରହିଥିବା ପୋର୍ଟାଲକୁ ପୁଣି କାର୍ଯ୍ୟକ୍ଷମ କରାଯାଇଥିଲା । ଏହାପରେ ଚାଷୀମାନେ ଅନଶନ ଓ ଆନ୍ଦୋଳନରୁ ଉଠିଥିଲେ। ଉପଜିଲାପାଳ ଦରୱାନଙ୍କ ସହିତ ଝାରବନ୍ଧ ବିଡ଼ିଓ ରୁନୁ ଲାକ୍ରା, ଯୋଗାଣ ନିରୀକ୍ଷକ ବିରେନ୍ଦ୍ର ସୋରେନ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶଥାଉକି, ଧାନ କିଣା ନ ଯିବା ପ୍ରତିବାଦରେ



ଅନଶନସ୍ଥଳରେ ପଦ୍ମପୁର ଉପଜିଲାପାଳ ଚାଷୀଙ୍କ ସହିତ ଆଲୋଚନା କରୁଛନ୍ତି ।

ଅଞ୍ଚଳର ଚାଷୀମାନେ ରାସ୍ତାରେ ଧାନ ଗଦା କରିଥିବାବେଳେ ୭ଜଣ ଚାଷୀ ଅଶୋକ କୁମାର ସାହୁ, କୁଞ୍ଜବତୀ ସାହୁ, ପ୍ରମୋଦ କୁମାର ରାୟ, ରଞ୍ଜନ ପ୍ରଧାନ, ଭୁବନାନନ୍ଦ ନାୟକ, ଚିନ୍ତାମଣି ରାଉତ, କୃଷ୍ଣଚନ୍ଦ୍ର ସାହୁ ଅନଶନରେ ବସିଥିଲେ । ଜୟ କିଶାନ ଆନ୍ଦୋଳନର ରମେଶ ମହାପାତ୍ର, ପ୍ରମୋଦ କୁମାର ରାୟ, ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଉଠାଦୋକାନୀଙ୍କ କବ୍‌ଜାରେ ରାଜରାସ୍ତା

ବରପାଲି, ୧୫।୨ (ଡି.ଏନ.ଏ)

ବରପାଲି ସହରର ପ୍ରମୁଖ ଛକର ରାସ୍ତା କଡରେ ଉଠାଦୋକାନୀ ବସୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ବେପାରୀମାନେ ରାସ୍ତାର ଅଧାରୁ ଅଧିକ ସ୍ଥାନ ନେଇ ନିଜର ପସରା ମେଲାଇ ବସୁଛନ୍ତି। ସେହିପରି ଦୋକାନର ସାଇନବୋର୍ଡ ରାସ୍ତା ଅବରୋଧ କରୁଛି। ଫଳରେ ଛୋଟ ଛୋଟ ଦୁର୍ଘଟଣା ଘଟୁଛି। ଏଭଳି ସ୍ଥିତିରେ ସକାଳୁ ରାତି ରାସ୍ତା ସଙ୍କୁଚିତ ହୋଇ ଲୋକଙ୍କ ଯିବା ଆସିବାରେ ଅସୁବିଧା ହେଉଛି। ଅନ୍ୟପକ୍ଷେ ଗ୍ରାହକମାନେ ସେହି ରାସ୍ତା ଉପରେ ସାଇକେଲ ଓ ବାଇକ ରଖି ହାଟ ବଜାର କରୁଛନ୍ତି । ଟ୍ରାଫିକ୍ ସମସ୍ୟା ଯୋଗୁ ସ୍କୁଲ ଯାଉଥିବା ଛାତ୍ରୀଛାତ୍ର ହଇରାଣ ହେଉଛନ୍ତି। ବିଶେଷ କରି ଡାକ୍ତରଖାନା ରାସ୍ତା, ଶ୍ୟାମାଛକ ଓ କଲେଜ ଛକ ରାସ୍ତା ଅବସ୍ଥା ନ କହିବା ଭଲ । ଏହା ଉପରେ ପୋଲିସ କିଛି ଆଶୁ ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଦିନକୁ ଦିନ ଠେଲା ଦୋକାନୀଙ୍କ ସଂଖ୍ୟା ବଢ଼ି ଚାଲିଥିବା ବେଳେ ରାସ୍ତାର ଟର୍ଣ୍ଣିଂ ପଏଣ୍ଟ ଉପରେ ରଖି ରାସ୍ତା ଅବରୋଧ କରାଯାଉଥିବାରୁ କୌଣସି ପ୍ରକାର ଅଘଟଣ ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ । ଏ ସମ୍ପର୍କରେ ବରପାଲି ଥାନାଧିକାରୀ ରୋଜାଲିନ ପଟେଲଙ୍କୁ ପଚାରିବାରୁ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।



ଉଠାଦୋକାନୀ ରାସ୍ତାକୁ ମାଡି ବସିଛନ୍ତି ।

# ଧନୁଯାତ୍ରା: କୃଷ୍ଣ ବଳରାମଙ୍କ ମଥୁରା ଗମନ

ଅମ୍ବାଭୋନା, ୧୫।୨ (ଡି.ଏନ.ଏ)
ଅମ୍ବାଭୋନା ବ୍ଲକ ଲେଲେହର-ଚଣ୍ଡିପାଲି ଧନୁଯାତ୍ରାର ଷଷ୍ଠ ରଜନୀରେ ମଥୁରାନଗରୀରେ କଂସର ଦିଗବିଜୟ, କୃଷ୍ଣ ବଳରାମଙ୍କୁ ଆଣି ଅକ୍ରୁର ମଥୁରାରେ ପ୍ରବେଶ, ଗୋପରେ ଗୋପୀମାନଙ୍କ ଦହିବିକା, କୃଷ୍ଣଙ୍କ ଷୋହଳ କୁଞ୍ଜ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା। ଧନୁଯାତ୍ରା ଦେଖିବାକୁ ଅକ୍ରୁରଙ୍କ ସହିତ କୃଷ୍ଣ ବଳରାମଙ୍କ ମଥୁରା ଗମନ ଦୃଶ୍ୟ ବେଶ୍ ଉପଭୋଗ୍ୟ ହୋଇଥିଲା। ଗୋପପୁର ପାଲଟିଥିବା ଚଣ୍ଡୀପାଲିର ପ୍ରତି ଘରେ ଝୋଟି ଚିତା ସହ ପୂର୍ଣ୍ଣକଳସ ଏବଂ ଦୀପ ଜାଳି କୃଷ୍ଣ ବଳରାମଙ୍କୁ ମେଲାଣି ଦିଆଯାଇଥିଲା। ଏହି ଅବସରରେ ସଂକୀର୍ତ୍ତନ, କୃଷ୍ଣଗୁରୁ ପରିବେଷଣ କରାଯାଇଥିଲା । ଅନ୍ୟପଟେ କଂସ ରାଜଦରବାରରେ ବରଗଡ ଜିଲାପାଳ ଜ୍ୟୋତିରଞ୍ଜନ ପଧାନ, ଅମ୍ବାଭୋନା ତହସିଲଦାର ସଦାକର କୁମ୍ଭାର ରାଜଅତିଥି ଭାବେ ଯୋଗ ଦେଇଥିଲେ। ହାସ୍ୟକବି ବିଦ୍ୟାଧର ପଶାୟତ, ଅଭିମନ୍ୟୁ ସାହୁ ପ୍ରମୁଖ ବ୍ୟଙ୍ଗ କବିତା ମାଧ୍ୟମରେ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।



ମଥୁରା ଗମନ ବେଳେ କୃଷ୍ଣ ବଳରାମଙ୍କୁ ପୂଜାର୍ଚ୍ଚନା କରାଯାଉଛି ।

# ପ୍ରଦୂଷଣ ଯାଞ୍ଚ କଲେ ଅଧିକାରୀ

ବରଗଡ଼ ଅଫିସ୍,୧୫।୨

ବରଗଡ଼ ସହର ଉପକଣ୍ଠ ପ୍ରଧାନପାଲିରେ ରହିଥିବା ଏକ ପ୍ଲାଷ୍ଟିକ ଫ୍ୟାକ୍ଟ୍ରି ଯୋଗୁ ଅଞ୍ଚଳ ପ୍ରଦୂଷିତ ହେଉଥିବା ଅଭିଯୋଗ ହୋଇଛି । ପ୍ରଧାନପାଲି ଗ୍ରାମ ଖପରାଖୁଲି ପଡ଼ାର ଏକ ପ୍ରତିନିଧି ଦଳ ଏ ନେଇ ବରଗଡ଼ ଜିଲାପାଳ ଏବଂ ସମ୍ବଲପୁରସ୍ଥିତ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ କର୍ତ୍ତୃପକ୍ଷଙ୍କୁ ଫେରାଦ ହୋଇ ବିହିତ ପଦକ୍ଷେପ ନେବାକୁ ନିବେଦନ କରିଥିଲେ । ଏହାପରେ ଶନିବାର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଏକ ଟିମ୍ ଉକ୍ତ ପ୍ଲାଷ୍ଟିକ ଫ୍ୟାକ୍ଟ୍ରି ପରିଦର୍ଶନରେ ଆସିଥିଲେ। ଫ୍ୟାକ୍ଟ୍ରି କର୍ତ୍ତୃପକ୍ଷ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଆଇନ ମାନୁଛନ୍ତି ନା ତାହା ଉଲ୍ଲଂଘନ ସହିତ ଅଞ୍ଚଳକୁ ପ୍ରଦୂଷିତ କରାଯାଉଛି, ସେ ନେଇ ଅଧିକାରୀ ଜଣକ ଯାଞ୍ଚ କରିଥିଲେ । ସେହିପରି ପ୍ରଧାନପାଲିର ମହିଳାମାନେ ତାଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

# ସାଇବର ଅପରାଧ ନେଇ ସଚେତନତା ରଥର ଶୁଭାରମ୍ଭ



ସଚେତନତା ରଥର ଶୁଭାରମ୍ଭ କରାଯାଉଛି ।

ବୌଦ୍ଧ,୧୫।୨(ସ୍ୱ.ପ୍ର)

ବୌଦ୍ଧ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସାଇବର ଅପରାଧ ଓ ଆଇନ ନେଇ ଏକ ସଚେତନତା ରଥର ଶୁଭାରମ୍ଭ ଶନିବାର ହୋଇଯାଇଛି। ଜିଲା ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣର ଅଧକ୍ଷ ଅରବିନ୍ଦ କୁମାର ଗୁରୁ ଏହି ରଥର ଶୁଭାରମ୍ଭ କରିଥିଲେ। ଲୋକମାନେ ଯେପରି ଇ ମେଲ ଠକାମି ପ୍ରତି ସର୍ତକତା, ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟ ଗୋପନ ରଖିବା, ୱାଇ ଫାଇ ବ୍ୟବହାର କରିବାରେ ସର୍ତକତା, ଏଟିଏମ ବ୍ୟବହାର କଲାବେଳ କିପରି ସୁରକ୍ଷିତ ରହିପାରିବେ ସେ ନେଇ ଏହି ରଥ ଜିଲାର ସମସ୍ତ ଅଞ୍ଚଳ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି। ଏହି ସମୟରେ ଅତିରିକ୍ତ ଦୌରଜଜ ସତ୍ୟନାରାୟଣ ଷଡଙ୍ଗୀ, ସିଜେଏମ ହୃଷିକେଶ ଆଚାର୍ଯ୍ୟ, ରେଜିଷ୍ଟ୍ରାର ପ୍ରୀତିଶ କୁମାର ରାଉତରାୟ, ସବଜଜ୍ ଦୁର୍ବାସା ଦୁର୍ଗା, ପ୍ରାଧିକରଣର ସଚିବ ପ୍ରଭୁରାମ ଦାସ ଅଧିକାରୀ, ଜେଏମଏଫସି ଶିବାନୀ ମିଶ୍ର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# କମ୍ ଉଚ୍ଚତାରେ ୧୧ କେ.ଭି. ବିଦ୍ୟୁତ୍ ତାର

ଗୁଡଭେଲିପଦର, ୧୫।୨ (ଡି.ଏନ.ଏ)

ମନମୁଣ୍ଡା ଥାନା ଅନ୍ତର୍ଗତ ମେହେରୁଣୀ ନଦୀ ଖଣ୍ଡିରୁ ବୁକୁରାମୁଣ୍ଡା ଦେଇ ଦମାମୁଣ୍ଡା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ରାସ୍ତାର ବୁକୁରାମୁଣ୍ଡା ନିକଟରେ ଟଣାଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ଅଞ୍ଚଳବାସୀଙ୍କ ଚିନ୍ତା ବଢାଇ ଦେଇଛି । ଏହି ବିଦ୍ୟୁତ ତାର ରାସ୍ତା ମଝିରେ ବିପଦପୂର୍ଣ୍ଣ ଭାବେ ଝୁଲି ରହିଛି। ଏପରିସ୍ଥଳେ ରାସ୍ତାରେ ଯାଉଥିବା ଚାରିଚକିଆ ଯାନଗୁଡିକୁ ସତର୍କତାର ସହ ଯିବାକୁ ପଡୁଛି। ଏହି ରାସ୍ତାରେ ଦୈନିକ ଶତାଧିକ ଲୋକ ଯାତାୟାତ କରିଥାନ୍ତି। ଏହାସହ ଛାତ୍ରୀଛାତ୍ରମାନେ ମଧ୍ୟ ସ୍କୁଲ, କଲେଜକୁ ଯାଉଥାନ୍ତି । ଏଭଳି ସ୍ଥିତିରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ତାର ଓହଳି ରହିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ମନମୁଣ୍ଡା ବିଦ୍ୟୁତ ବିଭାଗ ଜେଇ ସୁଶାନ୍ତ ଖଟୁଆଙ୍କୁ ପଚାରିବାରୁ ମୁଁ ସେ ବିଷୟରେ ଅବଗତ ଅଛି, ଶୀଘ୍ର କାମ କରିବା ପାଇଁ ଚେଷ୍ଟା କରିବି ବୋଲି କହିଛନ୍ତି ।



ରାସ୍ତା ମଝିରେ ଓହଳି ପଡିଥିବା ବିଦ୍ୟୁତ୍ ତାର ।

# ୩ ବର୍ଷ ପରେ ମହିଳାଙ୍କ ସହ ଅଭିଯୁକ୍ତ ଗିରଫ

## ନାବାଳିକାଙ୍କୁ ପ୍ରେମ ପ୍ରତାରଣା ଘଟଣା

ବୌଦ୍ଧ,୧୫।୨(ସ୍ୱ.ପ୍ର)

ବୌଦ୍ଧ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଗର୍ଭବତୀ କରାଇବା ପରେ ଫେରାର ଥିବା ପ୍ରେମିକ ଓ ସମ୍ପର୍କୀୟ ଭାଉଜଙ୍କୁ ଶେଷରେ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନାରାୟଣପୁର ଗ୍ରାମର ଗୋପ ବେହେରା(୨୫) ଓ ସମ୍ପୃକ୍ତ ମହିଳା।

ପୋଲିସ ସୂଚନା ଅନୁସାରେ, ନାରାୟଣପୁର ଗ୍ରାମର ଗୋପ ଉକ୍ତ ନାବାଳିକାଙ୍କୁ ପ୍ରଥମେ ପ୍ରେମ ଓ ପରେ ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲା। ନାବାଳିକା ଜଣକ ଗର୍ଭବତୀ ହେବା ପରେ ବିବାହ କରିବା ପାଇଁ ଗୋପଙ୍କୁ କହିବାରୁ ସେ ଫେରାର ହୋଇଯାଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ଗତ ତା୨୧।୧୦।୨୦୧୬ରିଖରେ ଏକ ମାମଲା (ନଂ. ୨୭୭/୧୬) ରୁଜୁ କରିବା ସହ ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଦୟା ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଏହି ମାମଲାରେ ଅନ୍ୟ ଦୁଇ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଦୀର୍ଘ ୩ ବର୍ଷ ପରେ ପୋଲିସ ମୁଖ୍ୟ ଅଭିଯୁକ୍ତ ଗୋପ ବେହେରା ଓ ସହଯୋଗୀ ଭାଉଜଙ୍କୁ ଗିରଫ କରି ଶନିବାର ବୌଦ୍ଧ ସ୍ୱତନ୍ତ୍ର ପକ୍ସୋ କୋର୍ଟକୁ ଚାଲାଣ କରିଛି। ଅନ୍ୟପକ୍ଷେ ଗର୍ଭବତୀ ନାବାଳିକା ଜଣକ ଜଣେ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି ।

# ଗୋପେଇପାଲି ଚାମ୍ପିୟନ

**କୋଶଳ କପ୍ କ୍ରିକେଟ**

ଭେଡ଼େନ,୧୫।୨(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ସଂକ୍ରୀଡ଼ା ଖେଳ ପଡ଼ିଆରେ ଚାଲିଥିବା କୋଶଳ କପ୍ କ୍ରିକେଟ ପ୍ରତିଯୋଗିତାରେ ଗୋପେଇପାଲି ଦଳ ଚାମ୍ପିୟନ ହୋଇଛି। ଶନିବାର ଅପରାହ୍ନରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଏହି ଦଳ ରେମଣ୍ଡା ଏକାଦଶକୁ ୨୪ ରନରେ ପରାସ୍ତ କରି ସଫଳତା ହାସଲ କରିଛି। ଫାଇନାଲ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଗୋପେଇପାଲି ଦଳ ୮ ଓଭରରେ ୮୮ ରନ ସଂଗ୍ରହ କରିଥିଲା। ଜବାବରେ ରେମଣ୍ଡା ଦଳ ୮ ଓଭରରେ ୬୪ ରନ କରିବାକୁ ସମର୍ଥ ହୋଇଥିଲା। ଉଦଯାପନୀ ଉତ୍ସବରେ ରେଶମ ସରପଞ୍ଚ ସଂଖ୍ୟାକାରୀ ଖମାରୀ ମୁଖ୍ୟଅତିଥି, କୋଶଳ ସେନା ସଭାପତି ସୁଶାନ୍ତ ମିଶ୍ର, ସମ୍ପାଦକ ବଳରାମ ମହାକୁର, ଅର୍ପଣ ନାୟକ, ତୁଫାନ ମହାକୁର, ସୁଦର୍ଶନ ହାତୀ, ଜୟରାମ ଶତପଥି ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଖେଳକୁ ଦିଲୀପ ଭୋସାଗର ଓ ବଳରାମ ମାଝୀ ପରିଚାଳନା କରିଥିବା ବେଳେ ଗଣେଷ ରାଉତ ଓ ସଂରଚିତ ମେଘ ଧାରା ବିବରଣୀ ପ୍ରଦାନ କରିଥିଲେ। କୋଶଳ ସେନା ଓ ସଂକ୍ରୀଡ଼ା ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ୫ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ।



ବିଜୟୀ ଦଳର ଖେଳାଳି ଓ ଅତିଥିଗଣ ।

# ଆର୍‌ୱାଇଏସ୍, ଭବାନୀ କ୍ଲବ ବିଜୟୀ

## ଆନ୍ତଃ କ୍ଲବ କ୍ରିକେଟ ପ୍ରତିଯୋଗିତା

ବରଗଡ଼ ଅଫିସ, ୧୫।୨

ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ବରଗଡ଼ରେ ଚାଲିଥିବା ଜିଲାସ୍ତରୀୟ ଆନ୍ତଃକ୍ଲବ କ୍ରିକେଟ ପ୍ରତିଯୋଗିତାର ତୃତୀୟ ଦିବସ ଶନିବାରରେ ଆରୱାଇଏସ ଏବଂ ଭବାନୀ କ୍ରିକେଟ କ୍ଲବ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ସ୍ଥାନୀୟ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଉତ୍କଳମଣି ଗୋପବନ୍ଧୁ ଯୁବକ ସଂଘ ଏବଂ ଆରୱାଇଏସ ମଧ୍ୟରେ ମ୍ୟାଚ୍ ହୋଇଥିଲା । ଏଥିରେ ଉତ୍କଳମଣି ଗୋପବନ୍ଧୁ ଯୁବକ ସଂଘ ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୪୦.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୨୧ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଲକ୍ଷ୍ମୀ ସାହୁ ୩୬, ସୌମ୍ୟ ସାହୁ ୩୯, ରିତେଶ ପାଲବାର ୨୦ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଆରୱାଇଏସ ଦଳର ନିଲାଚଳ ପ୍ରଧାନ ୩୮ରନ ବିନିମୟରେ ୫ ଏବଂ ଦେବେନ୍ଦ୍ର ବାଗ ୨୨ରନ ବିନିମୟରେ ୨ଟି ଉଇକେଟ ନେଇଥିଲେ। ଜବାବରେ ଆରୱାଇଏସ ଦଳ ୫ଉଇକେଟ ହରାଇ ବିଜୟୀ ଲକ୍ଷ୍ୟ ପୂରଣ ଅର୍ଥାତ୍ ୨୨୨ରନ୍ ସଂଗ୍ରହ କରିଥିଲା। ଦଳର ପିଣ୍ଟୁ କାଲସା ୧୦, ସୁଲତାନ ଖାନ ୩୭, ଝସକେତନ ସେଟ ୨୬ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଉତ୍କଳମଣି ଗୋପବନ୍ଧୁ ଯୁବକ ସଂଘର ପିକେଶ ସ୍ୱାଇଁ ୫୬ରନ ବିନିମୟରେ ୨ଟି ଉଇକେଟ୍ ନେଇଥିଲେ। ଶୁଭମ ପାତ୍ର, ଭରତ ପଣ୍ଡା ଅମ୍ପାୟାର ଥିବାବେଳେ ମନୋଜ କୁମାର ପାତ୍ର ଅନଲାଇନ ଓ ଅଶୋକ ସାହୁ ମାନୁଏଲ ସ୍କୋରର ରହିଥିଲେ ।

ସେହିପରି ବିକାଶ ଗ୍ରାଉଣ୍ଡରେ ରାଇଜିଂ ଷ୍ଟାର ଓ ଭବାନୀ କ୍ଲବ ମଧ୍ୟରେ ମ୍ୟାଚ ହୋଇଥିଲା । ରାଇଜିଂ ଷ୍ଟାର ଟସ ଜିଣି ୨୯.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୦୮ରନ୍ ସଂଗ୍ରହ କରିଥିଲା । ଦଳର କରୁଣାକର ସାହୁ ସର୍ବାଧିକ ୪୪ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଭବାନୀ କ୍ଲବର ପରଦେଶୀ ନିଶାଦ ୨୮ରନ ବିନିମୟରେ ୬ଟି ଉଇକେଟ ନେଇଥିବା ବେଳେ ସୁଶାନ୍ତ ମେହେର ୫୦ରନ ବିନିମୟରେ ୨ ଏବଂ ଏସ.କେ ରାଜା ୧୧ରନ୍ ବିନିମୟରେ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଭବାନୀ କ୍ଲବର ୨୩.୧ ଓଭରରେ ୬ଉଇକେଟ ହରାଇ ୧୧୨ରନ ସହିତ ବିଜୟୀ ହୋଇଥିଲା। ଦଳର ଏସ.କେ ରାଜା ୪୦ ସର୍ବାଧିକ ୪୦ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ରାଇଜିଂ ଷ୍ଟାରର ଗଜେନ୍ଦ୍ର ବରିହା ୨୩ରନ ବିନିମୟରେ ୨ଟି ଉଇକେଟ୍ ନେଇଥିଲେ। ପ୍ରଦୀପ କୁମାର ଦାଶ, ପ୍ରୟାସ ବଗାର ଅମ୍ପାୟାର ଦାୟିତ୍ୱରେ ଥିବାବେଳେ ରଜତ ଦାଶ ଅନଲାଇନ ସ୍କୋରର ରହିଥିଲେ ।

# ବୃକ୍ଷର ସୁରକ୍ଷା ପାଇଁ ସଂକଳ୍ପ

ବରଗଡ଼ ଅଫିସ୍,୧୫।୨
ବରଗଡ଼ର ରାଣାପ୍ରତାପ ସ୍କୁଲ ପରିସରରେ ଶୁକ୍ରବାର ନିଆରା ଭାବେ ଭାଲେଣ୍ଟାଇନ ଡେ ଅର୍ଥାତ୍ ପ୍ରେମ ଦିବସ ପାଳନ କରାଯାଇଥିଲା। ପ୍ରକୃତିବନ୍ଧୁ ଡଃ ଡୋଲାମଣି ଶତପଥୀଙ୍କ ଉଦ୍ୟମରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପ୍ରେମ ଦିବସରେ ପ୍ରକୃତିକୁ ଭଲ ପାଇବା ତଥା ବୃକ୍ଷର ସୁରକ୍ଷା ପାଇଁ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ର ସଂକଳ୍ପ ନେଇଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସ୍କୁଲ ପରିସରରେ ରହିଥିବା ବୃକ୍ଷଗୁଡ଼ିକୁ ପୂଜା କରିଥିଲେ । କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ହୋଇଥିଲେ ।



ଛାତ୍ରୀମାନେ ବୃକ୍ଷକୁ ପୂଜାର୍ଚ୍ଚନା କରୁଛନ୍ତି ।

# ଗ୍ୟାରେଜରେ ଭଙ୍ଗାରୁଜା, ଜଣେ ଗିରଫ

ପଦ୍ମପର, ୧୫।୨ (ଡି.ଏନ.ଏ)

ପଦ୍ମପୁର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଏକ ଗ୍ୟାରେଜରେ ଭଙ୍ଗାରୁଜା ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଦୟା ଓରଫ ଅଭିମନ୍ୟୁ ଭୁଏ। ଏ ନେଇ ପଦ୍ମପୁର ଥାନା ପୋଲିସ ଏକ ମାମଲା (ନଂ.୩୫/୨୦) ରୁଜୁ କରିଛି। ସୂଚନା ଅନୁସାରେ, ଦୟା ଗତ ୧୩ ତାରିଖ ରାତ୍ରିରେ ଉକ୍ତ ଗ୍ୟାରେଜରେ ବାଇକ୍ ଭଙ୍ଗାରୁଜା କରିଥିଲେ ଏବଂ କିଛି ସାମଗ୍ରୀ ଚୋରି କରିନେଇଥିଲେ । ୧୪ ତାରିଖ ସକାଳେ ଗ୍ୟାରେଜ ମାଲିକ ରାଜେଶ ପଣ୍ଡା ଏ ନେଇ ପଦ୍ମପୁର ଥାନାରେ ଅଭିଯୋଗ କରିଥିଲେ ।



ମିଥ୍ୟା ଯେତେବେଳେ କାର୍ଯ୍ୟରେ ପରିଣତ ହୁଏ, ସେତେବେଳେ ତାହାର ନାମ ହୋଇଥାଏ ଭୁଲ୍।
- ମାଇକେଲ ଲାଣ୍ଡନ୍

## ସଂକ୍ଷେପରେ

### ବଡମାଳ କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର

**ଅମରପାଲି, ୧୫।୨ (ଡି.ଏନ.ଏ):** ବୀରମହାରାଜପୁର-ରେଢ଼ାଖୋଲ ସୀମାବର୍ତ୍ତି ରେଢ଼ାଖୋଲ ବ୍ଲକ ରେ.ବଡମାଲସ୍ଥିତ ଜୟ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମହିଳା ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ରାଜେଶ କୁମାର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବଡମାଳ ସରପଞ୍ଚ ଷଡାନନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଆରତୀ ବେହେରା ଓ ନିତୁ ଗର୍ଡିଆ ମାଷ୍ଟର ଟ୍ରେନରଭାବେ ତାଲିମ ପ୍ରଦାନ କରିଥିଲେ ।

### ଶିଳ୍ପୋଦ୍ୟୋଗୀ ବିକାଶ ତାଲିମ ଶିବିର

**ଉଲୁଣ୍ଡା, ୧୫।୨(ଡି.ଏନ.ଏ.):** ଉଲୁଣ୍ଡା ସଦରଠାରେ ଶିଳ୍ପୋଦ୍ୟୋଗୀ ବିକାଶ ତାଲିମ ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଲୁଣ୍ଡା ଷ୍ଟେଟବ୍ୟାଙ୍କ ବ୍ରାଞ୍ଚ ମ୍ୟାନେଜର ଶ୍ରୀନିବାସ ଦଳବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରୋଗ୍ରାମ କୋଅର୍ଡିନେଟର ଶୁଭ ରଞ୍ଜନ ମହାନ୍ତି, ଆସିଷ୍ଟାଣ୍ଟ ପ୍ରୋଗ୍ରାମ କୋଅର୍ଡିନେଟର ଦେବଦତ ଖଣ୍ଡାୟତ ରାୟ, ସ୍କୋପ କମ୍ପ୍ୟୁଟରର ନିର୍ଦ୍ଦେଶକ ସୁଜିତ ପଣ୍ଡା ଯୋଗଦେଇଥିଲେ। ଏହି ଶିବିରରେ ୫୦ ଜଣ ଯୁବତୀ ଯୁବକ ଯୋଗଦେଇଥିବେଳେ ୩୦ ଜଣଙ୍କୁ ମନୋନୀତ କରାଯାଇଥିଲା।

### ଫଗୁଣ ପୂର୍ଣ୍ଣମୀ ପାଇଁ ପ୍ରସ୍ତୁତି ବୈଠକ

**ଅମରପାଲି, ୧୫।୨ (ଡି.ଏନ.ଏ):** ବୀରମହାରାଜପୁରରେ ହେବାକୁ ଥିବା ଫଗୁଣ ପୂର୍ଣ୍ଣମୀର ସଫଳ ପରିଚାଳନା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନାମଯଜ୍ଞ ପରିଚାଳନା କମିଟିରେ ବିଷ୍ଣୁଚରଣ ପଣ୍ଡା ସଭାପତି, ଦାମୋଦର ହୋତା ଉପସଭାପତି, ସଞ୍ଜିବ ତରିଆ ସମ୍ପାଦକ, ବିପିନ ପଣ୍ଡା ଯୁଗ୍ମ ସମ୍ପାଦକ, ଦୟାନିଧି ହୋତା କୋଷାଧକ୍ଷ ଓ ଅକ୍ଷୟ ମିଶ୍ର ଯୁଗ୍ମ କୋଷାଧକ୍ଷ ଭାବେ ଚୟନ କରାଯାଇଛି। ସେହିପରି ସନ୍ତୋଷ କୁମାର ଭୋଇ, ଛବିଳ କର୍ଣ୍ଣ, ସୁରେଶ ପ୍ରସାଦ ପଣ୍ଡା, ଯୁଗଳ କିଶୋର ମିଶ୍ର, ଭଗବାନ ମିଶ୍ର, ଗଙ୍ଗାଧର ପଧାନ, ବସନ୍ତ ମହାକୁର, ପ୍ରଫୁଲ୍ଲ ଡାଙ୍ଗ, ହରିହର ସ୍ୱାଇଁ, ଦୁର୍ଗେଶ ପଣ୍ଡା ଓ ଦଶରଥ ସାହୁଙ୍କୁ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ମନୋନୀତ କରାଯାଇଛି। ରବିବାର ଶୁଭସ୍ତମ୍ଭ ସ୍ଥାପନ କରାଯିବାର ବୈଠକରେ ସ୍ଥିରୀକୃତ ହୋଇଛି ।

### ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ତରଭା, ୧୫।୨(ଡି.ଏନ.ଏ.):** ତରଭା ଖଇରଭାଡି ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଜୟଗୋପାଲ ସେଠ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ପରିଚାଳନା ସମିତି ସଭ୍ୟ ଜିତେଶ୍ୱର ରଣା ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଅତିଥିଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶରତ ଚନ୍ଦ୍ର ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପଢାରେ ମନୋନିବେଶ ପାଇଁ ପରାମର୍ଶ ଦେଇଥିଲେ । ଅନୁଷ୍ଠିତ ପ୍ରତିଯୋଗୀତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ପାଟଣାଗଡ଼, ପ୍ରୋଗ୍ରେସିଭ ଝାରସୁଗୁଡ଼ା ବିଜୟୀ

**ଭଗବତୀ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ**

**ସୋନପୁର,୧୫।୨(ନି.ପ୍ର.)**

ସୋନପୁର ଗାନ୍ଧୀ ପଡିଆରେ ଭଗବତୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଚାଲିଥିବା ୧୦ମ ଭଗବତୀ ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟର ଶନିବାର ତୃତୀୟ ଦିବସ ମ୍ୟାଚ୍‌ରେ ପାଟଣାଗଡ କ୍ରିକେଟ୍ କ୍ଲବ ଓ ପ୍ରୋଗ୍ରେସିଭ ଆସୋସିଏଶନ ଝାରସୁଗୁଡା ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ପାଟଣାଗଡ କ୍ରିକେଟ୍ କ୍ଲବ ଓ ବଲାଙ୍ଗୀର ନବକିଶୋର କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲା। ଦଳ ପ୍ରଥମେ ବ୍ୟାଟିଂ କରି ୧୯.୪ ଓଭରରେ ୧୦ ଉଇକେଟ୍ ହରାଇ ୧୨୫ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଅଂଶୁମାନ ମିଶ୍ର ୬୪, ଦେବାଂଶୁ ରାଜଗୁରୁ ୧୬ ଓ ଜୟ କିଷାନ ୮ ରନ ସଂଗ୍ରହ କରିଥିଲେ। ପାଟଣାଗଡ ପକ୍ଷରୁ ପୁରୁଷୋତ୍ତମ ପାତ୍ର ୫ଟି, ସାଗର ପର୍ଭା ୨ଟି ଓ ହର ବେଷ୍ଟକାର ୧ଟି ଉଇକେଟ ଅକ୍ତିୟାର କରିଥିଲେ। ଜବାବରେ ପାଟଣାଗଡ ଦଳ ପୁରୁଷୋତ୍ତମ ପାତ୍ରଙ୍କ ୨୯ ରନ, ଅମିତ ନନ୍ଦଙ୍କ ୨୪ ଓ ଜିତେଶ ବର୍ଗଡ଼ିଙ୍କ ୨୪ ରନ ସହାୟତାରେ ୧୯.୩ ଓଭରରେ ୮ ଉଇକେଟ ହରାଇ ୧୨୬ ରନ ସଂଗ୍ରହ କରିଥିଲେ। ବଲାଙ୍ଗୀର ପକ୍ଷରୁ ଅଂଶୁମାନ ମିଶ୍ର ୩ଟି, ବାବୁଲୁ ସେଠୀ ୨ଟି ଓ ଦେବାଶିଷ ଯାଦବ ୧ଟି ଉଇକେଟ୍ ହାସଲ କରିଥିଲେ । ପାଟଣାଗଡ ୨ ଉଇକେଟ୍‌ରେ ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ପାଟଣାଗଡର ପୁରୁଷୋତ୍ତମ ପାତ୍ରଙ୍କୁ ଜିଲା ସରପଞ୍ଚ ସଂଘର ସମ୍ପାଦକ ଅରବିନ୍ଦ ବାରିକ୍ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

ଦ୍ୱିତୀୟ ମ୍ୟାଚ୍ ପ୍ରୋଗ୍ରେସିଭ ଆସୋସିଏଶନ ଝାରସୁଗୁଡା ଓ ବ୍ଲୁ ଡାଇମଣ୍ଡ ବରଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବରଗଡ ଦଳ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ୧୬.୩ ଓଭରରେ ୧୦ ଉଇକେଟ୍ ହରାଇ ୮୪ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ପ୍ରବୀଣ ଲୁହା ୨୫ ରନ, ଶ୍ରୀକାନ୍ତ ୧୮ ରନ, ରାକେଶ ସିଂହ ୧୭ ରନ ସଂଗ୍ରହ କରିଥିଲେ। ଝାରସୁଗୁଡାର ପ୍ରତୀକ ଯାଦବ ୨.୩ ଓଭର ବୋଲିଂ କରି ମାତ୍ର ୩ ରନ ବିନିମୟରେ ୩ଟି ଉଇକେଟ୍ ଅକ୍ତିୟାର କରି ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ସଞ୍ଜୟ ଦାଶ ୩ଟି ଓ ଶୁଭମ ସିଂହ ୨ଟି ଉଇକେଟ୍ ନେଇଥିଲେ। ଜବାବରେ ଝାରସୁଗୁଡା ଦଳ ରୋଶନ ପ୍ରସାଦଙ୍କ ୨୦ ରନ, ପ୍ରତୀକ ଯାଦବଙ୍କ ୧୫ ରନ ଓ ସଚ୍ଚିନ ଶ୍ରେଷ୍ଠଙ୍କ ୧୫ ସହାୟତାରେ ୮୬ ରନ ସଂଗ୍ରହ କରିଥିଲା। ବରଗଡର ସଙ୍କଳ୍ପ ରାଉତ ୨ଟି, ଆଜାଦ ପ୍ରଧାନ ୨ଟି ଓ ଶ୍ରୀକାନ୍ତ ପ୍ରଧାନ ୧ଟି ଉଇକେଟ୍ ଅକ୍ତିୟାର କରିଥିଲେ। ଝାରସୁଗୁଡା ୫ ଉଇକେଟ୍‌ରେ ମ୍ୟାଚ୍ ବିଜୟୀ ହୋଇଥିଲା। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଝାରସୁଗୁଡାର ପ୍ରତୀକ ଯାଦବଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ ରଞ୍ଜନ ହୋତା। ଶ୍ୟାମସୁନ୍ଦର ପଣ୍ଡା, ସମୀର ପାଣିଗ୍ରାହୀ, ପୃଥ୍ୱୀରାଜ ମିଶ୍ର ଓ ବଳରାମ ପଟ୍ଟନାୟକ ଏହି ମ୍ୟାଚ୍ ପରିଚାଳନା କରିଥିଲେ । ସଂଗ୍ରାମ ନାୟକ ସ୍କୋରର ଦାୟିତ୍ୱ ପ୍ରଦାନ କରିଥିଲେ । ପାର୍ଥ ଦାଶ ଓ ଆନନ୍ଦ ବାଗ ଧାରା ବିବରଣୀ ପ୍ରଦାନ କରିଥିଲେ ।



ପାଟଣାଗଡର ପୁରୁଷୋତ୍ତମ ପାତ୍ରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।

### ଆଞ୍ଚଳିକ ଯୁବ ସମ୍ମିଳନୀ

**ବିନିକା,୧୫।୨(ଡି.ଏନ୍.ଏ.)**

ବିନିକା ବ୍ଲକ ମେଘଲା ଯଶପୁର ଗଣପତି କ୍ଲବ ସଭାଗୃହରେ ଶନିବାର ସୋନପୁର ନେହେରୁ ଯୁବକେନ୍ଦ୍ର ଓ ଯଶପୁର ଗଣପତି କ୍ଲବ ଆନୁକୂଲ୍ୟରେ ଆଞ୍ଚଳିକ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗଣପତି କ୍ଲବ ସଭାପତି ପ୍ରହ୍ଲାଦ ପୋଢଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଅଶ୍ୱିନୀ କୁମାର ପାଣ୍ଡେ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ମେଘଲା ସରପଞ୍ଚ ମନୋଜ କୁମାର ସେଠୀ, ସାମାଜିକ କର୍ମୀ ନକୁଳ ନାୟକ ଓ କୁବେର ହରିପାଳ ଉପସ୍ଥିତ ଥିଲେ। ଯୁବଗୋଷ୍ଠୀ ନିଜ ଦକ୍ଷତାକୁ ଅଞ୍ଚଳର ଉନ୍ନତିରେ ବିନିଯୋଗ କରିବାକୁ ଆହ୍ୱାନ କରିଥିଲେ। ସଭା ପରିଚାଳନା ସରୋଜ କୁମାର ସାହୁ କରିଥିଲେ । ଶେଷରେ ନରସିଂହ ଖଣ୍ଡାୟତ ଧନ୍ୟବାଦ ଅର୍ପଣ କରିଥିଲେ ।

# ମଣ୍ଡିରେ ପଡ଼ି ରହିଛି ଧାନ

**ଅମରପାଲି, ୧୫।୨ (ଡି.ଏନ.ଏ)**

**ପିତାମହୁଲ ମଣ୍ଡି**
- ୧୫ ଦିନ ହେଲା ଉଠି ପାରୁନି ୧୫୫୯ ପ୍ୟାକେଟ ଧାନ
- ଜିଲାପାଳଙ୍କୁ ଅଭିଯୋଗ କଲେ ଚାଷୀ

ମଣ୍ଡି ବନ୍ଦ ହେଲା, ମାତ୍ର ମଣ୍ଡିରୁ ଚାଷୀଙ୍କ ଧାନ ଉଠି ପାରିଲା ନାହିଁ । ବିକ୍ରି କରିବା ପାଇଁ ଚାଷୀ ଦୀର୍ଘ ୧୫ ଦିନ ହେଲା ମଣ୍ଡିରେ ଧାନ ପକାଇଥିଲେ । ମାତ୍ର ଧାନ ବିକ୍ରି ହୋଇ ନ ପାରିବାରୁ ଶନିବାର ଚାଷୀମାନେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପିତାମହୁଲ ସେବା ସମବାୟ ସମିତିରେ ଅଞ୍ଚଳର ଚାଷୀଙ୍କ ଧାନ ବିକ୍ରି ହୋଇପାରି ନଥିବା ଅଭିଯୋଗ ହୋଇଛି। ଅଭିଯୋଗମତେ, ପ୍ରାୟ ୭ ଜଣ ଚାଷୀ ୧୫ ଦିନ ହେଲା ମଣ୍ଡିରେ ୧୫୫୯ ପ୍ୟାକେଟ ଧାନ ରଖିଥିଲେ। ଏପରିକି ଗତ ବର୍ଷାରେ ବିକ୍ରି ବାଧାପ୍ରାପ୍ତ ହେବାରୁ ସେମାନଙ୍କ ଧାନ ଉଠି ପାରି ନ ଥିଲା । ଫଳରେ ସେମାନଙ୍କର ଟୋକନ ଫେରି ଯାଇଥିଲା। ଏନେଇ ସେମାନେ ସମିତି ସମ୍ପାଦକଙ୍କୁ ପଚାରିବାରୁ ପୁଣି ଟୋକନ ଆସିଲେ ଜଣାଇବେ ବୋଲି କହିଥିଲେ। ମାତ୍ର ଏଯାଏ ଟୋକନ ମଧ ଆସିଲା ନାହିଁ। ଫଳରେ ମଣ୍ଡିରେ ଏବେ ବି ଧାନ ପଡିରହିଛି। କେତେକ ଚାଷୀ ଧାନ ବିକ୍ରି ପରେ ଧାରକରଜ ପରିଶୋଧ କରିବାକୁ ଥିବା ବେଳେ ଆଉ କେତେକ ନିଜ ପୁଅ ଝିଅଙ୍କ ବାହା ଘର ପାଇଁ ଟଙ୍କା ଆବଶ୍ୟକ ରହିଛି । ଏଣୁ ଧାନ ବିକ୍ରି ନହେଲେ ଚାଷୀମାନେ ହଇରାଣ ହେବେ। ତେଣୁସେମାନଙ୍କ ଧାନ ବିକ୍ରି ବ୍ୟବସ୍ଥା କରିବାକୁ ଚାଷୀମାନେ ଜିଲାପାଳଙ୍କ ସହିତ ବାଣିଜ୍ୟ ଓ ପରିବହନ ଏବଂ ଯୋଜନା ଓ ସଂଯୋଜନା ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେର, ବୀରମହାରାଜପୁର ଉପଜିଲାପାଳ ଏବଂ ସିଏସଓ ସୁବର୍ଣ୍ଣପୁରଙ୍କୁ ମଧ ଲିଖିତ ଅଭିଯୋଗ କରାଯାଇଛି । ଏନେଇ ସିଏସଓ ବିଜୟାନନ୍ଦ କରକରାଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ ସେ ରସିଭ କରି ନଥିଲେ ।



ପିତାମହୁଲ ମଣ୍ଡିରେ ବିକ୍ରି ହୋଇ ନ ପାରି ପଡି ରହିଥିବା ଧାନ।

### ଜଳ ପରିଚାଳନା ସମ୍ପର୍କିତ କର୍ମଶାଳା

**ଅମରପାଲି, ୧୫।୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସଭାଗୃହରେ କୃଷି ବିଭାଗ, ଆତ୍ମା ଓ ଏଫଇଏସ ଆନୁକୂଲ୍ୟରେ ତିନିଦିନ ଧରି ଚାଲିଥିବା ଜଳ ପରିଚାଳନା ସମ୍ପର୍କିତ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। କର୍ମଶାଳାରେ କୃଷି ବିଭାଗର ସମସ୍ତ କର୍ମଚାରୀ, ଏଏଓ, ବିଟିଏମ, ଏଟିଏମ, କୃଷକ ସାଥି ଓ ଅଗ୍ରଣୀ ଚାଷୀଙ୍କ ସହିତ ୩୦ଜଣ ସଦସ୍ୟ ଯୋଗଦେଇଥିଲେ। କର୍ମଶାଳାର ପ୍ରଥମ ଦିବସରେ କର୍ଡାପାଲ ସରକାରୀ କୃଷି ଅଧିକାରୀ ତୁଷାରକାନ୍ତ ସାହୁ ଓ ସୁବର୍ଣ୍ଣପୁର ଯୁଗ୍ମ ମାନ ନିର୍ଦ୍ଧାରଣ ଅଧିକାରିଣୀ ସୁଶ୍ରୀସ୍ମିତା ପଣ୍ଡା ଯୋଗଦେଇଥିଲେ। ଦ୍ୱିତୀୟ ଦିବସରେ ବାରଝୁଲା ଗ୍ରାମକୁ ସମସ୍ତ ସଦସ୍ୟ ପରିଦର୍ଶନ କରି ଜଳ ପରିଚାଳନା ସମ୍ପର୍କିତ ତଥ୍ୟ ସଂଗ୍ରହ କରିଥିଲେ। ଅନ୍ତିମ ଦିବସରେ ସହକାରୀ କୃଷି ଅଧିକାରୀ କାଳିନ୍ଦୀ ପରିଡା ଯୋଗଦେଇ କର୍ମଶାଳାର ଉପାଦେୟତା ଉପରେ ବୁଝାଇଥିଲେ । କାର୍ଯ୍ୟକ୍ରମରେ ବିଟିଏମ ଜିତେନ୍ଦ୍ର ମେହେର, ଏଟିଏମ ମୀନକେତନ ମହାକୁର, ନାରାୟଣ ମିଶ୍ର, କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ବୀରମହାରାଜପୁରର ଅଧକ୍ଷ ଆଲୋକ ଦେହେରୀ ପ୍ରମୁଖ ସମ୍ବଳ ବ୍ୟକ୍ତିତ୍ୱ ଭାବେ ଯୋଗଦେଇଥିଲେ। ଶେଷରେ ଏଟିଏମ ଚନ୍ଦ୍ରଶେଖର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ବାଳିକା ହାଇସ୍କୁଲରେ ବିଦାୟ ସମ୍ବର୍ଦ୍ଧନା

## ମାଟ୍ରିକ ପରୀକ୍ଷାରେ ସଫଳତା ଲାଗି ଶୁଭ ମନାସିଲେ

**ଅମରପାଲି, ୧୫।୨ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରକାରୀ ବାଳିକା ହାଇସ୍କୁଲରେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ନିରଞ୍ଜନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଦଶମ ଶ୍ରେଣୀର ଛାତ୍ରୀମାନେ ନିଜ ନିଜର ସ୍କୁଲ ସମୟର ସ୍ମୃତି ସାଉଁଟି ଥିଲେ। ଉପସ୍ଥିତ ଶିକ୍ଷକମାନେ ଛାତ୍ରୀଙ୍କୁ ଚଳିତ ବାର୍ଷିକ ପରୀକ୍ଷାରେ ଭଲ କରିବା ପାଇଁ ଆଶୀର୍ବାଦ କରିଥିଲେ। ଏହା ସହିତ ଭବିଷ୍ୟତରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ନବମ ଶ୍ରେଣୀ ଛାତ୍ରୀମାନେ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀମାନେ ଉପସ୍ଥିତ ଥିଲେ।

# ବାଇକ୍ ଧକ୍କାରେ ଛାତ୍ରୀ ମୃତ, ରାସ୍ତାରୋକୋ

**ଡୁଙ୍ଗୁରିପାଲି, ୧୫।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଏସ. ରାମପୁର ଥାନା ଖଲିଆପାଲି କେନାଲ ବ୍ରିଜ ସମ୍ମୁଖରେ ଶୁକ୍ରବାର ବାଇକ ଧକ୍କାରେ ଆହତ ଶ୍ରୀରାମ କଲେଜର ଛାତ୍ରୀ ବର୍ଷାରାଣି ନାଏକଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ଶନିବାର ପଣ୍ଡକିଟାଲ ଛକରେ କଲେଜ ଛାତ୍ରୀଛାତ୍ରଙ୍କ ସହ ଅଞ୍ଚଳବାସୀ ପୂର୍ବାହ୍ନ ୧୧ଟାରେ ରାସ୍ତାରୋକୋ କରିଥିଲେ । ମୃତାଙ୍କ ପରିବାରକୁ କ୍ଷତିପୂରଣ, ପଣ୍ଡକିଟାଲ ଛକରେ ଟ୍ରାଫିକ ନିୟମ କଡାକଡି କରିବା ସହ ହମ୍ପସ ନିର୍ମାଣ, କଲେଜରେ ହଷ୍ଟେଲ ନିର୍ମାଣ କରିବାକୁ ସେମାନେ ଦାବି କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ରାସ୍ତାରୋକୋସ୍ଥଳରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଡିଓ ସହଦେବ ସମାଧିଆ ମାଜିଷ୍ଟ୍ରେଟ ଭାବେ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ଓ ଅନ୍ୟାନ୍ୟ ଦାବିଗୁଡିକୁ ସମାଧାନର ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ହେଲେ କଲେଜର ଛାତ୍ରୀଛାତ୍ରମାନେ ଦାବିଗୁଡକ ଅବିଳମ୍ବେ ପୂରଣ କରିବାକୁ ଜିଦ୍ କରିଥିଲେ। ଅପରାହ୍ନ ୪ଟାରେ ସୁବର୍ଣ୍ଣପୁର ଉପଜିଲାପାଳ ବଳରାମ ମଲ୍ଲିକ ସେଠାରେ ପହଞ୍ଚି ରବିବାରଠାରୁ କଲେଜ ରାସ୍ତାରେ ଟ୍ରାଫିକ ନିୟମ କଡାକଡି ପାଳନ କରାଯିବ, କଲେଜ ପାଖରେ ଥିବା ମଦ ଦୋକାନଗୁଡିକ ବନ୍ଦ କରାଯିବ, ଦୁର୍ଘଟଣା ଘଟାଇଥିବା ବାଇକ ଚାଳକଙ୍କୁ ୪୮ ଘଣ୍ଟା ମଧ୍ୟରେ ଗିରଫ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ । ପରେ ସନ୍ଧ୍ୟା ୬ଟା ୨୦ରେ ରାସ୍ତାରୋକୋ ଆନ୍ଦୋଳନରୁ ଛାତ୍ରୀଛାତ୍ର ଓହରି ଥିଲେ । ଘଟଣାସ୍ଥଳରେ କଲେଜ ଅଧ୍ୟକ୍ଷ ରାମେଶ୍ୱର ନାଏକ, ମାୟାବର୍ହା ସରପଞ୍ଚ ରମେଶ ଭୋଇ, ଡୁଙ୍ଗୁରିପାଲି ପୋଲିସ ନିରଞ୍ଜନ ଦାଶ, ଏସଆଇ ଅନୀଲ କୁମାର ପଧାନ, ରାମପୁର ଥାନାଧିକାରୀ ଭାନୁଶଙ୍କର ଯାଦବ ଉପସ୍ଥିତ ଥିଲେ ।

ଡୁଙ୍ଗୁରିପାଲି ବ୍ଲକ ବଡନୂଆପାଲି ଗ୍ରାମର ଧନପତି ନାଏକଙ୍କ ଝିଅ ବର୍ଷା ପିପିଲିପାଲିସ୍ଥିତ ମାମୁଁ ଘରେ ରହି ଶ୍ରୀରାମ କଲେଜରେ ପଢୁଥିଲେ। ଶୁକ୍ରବାର କ୍ଲାସ ସାରି ସାଙ୍ଗମାନଙ୍କ ସହିତ ପିପିଲିପାଲିକୁ ସାଇକେଲରେ ଫେରୁଥିବା ବେଳେ ବ୍ରିଜ ପାଖରେ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଅଗ୍ନିଶମ ବିଭାଗ ସହାୟତାରେ ତାଙ୍କୁ ରାମପୁର ଡାକ୍ତରଖାନା ଓ ପରେ ବୁର୍ଲା ବଡ ମେଡିକାଲକୁ ପଠାଯାଇଥିଲା । ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ।



ପ୍ରଶାସନିକ ଅଧିକାରୀମାନେ ରାସ୍ତାରୋକୋ କରିଥିବା ଛାତ୍ରୀଛାତ୍ର ଓ ଜନସାଧାରଣଙ୍କ ସହ ଆଲୋଚନା କରୁଛନ୍ତି।


**OFFICE OF THE MUNICIPAL COUNCIL, KEONJHARGARH**
email : keonjharm.hud@rediffmail.com
Invitation for Bids (IFB) 'e' Procurement Notice
Bid Identification No.KGM-10/2019-20

Letter No.1475 /KGM Date: 12.02.2020

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system ,through e-Procurement.

1 - Nature of work- Civil Work
2 - No. of Work-31 Nos.
3 - Value of works: Rs.1,34 ,200 /- to 15,88,000 /-
4 - Date & Time of availability of Bid document in the portal: From. 15.02.2020 at 11.00 A.M. up to 25.02.2020 at 5.00 P.M.
5 - Last date & time of submission of bid in portal- upto 5 P.M of 25.02.2020
6 - Date of Opening of bid in portal. 27.02.2020 at 11 .30. A.M.
7- Name & address of the officer in Inviting Bid- EO, Keonjhargarh Municipality

Further details can be seen from Website: www.tendersorissa.gov.in

Sd./- Executive Officer
Keonjhargarh Municipality

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
(A Govt.of Odisha Undertaking)
Regd.Office: Janapath Bhubaneswar-751022
OFFICE OF THE G.M.(ELECT) EHT (O&M)CIRCLE, JAJPUR ROAD.
Fax/Phone No.06726-220965 (off), E-mail.id.ehtm.cle.jjp@optcl.co.in CIN: U401020R2004SGC007553
No.Tech-CR-150/156 Dated:15.02.2020

**EXPRESSION OF INTEREST(EOI)**

General Manager(Elect.),EHT(O&M) Circle, OPTCL, Jajpur Road indents to prepare a vendor list for minimum one year for execution of different Civil/Electrical works and supply of different materials for the estimated cost of more than 10(Ten) thousand up to 1(One) lakh. Interested suppliers, dealers, contractors and firm owners may apply with details documents on or before 04.03.2020 (during office hours).For details please visit our website:- www.optcl.co.in.
Corrigendum if any, will be published in the website only.

Sd./- General Manager (Elect)

**PRAGATIPATHE ATHMALIK PANCHAYAT SAMITI**

1. RURAL HOUSING FOR THE FY 2019-20.
   - PMAY-G Houses - 1922
   - BPGY Houses - 125
   - NSPGY Houses - 225
2. MGNREGS FOR THE FY 2019-20
   - Persondays Generation - 334265 days
   - House Hold 100 days completed - 166

PROJECT COMPLETED UNDER MGNREGS
   - AWC Building - 10
   - Playground - 3
   - Village Tank - 5
   - Check Dam - 4
   - Road - 14
3. AGAB FOR THE FY 2019-20
   - Project Completed - 112
4. RURAL WATER SUPPLY AND SANITATION
   - Pipe water supply completed - 28
   - Overhead tank completed - 11

Minakhi Dalei, Chairman
Chairman, Athmallik Block
Sanjay Kumar Acharya
Block Development Officer, Athmallik

**OFFICE OF THE EXECUTIVE ENGINEER** No. O-1083
**RURAL WATER SUPPLY & SANITATION DIVISION, MALKANGIRI**
Phone - (06861) 231617email:eerwss_mal@nic.in,eerwssmlkg@gmail.com

**QUOTATION CALL NOTICE No. 03 / (EB-61)2020 Dt. 12.02.2020**

The Executive Engineer, RWS&S Division, Malkangiri on behalf of Governor of Odisha invites sealed quotations from Authorised Manufactures, Authorised Dealers/ Distributers for supply of Chemicals, Glassware, Consumables of reputed makes for testing of drinking water at RWS&S Divisional Laboratory, Malkangiri/ Sub-Divisional laboratory, Mathili.

The time schedule of quotation is as follows.
1) **Date for submission of quotation:-** Dt.19.02.2020at 10.00 A.M.to 28.02.2020 up to 5.00P.M.
2) **Date of Opening of Quotation:-** Dt.29.02.2020 at 11.30A.M.

The detailed list of items and term & condition are available in office of the Executive Engineer RWS&S Division,Malkangiriduring office hoursor can be downloaded from **www.odisha.gov.in, www.malkangiri.nic.in**

Sd/12.02.20
Executive Engineer RWS&S Division, Malkangiri
OIPR-25044/11/0010/1920

**SIEP centre for Divvyang** No. gg-20
**SIDR Building, Capital Hospital Campus, Unit-6, Bhubaneswar-751001**

**OPEN TENDER**
**for Procurement of Equipment for SIEP**

No. 132/SIEP Date: 14.02.2020
SIEP/MISC/0016/2019

The Tender aims to approve successful bidder/bidders that will be responsible for supply of different equipment for "SIEP (State Institute for Empowerment of Persons with Disabilities)" at Bhubaneswar. The details of scope of work, eligibility criteria and submission of details can be downloaded from website http://www.ssepd.gov.in

1. Availability of tender document: SSEPD website **www.ssepd.gov.in**
2. Date and time for submission of the Tender documents: By speed post/ Registered post / Courier/ hand in all working days up to **12:00 noon of 16/03/2020**
3. Pre Bid **26.02.2020 at 11.00 A.M**

This Tender does not entail any commitment on the part of SIEP either financial or otherwise. SIEP reserves the right to accept or reject any or all Tenders without incurring any obligation to inform the affected applicant/s of the grounds. The Tenders will be evaluated based on the information provided.

SD/-ExecutiveDirector,SIEP,Odisha
OIPR-46003/11/0004/1920

**OFFICE OF THE D.F.O.-CUM-CEO.FFDA/ BFDA, BHADRAK AND SECRETARY, MANAGEMENT SOCIETY DHAMARA FISHING HARBOUR, DHAMARA**

**TENDER CALL NOTICE No. 49// Dt. 14.02.2020**
**ENGAGEMENT OF SECURITY GUARDS AND MANPOWER**

Management Society, Dhamara Fishing Harbour, Dhamara of Bhadrak District invites sealed tenders from registered private organizations / Agency for engagement of security Guards and Manpower Services. The agencies having good track record with Registration Certificate, trained manpower and relevant experience in this line is eligible to apply. The agency must be able to provide round the clock security services to Management Society, Dhamara Fishing Harbour, Dhamara. The details tender paper cost Rs. 2000/- (Rupees Two Thousand) only in shape of Cash/ Demand Draft in favour of "Secretary, Management Society, Dhamara Fishing Harbour, Dhamara" Payable at Dhamara may be obtained from the office of Manager, Management Society, Dhamara Fishing Harbour, Dhamara from Dt. 17.02.2020 to Dt. 02.03.2020 in office hours i.e. 10.00 AM to 5.30 PM should be submitted with their proposal (Technical as well as Financial Bids) along with all supporting documents in sealed envelope must superscribed with "Application for outsourcing of Security Services and Manpower at Management Society Dhamara Fishing Harbour, Dhamara" to the office of the D.F.O., Bhadrak and Secretary Management Society, Dhamara Fishing Harbour, Dhamara by Dt. 03.03.2020 till 5.30 PM. The tender will be opened on Dt. 04.03.2020 at 11.30 AM in the office of D.F.O.-cum-CEO, FFDA/BFDA, Bhadrak and Secretary, Management Society, Dhamara Fishing Harbour at Bhadrak. (Near Bonth Chaka Bus Stand). The Undersigned has reserve the rights to cancel any or all application without assigning any reason thereof.

Sd./- Santosh Kumar Dalai
D.F.O., Bhadrak & Secretary
Management Society Dhamara
Fishing Harbour, Dhamara

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୬ ଫେବୃୟାରୀ, ୨୦୨୦



ଭୁଲ୍ କରିବାଟା ମନୁଷ୍ୟର ପ୍ରକୃତି,
ତେଣୁ ସେ କ୍ଷମା ପାଇପାରିବ ।
- ଯୋସେଫ୍



## ସଂକ୍ଷେପରେ

### ବଲାଙ୍ଗୀର ଜେଲର ବିଚାରଧୀନ କଏଦୀ ମୃତ

**ବଲାଙ୍ଗୀର ଅଫିସ, ୧୫।୨:** ବଲାଙ୍ଗୀର ଜିଲା କାରାଗାରରେ ବନ୍ଦୀ ଥିବା ବଲାଙ୍ଗୀର ସହର ଟିକ୍ରାପଡାର ବିଚାରଧୀନ କଏଦୀ ଶ୍ରୀନିବାସ ସାହୁ (୫୪)ଙ୍କ ଶନିବାର ଅପରାହ୍ଣରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ସକାଳେ ଶ୍ରୀନିବାସ ହଠାତ୍ ଅସୁସ୍ଥ ହୋଇପଡିଥିଲେ । ଜେଲ ଡାକ୍ତରଖାନାରେ ଡାକ୍ତର ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଭୀମଭୋଇ ମେଡିକାଲ କଲେଜ ହସପିଟାଲକୁ ସ୍ଥାନାନ୍ତର କରିଥିଲେ । ସେଠାରେ ଚିକିତ୍ସା ଚାଲିଥିବାବେଳେ ଅପରାହ୍ଣ ପ୍ରାୟ ୩ଟାରେ ଶ୍ରୀନିବାସଙ୍କ ମୃତ୍ୟୁ ହୋଇଯାଇଥିଲା। ମୃତଦେହକୁ ହସ୍ପିଟାଲ ଶବାଗାରରେ ରଖାଯାଇଛି । ରବିବାର ବିଧବଦ୍ଧ ନିୟମାନୁଯାୟୀ ବ୍ୟବଚ୍ଛେଦ କରାଗଲା ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ବଲାଙ୍ଗୀର ଜେଲ ଅଧିକ୍ଷକ ଉର୍ମିଳା ମିଞ୍ଜ ସୂଚନା ଦେଇଛନ୍ତି । ଗତ ୨୦୧୮ ମସିହା ୯ ଫେବୃୟାରୀ ଠାରୁ ଶ୍ରୀନିବାସ ବଲାଙ୍ଗୀର ଜିଲା କାରାଗାରରେ ରହୁଥିଲେ । ୨୦୧୮ ଫେବୃୟାରୀ ୮ ତାରିଖ ଦିନ ଶ୍ରୀନିବାସ ଉତ୍ତ୍ୟକ୍ତ ହୋଇ ଏକ ଶିଳପୁଆରେ ଛେଚି ତାଙ୍କ ସ୍ତ୍ରୀ ଜୟଶ୍ରୀ ସାହୁ (୩୩)ଙ୍କୁ ହତ୍ୟା କରିଥିଲେ । ସ୍ତ୍ରୀ ହତ୍ୟା ଅଭିଯୋଗରେ ଗିରଫ ହୋଇ ସେଦିନରୁ ସେ ବଲାଙ୍ଗୀର ଜିଲା କାରାଗାରରେ ବିଚାରଧୀନ କଏଦୀ ଭାବେ ବନ୍ଦୀ ଜୀବନ କାଟୁଥିଲେ ।

### ଲାଠୋରରେ ଅଳିଆ ସଂଗ୍ରହ ଗାଡ଼ିର ଶୁଭାରମ୍ଭ

**ଲାଠୋର, ୧୫।୨ (ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତରେ ଶୁକ୍ରବାର ଅଳିଆ ଆବର୍ଜନା ସଂଗ୍ରହ ଗାଡିର ଶୁଭାରମ୍ଭ ହୋଇଛି। ବ୍ୟାଟେରି ଚାଳିତ ଏହି ତିନିଚକିଆ ଲୋଡର ଗାଡି ସଫେଇ କର୍ମଚାରୀଙ୍କ ଆବର୍ଜନା ଉଠା କାର୍ଯ୍ୟରେ ସହାୟକ ହେବ। ଗ୍ରାମକୁ ସଫାସୁତୁର ରଖିବା ପାଇଁ ଆବଶ୍ୟକତା ଅନୁଯାୟୀ ବ୍ୟବସ୍ଥା କରାଯାଇ ଲାଠୋରକୁ ଏକ ସ୍ୱଚ୍ଛ ପଞ୍ଚାୟତଭାବେ ଭାବେ ଗଢ଼ି ତୋଳିବାକୁ ଉଦ୍ୟମ କରାଯାଉଛି ବୋଲି ସରପଞ୍ଚ ପ୍ରବୀଣ ଅଗ୍ରୱାଲ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ ୧୧ୱାର୍ଡ ବିଶିଷ୍ଟ ଲାଠୋର ଗ୍ରାମ ଏକ ବ୍ୟବସାୟିକ କେନ୍ଦ୍ର । ପ୍ରତ୍ୟହ ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବ୍ୟବସାୟିକ ଉଦ୍ଦେଶ୍ୟରେ ଲୋକ ଆସୁଛନ୍ତି। ଏଠାରେ ଅନେକ ଦୋକାନ ବଜାର ରହିବା ସହ ସାପ୍ତାହିକ ଦୁଇଟି ହାଟ ବସୁଥିବାରୁ ବହୁ ପରିମାଣରେ ଆବର୍ଜନା ବାହାରୁଛି। ତାକୁ ସଫେଇ କର୍ମଚାରୀମାନେ ନିୟମିତ ସଫା କରି ଗ୍ରାମ ବାହାରେ ପକାଇ ନିଆଁ ଲଗାଇ ନଷ୍ଟ କରୁଛନ୍ତି। ଏକ ଗାଡିର ଅଭାବ ହେତୁ ଗ୍ରାମରୁ ଦୂରକୁ ନେଇ ମଇଳା ଆବର୍ଜନା ଫିଙ୍ଗିବା କଷ୍ଟକର ହେଉଥିଲା।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଧାରଣା ପ୍ରତ୍ୟାହୃତ

- ମାଡ ଘଟଣାକୁ ନେଇ ନର୍ସଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ
- ଅଭିଯୁକ୍ତଙ୍କୁ ଧରିବା ପାଇଁ ଜିଲାପାଳ, ଏସପି ମାଗିଲେ ୭ଦିନ ସମୟ
- ସ୍ୱାସ୍ଥ୍ୟସେବା ନ ପାଇଁ ରୋଗୀ ହେଲେ ହନ୍ତସନ୍ତ

**ବଲାଙ୍ଗୀର ଅଫିସ, ୧୫।୨**

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ କାର୍ଯ୍ୟରତା ଷ୍ଟାଫ୍‌ନର୍ସ ପ୍ରତିମା ପ୍ରଧାନଙ୍କୁ ଗୁରୁବାର ରାତିରେ ଦୁଇଜଣ ବ୍ୟକ୍ତି ମେଡିସିନ୍ ୱାର୍ଡରେ ମାଡ ମାରିଥିଲେ । ଏହି ଘଟଣାକୁ ନେଇ ଟାଉନ ଥାନାରେ ଅଭିଯୋଗ କରାଯାଇଥିଲା । ନର୍ସଙ୍କୁ ମାଡ ପରେ ନର୍ସମାନେ ସେଦିନ ରାତିରେ କାର୍ଯ୍ୟ ବନ୍ଦ କରିଦେଇଥିଲେ । ଏହାପରେ ମେଡିକାଲ କଲେଜ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା ମହେନ୍ଦ୍ର କୁମାର ନାୟକ ଓ ଟାଉନ୍ ଥାନା ଆଇଆଇସି ସଂଗ୍ରାମ କେଶରୀ ପଟ୍ଟନାୟକ ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀ ନର୍ସଙ୍କ ସହ ଆଲୋଚନା କରିଥିଲେ । ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବେ ବୋଲି ଥାନାଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ନର୍ସମାନେ କାମରେ ଯୋଗଦେଇଥିଲେ । ମାଡ ଘଟଣାକୁ ଦୁଇଦିନ ବିତିଯିବା ପରେ ମଧ୍ୟ କୌଣସି ଅଭିଯୁକ୍ତ ଗିରଫ ନହେବାରୁ ଶନିବାର ସକାଳୁ ଷ୍ଟାଫ୍‌ନର୍ସମାନେ କାର୍ଯ୍ୟବନ୍ଦ କରି ହସ୍ପଟାଲ ପରିସରରେ ଧାରଣାରେ ବସିଥିଲେ । କାର୍ଯ୍ୟବନ୍ଦ କରିଦେବାରୁ ବିଭିନ୍ନ ୱାର୍ଡରେ ସ୍ୱାସ୍ଥ୍ୟସେବା ବ୍ୟାହତ ହୋଇଯାଇଥିଲା। ଅବସ୍ଥା ଏପରି ହୋଇଥିଲା ଯେ, ବହୁ ରୋଗୀ ପରିଜନମାନେ ପ୍ରତିକ୍ରିୟା ପ୍ରକାଶ କରିବା ଆରମ୍ଭ କରିଥିଲେ। ଜଣେ ରୋଗୀଙ୍କ ଛୋଟ ଶିଶୁ ଚିକିତ୍ସାସେବା ନ ପାଇବା ପରେ ସେ ବ୍ୟକ୍ତିଜଣକ ଟାଉନ୍ ଥାନାକୁ ଯାଇ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ । ନର୍ସମାନେ ଧାରଣାରେ ବସିବା ଫଳରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା । ଏଭଳି ପରିସ୍ଥିତି ପରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ହସ୍ତକ୍ଷେପ କରି ଘଟଣାର ସମାଧାନ କରିବାକୁ ଉଦ୍ୟମ କରିଥିଲେ। ଜିଲାପାଳ ଅରିନ୍ଦମ ଡାକୁଆ, ଏସ୍‌ପି ସନ୍ଦୀପ ମାଡକରଙ୍କୁ ହସପିଟାଲ ଯାଇ ଧାରଣାରତ ନର୍ସଙ୍କ ସହ ଆଲୋଚନା କରି ତୁରନ୍ତ ସେମାନଙ୍କୁ ଧାରଣାରୁ ପ୍ରତ୍ୟାହୃତ କରିବା ଓ କାର୍ଯ୍ୟରେ ଯୋଗଦେବାକୁ କହିଥିଲେ । ଏହାପରେ ଜିଲାପାଳ ଡାକୁଆ, ଏସ୍‌ପି ମାଡକର, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ଏସଡିପିଓ ଶ୍ରୀମନ୍ତ ବାରିକ, ଭୀମଭୋଇ ମେଡିକାଲ କଲେଜ ଡିନ୍ ଡା ଲଳିତ କୁମାର ମେହେର, ସୁପରିଣ୍ଟେଣ୍ଡେଣ୍ଟ ଡା ମହେନ୍ଦ୍ର କୁମାର ନାୟକ ଘଟଣାସ୍ଥଳକୁ ଯାଇ ନର୍ସଙ୍କ ସହ ଆଲୋଚନା କରିଥିଲେ । ଆଗାମୀ ୭ ଦିନ ମଧ୍ୟରେ ନର୍ସଙ୍କୁ ମାଡ ମାରିଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇ କାର୍ଯ୍ୟରେ ଯୋଗ ଦେବାକୁ କହିଥିଲେ । ଏହାପରେ ନର୍ସମାନେ ଧାରଣା ପ୍ରତ୍ୟାହୃତ କରି କାମରେ ଯୋଗଦେଇଥିଲେ । ଟାଉନ୍ ଥାନା ପକ୍ଷରୁ ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଜଣକୁ ଅଟକ ରଖାଯାଇଥିବା ଜଣାପଡିଛି ।



ଜିଲାପାଳ, ଏସପି, ଉପଜିଲାପାଳଙ୍କ ସହ ଧାରଣାରତ ନର୍ସମାନେ ଆଲୋଚନା କରୁଛନ୍ତି ।

### ପୋଖରୀରେ ପଶୁଛି ଡ୍ରେନ୍ ପାଣି

**ଗୁଡଭେଲା, ୧୫।୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ସହରର ବଡବନ୍ଧରେ ପଶୁଛି ଡ୍ରେନର ଆବର୍ଜନା ପାଣି। ଏହି ପୋଖରୀ ହିଁ ଲୋକମାନଙ୍କ ଏକମାତ୍ର ଭରସା। ହେଲେ ଏହି ପୋଖରୀର ଜଳ ଜହରରେ ପରିଣତ ହେବାକୁ ଯାଉଛି। ତୁଷୁରା ଏନଏସି ଅନ୍ତର୍ଗତ ୫ ନମ୍ବର ୱାର୍ଡ଼ ବାଳିକା ଉଚ୍ଚ ବିଦ୍ୟାଳୟ ପଛପଟେ ରହିଛି ଏହି ପୋଖରୀ। ଉକ୍ତ ପଡ଼ାର ଆବର୍ଜନା, ମଇଳା ପାଣି ନିଷ୍କାସନ କରିବାକୁ ନିର୍ମିତ ନୂତନ ଡ୍ରେନ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବରୁ ସିଧା ପୋଖରୀରେ ମିଶୁଛି। ଯଦି ମଇଳା ପାଣି ନିୟମିତ ଛଡ଼ାଯାଏ ତେବେ ପୋଖରୀର ଜଳ ଦୂଷିତ ହୋଇ ସ୍ନାନଶୌଚ ପାଇଁ ଅନୁପଯୁକ୍ତ ହେବାର ଆଶଙ୍କା ରହିଛି। ଏ ସମ୍ପର୍କରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କୁ ପଚାରିବାରୁ ଘଟଣାସ୍ଥଳ ପରିଦର୍ଶନ କରିବା ପରେ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

## ଆବାସ ଯୋଜନାରେ ତାଲିକାଭୁକ୍ତ ପାଇଁ ବ୍ଲକ ଅଫିସରେ ଭିଡ଼

**ଲୋଇସିଂହା, ୧୫।୨ (ଡି.ଏନ.ଏ.)**

ବଲାଙ୍ଗୀର ଜଲା ଲୋଇସିଂହା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ନୂତନ ଭାବେ ଅନ୍ତର୍ଭୁକ୍ତ ସକାଶେ ଫର୍ମ ଆବେଦନ ପାଇଁ ହିତାଧିକାରୀଙ୍କ ଭିଡ ଶୁକ୍ରବାର ଦେଖିବାକୁ ମିଳିଥିଲା । ଆଶାୟୀ ହିତାଧିକାରୀ ବ୍ଲକର ମୋ ସରକାର କକ୍ଷକୁ ଯାଇ କର୍ମଚାରୀଙ୍କୁ ଫର୍ମ ପେଠ କରୁଥିବା ଦେଖାଯାଇଥିଲା। ସୂଚନାମତେ, ପଞ୍ଚାୟତସ୍ତରରେ ପ୍ରଧାନମନ୍ତ୍ରୀ ଆବାସ ତାଲିକାରୁ ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ ପାଇଁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବଙ୍କ ନିକଟରେ ଜିଲାପାଳ ଓ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଏକ ଚିଠି କରିଥିଲେ। ଉକ୍ତ ଚିଠିରେ ୮ଗୋଟି ସର୍ତ୍ତ ରହିଥିଲା। ତେବେ ଫେବୃୟାରୀ ୧୦ରୁ ୧୬ ତାରିଖ ତାରିଖ ସୁଦ୍ଧା ଯୋଗ୍ୟ ବିବେଚିତ ହିତାଧିକାରୀଙ୍କ ତାଲିକ ଅଙ୍ଗନୱାଡି କେନ୍ଦ୍ର, ପ୍ରାଥମିକ ବିଦ୍ୟାଳୟ ଓ ସ୍ୱାସ୍ଥ୍ୟ କାନ୍ଥରେ ସୂଚନା ଦେବାକୁ ଜଣାଇଥିଲେ। ତାଲିକାରେ ନାମ ଅପସାରଣ ଓ ଯୋଡିବା ପାଇଁ ଅଭିଯୋଗ ବାକ୍ସରେ ଦାଖଲ କରିବାକୁ କୁହାଯାଇଥିଲା। ଏହିକ୍ରମରେ ଗ୍ରାମାଞ୍ଚଳର ଶହଶହ ବ୍ୟକ୍ତି ବ୍ଲକ ଅଫିସକୁ ଆସି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତାଲିକାଭୁକ୍ତ କରିବା ପାଇଁ ଆବେଦନ କରୁଥିବା ପରିଲକ୍ଷିତ କରାଯାଇଥିଲା। ବିଭିନ୍ନ ପଞ୍ଚାୟତରୁ ଆସିଥିବା ହିତାଧିକାରୀ ଆବାସ ଯୋଜନାର ତାଲିକାର କ୍ରମିକ ନମ୍ବର ହିସାବରେ କାର୍ଯ୍ୟାଦେଶ ନଦେଇ ବ୍ଲକ ପଞ୍ଚାୟତ ଓ ବ୍ଲକ ପ୍ରଶାସନ ପାତରଅନ୍ତର କରୁଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏ ସମ୍ପର୍କରେ ବିଡିଓ ରାମଚନ୍ଦ୍ର ଖାଡିଆ କହନ୍ତି ଅଭିଯୋଗ ଓ ତାଲିକାରେ ଅନ୍ତର୍ଭୁକ୍ତ ପାଇଁ ଲୋକେ ଆବେଦନ କରୁଥିବା କହିଥିଲେ ।



ବ୍ଲକ ଅଫିସକୁ ଆବେଦନ କରିବାକୁ ଆସିଥିବା ବିଭିନ୍ନ ଗ୍ରାମର ହିତାଧିକାରୀ।

### ଲାଣ୍ଡବୁଡ଼ା ଫୁଟବଲ: ଛନଛଡା, ବଲାଙ୍ଗୀର ସେମିରେ

**ଟିକ୍ରାପଡା, ୧୫।୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡା ହାଇସ୍କୁଲ ପଡିଆଠାରେ ଲାଣ୍ଡେଶ୍ୱର ଯୁବକ ସଂଘ ଅନୁକୂଲ୍ୟରେ ଦଶମ ବର୍ଷ ଜୟ ଲାଣ୍ଡବୁଢା ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟର ଶନିବାର ଥିଲା ଦ୍ୱିତୀୟ ଦିବସ । ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲ ଖେଳରେ ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ କେନ୍ଦୁଉଡାର ଦଳକୁ ୫-୪ ଗୋଲରେ ହରାଇ ଛନଛଡା ଦଳ ସେମିରେ ପ୍ରବେଶ କରିଥିଲା । ଚଲକି ଓ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ଚତୁର୍ଥ କ୍ୱାର୍ଟର ଫାଇନାଲ ଖେଳ ମଧ୍ୟ ଅମୀମାଂସିତ ରହିଥିଲା । ଏଥିରେ ଚଲକି ଦଳକୁ ୪-୩ ଗୋଲରେ ହରାଇ ବଲାଙ୍ଗୀର ଦଳ ସେମିରେ ପ୍ରବେଶ କରିଥିଲା । ଦୀପକ ରାଜହଂସ, ପୁରୁଷୋତ୍ତମ ବୁଡେକ, ମଣ୍ଟୁ ବେହେରା, ଚିତ୍ତରଞ୍ଜନ ପାଣ୍ଡେ ଖେଳ ପରିଚାଳନା କରିଥିଲେ । ବଡ ସାଇମରା ସରପଞ୍ଚ ଅମିତ ପାତ୍ର (ପପୁ), ଶିକ୍ଷାବିତ ଚନ୍ଦ୍ରମଣି ସିଂ ଦେଓ, ବରିଷ୍ଠ କ୍ରୀଡାବିତ ଅରବିନ୍ଦ ସୁପକାର ଅତିଥି ଭାବେ ଯୋଗ ଦେଇଥିଲେ । ରବିବାର ସମସ୍ତ ସେମି ଫାଇନାଲ ଓ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ ।



ଯୋଗେଶ୍ୱର ଧାମରେ ଶିବରାତ୍ର ମେଳା ଆରମ୍ଭ ଅବସରରେ କଳସ ଶୋଭାଯାତ୍ରା ।

## କଳସ ଶୋଭାଯାତ୍ରା, ଶିବରାତ୍ରି ମେଳା ଆରମ୍ଭ

**ଲୋଇସିଂହା, ୧୫।୨ (ଡି.ଏନ.ଏ)**

ଲୋଇସିଂହା ଥାନା ଯୋଗୀସର୍ଡା ଯୋଗେଶ୍ୱରଧାମ ଶୈବପୀଠରେ କଳସ ଶୋଭାଯାତ୍ରା ସହ ମହାଶିବରାତ୍ରି ମେଳା ଶନିବାର ଆରମ୍ଭ ହୋଇଛି । ମହାଶିବରାତ୍ରି ମେଳା କମିଟି ନେତୃତ୍ୱରେ ୧୦୮ ମହିଳାପୁରୁଷ ଗାଁ ଦଉଳନ୍ଧରୁ ପୂର୍ଣ୍ଣ କଳସ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ । ନବୀନ ପଣ୍ଡା ଓ ସୁଦାମ ମିଶ୍ର ପୂଜାର୍ଚ୍ଚନା କରିଥିଲେ । ରବିବାରଠାରୁ ଭାଗବତ ସପ୍ତାହ, ଶିବପୁରାଣ ପଠନ ଆରମ୍ଭ ହେବ । ଭାଗବତ ସପ୍ତାହରେ ବ୍ୟାସ ଭାବେ ମହେନ୍ଦ୍ର ମିଶ୍ର ଓ ନିମାଇଁ ପଧାନ କର୍ତ୍ତା ଦାୟିତ୍ୱ ତୁଲାଇବେ । ଶିବପୁରାଣରେ ବ୍ୟାସ ଭାବେ ଦଳ ଗଞ୍ଜନ ତ୍ରିପାଠୀ ଥିବାବେଳେ ବୀରବର ବାରିକ କର୍ତ୍ତା ଦାୟିତ୍ୱ ନିର୍ବାହ କରିବେ । ଆସନ୍ତା ୨୦ ତାରିଖଠାରୁ ଶିବ ଯଜ୍ଞ ଓ ନାମଯଜ୍ଞ ଅନୁଷ୍ଠିତ ହେବ । ୨୧ତାରିଖରେ ଜାଗର ଯାତ୍ରା ଓ ମଧ୍ୟରାତ୍ରରେ ମହାଦୀପ ଉଠିବାର କାର୍ଯ୍ୟକ୍ରମ ରହିଛି । ସେହିପରି ବୁର୍ଡା ବନ୍ଧବାଟ ଶିବରାତ୍ରି ମେଳାରେ ସପ୍ତାହ ପାରାୟଣ ଆରମ୍ଭ ହୋଇଯାଇଛି।

## ସାଢ଼େ ୬ରୁ ୪ଟା ପର୍ଯ୍ୟନ୍ତ ସ୍କୁଲରେ ରହିଲେ ଛାତ୍ରୀଛାତ୍ର

**ଶିକ୍ଷକ କଲେ ସ୍କୁଲ ଗାଇଡ୍‌ଲାଇନ୍ ଉଲ୍ଲଂଘନ**

**ବଲାଙ୍ଗୀର ଅଫିସ, ୧୫।୨**

ସରକାରୀ ଗାଇଡଲାଇନ୍ ଉଲ୍ଲଂଘନ ଯୋଗୁଁ ଛାତ୍ରୀଛାତ୍ରଙ୍କୁ ଢ଼େର ଅଧିକ ସମୟ ସ୍କୁଲରେ ରହି ହନ୍ତସନ୍ତ ହେବାକୁ ପଡିଥିବା ଘଟଣା ଲୋକଲୋଚନକୁ ଆସିଛି । ଶିକ୍ଷକଙ୍କ ଭୁଲ ନିର୍ଦ୍ଦେଶ ଯୋଗୁଁ ଛାତ୍ରୀଛାତ୍ରମାନେ ସକାଳ ସାଢ଼େ ୬ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ରହିଥିଲେ । ଏଭଳି ଏକ ଘଟଣା ଘଟିବା ପରେ ଛାତ୍ରଛାତ୍ରୀ ବାସ୍ତବରେ ଶନିବାର ସକାଳ ସ୍କୁଲ ଥିଲା ନାଁ ଦିନ ସ୍କୁଲ ଥିଲା ଜାଣି ପାରିନାହାନ୍ତି । ଏଭଳି ଘଟଣା ପୁଇଁତଲା ବ୍ଲକ୍ ଆଟଗାଁ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଘଟିଛି । ଡିଇଓଙ୍କ ନିର୍ଦ୍ଦେଶ ଅନୁସାରେ ଜିଲାର ସମସ୍ତ ସରକାରୀ ସ୍କୁଲ ଫେବୃୟାରୀ ୧୫ ପର୍ଯ୍ୟନ୍ତ ଦିନବେଳା ଓ ଫେବୃୟାରୀ ୨୨ରୁ ଶନିବାର ସକାଳ ସ୍କୁଲ ହେବା କଥା । ତେବେ ଏହି ନିର୍ଦ୍ଦେଶକୁ ଉଲ୍ଲଂଘନ କରାଯାଇ ଆଟଗାଁ ନୋଡାଲ ସ୍କୁଲରେ ୧୫ ତାରିଖ ଶନିବାରଠାରୁ ସକାଳ ସ୍କୁଲ ଆରମ୍ଭ କରାଯାଇଥିଲା । ଫଳରେ ଛାତ୍ରୀଛାତ୍ର ସକାଳ ସାଢ଼େ ୬ଟାରୁ ସ୍କୁଲକୁ ଆସିଥିଲେ । ତେବେ ଛାତ୍ରୀଛାତ୍ର ସକାଳୁ ଆସିଯିବା ପରେ ଭୁଲ ହୋଇଯାଇଥିବା ଜାଣି ଶିକ୍ଷକମାନେ ତ୍ରୁଟି ସୁଧାରିବାକୁ ଯାଇ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ପିଲାଙ୍କୁ ସ୍କୁଲରେ ରଖି ୪ଟାରେ ଛୁଟି କରିଥିଲେ। ଏଭଳି ପରିସ୍ଥିତି କିପରି ସୃଷ୍ଟି ହେଲା ସେନେଇ ଆଲୋଚନା ଆରମ୍ଭ ହୋଇଛି। ଶିକ୍ଷକମାନେ ନିଜର ତ୍ରୁଟି ଢ଼ାଙ୍କିବାକୁ ଯାଇ ଅପରାହ୍ଣ ୪ଟାରେ ଯାଇ ଛାତ୍ରୀଛାତ୍ରଙ୍କୁ ଛୁଟି ଦେଇଥିବା ଜଣାପଡିଛି । ଏନେଇ ପ୍ରଧାନ ଶିକ୍ଷକ ତରଣୀସେନ୍ ପଟେଲଙ୍କୁ ପଚରାଯିବାରୁ ଶୁକ୍ରବାର ସେ ନିଜେ ସ୍କୁଲରେ ନ ଥିଲେ ଓ ଦାୟିତ୍ୱରେ ଥିବା ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ଶନିବାର ସକାଳ ପଢ଼ା ବୋଲି କହିଦେଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ବୋଲି କହିଛନ୍ତି । ଏନେଇ ପୁଇଁତଲା ବ୍ଲକ୍ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ବାଗଙ୍କୁ ପଚରାଯିବାରୁ ଆଟଗାଁ ସରକାରୀ ନୋଡାଲ ସ୍କୁଲରେ ସକାଳ ସାଢ଼େ ୬ରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ପିଲାମାନେ ପଢ଼ିଥିଲେ । କିଭଳି ପରିସ୍ଥିତିରେ ଏଭଳି ହେଲା ଏନେଇ ତଦନ୍ତ କରାଯିବ ବୋଲି ସେ କହିଛନ୍ତି । ଏହି ସ୍କୁଲରେ ୨୫୦ ଛାତ୍ରୀଛାତ୍ର ପଢୁଥିବା ଜଣାପଡିଛି।

### ଫଗୁଣ ପୂର୍ଣ୍ଣମୀ ପାଇଁ ପ୍ରସ୍ତୁତି ବୈଠକ

**ଅମରପାଲି, ୧୫।୨ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ହେବାକୁ ଥିବା ଫଗୁଣ ପୂର୍ଣ୍ଣମୀର ସଫଳ ପରିଚାଳନା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାତ୍ରା ପାଇଁ ସ୍ଥାନୀୟ ଦୋଳ ମଣ୍ଡପଠାରେ ହେବାକ ଥିବା ୨୪ ପ୍ରହର ନାମଯଜ୍ଞ ଓ ଯାତ୍ରାର ପରିଚାଳନା ପାଇଁ ଏକ ପରିଚାଳନା କମିଟି ମଧ୍ୟ ଗଠନ କରାଯାଇଛି। ନାମଯଜ୍ଞ ପରିଚାଳନା କମିଟିରେ ବିଷ୍ଣୁଚରଣ ପଣ୍ଡା ସଭାପତି, ଦାମୋଦର ହୋତା ଉପସଭାପତି, ସଞ୍ଜିବ ତରିଆ ସମ୍ପାଦକ, ବିପିନ ପଣ୍ଡା ଯୁଗ୍ମ ସମ୍ପାଦକ, ଦୟାନିଧି ହୋତା କୋଷାଧକ୍ଷ ଓ ଅକ୍ଷୟ ମିଶ୍ର ଯୁଗ୍ମ କୋଷାଧକ୍ଷ ଭାବେ ଚୟନ କରାଯାଇଛି।

## କୁଷ୍ଠ ସଚେତନତା ପାଇଁ ଗଡ଼ିଲା ଶାମ୍ଭ ରଥ

**ଖପ୍ରାଖୋଲ, ୧୫।୨ (ଡି.ଏନ.ଏ.)**

କୁଷ୍ଠ ନିରାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ଅବସରରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ପଥପ୍ରାନ୍ତ ସଭା ସହ ସଚେତନତା ପାଇଁ ପ୍ରସ୍ତୁତ ଶାମ୍ଭ ରଥର ଶୁଭାରମ୍ଭ କରାଯାଇଥିଲା । ମେଡିକାଲ ଅଫିସର ଡା.ସୁମିତ କୁମାର ପଧାନ ପତାକା ଦେଖାଇ ଶାମ୍ଭ ରଥର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଲୋକେ କୁଷ୍ଠ ରୋଗ ସମ୍ପର୍କରେ ସଚେତନ ହୋଇ ଠିକ୍ ସମୟରେ ଡାକ୍ତରୀ ପରୀକ୍ଷା ସହ ଏମଡିଟି ଖାଇଲେ କୁଷ୍ଠ ମୁକ୍ତ ଗାଁ ସମ୍ଭବ ହୋଇପାରିବ ବୋଲି କହିଥିଲେ । ରଥ ମାଧ୍ୟମରେ ସଚେତନତା ବାର୍ତ୍ତା ବ୍ଲକର ସବୁ ଗାଁରେ ପହଞ୍ଚାଯିବ ବୋଲି କହିବା ସହ ଲୋକେ ସଚେତନ ହେବାକୁ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୋଡାଲ ଅଫିସର ବିନୟ କୁମାର ପଣ୍ଡା, ଫାର୍ମାଶିଷ୍ଟ ମନୋରଞ୍ଜନ ସାହୁ, ହେଲ୍‌ଥ ସୁପରଭାଇଜର ନାରାୟଣ ପଧାନୀ, ଅବଧୂତ ସାହୁ, ଜାଜତି କେଶରୀ ବେହେରା ସମେତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ । ରଥ ଦଶ ଦିନ ଧରି ବିଭିନ୍ନ ଗାଁ ବୁଲିବ ।



ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶାମ୍ଭରଥର ଶୁଭାରମ୍ଭ କରାଯାଉଛି।

### ୟୁଥ ଆକ୍ସନ କମିଟିର ସଙ୍ଗୀତ କାର୍ଯ୍ୟକ୍ରମ

**ଗୁଡଭେଲା, ୧୫।୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା କେଡିଆ ଭବନଠାରେ ୟୁଥ ଆକ୍ସନ କମିଟର ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମେଲୋଡି କୁଇନ ଅସୀମା ପଣ୍ଡାଙ୍କ ସଙ୍ଗୀତ ଦର୍ଶକଙ୍କୁ ବିଭୋର କରିଥିଲା। ଏହ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତୁଷୁରା ଏନଏସି ଅଧକ୍ଷା ଭାଗଶ୍ରୀ ନାଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ମିସ୍ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଙ୍ଗୀତ କାର୍ଯ୍ୟକ୍ରମକୁ ୟୁଥ ଆକ୍ସନ କମିଟିର କାହ୍ନା ପ୍ରଧାନ, ବ୍ରହ୍ମାନନ୍ଦ ପାଣ୍ଡିଆ, ଧିରେନ ସାହୁ, ଶିବାନନ୍ଦ ପାଣ୍ଡିଆ, ଶ୍ରୀକାନ୍ତ ବାଗ, ପୂର୍ଣ୍ଣଚନ୍ଦ୍ର ସାହୁ, ଦିଲୁ ସାହୁ,ଲିସନ ପ୍ରଧାନ, ଲିଟନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।



ମୁଖ୍ୟ ଅତିଥି ଓ କମିଟିର କର୍ମକର୍ତ୍ତାମାନେ ଅସୀମା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ଘୁଷୁରାମୁଣ୍ଡା, ଖଜୁରପଡ଼ା ଦଳ ବିଜୟୀ

**ଡଙ୍ଗରବୁଡା ଚ୍ୟାଲେଞ୍ଜ କପ୍ ଫୁଟବଲ ଟୁର୍ନାମେଣ୍ଟ**

**ମୁରିବାହାଲ, ୧୫।୨ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ହଳଦୀ ହାଇସ୍କୁଲ ଖେଳ ପଡିଆ ଶନିବାରଠାରୁ ଜୟ ଡଙ୍ଗରବୁଢ଼ା ଚ୍ୟାଲେଞ୍ଜ କପ୍ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଛି। ଉଦଘାଟନୀ ଦିବସରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ହଳଦୀ ଇଲେଭେନ ବ୍ରଦର୍ସ ଆସୋସିଏଶନ୍ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ ଯୁଗିରଥା ଓ ଘୁଷୁରାମୁଣ୍ଡା ମଧ୍ୟରେ ହୋଇଥିଲା । ଏଥିରେ ଘୁଷୁରାମୁଣ୍ଡା ଦଳ ୧-୦ ଗୋଲରେ ବିଜୟ ଲାଭ କରିଥିଲା। ଦ୍ୱିତୀୟ ମ୍ୟାଚର ଖଜୁରପଡା ଦଳ ଡଙ୍ଗରପଡା ଦଳକୁ ଟ୍ରାଇବ୍ରେକର ୫-୨ ଗୋଲରେ ହରାଇ ବିଜୟ ଲାଭ କରିଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ଏମ୍‌ପି ପ୍ରତିନିଧି ଶ୍ରୀବସ ବେହେରା ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀୟ ଅତିଥିଭାବେ ବ୍ଲକ ଯୁବ ଯାଦବ ସଭାପତି ଗଙ୍ଗାଧର ହେର୍ଣ୍ଣା, ସାମଜିକ କର୍ମୀ ନିମାଇଁଚରଣ ବଘାର, ଜାତୀୟ ଭଲିବଲ ଖେଳାଳି ଆଲୋକ ଦାସ, ପୂର୍ବତନ ହଳଦୀ ପଞ୍ଚାୟତ ସରପଞ୍ଚ ହୃଷୀକେଶ ଦାସ, ମାଳିସୀରା ହାଇସ୍କୁଲର ପ୍ରଧାନଶିକ୍ଷକ ପୁରୁଷୋତ୍ତମ ବାଗ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଉକ୍ତ ଖେଳକୁ ଆଶୀର୍ବାଦ ସା, ଅଶ୍ୱିନୀ ଭୁକ୍ତା, ପ୍ରତାପ ଭୁକ୍ତା ଓ ରମାରଞ୍ଜନ ସେଟ ପ୍ରମୁଖ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ଆୟୋଜକ କମିଟି ସଭାପତି ସଞ୍ଜୟ ଜାନୀ, ସମ୍ପାଦକ ପପୁ ଯାଦବ, ସୁବାଷ ପଟ୍ଟନାୟକ, ସୁଧିର ମହାକୁର, କୁନା ଝାଙ୍କର, ରବି ପୋମ, ସୁନୀଲ ହାତୀ, ରାଜୁ ହାତୀ, ବିକ୍ରମହାତୀ, ପିଣ୍ଟୁ ବାଗ, ଚକ୍ର ଭୋଇ ପ୍ରମୁଖ ସହଯୋଗ କରୁଛନ୍ତି ।



ଉଦ୍‌ଘାଟନୀ ଦିବସରେ ଉଭୟ ଦଳର ଖେଳାଳିମାନଙ୍କ ସହ ଅତିଥି ଓ ଆୟୋଜକ।



ଈଶ୍ୱର ନାମ ଆଗରେ ଜାତି ଧର୍ମର ବିଦ୍ୱେଷ ରହିବା ଉଚିତ୍ ନୁହେଁ।

- ଗୁରୁ ନାନକ

## ସଂକ୍ଷେପରେ

### ପୁଲୱାମା ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ଭବାନୀପାଟଣା,୧୫।୨ (ଡି.ଏନ୍.ଏ.):** ପୁଲୱାମା ଶହୀଦ ଯବାନଙ୍କୁ କଳାହାଣ୍ଡି ଯୁବ ବିଜେଡି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ମା’ ମାଣିକେଶ୍ୱରୀଙ୍କ ମନ୍ଦିରରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ଗାନ୍ଧୀଛକରେ ପହଞ୍ଚିଥିଲା। ଜିଲ୍ଲା ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନିନ୍ଦର ମହାନ୍ତି, ରବି ପଟ୍ଟନାୟକ, ଦିନେଶ ବଗର୍ତ୍ତା, ଭବାନୀଶଙ୍କର ନିଆଲ, ହାରୁନ ମହମ୍ମଦ, ପ୍ରଦୀପ ଦାସ, ଯଯାତି ମହାନ୍ତି, କିଶୋର ଗହୀର, ଶୁଭାଶିଷ ପ୍ରଧାନ, ହେମନ୍ତ ନାଏକ, ମମତା ଦାଶ, ପ୍ରତିଭା ଚୌହାନ ପ୍ରମୁଖ ସାମିଲ ଥିଲେ।



### ଆଦର୍ଶ ଶିକ୍ଷକଙ୍କ ପରଲୋକ

**ଭବାନୀପାଟଣା,୧୫।୨ (ଡି.ଏନ୍.ଏ.):** କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅଧୀନ ଦେପୁର ଗ୍ରାମର ଆଦର୍ଶ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାବତଙ୍କ ୭୧ବର୍ଷ ବୟସରେ ପରଲୋକ ହୋଇଯାଇଛି। ଶିକ୍ଷକ ସାବତ ଜଣେ ଆଦର୍ଶ ଶିକ୍ଷକ ଭାବେ କଳାହାଣ୍ଡି ଜିଲାରେ ପରିଚିତ ଥିଲେ। ସେ ଦୀର୍ଘଦିନ ଧରି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ବଡପୁଅ ସଞ୍ଜୀବ ସାବତ ମୁଖାଗ୍ନି ଦେଇଥିଲେ। ଅନ୍ତିମ ସଂସ୍କାରରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଅର୍ଦ୍ଧଦଗ୍ଧ ମହିଳାଙ୍କୁ ଉଦ୍ଧାର କଲେ ମାଟ୍ରିକ ବ୍ୟାଚ୍ ଛାତ୍ର

**ଭବାନୀପାଟଣା,୧୫।୨ (ଡି.ଏନ୍.ଏ.)**



ନିଆଁରେ ପୋଡି ଗୁରୁତର ଆହତ ହୋଇଥିବା ଅନିତା ମାଝି।

- ଗୁରୁତର ଅବସ୍ଥାରେ ଭବାନୀପାଟଣା ଡାକ୍ତରଖାନାରେ ଭର୍ତ୍ତି
- ରୋଷେଇ କରୁଥିବାବେଳେ ଘଟିଥିଲା ଅଘଟଣ
- ଚିକିତ୍ସା ସେବା ନ ପାଇ ଘରେ ପଡ଼ି ରହିଥିଲେ
- ଗାଁକୁ ଯିବାକୁ ଭଲ ରାସ୍ତାଟିଏ ନାହିଁ
- ପୂର୍ବତନ ଛାତ୍ରଙ୍କୁ ବିଭିନ୍ନ ମହଲରେ ସ୍ୱାଗତ

କଳାହାଣ୍ଡି ଜିଲା ମଦନପୁର ରାମପୁର ବ୍ଲକ ଉର୍ଲାଦାନୀ ପଞ୍ଚାୟତ ଗଣ୍ଡିଗୁଡ଼ା ଗ୍ରାମରେ ଜଣେ ଗର୍ଭବତୀ ମହିଳା ନିଆଁରେ ପୋଡି ଗୁରୁତର ଆହତ ହୋଇଥିଲେ। ହେଲେ ଚିକିତ୍ସା ସେବା ନ ପାଇ ଘରେ ପଡିରହିଥିଲେ। ଏଭଳି ସ୍ଥିତିରେ ମଦନପୁର ରାମପୁର ଦୁର୍ଗାମାଧବ ଉଚ୍ଚ ବିଦ୍ୟାପୀଠ ୧୯୯୮ ମାଟ୍ରିକ ବ୍ୟାଚର ଛାତ୍ରମାନେ ମହିଳାଙ୍କୁ ଉଦ୍ଧାର କରି ମଦନପୁର ରାମପୁର ଡାକ୍ତରଖାନାରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା କରାଇଥିଲେ। ପରେ ଭବାନୀପାଟଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପୂର୍ବତନ ଛାତ୍ରଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

ସୂଚନା ଯୋଗ୍ୟ, ଗଣ୍ଡିଗୁଡାର ସୁଶୀଲ ମାଝିଙ୍କ ସ୍ତ୍ରୀ ଅନିତା ମାଝି ଜାନୁୟାରୀ ୨୭ ତାରିଖରେ ଘରେ ରୋଷେଇ କରୁଥିଲେ। ସେତିକିବେଳେ ଚୁଲିରୁ ନିଆଁ ଉଠି ଦେହରେ ଲାଗିଯାଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ହେଲେ ପରିବାର ଲୋକେ ଅର୍ଥ ଅଭାବରୁ ଚେରମୂଳି ଚିକିତ୍ସା କରୁଥିଲେ। ଏପରି କି ଗଣ୍ଡିଗୁଡ଼ା ଗ୍ରାମ ଦୁର୍ଗମ ଅଞ୍ଚଳ ହୋଇଥିବା ବେଳେ ଗାଁକୁ ଆମ୍ବୁଲାନ୍ସ ମଧ ଯିବା ସମ୍ଭବ ନୁହେଁ। ଏହି ଖବର ପାଇ ମଦନପୁର ରାମପୁର ଦୁର୍ଗମାଧବ ଉଚ୍ଚ ବିଦ୍ୟାପୀଠର ୧୯୯୮ ମାଟ୍ରିକ ବ୍ୟାଚ ଛାତ୍ର ଭିକାରୀ ସୁନା, ମନୋଜ ଦୀପ, ଯଜ୍ଞାନସେନ ପଣ୍ଡା, ନମାନନ୍ଦ କୁମାର, ରଶ୍ମି ପୃଷ୍ଟି, ହେମନ୍ତ ମହାଖୁଡ, ରାଜେଶ ସାହୁ, ଶ୍ୟାମଳେନ୍ଦୁ ପାତ୍ର, ଜଗବନ୍ଧୁ ପାତ୍ର, ଲକ୍ଷ୍ମଣ ସ୍ୱାଇଁ, ଅନନ୍ତ ପାଲ ପ୍ରମୁଖ ଗଣ୍ଡିଗୁଡା ଗ୍ରାମରେ ପହଞ୍ଚି ଅନିତାଙ୍କୁ ଉଦ୍ଧାର କରି ଏକ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଛାତ୍ରମାନେ ମହିଳାଙ୍କୁ ୫ହଜାର ୫୦୦ ଶହ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଅନ୍ୟପକ୍ଷେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମହିଳାଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଦାବି ହୋଇଛି। ଏପରି କି ଗଣ୍ଡିଗୁଡ଼ା ଗ୍ରାମକୁ ଭଲ ରାସ୍ତା ନ ଥିବା ବେଳେ ଲୋକେ ଆବଶ୍ୟକ ମୌଳିକ ସୁବିଧା ପାଇପାରୁ ନାହାନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ‘ମୋ ସରକାର’ କକ୍ଷ ଉଦ୍‌ଘାଟିତ

**ଭବାନୀପାଟଣା,୧୫।୨ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ‘ମୋ ସରକାର’ କକ୍ଷ ଉଦ୍‌ଘାଟିତ ହୋଇଯାଇଛି। ଲାଞ୍ଜିଗଡ଼ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ପଞ୍ଚାୟତ ସମିତି ଅଧକ୍ଷ ଇଂ. ଫକୀର ମୋହନ ମାଝି ଯୋଗଦେଇ କକ୍ଷକୁ ଉଦ୍‌ଘାଟନ କରିଥିଲେ। ଏହି କକ୍ଷ ଖୋଲିବା ଦ୍ୱାରା ସାଧାରଣ ସମସ୍ୟା ସମାଧାନ ପାଇଁ ରାଜ୍ୟ ସରକାରଙ୍କ ପାଖରେ ଅଭିଯୋଗ କରିପାରିବେ। କାର୍ଯ୍ୟକ୍ରମରେ ଏବିଡିଓ ବିଭୂତି ଭୂଷଣ ଶତପଥୀ, ସିଡିପିଓ କୁସୁମ କୁମାରୀ ପ୍ରହରାଜ, ଏସିଓ ଶଙ୍କର୍ଷଣ ସାହୁ, ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ଜଙ୍କଶନ ସାହୁ, ବିଶ୍ୱନାଥପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ କନ୍ଦପାନ ବାବୁ, ଗ୍ରାମ ରୋଜଗାର ସେବକ ରାମଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସମସ୍ତଙ୍କୁ ‘ମୋ ସରକାର’ ଟି-ଶାର୍ଟ ଓ ଟୋପି ପ୍ରଦାନ କରାଯାଇଥିଲା।




ମୋ ସରକାର କକ୍ଷ ଉଦ୍‌ଘାଟନୀ ଅବସରରେ ଟି-ଶାର୍ଟ ଏବଂ ଟୋପି ପ୍ରଦାନ କରାଯାଉଛି।

# ନିଜ ନାମରେ ନେଇ ଅନ୍ୟଙ୍କୁ ଭଡ଼ା

**ଜୁନାଗଡ,୧୫।୨ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ସହରରେ ଏନ୍‌ଏସି ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ବଣ୍ଟନ କରାଯାଇଥିବା ଦୋକାନ ଗୃହଗୁଡିକ ଏବେ ଅନ୍ୟ ଲୋକଙ୍କ ଅକ୍ତିଆରରେ ରହିଛି। ଯେଉଁ ବ୍ୟକ୍ତିବିଶେଷ ଏନ୍‌ଏସି ପକ୍ଷରୁ ଦୋକାନ (କମ୍ପ୍ଲେକ୍ସ) ପାଇଥିଲେ ସେମାନେ ଦୋକାନ ନ କରି ଅନ୍ୟଙ୍କୁ ଭଡାଦେଇଥିବା ଜଣାପଡିଛି। ଏନ୍‌ଏସି ପକ୍ଷରୁ ଏହି ନିୟମ ହୋଇ ନ ଥିବା ବେଳେ ଏହା ବେଆଇନ ଭାବେ ହେଉଥିବା ଜଣାପଡିଛି। ଅନ୍ୟପକ୍ଷେ ସମ୍ପୃକ୍ତ ବ୍ୟକ୍ତି ଏନ୍‌ଏସି କାର୍ଯ୍ୟାଳୟକୁ ମାସିକ ଯେତିକି ପରିମାଣ ଭଡା ଦେଉଛନ୍ତି ତାହାଠାରୁ ଅଧିକ ଟଙ୍କା ଭଡା ଆକାରରେ ଆଦାୟ କରୁଥିବା ଜଣାପଡିଛି। ଏପରିକି ଜଣେ ଲୋକଙ୍କ ନାମରେ ୨ଟି ଦୋକାନ ଗୃହ ରହିଥିବା ଏନ୍‌ଏସି ପକ୍ଷରୁ ଜଣାପଡିଛି। ଏନେଇ ଏନ୍‌ଏସିର ରାଜସ୍ୱ ଆଦାୟ କରୁଥିବା ବେଳେ ନିଜ ନାମରେ ଦୋକାନ ନେଇଥିବା ବ୍ୟକ୍ତି ଅଧିକ ଅର୍ଥ ପାଇ ମାଲାମାଲ ହେଉଛନ୍ତି। ପ୍ରକାଶ ଯେ, ଜୁନାଗଡ଼ ସହରରେ ଏନ୍‌ଏସି ପକ୍ଷରୁ ୧୯୨ଟି କମ୍ପ୍ଲେକ୍ସ (ଦୋକାନ ଗୃହ) ରହିଛି। ଏହି ଦୋକାନ ଗୃହ ୧୯୨ ଲୋକଙ୍କୁ ବଣ୍ଟନ କରାଯାଇଛି। କମ୍ପ୍ଲେକ୍ସଗୁଡିକର ମାସିକ ଭଡା ଶହେ ଟଙ୍କାରୁ ଆରମ୍ଭ କରି ୨୫ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ଯେଉଁ ବ୍ୟକ୍ତି ଦୋକାନ ପାଇଥିଲେ ସେମାନେ ଦୋକାନ ନ କରି ଅନ୍ୟକୁ ଭଡାଦେଇ ମାସିକ ଅଧିକ ଟଙ୍କା ଆଦାୟ କରୁଛନ୍ତି। ଏନ୍‌ଏସି କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରି ସମ୍ପୃକ୍ତ ଦୋକାନୀଙ୍କୁ ଚିହ୍ନଟ କରି ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଜୁନାଗଡ ଭାରପ୍ରାପ୍ତ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉପେନ୍ଦ୍ର ଲୁହାଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**କର୍ଲାମୁଣ୍ଡା,୧୫।୨ (ଡି.ଏନ.ଏ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗେଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗର୍ଭବତୀ ମହିଳାମାନଙ୍କ ଏଚ୍‌ଆଇଭି ଏବଂ ସେଫିଲିସ ଚିହ୍ନଟ ପାଇଁ ରକ୍ତ ପରୀକ୍ଷା କରାଯିବା ସହ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କରେ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଡ. ଅମିତ କୁମାର ପଧାନ, ଭ୍ରାମ୍ୟମାଣ ଚିକିତ୍ସ ଅଧିକାରୀ ଶିଖିଧ୍ୱଜ ପଟେଲ, ଭବାନୀପାଟଣା ଆଇସିଟିସିର ପରାମର୍ଶଦାତା ମାନସ ମିଶ୍ର, ଲାବଟେକ୍‌ନିସିଆନ ହିମାଂଶୁ ଶଖେର ଓଝା, ପ୍ରକଳ୍ପ ଅଧିକାରୀ ଆକାଶ କୁମାର ପାତ୍ର, ସାରଥି ପୃଷ୍ଟି, ଫାର୍ମାସିଷ୍ଟ ସୂର୍ଯ୍ୟନାରାୟଣ ଆଚାରୀ ପ୍ରମୁଖ ଯୋଗଦେଇ ୫୨ଜଣ ଗର୍ଭବତୀ ମହିଳାଙ୍କ ରକ୍ତ ପରୀକ୍ଷା କରିବା ସହ ବିଭିନ୍ନ ପରାମର୍ଶ ଦେଇଥିଲେ। ଶିବିରକୁ ଅରୁଣା ସଂସ୍ଥା ଆୟୋଜନ କରିଥିବା ବେଳେ ପ୍ଲାନ ଇଣ୍ଡିଆ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ସାକ୍ ସଂସ୍ଥା ସହାୟତା କରିଥିଲେ।

# ପରମିଟ ପାସ୍ ସାଜିଛି ପ୍ରତିବନ୍ଧକ

**କର୍ଲାମୁଣ୍ଡା,୧୫।୨ (ଡି.ଏନ.ଏ)**

### ମଣ୍ଡିରୁ ଉଠୁନି ଧାନ

ପରମିଟ ପାସ୍ ବନ୍ଦ ହେବା ଯୋଗୁ ବିଭିନ୍ନ ମଣ୍ଡିରେ ଚାଷୀଙ୍କ ଧାନ ଉଠିବାରେ ସମସ୍ୟା ଦେଖାଦେଇଛି। ଏଭଳି ସମସ୍ୟା କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର କର୍ଲାମୁଣ୍ଡା ସମବାୟ ସମିତି ଜରିଆରେ ଖୋଲିଥିବା ମଣ୍ଡିରେ ଦେଖିବାକୁ ମିଳିଛି। ସୂଚନା ଯୋଗ୍ୟ, ଟୋକନ ପାଇଥିବା ଚାଷୀମାନେ ଜାନୁୟାରୀ ୨୫ରୁ ମଣ୍ଡିରେ ଧାନ ଆଣି ରଖିଛନ୍ତି। ହେଲେ ମଣ୍ଡିରେ ଦୀର୍ଘ ଦିନ ହେଲା ଧାନ ପଡି ରହିଥିଲେ ହେଁ ଧାନ ଉଠାଇବା ନେଇ କୌଣସି ବ୍ୟବସ୍ଥା ହେଉ ନାହିଁ। ଫଳରେ ଚାଷୀ ଶୀତ କାକରରେ ମଣ୍ଡିରେ ଧାନକୁ ଜଗିରହି ବସିଛି। ସୂଚନାଯୋଗ୍ୟ ମଣ୍ଡିରେ ଟୋକନ ପାଇଥିବା ୧୦୭ଜଣ ଚାଷୀଙ୍କ ୬ହଜାର ୭ଶହ ୫୩ କୁଇଣ୍ଟାଲ ଧାନ ପଡିଥିବା ବେଳେ ଟୋକନ ପାଇ ନ ଥିବା ୫୦ଜଣ ଚାଷୀଙ୍କ ୧୪ ଶହ କ୍ୟୁଇଣ୍ଟାଲ ଧାନ ମଣ୍ଡିରେ ରହିଥିବା ସୂଚନା ମିଳିଛି। ହେଲେ ସମବାୟ ସମିତିକୁ ପରମିଟ୍ ପାସ ଦେବା ବନ୍ଦ ରହିଥିବାରୁ ଚାଷୀଙ୍କ ଧାନ ମଣ୍ଡିରୁ ଉଠିବାରେ ସମସ୍ୟା ହେଉଥିବା ସମବାୟ ସମିତି ସମ୍ପାଦକ ଭବାନୀ ଶଙ୍କର ସାହୁ ପ୍ରକାଶ କରିଛନ୍ତି। ଅନ୍ୟପଟେ ମଣ୍ଡିରୁ ଧାନ ଉଠାଇବାର ବ୍ୟବସ୍ଥା କରା ନ ଗଲେ ଆଗାମୀ ଦିନରେ ଚାଷୀମାନେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।



ମଣ୍ଡିରେ ପଡ଼ିରହିଛି ଚାଷୀଙ୍କ ଧାନ।

# ନାରୀଶକ୍ତିର ବିକାଶ ହେଲେ ଦେଶର ବିକାଶ ହେବ

**ଜୁନାଗଡ଼,୧୫।୨ (ଡି.ଏନ୍.ଏ.)**

ନାରୀଶକ୍ତିର ବିକାଶ ହେଲେ ଦେଶର ବିକାଶ ହେବ। ବର୍ତ୍ତମାନ ନାରୀମାନେ ବିଭିନ୍ନ କ୍ଷେତ୍ରରେ ଆଗକୁ ଆସିବା ସହ ତାଙ୍କ ଆର୍ଥିକ ପ୍ରଗତୀର ଉନ୍ନତୀ ହୋଇଛି ବୋଲି ଶନିବାର କଳାହାଣ୍ଡି ଜିଲା ଜୁନାଗଡ଼ ସହର କଲ୍ୟାଣ ମଣ୍ଡପଠାରେ ଆୟୋଜିତ ମହିଳା ସଶକ୍ତୀକରଣ ଜୀବନଜୀବିକା ସଚେତନତା ଶିବିରରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଜୁନାଗଡ଼ ଲଙ୍କେଶ୍ୱରୀ ଓମେନ ଏମ୍‌ପାୱାରମେଣ୍ଟ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ସଚେତନତା ଶିବିରରେ ସହରର ଶତାଧିକ ମହିଳା ଯୋଗଦେଇଥିଲେ। ଟ୍ରଷ୍ଟର ସଭାପତି ମନିଷା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଖାଉଟି ଅଦାଲତର ଭାରପ୍ରାପ୍ତ ସଭାପତି ଭବାନୀ ପଟ୍ଟନାୟକ, ମୁଖ୍ୟବକ୍ତା ଆମ୍ବାର ଅଧକ୍ଷ ଅଶୋକ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ମିଶନଶକ୍ତିର ସଂଯୋଜକ ସେହେଜାଦ ଖାନ, ଟ୍ରଷ୍ଟର ଉପସଭାପତି ତଥା ପୂର୍ବତନ ଏନ୍‌ଏସି ଅଧକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ, ନାରୀନେତ୍ରୀ ମନୋରମା ମହାଳିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ କାର୍ଯ୍ୟକ୍ରମ ମାଧମରେ ମହିଳାମାନେ ସଚେତନ ହୋଇ ରୋଜଗାରକ୍ଷମ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସମ୍ପାଦକ ତଥା ଆଇନଜୀବୀ କଲ୍ୟାଣୀ ନାଏକ ପରିଚାଳନା କରିଥିଲେ। ସେହିପରି ଟ୍ରଷ୍ଟର କୋଷାଧକ୍ଷ ଉତ୍ତମ କୁମାର ଦାଶ ଧନ୍ୟବାଦ ଦେଇଥିଲେ।




ଜୁନାଗଡ଼ରେ ଅନୁଷ୍ଠିତ ମହିଳା ସଶକ୍ତୀକରଣ ଜୀବନ ଜୀବିକା ସଚେତନତା ଶିବିର।

### ମହିଳା ସଶକ୍ତୀକରଣ ସଚେତନତା ଶିବିର

# ପୋଲିସ ସ୍କୁଲର ବାର୍ଷିକ କ୍ରୀଡ଼ା

**ଭବାନୀପାଟଣା,୧୫।୨ (ଡି.ଏନ୍.ଏ.)**

ଭବାନୀପାଟଣା ପୋଲିସ ରିଜର୍ଭ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ଜ୍ୟୋତିରାଣୀ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଧାନ ଶିକ୍ଷୟିତ୍ରୀ ସରୋଜା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ଛାତ୍ରଛାତ୍ରୀମାନଙ୍କ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ହୋଇଥିଲା। ଶିକ୍ଷୟିତ୍ରୀ ରମା ହୋତା, ଭ୍ରମରୀ ମାଝି ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀ ସଂଘର ନୂତନ କମିଟି ବୈଠକ

**ଭବାନୀପାଟଣା,୧୫।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଓପିଟିସିଏଲ୍ କାର୍ଯ୍ୟାଳୟ ପରିସରରେ ଗତ ୧୨ ତାରିଖ ପୂର୍ବାହ୍ନ ୧୧ଟାରେ ରାଜ୍ୟ ବିଦ୍ୟୁତ୍ ବିଭାଗର ଅବସରପ୍ରାପ୍ତ କର୍ମଚାରୀଙ୍କ ଏକ ବୈଠକ ନାରାୟଣ ସିଂହ ଓ ପର୍ଶୁରାମ ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ, ଗ୍ରାଚୁଇଟି, ଭବିଷ୍ୟନିଧି ପାଣ୍ଠିର ଗଚ୍ଛିତ ପ୍ରାପ୍ୟ ପ୍ରମୁଖ ସମସ୍ୟା ସହ ମେଡିକାଲ ଭତ୍ତା ପ୍ରଦାନ ବିଷୟରେ ଆଲୋଚନା ହୋଇଥିଲା। ଏସବୁ ସମସ୍ୟା ସମାଧାନ ପାଇଁ ଲଢେଇ କରିବା ଓ ସରକାରଙ୍କଠାରେ ଦାବି ଉପସ୍ଥାପନ କରିବା ପାଇଁ ଅବସରପ୍ରାପ୍ତ କର୍ମଚାରୀଙ୍କୁ ନେଇ ଏକ ସଂଘ ଗଠନ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ପର୍ଶୁରାମ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟ ସରକାରୀ ବିଭାଗର ଅବସରପ୍ରାପ୍ତ କର୍ମଚାରୀମାନେ ଯୋଗଦେଇଥିଲେ। ସେଥିରୁ ପ୍ରମୋଦ ଦାସ, ପୂର୍ଣ୍ଣଚନ୍ଦ୍ର ମହଲା, ଦିବାକର ମଲାଣା ପ୍ରମୁଖ ଅତିଥି ଭାବେ ବୈଠକରେ ଯୋଗଦେଇ ଏକ ସାର୍ବଜନୀନ ସଂଘ ଗଠନ କରିବା ପାଇଁ ପ୍ରସ୍ତାବ ରଖିବା ସହ ନିଜ ବିଭାଗର ଅବସରପ୍ରାପ୍ତ କର୍ମଚାରୀଙ୍କ ସମସ୍ୟା ପ୍ରତିପାଦନ କରିଥିଲେ। ପରେ ସର୍ବସମ୍ମତିକ୍ରମେ ଏକ ନୂତନ ସଂଘ ଗଠନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ନାରାୟଣ ସିଂହଙ୍କ ପରିଚାଳନାରେ ଏକ କମିଟି ଗଠିତ ହୋଇଥିଲା। ଏଥିରେ ନୂତନ ସଂଘ ସଭାପତି ଭାବେ ପର୍ଶୁରାମ ମହାନ୍ତିଙ୍କୁ ମନୋନିତ କରାଯାଇଥିବା ବେଳେ ସାଧାରଣ ସମ୍ପାଦକ ଭାବରେ ନାରାୟଣ ସିଂହ ଓ କୋଷାଧକ୍ଷ ଭାବରେ ଝାଡୁପ୍ରସାଦ ବଘାର, ସଙ୍ଗଠନ ସମ୍ପାଦକ ଭାବେ ଗଜେନ୍ଦ୍ର ନାୟକ ମନୋନୀତ ହୋଇଥିଲେ।



ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ

**ଭବାନୀପାଟଣା,୧୫।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଚିପୁଲଠାରେ ନର୍ଲା ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ସୁବାସ ଚନ୍ଦ୍ର ଚାନ୍ଦଙ୍କ ଅଧକ୍ଷତାରେ ସମ୍ପାଦକ ବଦ୍ରି ପ୍ରସାଦ ମିଶ୍ର, ଉପସଭାପତି ବିଷ୍ଣୁ ପ୍ରସାଦ ଗହୀର, ଉପଦେଷ୍ଟା ଲକ୍ଷ୍ମଣ ଷଡଙ୍ଗୀ, ନିର୍ମଳ ନାୟକ, ରାମଚନ୍ଦ୍ର ପରିଡା ଯୋଗଦେଇଥିବା ବେଳେ ନିମନ୍ତ୍ରିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲା ଶିକ୍ଷା ନିରୀକ୍ଷକ ଚିତ୍ତରଞ୍ଜନ ସୁନାନୀ ଯୋଗଦେଇଥିଲେ। ସଂଘ ସଭା କାର୍ଯ୍ୟର ପ୍ରାରମ୍ଭରେ ଗତ ଜାନୁୟାରୀ ୨୬ରେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆଦିବାସୀ ପ୍ରତିଭା ସମ୍ମାନ ପାଇଥିବା କର୍ମଚାରୀ ମେଦିନୀ ଜାନିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ୩୬୫ ସଦସ୍ୟ ବିଶିଷ୍ଟ ସଂଘର ବରିଷ୍ଠ ତଥା ଜ୍ୟେଷ୍ଠ ବ୍ୟକ୍ତି ପରିକ୍ଷୀତ ସାମନ୍ତରାଙ୍କୁ ସମ୍ମାନିତ କରାଯାଇଥିବା ବେଳେ ନବାଗତ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସଂଘ ସ୍ୱାଗତ କରିଥିଲା। ସମ୍ପାଦକ ବଦ୍ରି ପ୍ରସାଦ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ସୁବାସ ଚନ୍ଦ୍ର ଚାନ୍ଦଙ୍କ ପରାମର୍ଶରେ ନୂତନ କମିଟି ଚୟନ କରାଯାଇଥିଲା। ନୂତନ ସଭାପତି ଭାବେ ବଦ୍ରି ପ୍ରସାଦ ମିଶ୍ର, ସମ୍ପାଦକ କ୍ଷିରସିନ୍ଧୁ ସାହୁ, ଉପସଭାପତି ଗଙ୍ଗାଧର ଷଡଙ୍ଗୀ, ସୂର୍ଯ୍ୟମଣି ପଧାନ, କ୍ଷିରୋଧ ପାତ୍ର, ସହସମ୍ପାଦକ ଦିଲୀପ ଗହୀର, କୋଷାଧକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ମନୋନୀତ ହୋଇଥିଲେ। ଉପଦେଷ୍ଟା କମିଟି ଅଧକ୍ଷ ଭାବରେ ସୁବାସ ଚନ୍ଦ୍ର ଚାନ୍ଦ, ସଭ୍ୟ ଲକ୍ଷ୍ମଣ ଷଡଙ୍ଗୀ, ଖୁସିରାମ ସାହୁ, ବୀର କିଶୋର ରଣା, ଜିବରଧନ ପଧାନ, ଲୋକନାଥ ସାହୁ ପ୍ରମୁଖ ମନୋନୀତ ହୋଇଥିଲେ। ଏଥିରେ ସଂଘର ଭବନ ନିର୍ମାଣ, ପେନସନ ପାଇବାରେ କର୍ମଚାରୀଙ୍କ ଅସୁବିଧା ସମ୍ବନ୍ଧୀୟ ଆଲୋଚନା ହୋଇଥିଲା। ନୂତନ କର୍ମଚାରୀ ଭବନ ନିର୍ମାଣରେ ଅତିତରେ ନେତୃତ୍ୱ ନେଇଥିବା ନେତାଙ୍କ ପ୍ରତି କାଟୁ ସମାଲୋଚନା କରାଯାଇଥିଲା। ସେହିପରି ନୂତନ ଭବନ ନିର୍ମାଣରେ ବିଧାୟକ ଭୂପିନ୍ଦର ସିଂହ ଓ ଏମ୍‌ପି ବସନ୍ତ ପଣ୍ଡା ସହାୟ ହୁଅନ୍ତୁ ବୋଲି ମତ ପ୍ରକାଶ ପାଇଥିଲା।



ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

# ଆଇବୁଢ଼ିର ହାତେ ନାତି ନାତେନର ଭବିଷତ୍

**ଭବାନୀପାଟଣା, ୧୫।୨ (ଡି.ଏନ୍.ଏ.)**



ନାତି ନାତେନ ସଂଗେ ରୁପାଙ୍ଗ ମାଝି।

- ବାହାର ରାଏଜେ ଦାଦନ ଖଟୁଛେ ପୁଓ
- ସରକାରୀ ଯୋଜନାରୁ ବଁଚିତ୍ ପରିବାର
- ଜମିବାଡ଼ି, ଘରଡିହ, ସପଁତି ବଲି କିଛି ନାଇଁ

ମୁଡ଼ ଗୁଁଜିବାକେ ଘର ନାଇଁ କି ଭୋକ୍ ମେଟାବାକେ ଖାଏଦ୍ ନାଇଁ। ଇଆଡ଼େ କମେଇ ଖାଏବାକେ ଦିହିରେ ବଲ୍‌ବପୁ ନାଇଁ। ଉପରେ ନାତି ନାତେନର ବୋଝ୍ ଆଇବୁଢ଼ୀକେ ବୁଝିବନା କରିଦେଉଛେ। ଏନ୍‌ତା ଗୁଟେ ଦୁଖଦ୍ ଘଟନା ଦେଖବାକେ ମିଳିଛେ କଳାହାଣ୍ଡି ଜିଲା କଲମପୁର ବ୍ଲକ ଦେପୁର ପଁଚେତ୍ ଅଧୀନ ଘର୍ଲା ଗାଁରେ।

ସୂଚନା ଅନ୍‌ସାରେ ଘର୍ଲା ଗାଁର ବିଧବା ବୁରୁଧି ରୁପାଙ୍ଗ ମାଝି(୭୦)। ପରିବାର କହେଲେ ଗୁଟେ ବଲି ପୁଓ ସୀତାରାମ(୩୪), ନାତେନ ତେଜସ୍ୱିନୀ(୧୦) ଆର ନାତି ପୂର୍ଣ୍ଣଚନ୍ଦ୍ର(୭)କୁଁ ନେଇ ସଁସାର। ଆପ୍‌ନେ ନୀଲା ମାଝି ୧୦ ବଛର ତଲେ ଆରପାରକେ ଚାଲିଯାଇଛନ୍। ସେନ୍‌ତା ବଛର କେତେ ତଲେ ବହ ବି ଆରପାରକେ ଚାଲିଯାଇଛନ୍। ଏନ୍‌ତାଥି ପୁଓ ସୀତାରାମ ଝି’ପୁଓକେ ବୁଢ଼ୀ ମା’ ରୁପାଙ୍ଗକଁର ପାସେ ଛାଡ଼ି ବାହାର ରାଏଜ୍‌କେ ଦାଦନ ଖଟି ଯାଇଛନ୍। ସେ ୬ ମାସେ ଘାଏ ଘରକେ ଆସୁଛନ୍। ପିଲାଛୁଆକର ଅଭାବ ଅସବିଧା ଦେଖି ପଏସେ ଦୁଇପଏସା ଦେଇ ଫେନ୍ ଦାଦନ ଖଟବାକେ ପଲଉଛନ୍। ଉପେ ଶୂଇନ୍ ବୁରୁଧି ରୁପାଙ୍ଗ ନାତି ନାତେନର ପେଟ୍ ପାଲବାର ଲାଗି ପରହର କାମ୍‌ବୁତା କରୁଛନ୍। ଇଆଡ଼େ ଆଦିବାସୀ ସମାଜର ଇ ପରିବାରଟା ନିହାତି ଗରିବ୍। ଜମିବାଡ଼ି, ଘରଡିହ, ସଁପତି ବଲି କିଛି ନାଇଁ। ଏନ୍‌ତାଥି ରୁପାଙ୍ଗ ନାତି ନାତେନକେ ଧରି ଗାଁରେ ଥିବାର ଦୁଇ ଝନ୍ ଲାଗେଲେସର ଅରକ୍ଷୀତ ମାଝି ଆର ଶୁକ୍ରୁ ମାଝିକଁର ଆଶ୍ରେଥି ଗୁଟେ ନଡ଼ାଛପର କୁରିଆରେ ମୁଡ଼ ଗୁଁଜିଛନ୍। ଇଆଡ଼େ ସରକାର ସାମାଜିକ ସୁରକ୍ଷା ଯୋଜନାରେ ସମାଜରେ ଅବହେଳିତ ଦୁଖି ଗରିବ୍‌କର ସୁରକ୍ଷା ଲାଗି ଅନେକ୍ ଯୋଜନା କାୟ୍‌କାରୀ କରୁଛନ୍। ହେଲେ ଦୁଖର କଥା ରୁପାଙ୍ଗ ସରକାରକଁର ସବୁପରକାର ଯୋଜନାରୁ ବଁଚିତ୍ ହେଇ ରହିଛନ୍। ଇ ଦୁଖି ପରିବାର ଉପରେ ଜିଲା ଆର ଥାନୀଅ ବ୍ଲକ ପରଶାସନ ଦୁରୁଷ୍‌ଟି ଦେଇ ରୁପାଙ୍ଗକୁଁ ଭତା, ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ଚାଉଲ, ବସୁନ୍ଧରା ଯୋଜନାରେ ଘର ଡିହ ଆର ଆବାସ ଯୋଜନାରେ ଘର ଖଁଡ଼େ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୬ ଫେବୃୟାରୀ, ୨୦୨୦



ମିଥ୍ୟା ଯେତେବେଳେ କାର୍ଯ୍ୟରେ ପରିଣତ ହୁଏ,
ସେତେବେଳେ ତାହାର ନାମ ହୋଇଥାଏ ଭୁଲ୍।
- ମାଇକେଲ ଲାଣ୍ଡନ୍



## ସଂକ୍ଷେପରେ

### ଜମି ଜବରଦଖଲକୁ ନେଇ ଉତ୍ତେଜନା

**ଦେଓଗାଁ, ୧୫।୨(ଡି.ଏନ.ଏ.):** ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ କୁକୁରିମହୁଲ ଗାଁରେ ଜମି ଜବରଦଖଲକୁ ନେଇ ଉତ୍ତେଜନା ଦେଖାଦେଇଛି। ସରପଞ୍ଚ ପ୍ରଭାସ ଭୂଏଁଙ୍କ ଘର ସମ୍ମୁଖରେ ଥିବା ୨ଡେସିମିଲ ଜମି ଜବରଦଖଲ ହୋଇଥିବା ଗାଁ ଲୋକେ ଅଭିଯୋଗ କରି ଆସୁଥିଲେ। ଏ ନେଇ ଗାଁ କମିଟି ପକ୍ଷରୁ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲା। ହେଲେ ପ୍ରଶାସନ ସମାଧାନ ଦିଗରେ କୌଣସି ପଦକ୍ଷେପ ନ ନେବାରୁ ଗାଁରେ ଅସନ୍ତୋଷ ଲାଗି ରହିଥିଲା। ଶୁକ୍ରବାର ସନ୍ଧ୍ୟାରେ ସରପଞ୍ଚଙ୍କ ପୁଅ ଓ ଗାଁର ଜଣେ ଯୁବକଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ୪୦ରୁ ୫୦ ଜଣ ଲୋକେ ଜବରଦଖଲ ଜମିରେ ନିର୍ମିତ ଘରକୁ ଭାଙ୍ଗିଥିଲେ। ବନ୍ଧପଡା ଫାଣ୍ଡି ଅଧିକାରୀ କମଳ ଲୋଚନ ମଝୀ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଶନିବାର ସରପଞ୍ଚ ଭୂଏ ଓ ଗାଁର ବହୁ ଲୋକେ ଥାନାକୁ ଆସି ପରସ୍ପର ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଉଭୟ ପକ୍ଷଙ୍କ ଉପସ୍ଥିତିରେ ଆପୋଷ ବୁଝାମଣା ପାଇଁ ଉଦ୍ୟମ ଜାରି ରଖିଛି। ଏକ ଶାନ୍ତି କମିଟି ଗଠନ ପାଇଁ ଉଦ୍ୟମ ରହିଥିବା ପୋଲିସ ସୂଚନା ଦେଇଛି।

# ପାଟଣାଗଡ଼, ପ୍ରୋଗ୍ରେସିଭ ଝାରସୁଗୁଡ଼ା ବିଜୟୀ

### ଭଗବତୀ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ସୋନପୁର,୧୫।୨(ନି.ପ୍ର.)**

ସୋନପୁର ଗାନ୍ଧୀ ପଡିଆରେ ଭଗବତୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଚାଲିଥିବା ୧୦ମ ଭଗବତୀ ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟର ଶନିବାର ତୃତୀୟ ଦିବସ ମ୍ୟାଚ୍‌ରେ ପାଟଣାଗଡ କ୍ରିକେଟ୍ କ୍ଲବ ଓ ପ୍ରୋଗ୍ରେସିଭ ଆସୋସିଏଶନ ଝାରସୁଗୁଡା ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ପାଟଣାଗଡ କ୍ରିକେଟ୍ କ୍ଲବ ଓ ବଲାଙ୍ଗୀର ନବକିଶୋର କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲା। ଦଳ ପ୍ରଥମେ ବ୍ୟାଟିଂ କରି ୧୯.୪ ଓଭରରେ ୧୦ ଉଇକେଟ୍ ହରାଇ ୧୨୫ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଅଂଶୁମାନ ମିଶ୍ର ୬୪, ଦେବାଂଶୁ ରାଜଗୁରୁ ୧୬ ଓ ଜୟ କିଷାନ ୮ ରନ ସଂଗ୍ରହ କରିଥିଲେ। ପାଟଣାଗଡ ପକ୍ଷରୁ ପୁରୁଷୋତ୍ତମ ପାତ୍ର ୫ଟି, ସାଗର ପର୍ଭା ୨ଟି ଓ ହର ବେଷ୍ଟକାର ୧ଟି ଉଇକେଟ ଅକ୍ତିୟାର କରିଥିଲେ। ଜବାବରେ ପାଟଣାଗଡ ଦଳ ପୁରୁଷୋତ୍ତମ ପାତ୍ରଙ୍କ ୨୯ ରନ, ଅମିତ ନନ୍ଦଙ୍କ ୨୪ ଓ ଜିତେଶ ବର୍ଗର୍ତ୍ତିଙ୍କ ୨୪ ରନ ସହାୟତାରେ ୧୯.୩ ଓଭରରେ ୮ ଉଇକେଟ ହରାଇ ୧୨୬ ରନ ସଂଗ୍ରହ କରିଥିଲେ। ବଲାଙ୍ଗୀର ପକ୍ଷରୁ ଅଂଶୁମାନ ମିଶ୍ର ୩ଟି, ବାବୁଲୁ ସେଠୀ ୨ଟି ଓ ଦେବାଶିଷ ଯାଦବ ୧ଟି ଉଇକେଟ୍ ହାସଲ କରିଥିଲେ । ପାଟଣାଗଡ ୨ ଉଇକେଟ୍‌ରେ ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ପାଟଣାଗଡର ପୁରୁଷୋତ୍ତମ ପାତ୍ରଙ୍କୁ ଜିଲା ସରପଞ୍ଚ ସଂଘର ସମ୍ପାଦକ ଅରବିନ୍ଦ ବାରିକ୍ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

ଦ୍ୱିତୀୟ ମ୍ୟାଚ୍ ପ୍ରୋଗ୍ରେସିଭ ଆସୋସିଏଶନ ଝାରସୁଗୁଡା ଓ ବ୍ଲୁ ଡାଇମଣ୍ଡ ବରଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବରଗଡ ଦଳ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ୧୬.୩ ଓଭରରେ ୧୦ ଉଇକେଟ୍ ହରାଇ ୮୪ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ପ୍ରବୀଣ ଲୁହା ୨୫ ରନ, ଶ୍ରୀକାନ୍ତ ୧୮ ରନ, ରାକେଶ ସିଂହ ୧୭ ରନ ସଂଗ୍ରହ କରିଥିଲେ। ଝାରସୁଗୁଡାର ପ୍ରତୀକ ଯାଦବ ୨.୩ ଓଭର ବୋଲିଂ କରି ମାତ୍ର ୩ ରନ ବିନିମୟରେ ୩ଟି ଉଇକେଟ୍ ଅକ୍ତିୟାର କରି ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ସଞ୍ଜୟ ଦାଶ ୩ଟି ଓ ଶୁଭମ ସିଂହ ୨ଟି ଉଇକେଟ୍ ନେଇଥିଲେ। ଜବାବରେ ଝାରସୁଗୁଡା ଦଳ ରୋଶନ ପ୍ରସାଦଙ୍କ ୨୦ ରନ, ପ୍ରତୀକ ଯାଦବଙ୍କ ୧୫ ରନ ଓ ସଚ୍ଚିନ ଶ୍ରେଷ୍ଠଙ୍କ ୧୫ ସହାୟତାରେ ୮୬ ରନ ସଂଗ୍ରହ କରିଥିଲା। ବରଗଡର ସଙ୍କଳ୍ପ ରାଉତ ୨ଟି, ଆଜାଦ ପ୍ରଧାନ ୨ଟି ଓ ଶ୍ରୀକାନ୍ତ ପ୍ରଧାନ ୧ଟି ଉଇକେଟ୍ ଅକ୍ତିୟାର କରିଥିଲେ। ଝାରସୁଗୁଡା ୫ ଉଇକେଟ୍‌ରେ ମ୍ୟାଚ୍ ବିଜୟୀ ହୋଇଥିଲା। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଝାରସୁଗୁଡାର ପ୍ରତୀକ ଯାଦବଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ ରଞ୍ଜନ ହୋତା। ଶ୍ୟାମସୁନ୍ଦର ପଣ୍ଡା, ସମୀର ପାଣିଗ୍ରାହୀ, ପୃଥ୍ୱୀରାଜ ମିଶ୍ର ଓ ବଳରାମ ପଟ୍ଟନାୟକ ଏହି ମ୍ୟାଚ୍ ପରିଚାଳନା କରିଥିଲେ । ସଂଗ୍ରାମ ନାୟକ ସ୍କୋରର ଦାୟିତ୍ୱ ପ୍ରଦାନ କରିଥିଲେ । ପାର୍ଥ ଦାଶ ଓ ଆନନ୍ଦ ବାଗ ଧାରା ବିବରଣୀ ପ୍ରଦାନ କରିଥିଲେ ।



ପାଟଣାଗଡର ପୁରୁଷୋତ୍ତମ ପାତ୍ରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।



### ବିଲ୍ ଟଙ୍କା ଲାଗି ହିତାଧିକାରୀ ହଟ୍‌ହଟା

**ଲାଠୋର, ୧୫।୨ (ଡି.ଏନ୍.ଏ.)**

ଖପ୍ରାଖୋଲ ବ୍ଲକ କରୁଆଁଝର ପଁଚେତ୍ ସାନଗୁର୍ଜିଭଟା ଗାଁ ପାଲିପଡ଼ାର ପଦ୍ମା ବର୍ଗେ, ଜାମିନି ଛତ୍ରିଆଙ୍କୁ ଗଲା ୨୦୧୬-୧୭ ବଛରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରିବାର ଲାଗି ୧ଲକ୍ଷ ୩୦ ହଜାର ଟଁକା ଲେଖେଁ ଯୁଗେଇ ଦିଆଯାଇଥିଲା। ସେନ୍ତା ୨୦୧୮-୧୯ ବଛରରେ ଧନମତି ନାଗଙ୍କୁ ଆବାସ ଯୋଜନାରେ ଘର ଯୁଗେଇ ଦିଆଯାଇଥିଲା। ଇ ହିତାଧିକାରୀମାନେ ଖେପ୍ ଖେପ୍ କରି ଟଁକା ଉଠେଇ ଘର ତିଆରି କାମ୍ ପୂରା କରିଥିଲେ। ହେଲେ ହିତାଧିକାରୀମାନେ ଆଏଜ୍‌ତକ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜରିଆରେ କାମ୍ କରିଥିବାର ବିଲ୍ ଟାଁକା ନାଇଁ ପାଇପାରି। ଇଆଡ଼େ ହିତାଧିକାରୀମାନେ ବାରବାର ଟଁକା ପାଏବାର ଲାଗି ପଁଚେତ୍‌ନୁ ବ୍ଲକ ତକ୍ ନରଦୁ ଥିଲେ ବି କେହି ତାକର କଥା ନାଇଁ ଶୁନୁଥିବାର ଅଭିଯୋଗ କରିଛନ୍। ଇ ବାବ୍‌ଦେ କରୁଆଁଝର ପଁଚେତ୍ ଗ୍ରାମ ରୋଜଗାର ସେବକ ହେମନ୍ତ ଭୋଇଙ୍କୁ ପଚ୍ରାଲାରୁ ୨୦୧୬-୧୭ ବଛରରେ ମୁଇଁ ଇଠାନେ ନାଇଁଥାଇ। ୨୦୧୮-୧୯ ବଛର୍‌ର ଟଁକା କାହିଁର ଲାଗି ନାଇଁ ଦିଆଯାଇ କାଗଜପତର ଦେଖିଲେ ଯାଇ କହି ହେବା ବଲି କହିଥିଲେ। ବ୍ଲକ ପରଶାସନ ଘଟନାର ତଦଁତ୍ କରି ପଦକ୍ଷେପ ନେବାକେ ହିତାଧିକାରୀମାନେ ଦାବି କରିଛନ୍।

## ଫଟୋରେ ଖବର



ମୋତିଲାଲ ଓସ୍ୱାଲ-କିସ୍ ବଲାଙ୍ଗୀର ଆବାସିକ ବିଦ୍ୟାଳୟ ଉଦ୍‌ଘାଟନ ଉତ୍ସବରେ ଆଦୀବାସୀମାନେ ପାରମ୍ପରିକ ନୃତ୍ୟ ପ୍ରଦର୍ଶନ କରୁଛନ୍ତି ।



ଆବାସିକ ବିଦ୍ୟାଳୟ ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଜନଜାତି ଛାତ୍ରୀଛାତ୍ର ଓ ଜନସାଧାରଣ ।

# ଦଦ୍‌ରା ମାଏଟ୍ କୁରିଆରେ ୬ ପରାନୀ କୁଟୁମ୍

### ଘରଖଁଡ଼େ ଲାଗି ଗୁହାରି କରି ନିରାଶ

**ଲାଠୋର, ୧୫।୨ (ଡି.ଏନ୍.ଏ.)**

ସରକାର ନିସାହା, ଗରିବ୍ ଦୁଖିକୁ ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଅବାସ, ମୋ କୁଡ଼ିଆ, ବିଜୁ ପକାଘର ଯୋଜନାରେ ଘର ଯୁଗେଇ ଦେଉଛନ୍। ହେଲେ ଅନେକ୍ ହକ୍‌ଦାର ହିତାଧିକାରୀ ଭିନେ ଭିନେ କାରନରୁ ଯୋଜନାରୁ ବଁଚିତ୍ ହେଇ ବଡ଼ା ଗୁଲ୍‌ଗୁଲାରେ ଜୀବନ୍ ବିତଉଛନ୍। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବଲାଙ୍ଗୀର ଜିଲା ଟୁରେକେଲା ବ୍ଲକ କମେଇମୁଣ୍ଡା ପଁଚେତ୍ ମାନ୍ଦଲା ଗାଁର ପୁଟାପଡ଼ାରେ।

ସୂଚନା ଅନ୍‌ସାରେ ମାନ୍ଦଲା ଗାଁର ପୁଟାପଡ଼ାର ଅନାତ ମାଝି। ପରିବାର କହେଲେ ମାଏକିନା ଚୁରାମଣି, ୪ ଝିଁ ଆର ଗୁଟେବଲି ପୁଓକେ ନେଇ ସଁସାର। ପରିବାରଟା ନିହାତି ଗରିବ୍, ସଁପତି ବଲି କିଛି ନାଇଁ। ଅନାତ କୁଲିମଜୁରି କରୁଥିଲାବେଲେ ମାଏକିନା ଚୁରାମଣି ଗାଁର ସ୍କୁଲରେ ରାଁଧେନ ହିସାବେ କାମ୍ କରୁଛନ୍। ଧାର ଉଧାର କରି ଅନାତ ବଡ଼ ଝିଁକେ ବିହା କରିଛନ୍। ହେଲେ ଏହେଦେ ବି ମୁଡ଼ ଉପରେ ୩ ଝିଁର ବିହା ବୋଝ୍ ରହିଛେ। ଦୁଇ ମାଏଝି ମୁନୁଷ୍ ଯାହା କମଉଛନ୍ ସେଟା ପେଟ୍‌କେ ଅଁଟ୍‌ଲେ ଦିହିକେ ନାଇଁ। ଏନ୍ତାଥି ପରିବାରଟା ଭଲ ଘର ଖଁଡ଼େ ତିଆରିବାର ଲାଗି ସକ୍ଷମ ନୁହଁନ୍। ଏନ୍ତା ପରିସ୍ଥିତିରେ ୬ ପରାନୀ କୁଟୁମ ଗୁଟେ ଦଦ୍‌ରା ମାଏଟ୍ ଖପର ଘରେ ମୁଡ଼ ଗୁଁଜିଛନ୍। ସରକାରୀ ଯୋଜନାରେ ଘରଖଁଡ଼େ ପାଏବାର ଆଶ୍‌ରେ ଅନାତ ଦରକାରୀ କାଗଜପତର ଧରି ଅନେକ ଥର ପଁଚେତ୍‌କେର ଗୁହାରି କରି ନିରାଶ ହେଇଥିବାର କହିଛନ୍। ଇଆଡ଼େ ବରଷା ଦିନେ ବଡ଼ା ଗୁଲ୍‌ଗୁଲା ହେଉଛୁଁ। ଘର ଭିତରେ ଦରୋ ଦରୋ ପାଏନ୍ ଗଲୁଛେ, ରହିବସି ନାଇଁ ହେବାର ବଲି ଅନାତ କହିଛନ୍। ସେନ୍ତା ପରିବାରରେ ୬ ଝନ୍ ଲୋକ୍ ରହିଥିଲାବେଲେ ଝନ୍‌ପିଛା ୫ କେ.ଜି. ହିସାବେ ମାସିକ ୩୦ କେ.ଜି. ଚାଉଲ ମିଲବାର କଥା। ହେଲେ ଇ ପରିବାରକେ ମାସିକ ୨୫ କେ.ଜି. ଚାଉଲ ମିଲୁଛେ। ସରକାର ଗରିବ୍ ପରିବାରମାନକୁ ଅବାସ ଯୋଜନାରେ ଘର ଯୁଗେଇ ଦେଉଥିଲାବେଲେ ଅନାତ ପଁଚେତ୍‌ରେ ଦରକାରୀ କାଗଜପତର ଦାଖଲ କରି ବାରବାର ଗୁହାରି ନିରାଶ ହେଇଥିବାର ଅଭିଯୋଗ କରିଛନ୍। ଇ ଦିଗେ ଜିଲା ଆର ଥାନୀଅ ବ୍ଲକ ପରଶାସନ ଦୁରୁଷ୍ଟି ଦେଇ ଘଟନାର ତଦଁତ କରି ଅନାତକୁଁ ଆବାସ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ପଡ଼ାବାସୀ ଦାବି କରିଛନ୍।



ନିଜର ପରିବାର ସଂଗେ ଅନାତ।

# ଜିଓଟେଗଙ୍କୁ ପଞ୍ଚାୟତ ଅଫିସରେ ତାଲା ପକାଇଲେ

- ଆବାସ ଗୃହ ସର୍ଭେରେ ତ୍ରୁଟି ଅଭିଯୋଗ
- ଭତ୍ତା ନ ପାଇ ହିତାଧିକାରୀ ଘରକୁ ଫେରିଲେ

**ଦେଓଗାଁ, ୧୫।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତରେ ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ଆବାସ ଗୃହ ସର୍ଭେରେ ବ୍ୟାପକ ତ୍ରୁଟି ହୋଇ ହୋଇଛି । ଗୋଟିଏ ପରିବାରରେ ଏକାଧିକ ସଦସ୍ୟାସଦସ୍ୟଙ୍କ ନାମ ତାଲିକାରେ ଅନ୍ତର୍ଭୁକ୍ତ ହୋଇଛି। ଅନେକ ବାସହୀନ ତଥା ଚାଳଛପର ଘରେ ଜୀବନ ବିତାଉଥିବା ପରିବାରର ନାମ ତାଲିକାରେ ନାହିଁ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଶନିବାର ଭତ୍ତା ବଣ୍ଟନ ରହିଥିବାରୁ ଜିଓଟେଗ୍ ଦାୟିତ୍ୱରେ ଥିବା ପରଦେଶୀ ଛତ୍ରିଆ ଓ ଚତୁର୍ଥ କର୍ମଚାରୀ ରିଷଭ ବାରିକ ଭତ୍ତା ବଣ୍ଟନ କରିବା ପାଇଁ ପଞ୍ଚାୟତ ଅଫିସରେ ଥିବା ବେଳେ ବିଭିନ୍ନ ଗାଁରୁ ଆସିଥିବା ଜନସାଧାରଣ ଓ ଉଡାରର କେତେକ ଆଶାୟୀ ହିତାଧିକାରୀ ପଞ୍ଚାୟତରେ ତାଲାଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଫଳରେ ଭତ୍ତା ବଣ୍ଟନ ହୋଇପାରି ନ ଥିଲା। ଶତାଧିକ ବୃଦ୍ଧାବୃଦ୍ଧ ନିରାଶରେ ଘରକୁ ଫେରିଥିଲେ। ଜନସାଧାରଣଙ୍କ ଅଭିଯୋଗ ଅନୁସାରେ କିଛି ମାସ ତଳେ ହୋଇଥିବା ସର୍ଭେ ସମୟରେ ଯେଉଁ ଅଧିକାରୀମାନେ ଆସି ଯେଉଁମାନଙ୍କୁ ଆବାସଗୃହ ପାଇବା ଯୋଗ୍ୟ ବିବେଚିତ କରିଥିଲେ ସେମାନଙ୍କ ନାମ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇନାହିଁ । ଏଣୁ ପ୍ରକୃତ ସର୍ଭେ ତାଲିକାକୁ ପଞ୍ଚାୟତରେ ଏପଟ ସେପଟ କରାଯାଇଛି । ଏଣୁ ଏହାର ପୁନଃ ତଦନ୍ତ କରିବାକୁ ଜିଦ୍ କରିଥିଲେ । ଗତ ଅଗଷ୍ଟ ମାସ ବନ୍ୟାରେ ଘର ଭାଙ୍ଗି ବେସାହାରା ହୋଇଥିବା ଗାଁର ଗୌରୀଶଙ୍କର ବାଗ, କର୍ପୁର ପଧାନ, ବିନୋଦନୀ କଏଣ୍ଡା, ତପସ୍ୱୀନି ବଗର୍ତ୍ତି, ମନୁ ପଧାନ, ପ୍ରତିମା ବଗର୍ତ୍ତି, ପ୍ରମିଳା ନାଏକ ଆଦି କେତେକ ପରିବାରଙ୍କୁ ମଧ୍ୟ ସର୍ଭେ ସମୟରେ ପାଇବା ଯୋଗ୍ୟ ବୋଲି ଅଧିକାରୀମାନେ କହିଥିଲେ। ହେଲେ ତାଲିକାରେ ସେମାନଙ୍କ ନାମ ନ ଆସିବାରୁ ସାଧାରଣରେ ସନ୍ଦେହ ପ୍ରକାଶ ପାଇଥିଲା । ଏ ନେଇ ଜିଲପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅପରାହ୍ନ ୩ଟାରେ ଏବିଡିଓ ପି. କହଁର, କାର୍ଯ୍ୟନିର୍ବାହୀ ଅଧିକାରୀ ଶରତ କୁମାର ମହାନନ୍ଦ, ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ ସୁଶାନ୍ତ କୁମାର ବାଗ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରଥିଲେ। ପ୍ରକୃତ ହିତାଧିକାରୀମାନେ ୧୬ ତାରିଖ ମଧ୍ୟରେ ଅଭିଯୋଗ ଦାଖଲ କଲେ ତଦନ୍ତ କରି ଯୋଜନାରେ ସାମିଲ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ତାଲା ଖୋଲାଯିବା ସହ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏ ସମ୍ପର୍କରେ ଇଓ ଶରତ କୁମାର ମହାନନ୍ଦଙ୍କୁ ପଚାରିବାରୁ କେତେକ ଲୋକ ପ୍ରଧାନମନ୍ତ୍ରୀ ଆବାସ ପାଇଁ ଆନ୍ଦୋଳନ କରିବାରୁ ଭତ୍ତା ବଣ୍ଟନରେ ସମସ୍ୟା ଉପୁଜିଥିଲା । ଏଣୁ ପ୍ରତ୍ୟେକ ଗାଁକୁ ଯାଇ ଭତ୍ତା ଟଙ୍କା ହିତାଧିକାରୀଙ୍କୁ ଦେବୁ ବୋଲି କହିଥିଲେ ।



ଆବାସ ଗୃହ ସର୍ଭେରେ ତ୍ରୁଟି ଅଭିଯୋଗ କରି ଉଡାର ପଞ୍ଚାୟତ ପରିସରରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ଯୁବକଙ୍କ ମୃତଦେହ ଉଦ୍ଧାର

**ଦେଓଗାଁ, ୧୫।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ହାତିସରା ପଞ୍ଚାୟତ ନାଇକେନସିରା ନିକଟରୁ ଶନିବାର ଅପରାହ୍ନରେ ଜନୈକ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ଘଟଣାସ୍ଥଳରୁ ଗୋଟିଏ ସାଇକେଲ ଜବତ ହୋଇଛି । ଖବର ଲେଖା ହେବା ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରି ନ ଥିବା ପୋଲିସ କହିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨/୨୦)ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ବଡମାଳ କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର

**ଅମରପାଲି, ୧୫।୨ (ଡି.ଏନ.ଏ)**

ବୀରମହାରାଜପୁର-ରେଢ଼ାଖୋଲ ସୀମାବର୍ତ୍ତି ରେଢ଼ାଖୋଲ ବ୍ଲକ ରେ.ବଡମାଲସ୍ଥିତ ଜୟ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମହିଳା ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ରାଜେଶ କୁମାର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବଡମାଳ ପଞ୍ଚାୟତର ସରପଞ୍ଚ ଷଡାନନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଆରତୀ ବେହେରା ଓ ନିତୁ ଗର୍ଡିଆ ମାଷ୍ଟର ଟ୍ରେନରଭାବେ ଯୋଗଦେଇ ଆତ୍ମସୁରକ୍ଷା ସମ୍ପର୍କରେ ଅବଗତ କରାଇ ତାଲିମ ପ୍ରଦାନ କରିଥିଲେ।


**OFFICE OF THE MUNICIPAL COUNCIL, KEONJHARGARH**
email : keonjharm.hud@rediffmail.com
Invitation for Bids (IFB) 'e' Procurement Notice
Bid Identification No.KGM-10/2019-20

Letter No.1475 /KGM — Date: 12.02.2020

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system ,through e-Procurement.
1 - Nature of work- Civil Work
2 - No. of Work-31 Nos.
3 - Value of works: Rs.1,34 ,200 /- to 15,88,000 /-
4 - Date & Time of availability of Bid document in the portal: From. 15.02.2020 at 11.00 A.M. up to 25.02.2020 at 5.00 P.M.
5 - Last date & time of submission of bid in portal- upto 5 P.M of 25.02.2020
6 - Date of Opening of bid in portal. 27.02.2020 at 11 .30. A.M.
7- Name & address of the officer in Inviting Bid- EO, Keonjhargarh Municipality

Further details can be seen from Website: www.tendersorissa.gov.in

Sd./- Executive Officer
Keonjhargarh Municipality

**OFFICE OF THE EXECUTIVE ENGINEER**
**RURAL WATER SUPPLY & SANITATION DIVISION, MALKANGIRI** — No. O-1083
Phone - (06861) 231617email:eerwss_mal@nic.in,eerwssmlkg@gmail.com

**QUOTATION CALL NOTICE No. 03 / (EB-61)2020 Dt. 12.02.2020**

The Executive Engineer, RWS&S Division, Malkangiri on behalf of Governor of Odisha invites sealed quotations from Authorised Manufactures, Authorised Dealers/ Distributers for supply of Chemicals, Glassware, Consumables of reputed makes for testing of drinking water at RWS&S Divisional Laboratory, Malkangiri/ Sub-Divisional laboratory, Mathili.

The time schedule of quotation is as follows.
1) **Date for submission of quotation:- Dt.19.02.2020at 10.00 A.M.to 28.02.2020 up to 5.00P.M.**
2) **Date of Opening of Quotation:- Dt.29.02.2020 at 11.30A.M.**

The detailed list of items and term & condition are available in office of the Executive Engineer RWS&S Division,Malkangiriduring office hoursor can be downloaded from **www.odisha.gov.in, www.malkangiri.nic.in**

Sd/12.02.20
Executive Engineer RWS&S Division, Malkangiri
OIPR-25044/11/0010/1920

**SIEP centre for Divvyang** — No. gg-20
**SIDR Building, Capital Hospital Campus, Unit-6, Bhubaneswar-751001**

**OPEN TENDER**
**for Procurement of Equipment for SIEP**
No. 132/SIEP
SIEP/MISC/0016/2019 — Date: 14.02.2020

The Tender aims to approve successful bidder/bidders that will be responsible for supply of different equipment for "SIEP (State Institute for Empowerment of Persons with Disabilities)" at Bhubaneswar. The details of scope of work, eligibility criteria and submission of details can be downloaded from website http://www.ssepd.gov.in
1. Availability of tender document: SSEPD website **www.ssepd.gov.in**
2. Date and time for submission of the Tender documents:
   By speed post/ Registered post / Courier/ hand in all working days up to **12:00 noon of 16/03/2020**
3. Pre Bid **26.02.2020 at 11.00 A.M**

This Tender does not entail any commitment on the part of SIEP either financial or otherwise. SIEP reserves the right to accept or reject any or all Tenders without incurring any obligation to inform the affected applicant/s of the grounds. The Tenders will be evaluated based on the information provided.

SD/-ExecutiveDirector,SIEP,Odisha
OIPR-46003/11/0004/1920

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
(A Govt.of Odisha Undertaking)
Regd.Office: Janapath Bhubaneswar-751022
**OFFICE OF THE G.M.(ELECT) EHT (O&M)CIRCLE, JAJPUR ROAD.**
Fax/Phone No.06726-220965 (off), E-mail.id.ehtm.cle.jjp@optcl.co.in CIN: U401020R2004SGC007553
No.Tech-CR-150/156 — Dated:15.02.2020

**EXPRESSION OF INTEREST(EOI)**

General Manager(Elect.),EHT(O&M) Circle, OPTCL, Jajpur Road indents to prepare a vendor list for minimum one year for execution of different Civil/Electrical works and supply of different materials for the estimated cost of more than 10(Ten) thousand up to 1(One) lakh. Interested suppliers, dealers, contractors and firm owners may apply with details documents on or before 04.03.2020 (during office hours).For details please visit our website:- www.optcl.co.in.
Corrigendum if any, will be published in the website only.

Sd./- General Manager (Elect)

**PRAGATIPATHE ATHMALIK PANCHAYAT SAMITI**

1. **RURAL HOUSING FOR THE FY 2019-20.**
   - ► PMAY-G Houses - 1922
   - ► BPGY Houses - 125
   - ► NSPGY Houses - 225
2. **MGNREGS FOR THE FY 2019-20**
   - ► Persondays Generation - 334265 days
   - ► House Hold 100 days completed - 166

**PROJECT COMPLETED UNDER MGNREGS**
   - ► AWC Building - 10
   - ► Playground - 3
   - ► Village Tank - 5
   - ► Check Dam - 4
   - ► Road - 14
3. **AGAB FOR THE FY 2019-20**
   - ► Project Completed - 112
4. **RURAL WATER SUPPLY AND SANITATION**
   - ► Pipe water supply completed - 28
   - ► Overhead tank completed - 11

Minakhi Dalei, Chairman
Chairman, Athmallik Block

Sanjay Kumar Acharya
Block Development Officer, Athmallik

**OFFICE OF THE D.F.O.-CUM-CEO.FFDA/ BFDA, BHADRAK AND SECRETARY, MANAGEMENT SOCIETY DHAMARA FISHING HARBOUR, DHAMARA**

**TENDER CALL NOTICE No. 49// Dt. 14.02.2020**
**ENGAGEMENT OF SECURITY GUARDS AND MANPOWER**

Management Society, Dhamara Fishing Harbour, Dhamara of Bhadrak District invites sealed tenders from registered private organizations / Agency for engagement of security Guards and Manpower Services. The agencies having good track record with Registration Certificate, trained manpower and relevant experience in this line is eligible to apply. The agency must be able to provide round the clock security services to Management Society, Dhamara Fishing Harbour, Dhamara. The details tender paper cost Rs. 2000/- (Rupees Two Thousand) only in shape of Cash/ Demand Draft in favour of "Secretary, Management Society, Dhamara Fishing Harbour, Dhamara" Payable at Dhamara may be obtained from the office of Manager, Management Society, Dhamara Fishing Harbour, Dhamara from Dt. 17.02.2020 to Dt. 02.03.2020 in office hours i.e. 10.00 AM to 5.30 PM should be submitted with their proposal (Technical as well as Financial Bids) along with all supporting documents in sealed envelope must superscribed with "Application for outsourcing of Security Services and Manpower at Management Society Dhamara Fishing Harbour, Dhamara" to the office of the D.F.O., Bhadrak and Secretary Management Society, Dhamara Fishing Harbour, Dhamara by Dt. 03.03.2020 till 5.30 PM. The tender will be opened on Dt. 04.03.2020 at 11.30 AM in the office of D.F.O.-cum-CEO, FFDA/BFDA, Bhadrak and Secretary, Management Society, Dhamara Fishing Harbour at Bhadrak. (Near Bonth Chaka Bus Stand). The Undersigned has reserve the rights to cancel any or all application without assigning any reason thereof.

Sd./- Santosh Kumar Dalai
D.F.O., Bhadrak & Secretary
Management Society Dhamara
Fishing Harbour, Dhamara



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।

-ଆଇନଷ୍ଟାଇନ

# ସ୍ଥାନୀୟ ନିଯୁକ୍ତି ଦାବିରେ ରାସ୍ତା ଅବରୋଧ

ନୂଆପଡ଼ା ଅଫିସ,୧୫।୨

ଜେଇ/ଜିପିଟିଏ ନିଯୁକ୍ତି ପ୍ରକ୍ରିୟା ନିୟମ ଉଲ୍ଲଙ୍ଘନ ସହ ସ୍ଥାନୀୟ ଯୁବତୀଯୁବକଙ୍କୁ ଉପେକ୍ଷା କରି ବାହାର ଜିଲାର ପିଲାଙ୍କୁ ନିଯୁକ୍ତିରେ ସାମିଲ କରାଯାଇଛି । ଏହାକୁ ବାତିଲ କରି ସ୍ଥାନୀୟ ପିଲାଙ୍କୁ ଅଗ୍ରାଧିକାର ଦେବା ଦାବିରେ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଶନିବାର ପୂର୍ବାହ୍ନରେ ଗରିବ ସେନା ନେତୃତ୍ୱରେ ଯୁବକମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଅବରୋଧ କରି କାର୍ଯ୍ୟାଳୟକୁ ଧସେଇ ପଶିବାକୁ ଚେଷ୍ଟା କରିଥିଲେ। ଜିଲା ପ୍ରଶାସନର ନିର୍ଭର ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନା ଯୋଗ୍ୟ, ଜିଲାରେ ପ୍ରଥମ ଥର ପାଇଁ ଜେଇ /ଜିପିଟିଏ ନିଯୁକ୍ତି ପ୍ରକ୍ରିୟାକୁ ଏକ ସର୍ଭିସ ପ୍ରୋଭାଇଡରଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଦାୟିତ୍ୱ ଦିଆଯାଇଥିଲା। ଭୁବନେଶ୍ୱରର ଏକ ଠିକା କମ୍ପାନୀ ୩୭ଟି ପଦବୀ ସକାଶେ ନିଯୁକ୍ତି ପ୍ରକ୍ରିୟା ହୋଇଥିଲା। ହେଲେ ଏନେଇ କୌଣସି ଖବରକାଗଜରେ ପଦବୀ ସକାଶେ ବିଜ୍ଞାପନ ଦିଆଯାଇ ନ ଥିଲା। କେତେକ ସରକାରୀ ଏବଂ ବେସରକାରୀ ଦଲାଲ ଜିଲାର କେତେଜଣ ବଛାବଛା ଯୁବତୀଯୁବକଙ୍କ ନିକଟରୁ ମୋଟା ଅଙ୍କର ଅର୍ଥ ସଂଗ୍ରହ କରି କମ୍ପାନୀ ସହ ଯୋଗଯୋଗ କରିଥିଲେ। ଏଥିରେ ଲକ୍ଷାଧିକ ଟଙ୍କା କାରବାର ହୋଇଥିବା ସୋସିଆଲ ମିଡିଆରେ ଘୂରିବୁଲୁଛି। ଏ ନେଇ



ଜାତୀୟ ରାଜପଥକୁ ଗରିବ ସେନା ପକ୍ଷରୁ ଅବରୋଧ କରାଯାଇଛି ।

- ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ
- ପୁନଃ ଆବେଦନ ପାଇଁ ଦାବି
- ପ୍ରତିଶ୍ରୁତି ରଖିଲା ଜିଲା ପ୍ରଶାସନ

ଗରିବ ସେନା ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏଥିରେ ବ୍ୟତିକ୍ରମ ହେଲେ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଥିଲା। ତେବେ ଶନିବାର ଡିଆର୍‌ଡିଏ ପକ୍ଷରୁ ପଦବୀ ସକାଶେ ପ୍ରାର୍ଥିପତ୍ର ସହ କାଗଜାତ ଯାଞ୍ଚ ଚାଲିଥିଲା । ଏଥିରେ ଜିଲା ବାହାରୁ ଆସିଥିବା ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦିଆଯାଉଥିବା ଜାଣି ଗରିବ ସେନା ସଭାପତି ରବୀନ୍ଦ୍ର ମଙ୍ଗରାଜଙ୍କ ନେତୃତ୍ୱରେ ୨୦ରୁ ଊର୍ଦ୍ଧ୍ୱ ଯୁବକ ଜାତୀୟ ରାଜପଥ ଅବରୋଧ କରିଥିଲେ। ଏପରି କି ପ୍ରାର୍ଥିପତ୍ର ଯାଞ୍ଚ ହେଉଥିବା ସଦ୍‌ଭାବନା ସଭାଗୃହକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଥାନା ଅଧିକାରୀ ଆଦିତ୍ୟ କୁମାର ମହାକୁଡଙ୍କ ନେତୃତ୍ୱରେ



କାଗଜାତ ଯାଞ୍ଚ ପ୍ରକ୍ରିୟାରେ ଉପସ୍ଥିତ ଥିବା ପ୍ରାର୍ଥୀମାନେ ।

ପୋଲିସ ଫୋର୍ସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ପରେ ପରିସ୍ଥିତି ଆୟତ ହୋଇଥିଲା। ନିଯୁକ୍ତି ପ୍ରକ୍ରିୟାରେ ଅର୍ଥ କାରବାର ହେଉଥିବା ଅଭିଯୋଗ କରି ଆବେଦନ ପ୍ରକ୍ରିୟାକୁ ପୁନଃ କରାଯାଉ ବୋଲି ଆନ୍ଦୋଳନକାରୀମାନେ ଦାବି କରିଥିଲେ। ଡିଆରଡିଏ ପକ୍ଷରୁ ଏପିଡି ମଧୁଛନ୍ଦା ସାହୁ ଜିଲାପାଳଙ୍କ ସହ ଆଲୋଚନା କରି ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଅନିୟମିତା ପଦାକୁ ଆସିବ ବୋଲି ଆନ୍ଦୋଳକାରୀମାନେ କହିଛନ୍ତି। ଆନ୍ଦୋଳନରେ ମାନସ ବାଗ, ରାହୁଲ ବାଗ, ନାଥୁରାମ ମାଝି, ଈଶ୍ୱର ଜଗତ, ପ୍ରମୋଦ ରାଉତ, ରାଜେଶ ବାଗ, ସାହରୁଖ ଖାନ, ଗୁଲସନ ଭଟ୍ଟ, ସଲମାନ ଖାନ, ଇଚ୍ଛମନ ବାଗ, ଫାଲ୍‌ଗୁନୀ ରଣା, ଲୋକେଶ ଯାଦବ, ସଞ୍ଜୟ ଦାସ, ଦେବାଶିଷ ନିଆଲ, ମହେନ୍ଦ୍ର ପଟେଲ ପ୍ରମୁଖ ସାମିଲ ଥିଲେ ।

## ସଂକ୍ଷେପରେ

### ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ତୁଣ୍ଡଲା,୧୫।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି । ଅଧ୍ୟକ୍ଷ ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କର୍ଲାମୁଣ୍ଡା ତହସିଲଦାର ବାସନ୍ତୀ ସେଠୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅଧାପକ ସଞ୍ଜୀବ କୁମାର ପାଣିଗ୍ରାହୀ, ବିଭୁଦେନ୍ଦୁ ମହାନ୍ତି, କୁମୁଦ ଚନ୍ଦ୍ର ବାଗ, ସନ୍ତୋଷ କୁମାର ଭୋଇ, ଜିତେନ୍ଦ୍ରିୟ ବାରିକ ପ୍ରମୁଖ ଯୋଗଦେଇଥିଲେ। ନବୀନ କୁମାର ଗହୀର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଶୋକ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ତହସିଲଦାର ତାଲିମ ନେଇଥିବା ଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ।

### ୬୪ ବାଟାଲିୟନ ସିଆର୍‌ପିଏଫ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**କେଗାଁ,୧୫।୨(ଡି.ଏନ୍.ଏ.):** କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ ୬୪ ବାଟାଲିୟନ କେଗାଁ ପକ୍ଷରୁ ସ୍ଥାନୀୟ ଆଖୁଦେଟ ଖେଳ ପଡ଼ିଆରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ୬୪ ବାଟାଲିୟନ ଦ୍ୱିତୀୟ କମାଣ୍ଡେଣ୍ଟ ଅଧିକାରୀ ଶିବମ କୁମାର ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବାଟାଲିୟନର ଦ୍ୱିତୀୟ କମାଣ୍ଡେଣ୍ଟ ଅଧିକାରୀ ଶ୍ରୀ କୁମାର ସ୍ୱାସ୍ଥ୍ୟ ଶିବିର ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଶବିରିରେ ୩୫୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ, ବାଳିକ, ବାଳକା, ବୃଦ୍ଧା, ବୃଦ୍ଧଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା । ବାଟାଲିୟନର ମୁଖ୍ୟ ଚିକିତ୍ସା ଅଧିକାରୀ ବି.କେ. ବାସୁମତାରୀଙ୍କ ନେତୃତ୍ୱରେ ଡାକ୍ତର କିଶୋର କୁମାର ମେହେର ଓ ଗୋଲାମୁଣ୍ଡା ଡାକ୍ତରଖାନାର ଡା. ବିଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । କାର୍ଯ୍ୟକ୍ରମର ଆୟୋଜନର କମାଣ୍ଡେଣ୍ଟ ଅନିଲ କୁମାର ନାଏକଙ୍କ ସହ ବାଟାଲିୟନ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ସାନଭାଇର ଟାଙ୍ଗିଆ ଚୋଟରେ ବଡ଼ଭାଇ ମୃତ

କୋମନା,୧୫।୨(ଡି.ଏନ.ଏ)

- ପାରିବାରିକ କଳହରୁ ହୋଇଛି ହତ୍ୟାକାଣ୍ଡ
- ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍‌ର ତଦନ୍ତ

ନୂଆପଡା ଜିଲା କୋମନା ଥାନା ଅନ୍ତର୍ଗତ ହରିଜନପଡାରେ ଶନିବାର ସାନ ଭାଇର ଟାଙ୍ଗିଆ ଚୋଟରେ ବଡଭାଇର ମୃତ୍ୟୁ ଘଟିଛି । ମୃତକ ହେଲେ ଶିବ ହରପାଲ। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ବିଦ୍ୟା ହରପାଲ(୨୫)ଙ୍କୁ ଗିରଫ କରିଛି। ଖବର ପାଇ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଛି । ଏହାସହିତ ମୃତଦେହ ବ୍ୟବଚ୍ଛେଦକରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ କୋମନା ଥାନାରେ ଏକ ମାମଲା (ନଂ.୩୫/୨୦) ରୁଜୁ ହୋଇଛି। ପାରିବାରିକ କଳହକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି ।

ପୋଲିସ ସୂଚନା ଅନୁସାରେ, କୋମନା ଥାନା ଅନ୍ତର୍ଗତ ହରିଜନପଡାର ବଡଭାଇ ଶିବ ହରପାଲ ଓ ସାନଭାଇ ବିଦ୍ୟା ହରପାଲଙ୍କ ମଧ୍ୟରେ ପୂର୍ବରୁ ପାରିବାରିକ ବିବାଦ ଥିଲା। ଏହାକୁ ନେଇ ଶୁକ୍ରବାର ଅପରାହ୍ନ ୪ଟାରେ ଉଭୟଙ୍କ ମଧରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ବିଦ୍ୟା ଉତ୍ୟକ୍ତ ହୋଇ ଶିବଙ୍କୁ ପ୍ରଥମେ ଠେଙ୍ଗା ସାହାଯ୍ୟରେ ଆକ୍ରମଣ କରିଥିଲେ। ଫଳରେ ଶିବ ଝଗଡାସ୍ଥଳରୁ ପଳାଇଯିବା ପାଇଁ ଉଦ୍ୟମ କରିଥିଲେ। ଏହି ସମୟରେ ବିଦ୍ୟା ଘରୁ ଏକ ଟାଙ୍ଗିଆ ଆଣି ଗାଁ ରାସ୍ତା ଉପରେ ଶିବଙ୍କ ମୁଣ୍ଡରେ ଚୋଟ ମାରିଥିଲେ। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ଶିବ ସାମାନ୍ୟ ସୁସ୍ଥ ଜଣାପଡିବାରୁ ତାଙ୍କୁ ଘରକୁ ଛାଡି ଦିଆଯାଇଥିଲା। ହେଲେ ରାତି ୧ଟାରେ ଶିବଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ସକାଳେ ପରିବାର ଲୋକେ ଏ ନେଇ କୋମନା ଥାନାରେ ଅଭିଯୋଗ କରିଥିଲେ।

# ଆନ୍ତଃ ଜିଲା ଡକାୟତ ଗ୍ୟାଙ୍ଗ୍‌ର ୬ ଗିରଫ

ଖଡିଆଳ,୧୫।୨ (ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡିଆଳ ପୋଲିସକୁ ଶୁକ୍ରବାର ଏକ ସଫଳତା ମିଳିଛି। ପୋଲିସ ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗର ୬ଜଣ ସଦସ୍ୟଙ୍କୁ ଗିରଫ କରିଛି। ପୋଲିସ ସେମାନଙ୍କ ନିକଟରୁ ନଗଦ ୧ ଲକ୍ଷ ୮୮ହଜାର ୧୬୦ ଟଙ୍କା ୨ଟି ବାଇକ୍ ଓ ୬ଟି ମୋବାଇଲ ଫୋନ ଜବତ କରିଛି । ସୂଚନା ଯୋଗ୍ୟ, ଫେବୃୟାରୀ ୧ତାରିଖ ସନ୍ଧ୍ୟା ୬ଟାରେ ଖଡ଼ିଆଳ ଶାନ୍ତିନଗରପଡ଼ାସ୍ଥିତ ଫ୍ୟୁଜନ୍ ମାଇକ୍ରୋ ଫାଇନାନ୍ସ କମ୍ପାନୀ ଅଫିସରେ ୩ଜଣ ଡକାୟତ ପଶି କମ୍ପାନୀର ମ୍ୟାନେଜରଙ୍କୁ ଲୁହା ଛଡରେ ଆକ୍ରମଣ କରିଥିଲେ। ପରେ ଅଫିସ ଆଲମିରାରେ ଥିବା ୩ ଲକ୍ଷ ଟଙ୍କା ଲୁଟି ଫେରାର ହୋଇଯାଇଥିଲେ । ଏନେଇ କମ୍ପାନୀ ପକ୍ଷରୁ ଖଡିଆଳ ଥାନାରେ ଏକ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ.୩୪/୨୦) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ପୋଲିସ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ସହ ୬ଜଣ ଆନ୍ତଃଜିଲା ଡକାୟତଙ୍କୁ ଗିରଫ କରିଛି। ହେଲେ ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଫେରାର ଥିବା ଜଣାପଡିଛି। ଏନେଇ ପୋଲିସ ତଦନ୍ତରେ ବାଧା ଉପୁଜିବ କହି ଅଭିଯୁକ୍ତଙ୍କ ନାମ ପ୍ରକାଶ କରିବାକୁ ମନା କରି ଦେଇଥିଲା। ଗିରଫ ୬ଜଣ ଡକାୟତ ନାମରେ ବିଭିନ୍ନ ଜିଲାର ଥାନାରେ ମାମଲା ରହିଥିବା ଜଣାପଡିଛି। ପୋଲିସ ଗିରଫ ଯୁବକମାନଙ୍କୁ କୋର୍ଟ ଚାଲାଣ କରିଥିବା ଖଡିଆଳ ଏସ୍‌ଡିପିଓ ବିରଞ୍ଚି ପ୍ରସାଦ ଦେହୁରୀ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସମ୍ମିଳନୀରେ ଆଇଆଇସି କୈଳାଶ ଚନ୍ଦ୍ର ସେଠୀ, ଏସ୍‌ଆଇ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଜିତୁମୋହନ ବେଗ୍ରା, ଦେବାର୍ଜିନ ନିଆଲ, ଡମ୍ବରୁଧର ପ୍ରଧାନଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଗିରଫ ଡକାୟତଙ୍କ ସମ୍ପର୍କରେ ସୂଚନା ଦିଆଯାଉଛି।

# ଦୁର୍ଘଟଣାରେ ଯୁବକ ମୃତ

ରିଷିଡା,୧୫।୨ (ଡି.ଏନ.ଏ)

ଏକ ବାଇକ୍ ଦୁର୍ଘଟଣାରେ ରିଷିଡ଼ା ବହଲମୁଣ୍ଡାର ପ୍ରବୀଣ ପୁଟା(୩୧)ଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ମୁତାବକ, ପ୍ରବୀଣ ସମ୍ପର୍କିୟଙ୍କ ଘର ପିରୁଲମାଲ ଯାଇଥିଲେ। ସେଠାରୁ ସେ ଏକ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ମ.ରାମପୁର ବ୍ଲକ କୁମେରପଟା-ଧୂଆଭଟ୍ଟା ରାସ୍ତାରେ ବାଇକ୍ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଫଳରେ ପ୍ରବୀଣ ଗୁରୁତର ଆହତ ହୋଇଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ମ.ରାମପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Govt.of Odisha Undertaking)
Regd.Office: Janapath Bhubaneswar-751022
OFFICE OF THE G.M.(ELECT) EHT (O&M)CIRCLE, JAJPUR ROAD.
Fax/Phone No.06726-220965 (off), E-mail.id.ehtm.cle.jjp@optcl.co.in CIN: U401020R2004SGC007553
No.Tech-CR-150/156 Dated:15.02.2020
EXPRESSION OF INTEREST(EOI)
General Manager(Elect.),EHT(O&M) Circle, OPTCL, Jajpur Road indents to prepare a vendor list for minimum one year for execution of different Civil/Electrical works and supply of different materials for the estimated cost of more than 10(Ten) thousand up to 1(One) lakh. Interested suppliers, dealers, contractors and firm owners may apply with details documents on or before 04.03.2020 (during office hours).For details please visit our website:- www.optcl.co.in.
Corrigendum if any, will be published in the website only.
Sd./- General Manager (Elect)

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

କୋକସରା,୧୫।୨ (ଡି.ଏନ.ଏ)

କଳାହାଣ୍ଡି ଜଲା କୋକସରା ବ୍ଲକ ଲଡୁଗାଁ କଲେଜରେ ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ଶିନିବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ନିହାରକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରଫୁଲ୍ଲ ଚନ୍ଦ୍ର ମାଝି ଯୋଗଦେଇ ଆତ୍ମସୁରକ୍ଷା ତାଲିମର ଉପାଦେୟତା ସମ୍ପର୍କରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ମାଷ୍ଟର ଟ୍ରେନର ଆଲିସା ଧଙ୍ଗଡା ମାଝି ଏବଂ ଓ ପ୍ରିୟ ଦର୍ଶନୀ ବେହେରା ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଶିବିରରେ ପ୍ରଥମ ବର୍ଷର ୬୩ଜଣ ଛାତ୍ରୀ ଭାଗ ନେଇଥିଲେ। ଅଧାପିକା ତଥା ସଂଯୋଜିକା କଲ୍ୟାଣି ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଅଧାପକ ସଞ୍ଜୟ କୁମାର ପୁରୋହିତ ସଭା ସଂଯୋଜନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପକ ହେମନ୍ତ କୁମାର ସେନାପତି ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।




ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# କଳାହାଣ୍ଡି କଳାକାର ସଂଘର ବୈଠକ

**କୋକସରା,୧୫।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି କରକ ଜଳପ୍ରପାତ ନିକଟରେ ଜିଲା ପେନସନଭୋଗୀ କଳାକାର ମହାସଂଘର ଜୋନ-୪ର ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ଦିନବନ୍ଧୁ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କଳାହାଣ୍ଡି ଜିଲାରେ ଲୁପ୍ତ ହୋଇଯାଉଥିବା ଲୋକକଳାର ପୁର୍ନଜୀବିତ କରିବା ପାଇଁ କଳାକାରମାନେ ମତବ୍ୟକ୍ତ କରିଥିଲେ। ବୈଠକରେ ସମ୍ମାନିତ ଅତିଥି ଭାବେ କଳାକାର ପ୍ରଦୀପ୍ତ କୁମାର ଧଙ୍ଗଡାମାଝି, ଜିଲା ଉପସଭାପତି ମହେଶ୍ୱର ସରାପ, ଜିଲା ସମ୍ପାଦକ ଘୁମୁରା ଗୁରୁ ତିର୍ଥରାଜ ଦଳପତି, ଜୋନ ସମ୍ପାଦକ ଲଛମନ ନାଏକ, କୋଷାଧ୍ୟକ୍ଷ ବିଜୟ ପ୍ରଧାନୀ, ଜିଲା କର୍ମକର୍ତ୍ତା ମଙ୍ଗଳୁ ଚରଣ ଭାଟି, ନାଟ୍ୟଗୁରୁ ଚିନ୍ତାମଣୀ ପଟେଲ, କ୍ଷୀରୋଦ ମାଝି, ନାସିର ମହମ୍ମଦ, ଆମପାଣି କଳାକାର ସଂଘର ଦୟାନିଧି ନାୟକ, ପ୍ରଶାନ୍ତ ମୁନି, ବ୍ରଜମୋହନ ପୂଝାରୀ ପ୍ରମୁଖ ଉପସ୍ଥିତ ରହିଥିଲେ । ସଭାପତି ଦୀନବନ୍ଧୁ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**କଲମପୁର,୧୫।୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା କଲମପୁର ସଦର ମହକୁମାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି । ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋହନ ସୁନ୍ଦର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କଲମପୁର ବ୍ଲକ ଅଧ୍ୟକ୍ଷା ମଞ୍ଜୁଳା ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଉମେଶ ଚନ୍ଦ୍ର ଶତପଥୀ, ସମ୍ମାନିତ ଅତିଥି ଭାବେ ଗୋପାଳ ଚନ୍ଦ୍ର ସାହୁ, ଏବିଇଓ ପ୍ରଫୁଲ୍ଲ କୁମାର ବେହେରା, ବ୍ଲକ ଶିକ୍ଷକ ସଂଘର ସଭାପତି ମୋହନ ପ୍ରସାଦ ମୁଣ୍ଡ, ଉତ୍ସବର ଆୟୋଜକ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ନାଥ ସାହୁ, ସ୍କୁଲ ସଭାପତି ମାଧବ ଚନ୍ଦ୍ର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଗୌରହରି ନାଏକ ଏବଂ କୁମୁଦ ଚନ୍ଦ୍ର ମୁଣ୍ଡଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏପରି କି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିନୋଦ ବିହାରୀ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ବାଳଗୋପାଳ ତେଣ୍ଡକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

OFFICE OF THE MUNICIPAL COUNCIL, KEONJHARGARH
email : keonjharm.hud@rediffmail.com
Invitation for Bids (IFB) 'e' Procurement Notice
Bid Identification No.KGM-10/2019-20
Letter No.1475 /KGM Date: 12.02.2020
On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system ,through e-Procurement.
1 - Nature of work- Civil Work
2 - No. of Work-31 Nos.
3 - Value of works: Rs.1,34 ,200 /- to 15,88,000 /-
4 - Date & Time of availability of Bid document in the portal: From. 15.02.2020 at 11.00 A.M. up to 25.02.2020 at 5.00 P.M.
5 - Last date & time of submission of bid in portal- upto 5 P.M of 25.02.2020
6 - Date of Opening of bid in portal. 27.02.2020 at 11 .30. A.M.
7- Name & address of the officer in Inviting Bid- EO, Keonjhargarh Municipality
Further details can be seen from Website: www.tendersorissa.gov.in
Sd./- Executive Officer
Keonjhargarh Municipality

OFFICE OF THE EXECUTIVE ENGINEER No. O-1083
RURAL WATER SUPPLY & SANITATION DIVISION, MALKANGIRI
Phone - (06861) 231617email:eerwss_mal@nic.in,eerwssmlkg@gmail.com
QUOTATION CALL NOTICE No. 03 / (EB-61)2020 Dt. 12.02.2020
The Executive Engineer, RWS&S Division, Malkangiri on behalf of Governor of Odisha invites sealed quotations from Authorised Manufactures, Authorised Dealers/ Distributers for supply of Chemicals, Glassware, Consumables of reputed makes for testing of drinking water at RWS&S Divisional Laboratory, Malkangiri/ Sub-Divisional laboratory, Mathili.
The time schedule of quotation is as follows.
1) Date for submission of quotation:- Dt.19.02.2020at 10.00 A.M.to 28.02.2020 up to 5.00P.M.
2) Date of Opening of Quotation:- Dt.29.02.2020 at 11.30A.M.
The detailed list of items and term & condition are available in office of the Executive Engineer RWS&S Division,Malkangiriduring office hoursor can be downloaded from www.odisha.gov.in, www.malkangiri.nic.in
Sd/12.02.20
Executive Engineer RWS&S Division, Malkangiri
OIPR-25044/11/0010/1920

SIEP centre for Divvyang No. gg-20
SIDR Building, Capital Hospital Campus, Unit-6, Bhubaneswar-751001
OPEN TENDER
for Procurement of Equipment for SIEP
No. 132/SIEP Date: 14.02.2020
SIEP/MISC/0016/2019
The Tender aims to approve successful bidder/bidders that will be responsible for supply of different equipment for "SIEP (State Institute for Empowerment of Persons with Disabilities)" at Bhubaneswar. The details of scope of work, eligibility criteria and submission of details can be downloaded from websitehttp://www.ssepd.gov.in
1. Availability of tender document: SSEPDwebsitewww.ssepd.gov.in
2. Date and time for submission of the Tender documents: By speed post/ Registered post / Courier/ hand in all working days up to 12:00 noon of 16/03/2020
3. Pre Bid 26.02.2020 at 11.00 A.M
This Tender does not entail any commitment on the part of SIEP either financial or otherwise. SIEP reserves the right to accept or reject any or all Tenders without incurring any obligation to inform the affected applicant/s of the grounds. The Tenders will be evaluated based on the information provided.
SD/-ExecutiveDirector,SIEP,Odisha
OIPR-46003/11/0004/1920

PRAGATIPATHE ATHMALIK PANCHAYAT SAMITI
1. RURAL HOUSING FOR THE FY 2019-20.
► PMAY-G Houses - 1922
► BPGY Houses - 125
► NSPGY Houses - 225
2. MGNREGS FOR THE FY 2019-20
► Persondays Generation - 334265 days
► House Hold 100 days completed - 166
PROJECT COMPLETED UNDER MGNREGS
► AWC Building - 10
► Playground - 3
► Village Tank - 5
► Check Dam - 4
► Road - 14
3. AGAB FOR THE FY 2019-20
► Project Completed - 112
4. RURAL WATER SUPPLY AND SANITATION
► Pipe water supply completed - 28
► Overhead tank completed - 11
Minakhi Dalei, Chairman
Chairman, Athmallik Block
Sanjay Kumar Acharya
Block Development Officer, Athmallik

OFFICE OF THE D.F.O.-CUM-CEO.FFDA/ BFDA, BHADRAK AND SECRETARY, MANAGEMENT SOCIETY DHAMARA FISHING HARBOUR, DHAMARA
TENDER CALL NOTICE No. 49// Dt. 14.02.2020
ENGAGEMENT OF SECURITY GUARDS AND MANPOWER
Management Society, Dhamara Fishing Harbour, Dhamara of Bhadrak District invites sealed tenders from registered private organizations / Agency for engagement of security Guards and Manpower Services. The agencies having good track record with Registration Certificate, trained manpower and relevant experience in this line is eligible to apply. The agency must be able to provide round the clock security services to Management Society, Dhamara Fishing Harbour, Dhamara. The details tender paper cost Rs. 2000/- (Rupees Two Thousand) only in shape of Cash/ Demand Draft in favour of "Secretary, Management Society, Dhamara Fishing Harbour, Dhamara" Payable at Dhamara may be obtained from the office of Manager, Management Society, Dhamara Fishing Harbour, Dhamara from Dt. 17.02.2020 to Dt. 02.03.2020 in office hours i.e. 10.00 AM to 5.30 PM should be submitted with their proposal (Technical as well as Financial Bids) along with all supporting documents in sealed envelope must superscribed with "Application for outsourcing of Security Services and Manpower at Management Society Dhamara Fishing Harbour, Dhamara" to the office of the D.F.O., Bhadrak and Secretary Management Society, Dhamara Fishing Harbour, Dhamara by Dt. 03.03.2020 till 5.30 PM. The tender will be opened on Dt. 04.03.2020 at 11.30 AM in the office of D.F.O.-cum-CEO, FFDA/BFDA, Bhadrak and Secretary, Management Society, Dhamara Fishing Harbour at Bhadrak. (Near Bonth Chaka Bus Stand). The Undersigned has reserve the rights to cancel any or all application without assigning any reason thereof.
Sd./- Santosh Kumar Dalai
D.F.O., Bhadrak & Secretary
Management Society Dhamara
Fishing Harbour, Dhamara



ଏକମାତ୍ର କୁହୁକ ହେଉଛି କଠିନ ପରିଶ୍ରମ, ଦୂରଦୃଷ୍ଟି, କର୍ତ୍ତବ୍ୟବୋଧ ଓ ଦୃଢ ସଂକଳ୍ପ। - ଇନ୍ଦିରାଗାନ୍ଧୀ

**ସଂକ୍ଷେପରେ...**

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଭିଭାବକ ବୈଠକ

ଲହୁଣୀପଡା, ୧୫।୨ (ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ କଲେଇପୋଷ ପଞ୍ଚାୟତର ପରାଗପୋଷ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଦୁଇ ଦିନ ଧରି ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ଗୁରୁବାର ଅଷ୍ଟମ ଏବଂ ନବମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବିକା ଅଭିଭାବକଙ୍କୁ ନେଇ ବୈଠକ ହୋଇଥିଲା। ଶୁକ୍ରବାର ଷଷ୍ଠ ଏବଂ ସପ୍ତମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବିକା ଅଭିଭାବକଙ୍କୁ ନେଇ ବୈଠକ ହୋଇଥିଲା। ବୈଠକରେ ଶିକ୍ଷା, ବିଦ୍ୟାଳୟର ପାରିପାର୍ଶିକ ଉନ୍ନତି, ଛାତ୍ରୀଛାତ୍ର ତଥା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି ସମ୍ପର୍କରେ ଆଲୋଚନା ହୋଇଥିଲା। ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ପଦବୀ ପୂରଣ ଏବଂ ଛାତ୍ରୀଛାତ୍ରଙ୍କ ପାଇଁ ହଷ୍ଟେଲ ସୁବିଧା ନ ମିଳିବାରୁ ଅନେକ ଛାତ୍ରୀଛାତ୍ର ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେ ସମ୍ପର୍କରେ ମଧ ବୈଠକରେ ସ୍ଥାନ ପାଇଥିଲା । ଏନେଇ ଅଭିଭାବିକା ଅଭିଭାବକମାନେ ଆଲୋଚନା ମାଧମରେ ବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ବିଭୂତିଭୂଷଣ ସାହୁ ଏବଂ ବିଦ୍ୟାଳୟର ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ଏନେଇ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ବୈଠକରେ ଯୋଗଦେଇଥିବା ଅଭିଭାବିକା ଅଭିଭାବକମାନଙ୍କୁ ଆଶ୍ୱସନା ଦେଇଥିବା ଜଣାପଡିଛି। ଏହି ବୈଠକରେ ଅମଳେନ୍ଦୁ ପଣ୍ଡା, ସାଗରିକା ବିଶ୍ୱାଳ, ସୁଶାନ୍ତ କୁମାର ମଲ୍ଲିକ, ଆମ୍ବୁଜ କୁମାର ଭୋଇ, ବିମଳେନ୍ଦୁ ଭୂଇଁଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବିକା ଅଭିଭାବକ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ୧୨୦ କେନ୍ଦ୍ରରେ ୨୪୮୧୯ ପରୀକ୍ଷାର୍ଥୀ

- ସୁନ୍ଦରଗଡ ଜିଲାରେ ମାଟ୍ରିକ ପରୀକ୍ଷା
- ପରୀକ୍ଷା ପରିଚାଳନା ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି
- ପ୍ରଶ୍ନପତ୍ର ଓ ଉତ୍ତରଖାତା ରଖାଯିବା ପାଇଁ ୨୦ ନୋଡାଲ କେନ୍ଦ୍ର
- ସମ୍ବେଦନଶୀଳ ୪୦କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା

ସୁନ୍ଦରଗଡ଼, ୧୫।୨ (ଡି.ଏନ୍.ଏ)

ଆସନ୍ତା ୧୯ରୁ ଚଳିତବର୍ଷର ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଆରମ୍ଭ ହେଉଛି। ସୁନ୍ଦରଗଡ଼ ଜିଲାରେ ଏହି ପରୀକ୍ଷାକୁ ଶାନ୍ତିଶୃଙ୍ଖଳା ସହ ପରିଚାଳନା କରିବା ପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ନେଇ ଶନିବାର ଜିଲା ଶିକ୍ଷାଅଧିକାରୀ ରଞ୍ଜନ କୁମାର ଗିରି ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଚଳିତ ବର୍ଷ ସୁନ୍ଦରଗଡ ଜିଲାରେ ୪୦୧ଟି ହାଇସ୍କୁଲର ୨୩୭୩୨ ଜଣ ରେଗୁଲାର ଓ ୧୦୮୭ ଜଣ ଏକ୍ସରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ୧୨୦ଟି ପରୀକ୍ଷା କେନ୍ଦ୍ରରେ ମୋଟ ୨୪୮୧୯ ଜଣ ଉଭୟ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ୧୨୦ ପରୀକ୍ଷା କେନ୍ଦ୍ର ମଧ୍ୟରେ ୧୦୮ଟି ସରକାରୀ ବିଦ୍ୟାଳୟ ରହିଥିବା ବେଳେ ୧୨ଗୋଟି ଅନୁଦାନପ୍ରାପ୍ତ ବିଦ୍ୟାଳୟ ରହିଛି। ଏଥିସହିତ ପ୍ରଶ୍ନପତ୍ର ଓ ଉତ୍ତରଖାତା ରଖାଯିବା ଓ ଅନ୍ୟ ପରୀକ୍ଷାକେନ୍ଦ୍ରକୁ ପଠାଯିବା ପାଇଁ ମୋଟ ୨୦ଟି ନୋଡାଲ ସେଣ୍ଟର କରାଯାଇଛି। ଜିଲାର ୧୭ଟି ବ୍ଲକ ଓ ରାଉରକେଲା ମହାନଗର ନିଗମ ମଧ୍ୟରେ ବିଶ୍ରା ବ୍ଲକ ଓ ରାଉରକେଲା ପୌର ନିଗମ ୩ଟି ନୋଡାଲ କେନ୍ଦ୍ର କରାଯାଇଛି। କୋଇଡା ଓ କୁଆଁରମୁଣ୍ଡାରେ ୨ଟି ଲେଖାଏଁ ନୋଡାଲ କେନ୍ଦ୍ର ହୋଇଥିବା ବେଳେ ଅନ୍ୟ ବ୍ଲକ ଗୁଡିକରେ ଗୋଟିଏ ଲେଖାଏଁ ନୋଡାଲ କେନ୍ଦ୍ର କରାଯାଇଛି। ହେମଗିର ବ୍ଲକରେ ୨୪ଗୋଟି ହାଇସ୍କୁଲର ମୋଟ ୯୫୫ଜଣ ପରୀକ୍ଷାର୍ଥୀଙ୍କ ପାଇଁ ୬ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଲେଫ୍ରିପଡା ବ୍ଲକରେ ୨୩ଟି ହାଇସ୍କୁଲର ୧୪୧୧ ପରୀକ୍ଷାର୍ଥୀଙ୍କ ପାଇଁ ୫ କେନ୍ଦ୍ର, ଟାଙ୍ଗରପାଲି ବ୍ଲକରେ ୧୬ ହାଇସ୍କୁଲର ୭୫୩ଜଣ ପରୀକ୍ଷାର୍ଥୀଙ୍କ ସକାଶେ ୪ଟି ପରୀକ୍ଷା କେନ୍ଦ୍ର, ସୁନ୍ଦରଗଡ ପୌରାଞ୍ଚଳ ଓ ବ୍ଲକର ୨୯ଟି ହାଇସ୍କୁଲର ୧୯୧୭ ପରୀକ୍ଷାର୍ଥୀଙ୍କ ପାଇଁ ୧୦ କେନ୍ଦ୍ର, ସବଡେଗା ବ୍ଲକରେ ୧୯ଟି ହାଇସ୍କୁଲର ୮୮୦ ପରୀକ୍ଷାର୍ଥୀଙ୍କ ପାଇଁ ୫ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ସେହିପରି ବାଲିଶଙ୍କରା ବ୍ଲକରେ ୨୨ହାଇସ୍କୁଲର ୯୬୮ ପରୀକ୍ଷାର୍ଥୀଙ୍କ ପାଇଁ ୫ ପରୀକ୍ଷା କେନ୍ଦ୍ର, ବଡଗାଁ ବ୍ଲକରେ ୧୪ ହାଇସ୍କୁଲର ୯୨୬ ପରୀକ୍ଷାର୍ଥୀଙ୍କ ପାଇଁ ୬ ପରୀକ୍ଷା କେନ୍ଦ୍ର, କୁତ୍ରା ବ୍ଲକରେ ୨୦ ହାଇସ୍କୁଲର ୧୧୧୯ ପରୀକ୍ଷାର୍ଥୀଙ୍କ ପାଇଁ ୬ ପରୀକ୍ଷା କେନ୍ଦ୍ର କରାଯାଇଛି। ରାଜଗାଙ୍ଗପୁରର ୨୫ ହାଇସ୍କୁଲର ୧୬୯୭ ପରୀକ୍ଷାର୍ଥୀଙ୍କ ପାଇଁ ୧୦ କେନ୍ଦ୍ର, ବିଶ୍ରା ବ୍ଲକ ଓ ରାଉରକେଲା ପୌର ନିଗମ ଅଞ୍ଚଳର ୬୯ଟି ହାଇସ୍କୁଲର ୫୩୮୬ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ୨୩ କେନ୍ଦ୍ର, ଲାଠିକଟା ବ୍ଲକର ୧୮ହାଇସ୍କୁଲର ୧୩୦୯ ପରୀକ୍ଷାର୍ଥୀଙ୍କ ପାଇଁ ୬ ପରୀକ୍ଷା କେନ୍ଦ୍ର ବ୍ୟବସ୍ଥା ହୋଇଛି। ଏହି ବ୍ଲକର ନୋଡାଲ କେନ୍ଦ୍ର ରାଉରକେଲାରେ କରାଯାଇଛି। କୁଆଁରମୁଣ୍ଡା ବ୍ଲକ ଓ ବୀରମିତ୍ରପୁର ପୌରାଞ୍ଚଳର ୨୪ ହାଇସ୍କୁଲର ୧୬୮୮ ପରୀକ୍ଷାର୍ଥୀଙ୍କ ପାଇଁ ୭ଟି ପରୀକ୍ଷାକେନ୍ଦ୍ର, ନୂଆଗାଁର ବ୍ଲକର ୧୬୦୦ ପରୀକ୍ଷାର୍ଥୀଙ୍କ ସକାଶେ ୬ ପରୀକ୍ଷା କେନ୍ଦ୍ର, ବଣାଇ ବ୍ଲକର ୨୧ ହାଇସ୍କୁଲର ୧୨୨୪ ପରୀକ୍ଷାର୍ଥୀଙ୍କ ପାଇଁ ୭ଟି ପରୀକ୍ଷା କେନ୍ଦ୍ର, ଲହୁଣୀପଡା ବ୍ଲକର ୨୪ ହାଇସ୍କୁଲର ୧୦୭୬ ପରୀକ୍ଷାର୍ଥୀଙ୍କ ପାଇଁ ୬ ପରୀକ୍ଷା କେନ୍ଦ୍ର, ଗୁରୁଣ୍ଡିଆ ବ୍ଲକର ୧୮ଟି ହାଇସ୍କୁଲର ୯୪୯ ପରୀକ୍ଷାର୍ଥୀଙ୍କ ପାଇଁ ୪ ପରୀକ୍ଷା କେନ୍ଦ୍ର ଓ କୋଇଡା ବ୍ଲକର ୧୬ ହାଇସ୍କୁଲର ୯୬୧ ପରୀକ୍ଷାର୍ଥୀଙ୍କ ପାଇଁ ୫ ପରୀକ୍ଷା କେନ୍ଦ୍ର କରାଯାଇଛି। ପରୀକ୍ଷା ସମୟରେ ପରୀକ୍ଷା କେନ୍ଦ୍ର ମଧ୍ୟକୁ ମୋବାଇଲ ଫୋନକୁ ମନା ହୋଇଥିବା ବେଳେ ପରୀକ୍ଷାର୍ଥୀଙ୍କ ପାଇଁ ପାନୀୟ ଜଳବ୍ୟବସ୍ଥା, ନିର୍ଦ୍ଧାରିତ ସମୟରେ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା, ୧୨୦ ପରୀକ୍ଷା କେନ୍ଦ୍ର ମଧ୍ୟରୁ ୪୦ଟି ପରୀକ୍ଷା କେନ୍ଦ୍ରରେ ସିସିଟିଭିର ବ୍ୟବସ୍ଥା କରାଯାଇଛି।



ଶୃଙ୍ଖଳିତ ପରୀକ୍ଷା ପରିଚାଳନା ନିମନ୍ତେ ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅଧିକାରୀ।

## ଶୃଙ୍ଖଳିତ ପରୀକ୍ଷା ପରିଚାଳନା ନିମନ୍ତେ ପ୍ରଶିକ୍ଷଣ

ସୁନ୍ଦରଗଡ଼, ୧୫।୨ (ଡି.ଏନ୍.ଏ)

ଶନିବାର ସ୍ଥାନୀୟ ଭବାନୀଶଙ୍କର ହାଇସ୍କୁଲଠାରେ ଚଳିତ ବର୍ଷ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଶୃଙ୍ଖଳିତ ପରୀକ୍ଷା ପରିଚାଳନା ନିମନ୍ତେ ଏକ ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ପରୀକ୍ଷା କେନ୍ଦ୍ର ଅଧ୍ୟକ୍ଷ, ଡେପୁଟି ଅଧ୍ୟକ୍ଷ, ନୋଡାଲ ସେଣ୍ଟର ଇନଚାର୍ଜ, ପ୍ରଶ୍ନପତ୍ର ଓ ଉତ୍ତରଖାତା ଡେସପାଚ ଟିମ୍ ଯୋଗଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ଡିଏସପି (ଡିଆଇବି )ପ୍ରଭାତ କୁମାର ବିଶ୍ୱାଳ, ପରୀକ୍ଷା ନୋଡାଲ ଅଧିକାରୀ ଗୋପୀନାଥ ନାଏକ, ମଙ୍ଗଳ ବିଭାଗ ଜିଲା ଶିକ୍ଷା ନିରୀକ୍ଷକ ଅକ୍ଷୟ ମହାନ୍ତ ପ୍ରମୁଖ ଯୋଗଦେଇ ଶୃଙ୍ଖଳିତ ପରୀକ୍ଷା ପରିଚାଳନା ନେଇ ଥିବା ସମସ୍ତ ନୀତିନିୟମ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଶ୍ନପତ୍ର ଭାଇରାଲ ନ ହେବା ପାଇଁ ସ୍ୱତନ୍ତ୍ର କୋଡିଂ ପ୍ରଚଳନ, ନିର୍ଦ୍ଧାରିତ ସମୟରେ ପରୀକ୍ଷାର୍ଥୀ ମାନଙ୍କୁ କେନ୍ଦ୍ରରେ ପ୍ରବେଶ, ଅସାଧୁ ଉପାୟ ରୋକିବା ନିମନ୍ତେ ୪ଟି ସ୍କାଡ୍ ବ୍ୟବସ୍ଥା ଓ ଜିଲାସ୍ତରରେ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକାରିତା ସମ୍ପର୍କରେ ଏହି ଶିବିରରେ ପ୍ରଶିକ୍ଷଣ ଦିଆଯାଇଥିଲା।

## କିରୋସିନ ଢାଳି ମହିଳାଙ୍କ ଆତ୍ମହତ୍ୟା

କୁଆଁରମୁଣ୍ଡା,୧୫।୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଠାରୁ ମାତ୍ର ୧ କି.ମି ଦୂର ଓଡ଼ିଶା-ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ବାରାବାଂଶ ଅଞ୍ଚଳର କାଶୀ ମଇନିଙ୍କ ସ୍ତ୍ରୀ ରାମିଶ୍ (୩୩)ଙ୍କର ଶୁକ୍ରବାର ବିଳମ୍ବିତ ରାତିରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ରାମିଶ୍ କୌଣସି କାରଣରୁ ନିଜ ଦେହରେ କିରୋସିନ ଢାଳି ହୋଇ ନିଆଁ ଲଗାଇ ଦେଇଥିଲେ। ଏହି ସମୟରେ ପରିବାର ଲୋକେ ଦେଖି ନିଆଁକୁ ଲିଭାଇବା ସହ ତାଙ୍କୁ ସଙ୍ଗେ ସଙ୍ଗେ ରାଉରକେଲା ସରକାରୀ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ନେଇଥିଲେ। ଆତ୍ମହତ୍ୟାର କାରଣ ଜଣାପଡ଼ିନି। ରାମିଶ୍ ନିଜ ଇଛା ଅନୁସାରେ ଦେହରେ ନିଆଁ ଲଗାଇଛନ୍ତି ବୋଲି ଡାକ୍ତରଙ୍କୁ କହିଥିବା ଜଣାପଡ଼ିଛି। ରାମିଶ୍ ୧୧ ବର୍ଷ ହେଲା କାଶୀଙ୍କୁ ବିବାହ କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ତାନସନ୍ତତି ନ ଥିବା ପୋଲିସ କହିଛି।

## ଲେଫ୍ରିପଡ଼ାରେ ମୋ ସରକାର ସମ୍ପର୍କ ଶିବିର

ଲେଫ୍ରିପଡ଼ା,୧୫।୨(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଜୟରାମ ହାଇସ୍କୁଲ ଖେଳପଡ଼ିଆରେ ଜିଲା ପ୍ରଶାସନର ଆହ୍ୱାନ କ୍ରମେ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ମୋ ସରକାର ସମ୍ପର୍କ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା କାମିନୀ କାଲୋଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ଶିବିରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରମେଶ ହାଁସଦାଙ୍କ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ, ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ ଭାଗୀରଥୀ ପଟେଲ, ଲେଫ୍ରିପଡ଼ା ଅତିରିକ୍ତ ତହସିଲଦାର ମନୋଜ କେରକେଟା, ଲେଫ୍ରିପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡ଼. ସୁଜିତ କୁମାର ପଟେଲ, ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼. ହରିହର ଧୁଆ, କୃଷି ଅଧିକାରୀ ରଞ୍ଜନ କୁମାର ପଟେଲ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଉପେନ୍ଦ୍ର ନାଏକ, ସିଡ଼ିପିଓ କିରଣବାଳା ଷଡ଼ଙ୍ଗୀ, ମତ୍ସ୍ୟ ବିଭାଗରୁ ଜ୍ୟୋତିର୍ମୟୀ ଦାସ, ରେଞ୍ଜ ଅଧିକାରୀ ଲାଲୁ ମଗର ପ୍ରମୁଖ ଉପସ୍ଥିତ ରହିଥିଲେ। ଅତିଥିମାନେ ମୋ ସରକାର ଯୋଜନା ଏବଂ ୫-ଟି ଉପରେ ବିଶେଷ ଭାବରେ ଆଲୋଚନା କରି ସରକାରଙ୍କର ବିଭିନ୍ନ ଯୋଜନା ଉପରେ ଉପସ୍ଥିତ ଅଞ୍ଚଳବାସୀଙ୍କୁ ଅବଗତ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।



ଲେଫ୍ରିପଡାରେ ମୋ ସରକାର ସମ୍ପର୍କ ଶିବିରରେ ମଞ୍ଚାସୀନ ଅଧିକାରୀ।

## କଚାରୁ ଉଚ୍ଚ ବିଦ୍ୟାଳୟର ଦୀକ୍ଷାନ୍ତ ସମାରୋହ



ଦୀକ୍ଷାନ୍ତ ସମାରୋହରେ ଛାତ୍ରୀଛାତ୍ରଙ୍କ ଗହଣରେ ଉପସ୍ଥିତ ଅତିଥିମାନେ।

କୁଆଁରମୁଣ୍ଡା,୧୫।୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧିନ କଚାରୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ବିଦ୍ୟାଳୟ ପକ୍ଷରୁ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସଦାନନ୍ଦ ପଧାନ ଯୋଗଦେଇ ବିଦାୟୀ ଛାତ୍ରୀଛାତ୍ର ସଦାଚାର ସ୍ୱଭାବକୁ ଆପଣାଇବା, ନିଜ ଅଞ୍ଚଳର ଜଣେ ସୁନାଗରିକ ହେବା ପାଇଁ ଆଶୀର୍ବାଦ ପ୍ରଦାନ କରିଛନ୍ତି। ଏଥିରେ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁରୁଚରଣ ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସେହିପରି ଚଳିତବର୍ଷର ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ସଫଳତାର ସହ କୃତକାର୍ଯ୍ୟ ହେବା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବପ୍ରସାଦ ମହାପାତ୍ର ଆଶୀର୍ବାଦ ପ୍ରଦାନ କରିଛନ୍ତି। ଏହି ଅବସରରେ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଗାୟତ୍ରୀ ପରିବାର ପକ୍ଷରୁ ଗାୟତ୍ରୀ ଯଜ୍ଞ ଓ ଶାନ୍ତିପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏସଏମସି,ଏସଏମଡିସି, ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଠୁରକା ସିଂ,ଶତ୍ରୁଘ୍ନ ଲେଙ୍କା, ନିର୍ମଳ ମହାପାତ୍ର, ବିକ୍ରମ ଓରାମ, ସୁରେଶ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ ବସନ୍ତ ବାରିକ, ପଞ୍ଚାନନ ଦାଶ, ହୃଷିକେଶ ଗଡ଼ତିଆ, ଉଦିତ ମାହିଗ, ଶିକ୍ଷୟିତ୍ରୀ ସବିତା ମାହାନ୍ତି, ନିଳିମା ଭେଙ୍ଗ୍ରା, ଅନିତା ରେଶ୍ମା ଗୁଡିଆ, ରଶ୍ମିତା ମୁର୍ମୁ, ସରସ୍ୱତୀ ତନ୍ତୀ, ନମ୍ରତା ସାମଲ, ଗୀତାଞ୍ଜଳି ସାହୁ, ନନ୍ଦିନୀ ନାଏକ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁରୂପେ ସଞ୍ଚାଳନ କରିଥିଲେ।

## ୱେସ୍କୋ ଅଫିସ ସମ୍ମୁଖରେ ଧାରଣା ଦେବେ ବହିଷ୍କୃତ ୬ ହେଲପର

ବଡ଼ଗାଁ, ୧୫।୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡଗାଁ ସ୍ଥିତ ୱେସ୍କୋ ଅଧିନରେ ଦୀର୍ଘ ୧୦ ବର୍ଷ କାମ କରିଥିବା ୬ଜଣ ବିଦ୍ୟୁତ ହେଲପରଙ୍କୁ ବହିସ୍କୃତ କରାଯାଇଛି। ଏମାନଙ୍କ ବୟସ ଅତିକ୍ରାନ୍ତ ହୋଇଥିବାରୁ କୌଣସିଠାରେ ଚାକିରୀ ମିଳିବା କଷ୍ଟକର। ଏଭଳି ପରିସ୍ଥିତିରେ ତାଙ୍କୁ କାର୍ଯ୍ୟରୁ ବାହାର କରାଯିବା ଓ ଅନଭିଜ୍ଞ କେତେକ ଯୁବକଙ୍କୁ ଏହି ପଦବୀରେ ନିଯୁକ୍ତି ପାଇଁ ଷଡଯନ୍ତ୍ର କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। କାର୍ଯ୍ୟରୁ ବହିସ୍କୃତ ହୋଇଥିବା ପୁରୁଷୋତ୍ତମ କିଷାନ, ଅଜିତ ରାଏକଡିଆ, ନବୀନ ସାରପଟିଆ, ଗୋପାଳ ରୋହିଦାସ, ଆଶିଷ ରଞ୍ଜନ ଖେସ, ବଲ୍ଲଭ ମହାକୁଡ ଏ ସମ୍ପର୍କରେ ଗୁରୁବାର ଜିଲାପାଳଙ୍କୁ ଲିଖିତ ଜଣାଇଛନ୍ତି। ଏହି କୁଶଳୀ କର୍ମଚାରୀମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ୧୦ ବର୍ଷ ହେଲା ବଡଗାଁ ୱେସ୍କୋ ଅଧିନରେ ବିଦ୍ୟୁତ ହେଲପର ଭାବେ କାର୍ଯ୍ୟ କରୁଅଛୁ। ବିଭାଗ ଦ୍ୱାରା ସମସ୍ତ କାର୍ଯ୍ୟ ଜୀବନକୁ ବାଜି ଲଗାଇ କରି ଆସୁଛୁ। ଦିନ ମଜୁରିଆ ଭାବେ ବିଭାଗ ଅଧିନରେ କାମ କରି ପରିବାର ଚଳାଉଛୁ। ଆମେ ବର୍ତ୍ତମାନ ଅନ୍ୟ କାମ କରିବାକୁ ଅସମର୍ଥ ବୋଲି ଜଣାଇବା ସହିତ ଉଲ୍ଲେଖ କରିଛନ୍ତି ଯେ, ୨ ମାସ ପୂର୍ବେ ଖୁଣ୍ଟମୁଣ୍ଡା ଗାଁରେ ୩୩/୧୧ କେଭି ସବଷ୍ଟେସନ କାର୍ଯ୍ୟକାରୀ ହୋଇଥିଲା । ସେଠାରେ ଆମମାନଙ୍କୁ ନିଯୁକ୍ତି ମିଳିବାର ଥିଲା। କିନ୍ତୁ ଇଲେକ୍ଟ୍ରିକାଲ ଇଞ୍ଜିନିୟର, ଏସଡିଓ, ଠିକା ସଂସ୍ଥା ଆଖଣ୍ଡଳମଣୀ ସମସ୍ତେ ଆମକୁ ପ୍ରତିଶ୍ରୁତି ଦେଇଥିଲେ କି ପାମରା ଗାଁରେ ନୂତନ ୩୩ କେଭି ସବଷ୍ଟେସନରେ ନିଯୁକ୍ତି ଦିଆଯିବ ଓ ଠିକା ସଂସ୍ଥା ମାଧ୍ୟମରେ ଦିଆଯିବ। ଠିକା ସଂସ୍ଥା ଦ୍ୱାରା ଉତ୍କୋଚ ନେଇ ଅଣକୁଶଳୀ ଶ୍ରମିକଙ୍କୁ ନିଯୁକ୍ତି ଦିଆଯାଇ ୧୦ ବର୍ଷ କାମ କରିଥିବା ଶ୍ରମିକଙ୍କୁ ଛଟେଇ କରାଯାଇଛି। ସୋମବାର ଠାରୁ ବଡଗାଁ ୱେସ୍କୋ ଅଫିସ ସମ୍ମୁଖରେ ଧାରଣାରେ ବସିବୁ ବୋଲି ଜଣାଇଛନ୍ତି।

## ବଡଗାଁ କପ୍ କ୍ରିକେଟ: ଫାଇନାଲରେ ଉତ୍କଳ, ୟୁନିକ ସନରାଇଜ୍



ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିବା ସତନାମ ସିଂଙ୍କୁ ଦେବୀ ପ୍ରସାଦ ପୁରୋହିତ ପୁରସ୍କୃତ କରୁଛନ୍ତି ।

ବଡ଼ଗାଁ, ୧୫।୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡ଼ଗାଁ ସ୍ଥିତ ମିନି ଷ୍ଟାଡିୟମଠାରେ ବଡଗାଁ ଓରିଏଣ୍ଟ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ବଡଗାଁ କପ୍ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ଓ ଦ୍ୱିତୀୟ ସେମିଫାଇନାଲ ଶେଷ ହୋଇଛି। ରବିବାର ରାଉରକେଲା ଉତ୍କଳ କ୍ରିକେଟ କ୍ଲବ ଓ ରାଉରକେଲା ୟୁନିକ ସନରାଇଜ ମଧରେ ହେବ। ୧୪ତାରିଖ ଉତ୍କଳ କ୍ରିକେଟ କ୍ଲବ ଓ ଗ୍ରେଟ ଷ୍ଟାର କ୍ରିକେଟ କ୍ଲବ (ଜିଏସସିସି) ରାଉରକେଲା ସେକ୍ଟର-୪ ମଧରେ ହୋଇଥିଲା । ଏହି ମ୍ୟାଚରେ ଜିଏସସିସିକୁ ହରାଇ ଉତ୍କଳ କ୍ରିକେଟ କ୍ଲବ ଫାଇନାଲକୁ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲରେ ଶନିବାର ଆରସିସି ଭୋଇପାଲିକୁ ହରାଇ ୟୁନିକ ସନରାଇଜ ରାଉରକେଲା ଫାଇନାଲକୁ ଆସିଛି। ଶନିବାର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ଆରସିସି ଭୋଇପାଲି ପ୍ରଥମେ ବ୍ୟାଟିଂ କରି ୨୧ ଓଭରରେ ୧୨୨ ରନ କରି ଆଲଆଉଟ ହୋଇଥିଲେ । ଜବାବରେ ୟୁନିକ ସନରାଇଜ ୨୦ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ପୂରଣ କରିଥିଲେ । ଆରସିସିର ସନୋଜ ମହାନନ୍ଦ ସର୍ବାଧିକ ୨୮ ରନ କରିଥିଲେ । ୟୁନିକ ସନରାଇଜ ଟିମର ସତନାମ୍ ସିଂ ୩ ଉଇକେଟ ନେଇଥିଲେ । ତାଙ୍କୁ ଆୟୋଜକ କମିଟି ମ୍ୟାନ ଅଫ ଦି ମ୍ୟାଚ ଚୟନ କରି ପୁରସ୍କୃତ କରିଥିଲେ । ଆୟୋଜକ କମିଟିର ଉଦ୍ୟୋକ୍ତା ଦେବୀ ପ୍ରସାଦ ପୁରୋହିତ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଥମ ସେମି ଫାଇନାଲରେ ଉତ୍କଳ କ୍ରିକେଟ କ୍ଲବର ଜିତେନ ରାୟ ମେନ୍ ଅଫ୍ ଦି ମ୍ୟାଚ ହୋଇଥିଲେ । ସମ୍ବିଦ ନାଏକ, ପ୍ରକାଶ ଜେନା ଅମ୍ପାୟାରିଂ କରିଥିଲା ବେଳେ ଦେବାଶିଷ ସାହୁ ସ୍କୋରର ଦାୟୀତ୍ୱ ତୁଲାଇଥିଲେ। ରବିବାର ଫାଇନାଲ ମ୍ୟାଚ ହେବ ।

## ଯବାନମାନଙ୍କ ଆତ୍ମାର ସଦ୍‌ଗତି ଲାଗି ଘୃତ ଆହୁତି

**ନବକୁଣ୍ଡୀୟ ଗାୟତ୍ରୀ ଯଜ୍ଞ ଉଦ୍‌ଯାପିତ**

ଲହୁଣୀପଡା, ୧୫।୨ (ଡି.ଏନ.ଏ)

ଲହୁଣୀପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଲହୁଣୀପଡା ଗାୟତ୍ରୀ ପରିବାର ପକ୍ଷରୁ ଅନୁଷ୍ଠିତ ହୋଇଥିବା ଦୁଇ ଦିନିଆ ନବ କୁଣ୍ଡିୟ ଗାୟତ୍ରୀ ଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ସକାଳ ପ୍ରାୟ ୧୦ଟା ବେଳେ ୨୫୧ଟି କଳସର ଶୋଭାଯାତ୍ରା କରାଯାଇ ନଗର ପରିକ୍ରମା କରାଯାଇଥିଲା ଏବଂ ସନ୍ଧ୍ୟାରେ ଦୀପଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରଜ୍ଞାପୁରଣ ମାଧ୍ୟମରେ ଯୁଗ ସଙ୍ଗୀତ ଗାନ କରିବା ସହିତ ସଂସ୍କାର ଜୀବନ ମାର୍ଗ ଦର୍ଶନ ସମ୍ପର୍କରେ ପ୍ରବଚନ ପ୍ରଦାନ କରିଥିଲେ । ଏହି ନବ କୁଣ୍ଡିୟ ଗାୟତ୍ରୀ ଯଜ୍ଞରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ହରିଦ୍ୱାର ପ୍ରତିନିଧି ମାଧ୍ୟମରେ ଏହି ଦୁଇ ଦିବସୀୟ ନବ କୁଣ୍ଡିୟ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ସକାଳେ ଯୋଗ ଓ ପ୍ରାଣାୟ କରାଯାଇଥିଲା। ସକାଳ ପ୍ରାୟ ୯ଟା ବେଳେ ଯଜ୍ଞ ଆରମ୍ଭ ହୋଇଥିଲା। ଏଥିରେ ବିଶ୍ୱମିତ୍ର ଶାସ୍ତ୍ରୀ ରବୀନ୍ଦ୍ର ଭୋଇ, ସୁରେନ୍ଦ୍ର ଭାଇ, ସୁଶ୍ରୀ ଗାୟତ୍ରୀ, ସୁଶ୍ରୀ ଜୟନ୍ତୀ ପ୍ରମୁଖ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ହରିଦ୍ୱାର ପ୍ରତିନିଧି ମାଧମରେ ଏହି ନବ କୁଣ୍ଡିୟ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ବିଦ୍ୟାରମ୍ଭ, ଦିକ୍ଷା ସଂସ୍କାର ଅନ୍ନପ୍ରସନ ପ୍ରଭୃତି ସଂସ୍କାର କାର୍ଯ୍ୟକ୍ରମ କରାଯାଇଥିଲା। ଅପରାହ୍ନ ୩ଟାରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିବା ବେଳେ ସାମୁହିକ ପ୍ରସାଦସେବନ କରାଯାଇଥିଲା। ନବକୁଣ୍ଡିୟ ଗାୟତ୍ରୀ ଯଜ୍ଞରେ ଦେବାନନ୍ଦ ଜୟସ୍ୱାଲ ଓ ସ୍ତ୍ରୀ ଜାନକୀ ଜୟସ୍ୱାଲ ସମେତ ଅନ୍ୟ ୮ ଦମ୍ପତି କର୍ତ୍ତା ଭାବେ ଦାୟୀତ୍ୱ ତୁଲାଇଥିଲେ। ଶେଷରେ ପୁଲୱାମାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନମାନଙ୍କ ଅମର ଆତ୍ମାର ସଦଗତି ପାଇଁ ଘୃତ ଆହୁତି ପ୍ରଦାନ କରାଯାଇଥିଲା। ଗଦାଧର ଜୟସ୍ୱାଲ, ନନ୍ଦଲାଲ ଜୟସ୍ୱାଲ, ଲାଲ ଗୁପ୍ତା, ସନ୍ତୋଷ ବର୍ମା, ରାମକିପାଲ ସା, ସନ୍ତୋଷ ସା, ଦିଲୀପ ଠାକୁର, ଦେବକାନ୍ତ ଜୟସ୍ୱାଲ, ରିତା ବର୍ମା, ସମ୍ଭାରି ସା, ସନ୍ତୋଷ ଜୟସ୍ୱାଲ, ପ୍ରହ୍ଲାଦ ବର୍ମା, ଆରତୀ ଜୟସ୍ୱାଲ, ସୁଧା ଜୟସ୍ୱାଲ ପ୍ରମୁଖଙ୍କ ସମେତ ଲହୁଣୀପଡା ଗାୟତ୍ରୀ ପରିବାର ଶାଖା କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଲହୁଣୀପଡାରେ ନବ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ ଚାଲିଛି।

ଧରିତ୍ରୀ DHARITRI
ସମ୍ବଲପୁର, ରବିବାର, ୧୬ ଫେବୃୟାରୀ, ୨୦୨୦



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର।
- ଏଡଓ୍ୱର୍ଥ



## ସଂକ୍ଷେପରେ...

### ବେକରେ ଦଉଡ଼ି ଦେଇ ଯୁବତୀଙ୍କ ଆତ୍ମହତ୍ୟା

କୋଲାବିରା,୧୫।୨(ଡି.ଏନ.ଏ.)

ଝାରସୁଗୁଡା ଜିଲା କୋଲାବିରା ଥାନା ଅନ୍ତର୍ଗତ ରଘୁନାଥପାଲି ଗ୍ରାମର ଜଣେ ଯୁବତୀ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ନେଇ କୋଲାବିରା ଥାନାରେ ଅଭିଯୋଗ ହୋଇଛି। ସେ ହେଲେ ରଘୁନାଥପାଲି କୁଲିତାପଡାର ରିଙ୍କି ସାହୁ (୨୫) । ବେକରେ ଦଉଡି ଦେଇ ଘର ଭିତରେ ଥିବା ପଙ୍ଖାରେ ଝୁଲି ସେ ଆତ୍ମହତ୍ୟା କରିଥିବା ଜଣାପଡିଛି। ପରିବାର ଲୋକେ କାମଧନ୍ଦାରେ ବାହାରକୁ ଯାଇଥିବା ବେଳେ ରିଙ୍କି ଘରେ ଏକା ରହିଥିଲେ। ମଧାହ୍ନରେ ତାଙ୍କ ଭାଇ ଘରେ ପହଞ୍ଚି ଥିଲେ। ଭଉଣୀ ପଙ୍ଖାରେ ଝୁଲୁଥିବା ଦେଖି ତାଙ୍କୁ ବଞ୍ଚାଇବାକୁ ପ୍ରୟାସ କରି ଦଉଡି ଫଟାଇ ତଳକୁ ଆଣିଥିଲେ। ମାତ୍ର ସେତେବେଳକୁ ସେ ନିଶ୍ଚଳ ହୋଇ ପଡିଥାନ୍ତି। ଖବର ପାଇ ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସଂକ୍ରାନ୍ତରେ କୋଲାବିରା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧/୨୦) ରୁଜୁ ହୋଇଛି।

# ସନ୍ଦେହରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ନୀରବତା

**ପ୍ରଶ୍ନପତ୍ର ଲିକ୍ ଘଟଣା**
- ୧୦ ଜିଲାର ୬୦ କଲେଜରେ ଚଢ଼ାଉ
- ତଦନ୍ତରେ ଶିଥିଳତା, ପୋଲିସ ଉପରେ ଭରସା ନାହିଁ
- ତଦନ୍ତ ଦାୟିତ୍ୱ କ୍ରାମବ୍ରାଞ୍ଚକୁ ଦିଆଯାଇପାରେ
- ଏ ପର୍ଯ୍ୟନ୍ତ ଥାନାରେ ଅଭିଯୋଗ କରାଯାଇନି

ସମ୍ବଲପୁର,୧୫।୨(ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଯୁକ୍ତ ୩ ତୃତୀୟ ବର୍ଷ କେମେଷ୍ଟ୍ରି ଓ ଜୁଲୋଜି ଦ୍ୱିତୀୟ ସେମିଷ୍ଟାର ପ୍ରଶ୍ନପତ୍ର ବୁଧବାର ଲିକ୍ ହୋଇଥିଲା। ଏହି ଘଟଣାକୁ ୩ ଦିନ ବିତିଯାଇଥିଲେ ମଧ୍ୟ କେଉଁ କଲେଜରୁ ପ୍ରଶ୍ନପତ୍ର ଲିକ୍ ହୋଇଥିଲା ବିଶ୍ୱବିଦ୍ୟାଳୟ ପକ୍ଷରୁ ତାହା ସ୍ପଷ୍ଟ କରାଯାଇ ନାହିଁ। ବିଶ୍ୱବିଦ୍ୟାଳୟ ପକ୍ଷରୁ ତଦନ୍ତରେ କାହିଁକି ଶିଥିଳତା ଦେଖା ଦେଇଛି ସେ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଅନ୍ୟପଟେ ଏହା ଅପରାଧିକ ମାମଲା ହୋଇଥିଲେ ମଧ୍ୟ ପୋଲିସ ପାଖରେ ଅଭିଯୋଗ କରାଯାଇ ନାହିଁ । ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ଜିଲାରେ ଥିବା ୬୦ଟି ଘରୋଇ ଓ ସରକାରୀ କଲେଜରେ ଚଢ଼ାଉ କରାଯାଇଛି । ଏଗୁଡିକ ଭିତରୁ କେଉଁ କଲେଜ ସନ୍ଦେହ ଘେରକୁ ଆସିଛି ସେ ନେଇ ବିଶ୍ୱବିଦ୍ୟାଳୟ ସୂଚନା ଦେଉ ନାହିଁ। ଅନ୍ୟପଟେ ଏହାର ଅଭିଯୋଗ କ୍ରାଇମବ୍ରାଞ୍ଚ ପାଖରେ କରାଯିବ ବୋଲି ପରୀକ୍ଷା ନିୟନ୍ତ୍ରକ ସୂର୍ଯ୍ୟ ନାଏକ କହିଛନ୍ତି । ହେଲେ ଏହି ଘଟଣା କ୍ରାଇମ ବ୍ରାଞ୍ଚ ନେବ କି ନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କ୍ରାଇମ ବ୍ରାଞ୍ଚରେ ମାମଲା ହେବାକୁ ହେଲେ ସରକାରୀ ସ୍ତରରେ ଅନେକ ପ୍ରକ୍ରିୟା ରହିଛି। ତାହା ପାଇଁ ସମୟ ମଧ୍ୟ ଲାଗି ପାରେ। ଯଦି କ୍ରାଇମ ବ୍ରାଞ୍ଚକୁ ମାମଲା ଦେବା ପାଇଁ ବିଶ୍ୱବିଦ୍ୟାଳୟ ସ୍ଥିର କରିଛି ତାହା ହେଲେ ଜିଲା ପୋଲିସର ପାରିବା ପଣିଆ ଉପରେ ଭରସା କରୁ ନ ଥିବା ସ୍ପଷ୍ଟ ହେଉଛି। ତେବେ ଯାହା ହେଉ ନା କାହିଁକି ପ୍ରଶ୍ନପତ୍ର ଲିକ୍ କରିବା ଏକ ସାଘାତିକ ଅପରାଧ। ହଜାର ହଜାର ଛାତ୍ରୀଛାତ୍ର ଅଳ୍ପକେ ବର୍ତ୍ତିଗଲେ। ସମୟ ଥିବାରୁ ଅନ୍ୟ ପ୍ରଶ୍ନପତ୍ର ସେଟ୍ ଦେଇ ପରୀକ୍ଷା କରାଗଲା । ନ ହେଲେ ପରୀକ୍ଷା ବାତିଲ ହେବାର ଆଶଙ୍କା ଉପୁଜିଥାନ୍ତା। ପ୍ରଶ୍ନପତ୍ର ବିକ୍ରି କରି ଲକ୍ଷାଧିକ ଟଙ୍କା ରୋଜଗାର କରାଯାଇଛି। ତେଣୁ ଏହି ଘଟଣାର ଦାୟିତ୍ୱରେ ଥିବା କଲେଜ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି ହେଉଛି । ବିଶ୍ୱବିଦ୍ୟାଳୟରୁ ମଧ୍ୟ ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ସନ୍ଦେହକୁ ଏଡାଇ ଦିଆଯାଇ ନ ପାରେ।

ବୁଧବାର ରାତିରେ ବରଗଡ଼ର ଜଣେ ବ୍ୟକ୍ତି ପରୀକ୍ଷା ନିୟନ୍ତ୍ରକ ନାଏକଙ୍କୁ ଫୋନ୍ କରି କେମେଷ୍ଟ୍ରି ଓ ଜୁଲୋଜି ପ୍ରଶ୍ନପତ୍ର ଲିକ ହୋଇଥିବା ନେଇ ଫୋନ୍ କରିଥିଲେ। ପ୍ରମାଣ ପାଇଁ ଏକ କପି ମଧ୍ୟ ପଠାଇଥିଲେ। ଏହା ଜାଣିବା ପରେ ପରୀକ୍ଷା ନିୟନ୍ତ୍ରକ ରାତି ଅଧିଆ ବିଶ୍ୱବିଦ୍ୟାଳୟରେ ଏକ ବୈଠକ ଡାକିଥିଲେ। ଯାଞ୍ଚପରେ ପରେ କେବଳ କେମେଷ୍ଟ୍ରି ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ସ୍ପଷ୍ଟ କରିଥିଲେ। ଏହାପରେ ଗୁରୁବାର ସକାଳୁ ସକାଳୁ ୮ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ଜିଲାର କଲେଜ ଗୁଡିକରେ ଚଢ଼ାଉ କରାଯାଇଥିଲା। ପୂର୍ବରୁ ଦିଆଯାଇଥିବା ପ୍ରଶ୍ନପତ୍ରରେ ପରୀକ୍ଷା ନ କରିବାକୁ ସବୁ କଲେଜକୁ ନିର୍ଦ୍ଦେଶ ଦିଆଯାଇଥିଲା। ପରୀକ୍ଷାର ଅଧଘଣ୍ଟା ପୂର୍ବରୁ ପୁଣି ଥରେ ସମସ୍ତ କଲେଜକୁ ମେଲ୍ ଜରିଆରେ ନୂଆ ପ୍ରଶ୍ନପତ୍ର ସେଟ୍ ଦିଆଯାଇଥିଲା । ଅପରାହ୍ନ ୧ଟାରେ ନିର୍ଦ୍ଧାରିତ ସମୟରେ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ।

## ମିଡିଆ ଏକାଦଶକୁ ହରାଇଲା ଡିଏଭି ଏକାଦଶ



ଅତିଥି ଓ ଆୟୋଜକଙ୍କ ସହ ଖେଳାଳିମାନେ।

ଝାରସୁଗୁଡା ଅଫିସ, ୧୫।୨

ସରବାହାଲ ସରକାରୀ ହାଇସ୍କୁଲ ଖେଳ ପଡିଆରେ ଡିଏଭି ଏକାଦଶ ଓ ମିଡିଆ ଏକାଦଶ ମଧ୍ୟରେ ଏକ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ୧୫ ଓଭର ବିଶିଷ୍ଟ ମ୍ୟାଚରେ ଟସ ଜିଣି ମିଡିଆ ଏକାଦଶ ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲା। ମିଡିଆ–୧୧ ପକ୍ଷରୁ ପ୍ୟାରେଲାଲ ଶ୍ରୀବାସ୍ତବ ଓପନିଂ ବ୍ୟାଟ୍ସମ୍ୟାନ ଭାବରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରି ଗୋଟିଏ ଛକା ଓ ୯ଟି ଚୌକା ସହ ୬୩ ରନ୍ କରିଥିଲେ । ପ୍ରଫୁଲ୍ଲ ବେସନ ବ୍ୟକ୍ତିଗତ ଭାବେ ୫ଟି ଛକା ଓ ୬ଟି ଚୌକା ସହ ମୋଟ ୬୧ ରନ୍, ଗୌରବ ୪ ରନ୍, ବସନ୍ତ ୫ରନ୍, ଜିତେନ୍ଦ୍ର ୩ରନ୍ କରି ମିଡିଆ ଏକାଦଶ ଦଳ ୧୫ ଓଭର ଖେଳି ୪ ଉଇକେଟ ବିନିମୟରେ ସର୍ବମୋଟ ୧୩୫ ରନ୍ ସଂଗ୍ରହ କରିଥିଲେ।

ଜବାବରେ ବିପକ୍ଷ ଦଳ ଡିଏଭି ଏକାଦଶ ପକ୍ଷରୁ ଶାହରୁଖ ଖାନ ୪ଟି ଛକା ଓ ୭ଟି ଚୌକା ସହ ମୋଟ ୫୬ ରନ୍, ପଞ୍ଚାନନ ପଟେଲ ୨ଟି ଛକା ଓ ୫ଟି ଚୌକା ସହ ମୋଟ ୩୯ ରନ୍, ଦୟାନନ୍ଦ ପ୍ରଧାନ ୯ ରନ୍, ଶୁଭମ୍ ରାଓ ୬ରନ୍, ଏମ୍‌ଭିଏଲ୍‌ଏନ୍ ରାଓ ୫ ରନ୍, ବିଜୟ ଦାଶ ୧୧ ରନ୍, ଆଶୁତୋଷ ଦାସ ୨ରନ୍ କରି ୧୪.୩ ଓଭରରେ ଧାର୍ଯ୍ୟ ୧୩୬ ରନକୁ ହାସଲ କରି ବିଜୟ ଟ୍ରଫି ହାସଲ କରିଥିଲେ। ଓଡିଶା ଅଲମ୍ପିକ ଆସୋସିଏସନ୍ ଉପସଭାପତି ଓ ଜିଲା କ୍ରୀଡା ପରିଷଦର ସାଧାରଣ ସମ୍ପାଦକ ତାପସ ରାୟ ଚୌଧୁରୀ, ଡିଏଭି ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଅତିଥି ଭାବରେ ଯୋଗ ଦେଇଥିଲେ । ଶାହରୁଖ ଖାନ ମ୍ୟାନ ଅଫ୍ ଦି ମ୍ୟାଚ, ପ୍ୟାରେଲାଲ ଶ୍ରୀବାସ୍ତବ ବେଷ୍ଟ ବ୍ୟାଟ୍ସମ୍ୟାନ, ସୌରଭ ଭୋଇ ବେଷ୍ଟ ବୋଲର, ପ୍ରଫୁଲ୍ଲ ବେସନ ଅଲରାଉଣ୍ଡର, ସନ୍ତୋଷ ମହାପାତ୍ର ବେଷ୍ଟ ଫିଲ୍ଡର, ଜୀବନ ମହାନ୍ତି ଶୃଙ୍ଖଳିତ ଖେଳାଳି, ଆଶୁତୋଷ ଦାସ ବେଷ୍ଟ କ୍ରିକେଟ କିପର ରୂପେ ବିବେଚିତ ହୋଇଥିଲେ । ଫରଦିନ କୁରେସି ଓ ଡଲୁ ହୋତା ମ୍ୟାଚ ଅମ୍ପାୟାରିଂ କରିଥିଲେ ।

## ବନ୍ଦ ହୋଇଗଲା ପଞ୍ଚାୟତ ସମିତି ବୈଠକ

ରେଢାଖୋଲ,୧୫।୨(ଡି.ଏନ.ଏ.)

ରେଢାଖୋଲ ପଞ୍ଚାୟତ ସମିତି ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରକାଶିତ ହିତାଧିକାରୀ ତାଲିକାରେ ବହୁ ଯୋଗ୍ୟ ହିତାଧିକାରୀ ବାଦ୍ ପଡିଥିବା ନେଇ ସରପଞ୍ଚମାନେ ଅଭିଯୋଗ କରି ହଇଚଗୋଳ କରିଥିଲେ। ପୁନଃ ତାଲିକା ପ୍ରକାଶ କରାଯିବା ସହ ବୈଠକର ବିବରଣି ଜିଲାପାଳଙ୍କୁ ପଠାଯାଉ। ପୁନଃ ତାଲିକା ପ୍ରକାଶ ପର୍ଯ୍ୟନ୍ତ ବୈଠକକୁ ସ୍ଥଗିତ ରଖାଯାଉ ବୋଲି ସେମାନେ ଅଡି ବସିଥିଲେ। ଏଣୁ ବୈଠକର ମାତ୍ର ୨୦ ମିନିଟ ପରେ ବାଧ ହେଇ ଏହାକୁ ସ୍ଥଗିତ ରଖାଯାଇଛି। ବ୍ଲକ ଅଧକ୍ଷା କବିତା ପ୍ରଧାନ, ଉପାଧକ୍ଷ ଅନ୍ତର୍ଯ୍ୟାମି ପ୍ରଧାନ, ବିଡିଓ ପରିକ୍ଷିତ ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ତେବେ ୧୨୬୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ସାମିଲ କରାଯାଇଛି। ଗାଇଡ୍ ଲାଇନ୍ ଅନୁଯାୟୀ ଏହି ତାଲିକା ପ୍ରସ୍ତୁତ କରାଯାଇଛି ବୋଲି ବିଡିଓ ସାହୁ କହିଛନ୍ତି।

## ନିଯୁକ୍ତିମେଳାରେ ୮୯୩ ନାଁ ପଞ୍ଜୀକୃତ


ବେଲପାହାଡ଼ରେ ନିଯୁକ୍ତି ମେଳା ଅବସରରେ ଯୁବତୀମାନେ ସେମାନଙ୍କ ନାମ ପଞ୍ଜିକରଣ କରୁଛନ୍ତି।

ବେଲପାହାଡ଼,୧୫।୨ (ଡ଼ି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ କେନ୍ଦ୍ର (ଆର୍‌ସେଟି) ପରିସରରେ ଶନିବାର ଜିଲାସ୍ତରୀୟ ନିଯୁକ୍ତି ମେଳା ଆୟୋଜିତ ହୋଇଯାଇଛି । ଜିଲା ପ୍ରଶାସନ ଓ ନିୟୋଜନ ବିଭାଗ ପକ୍ଷରୁ ଆୟୋଜିତ ଉକ୍ତ ମେଳାକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି ଉଦ୍‌ଘାଟନ କରିଛନ୍ତି। ମେଳାରେ ୮୯୩ ଜଣ ଯୁବତୀ ଯୁବକ ନାମ ପଞ୍ଜୀକରଣ କରିଛନ୍ତି। ମେଳାରେ ଡ଼ିଭାଇନ ନର୍ସିଂ କେୟାର ସଲ୍ୟୁସନ୍ସ, ୟୁଥ୍ ଫର୍ ଜବ୍ସ ଫାଉଣ୍ଡେଶନ, ସବେରା ହେଲ୍‌ଥ କେୟାର, ଗ୍ରାମ ତରଙ୍ଗ ଏମ୍ପ୍ଲୋୟାବିଲିଟି ଟ୍ରେନିଂ ସର୍ଭିସ, ଭିଭୋ ହେଲ୍ଥ କେୟାର, ଆଇଏଲଆଣ୍ଡଏଫଏସ ସ୍କିଲ୍ସ, ପିଏମ୍‌କେଭିୱାଇ ଟ୍ରେନିଂ ସେଣ୍ଟର, ବଜାଜ, ୟାମା, ସିପେଟ୍ ସିଏସଟିଏସ, ବିଶ୍ୱଜିତ ମିଶ୍ର ମ୍ୟାନ ପାୱାର ଏଜେନ୍ସି ଓ ଡ଼ାଲମିଆ ଭାରତ ଫାଉଣ୍ଡେଶନ ଆଦି ୨୦ରୁ ଅଧିକ ସଂସ୍ଥା ଯୋଗ ଦେଇଥିଲେ। ମାତ୍ର ବେକାର ଯୁବତୀଯୁବକଙ୍କୁ ଯୋଗ୍ୟତା ଆଧାରରେ ସିଧା ନିଯୁକ୍ତି ଦେବା ପାଇଁ କୌଣସି ଗୋଟିଏ ହେଲେ କ୍ଷୁଦ୍ର, ମଧ୍ୟମ କିମ୍ବା ବୃହତ ଶିଳ୍ପ ସଂସ୍ଥା ଯୋଗ ଦେଇ ନ ଥିଲେ। ଏଥିଯୋଗୁ ଜିଲାରେ ନିଯୁକ୍ତି ପାଇଁ ଆଶାୟୀ ଥିବା ଶହ ଶହ ଡ଼ିଗ୍ରୀ ଓ ଡ଼ିପ୍ଲୋମାଧାରୀ ତଥା ଉଚ୍ଚ ଶିକ୍ଷିତ ଯୁବତୀ ଯୁବକଙ୍କ ପାଇଁ ମେଳା ଆୟୋଜନର ଲାଭ ହୋଇ ନାହିଁ ।

## ଶିକ୍ଷକଙ୍କୁ ଚାପୁଡ଼ା ଭିଡିଓ ଭାଇରାଲ

ସମ୍ବଲପୁର,୧୫।୨(ବ୍ୟୁରୋ)

ଯୁଯୁମୁରା ବ୍ଲକ ଅଞ୍ଚଳରେ ଗୋଟିଏ ସ୍କୁଲର ଜଣେ ଶିକ୍ଷକ ଛାତ୍ରୀମାନଙ୍କୁ ଅଶୋଭନୀୟ ବ୍ୟବହାର କରି ଗିରଫ ହୋଇଛନ୍ତି। ଏହି ଘଟଣାରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ତଦନ୍ତ ଜାରି ରହିଛି। ହେଲେ ସେଦିନ ସ୍କୁଲରେ ଜଣେ ଯୁବକ ସମ୍ପୃକ୍ତ ଶିକ୍ଷକଙ୍କୁ ଚାପୁଡା ମାରିବା ନେଇ ଏକ ଭିଡିଓ ଭାଇରାଲ ହୋଇଛି। ଏହି ଘଟଣାରେ ପୋଲିସ କିନ୍ତୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହିଁ । ବହି ଧରି ଶପଥ ପୂର୍ବକ ସେ କିଛି ଭୁଲ୍ କରି ନାହାନ୍ତି ବୋଲି ଭିଡିଓରେ ଶିକ୍ଷକ କହୁଛନ୍ତି। ତେବେ ଖବର ପାଇ ପୋଲିସ ସେଠାରେ ପହଞ୍ଚି ଶିକ୍ଷକଙ୍କୁ ଉଦ୍ଧାର କରିଥିଲା। ହେଲେ ତାଙ୍କୁ ମାଡ ମରାଯାଇ ନାହିଁ ବୋଲି ସଦର ଥାନା ଅଧିକାରୀ ଚିନ୍ତାମଣୀ ପ୍ରଧାନ କହିଛନ୍ତି।

## ସୁବର୍ଣ୍ଣଗ୍ରାହୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଲଇକେରା,୧୫।୨(ଡି.ଏନ.ଏ.)

ଝାରସୁଗୁଡା ଜିଲା ଲଇକେରାସ୍ଥିତ ଶୌଣ୍ଡିକ ସମାଜର ସୁବର୍ଣ୍ଣଗ୍ରାହୀ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶୁକ୍ରବାର ସନ୍ଧ୍ୟାରେ ଅଧିବାସ ହୋଇଥିଲା। ଶନିବାର ପୂଜା, ହୋମ, ପୂର୍ଣ୍ଣାହୁତି ପଡିଥିଲା। କର୍ତ୍ତା ଭାବେ ଅଇତାପାଲିର ବାଞ୍ଛାନିଧି ସାହୁ, ଭାତଲଇଡାର ରଞ୍ଜିତ ସାହୁ, ବେହେରାମାଲର ପ୍ରଦୀପ ବେହେରା, ଲଇକେରାର ମିଳନ ବେହେରା ଓ ଡମ୍ବରୁଧର ବେହେରା ସପତ୍ନୀକ ଦାୟିତ୍ୱ ତୁଲାଇଥିଲେ। ବିଜୟ କୁମାର ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ମନ୍ଦିର କମିଟିର ସଭାପତି ଗଣ୍ଡାରାମ ବେହେରା, ସମ୍ପାଦକ ହେମସାଗର ବେହେରା ଓ କୋଷାଧ୍ୟକ୍ଷ ସଞ୍ଜୀବ ବେହେରା ପ୍ରମୁଖଙ୍କ ନେତୃତ୍ୱରେ ଗ୍ରାମବାସୀ ସହଯୋଗ କରିଥିଲେ।


ସୁବର୍ଣ୍ଣଗ୍ରାହୀ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଶ୍ରଦ୍ଧାଳୁ।

## ବିଦ୍ୟୁତ୍ ଖୁଣ୍ଟକୁ ଧକ୍କାଦେଇ ସ୍କୁଟିଚାଳକ ଗୁରୁତର

ରେଙ୍ଗାଲି,୧୫।୨(ଡି.ଏନ.ଏ.)

ରେଙ୍ଗାଲି ରାମଚନ୍ଦ୍ର ନଗର ୱାନ୍ ୱେ ପୁରୁଣାବସ୍ତି ସାପ୍ତାହିକ ବଜାର ନିକଟରେ ବିଦ୍ୟୁତ ପୋଲକୁ ଧକ୍କା ଦେଇ ଜଣେ ସ୍କୁଟି ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ରାମଚନ୍ଦ୍ରନଗରର କାହ୍ନୁଆ ମାହାଣା (୨୨)। ତାଙ୍କୁ ରେଙ୍ଗାଲି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ଭିମ୍‌ସାର ପଠାଯାଇଥିଲା ।

## ଭାଙ୍ଗିଲା ୨୦ ବର୍ଷର ପାଦଚଲା ରାସ୍ତା

ବ୍ରଜରାଜନଗର,୧୫।୨(ଡି.ଏନ.ଏ.)

**ସହରକୁ ଯାତାୟାତ ଠପ୍**

ବ୍ରଜରାଜନଗର ମୁଖ୍ୟ ସହରକୁ ସଂଯୋଗ କରୁଥିବା ପାଦଚଲା ରାସ୍ତା ଶନିବାର ଭାଙ୍ଗି ଯାଇଛି । ଫଳରେ ଉକ୍ତ ରାସ୍ତାକୁ ରେଳ ବିଭାଗ ତରଫରୁ ବନ୍ଦ କରି ଦିଆଯାଇଛି । ଫଳରେ ସାଧାରଣ ଲୋକେ ୨ କି.ମି. ବୁଲି ଯିବା ଆସିବା କରୁଛନ୍ତି। ବମ୍ବେ ହାଓଡା ମେନ୍ ଲାଇନ୍ ଉପରେ ଏହି ପାଦଚଲା ରାସ୍ତା ୨୦ ବର୍ଷ ପୂର୍ବରୁ ତିଆରି କରାଯାଇଥିଲା । ସହରକୁ ସଂଯୋଗ କରିବା ପାଇଁ ଏହା ଏକ ମାତ୍ର ରାସ୍ତା ଥିଲା । ଦୈନିକ ଲୋକେ ଏହି ପାଦଚଲା ରାସ୍ତା ଦେଇ ସହରକୁ ଯାଉଥିଲେ । ଏହି ରାସ୍ତା ଏକ ବର୍ଷ ପୂର୍ବରୁ ବିପଦ ସଂକୁଳ ଅବସ୍ଥାରେ ଥିଲା । ଭାଙ୍ଗିବା ପୂର୍ବରୁ ରେଳ ବିଭାଗକୁ ଅବଗତ କରାଯାଇଥିଲା।


ବ୍ରଜରାଜନଗର ମୁଖ୍ୟ ସହରକୁ ସଂଯୋଗ କରୁଥିବା ପାଦଚଲା ରାସ୍ତା ଶନିବାର ଭାଙ୍ଗି ଯିବା ପରେ ରେଳବିଭାଗ ପକ୍ଷରୁ ବନ୍ଦ କରି ଦିଆଯାଇଛି।

ହେଲେ ଏହାର ମରାମତି କରାଗଲା ନାହିଁ। ରେଳ ବିଭାଗ ଜାଣିଶୁଣି ଅବହେଳା କରିବାରୁ ଆଜି ଭାଙ୍ଗିବା ପର୍ଯ୍ୟନ୍ତ ଗଲା ବୋଲି ଲୋକେ ଅଭିଯୋଗ କରିଛନ୍ତି।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Govt.of Odisha Undertaking)
Regd.Office: Janapath Bhubaneswar-751022
OFFICE OF THE G.M.(ELECT) EHT (O&M)CIRCLE, JAJPUR ROAD.
Fax/Phone No.06726-220965 (off), E-mail.id.ehtm.cle.jjp@optcl.co.in CIN: U401020R2004SGC007553
No.Tech-CR-150/156 Dated:15.02.2020
EXPRESSION OF INTEREST(EOI)
General Manager(Elect.),EHT(O&M) Circle, OPTCL, Jajpur Road indents to prepare a vendor list for minimum one year for execution of different Civil/Electrical works and supply of different materials for the estimated cost of more than 10(Ten) thousand up to 1(One) lakh. Interested suppliers, dealers, contractors and firm owners may apply with details documents on or before 04.03.2020 (during office hours).For details please visit our website:- www.optcl.co.in.
Corrigendum if any, will be published in the website only.
Sd./- General Manager (Elect)

OFFICE OF THE MUNICIPAL COUNCIL, KEONJHARGARH
email : keonjharm.hud@rediffmail.com
Invitation for Bids (IFB) 'e' Procurement Notice
Bid Identification No.KGM-10/2019-20
Letter No.1475 /KGM Date: 12.02.2020
On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system ,through e-Procurement.
1 - Nature of work- Civil Work
2 - No. of Work-31 Nos.
3 - Value of works: Rs.1,34 ,200 /- to 15,88,000 /-
4 - Date & Time of availability of Bid document in the portal: From. 15.02.2020 at 11.00 A.M. up to 25.02.2020 at 5.00 P.M.
5 - Last date & time of submission of bid in portal- upto 5 P.M of 25.02.2020
6 - Date of Opening of bid in portal. 27.02.2020 at 11 .30. A.M.
7- Name & address of the officer in Inviting Bid- EO, Keonjhargarh Municipality
Further details can be seen from Website: www.tendersorissa.gov.in
Sd./- Executive Officer
Keonjhargarh Municipality

PRAGATIPATHE ATHMALIK PANCHAYAT SAMITI
1. RURAL HOUSING FOR THE FY 2019-20.
► PMAY-G Houses - 1922
► BPGY Houses - 125
► NSPGY Houses - 225
2. MGNREGS FOR THE FY 2019-20
► Persondays Generation - 334265 days
► House Hold 100 days completed - 166
PROJECT COMPLETED UNDER MGNREGS
► AWC Building - 10
► Playground - 3
► Village Tank - 5
► Check Dam - 4
► Road - 14
3. AGAB FOR THE FY 2019-20
► Project Completed - 112
4. RURAL WATER SUPPLY AND SANITATION
► Pipe water supply completed - 28
► Overhead tank completed - 11
Minakhi Dalei, Chairman
Chairman, Athmallik Block
Sanjay Kumar Acharya
Block Development Officer, Athmallik

OFFICE OF THE EXECUTIVE ENGINEER No. O-1083
RURAL WATER SUPPLY & SANITATION DIVISION, MALKANGIRI
Phone - (06861) 231617email:eerwss_mal@nic.in,eerwssmlkg@gmail.com
QUOTATION CALL NOTICE No. 03 / (EB-61)2020 Dt. 12.02.2020
The Executive Engineer, RWS&S Division, Malkangiri on behalf of Governor of Odisha invites sealed quotations from Authorised Manufactures, Authorised Dealers/ Distributers for supply of Chemicals, Glassware, Consumables of reputed makes for testing of drinking water at RWS&S Divisional Laboratory, Malkangiri/ Sub-Divisional laboratory, Mathili.
The time schedule of quotation is as follows.
1) Date for submission of quotation:- Dt.19.02.2020at 10.00 A.M.to 28.02.2020 up to 5.00P.M.
2) Date of Opening of Quotation:- Dt.29.02.2020 at 11.30A.M.
The detailed list of items and term & condition are available in office of the Executive Engineer RWS&S Division,Malkangiriduring office hoursor can be downloaded from www.odisha.gov.in, www.malkangiri.nic.in
Sd/12.02.20
Executive Engineer RWS&S Division, Malkangiri
OIPR-25044/11/0010/1920

SIEP centre for Divvyang No. gg-20
SIDR Building, Capital Hospital Campus, Unit-6, Bhubaneswar-751001
OPEN TENDER
for Procurement of Equipment for SIEP
No. 132/SIEP Date: 14.02.2020
SIEP/MISC/0016/2019
The Tender aims to approve successful bidder/bidders that will be responsible for supply of different equipment for "SIEP (State Institute for Empowerment of Persons with Disabilities)" at Bhubaneswar. The details of scope of work, eligibility criteria and submission of details can be downloaded from website http://www.ssepd.gov.in
1. Availability of tender document: SSEPD website www.ssepd.gov.in
2. Date and time for submission of the Tender documents:
By speed post/ Registered post / Courier/ hand in all working days up to 12:00 noon of 16/03/2020
3. Pre Bid 26.02.2020 at 11.00 A.M
This Tender does not entail any commitment on the part of SIEP either financial or otherwise. SIEP reserves the right to accept or reject any or all Tenders without incurring any obligation to inform the affected applicant/s of the grounds. The Tenders will be evaluated based on the information provided.
SD/- ExecutiveDirector,SIEP,Odisha
OIPR-46003/11/0004/1920

OFFICE OF THE D.F.O.-CUM-CEO.FFDA/ BFDA, BHADRAK AND SECRETARY, MANAGEMENT SOCIETY DHAMARA FISHING HARBOUR, DHAMARA
TENDER CALL NOTICE No. 49// Dt. 14.02.2020
ENGAGEMENT OF SECURITY GUARDS AND MANPOWER
Management Society, Dhamara Fishing Harbour, Dhamara of Bhadrak District invites sealed tenders from registered private organizations / Agency for engagement of security Guards and Manpower Services. The agencies having good track record with Registration Certificate, trained manpower and relevant experience in this line is eligible to apply. The agency must be able to provide round the clock security services to Management Society, Dhamara Fishing Harbour, Dhamara. The details tender paper cost Rs. 2000/- (Rupees Two Thousand) only in shape of Cash/ Demand Draft in favour of "Secretary, Management Society, Dhamara Fishing Harbour, Dhamara" Payable at Dhamara may be obtained from the office of Manager, Management Society, Dhamara Fishing Harbour, Dhamara from Dt. 17.02.2020 to Dt. 02.03.2020 in office hours i.e. 10.00 AM to 5.30 PM should be submitted with their proposal (Technical as well as Financial Bids) along with all supporting documents in sealed envelope must superscribed with "Application for outsourcing of Security Services and Manpower at Management Society Dhamara Fishing Harbour, Dhamara" to the office of the D.F.O., Bhadrak and Secretary Management Society, Dhamara Fishing Harbour, Dhamara by Dt. 03.03.2020 till 5.30 PM. The tender will be opened on Dt. 04.03.2020 at 11.30 AM in the office of D.F.O.-cum-CEO, FFDA/BFDA, Bhadrak and Secretary, Management Society, Dhamara Fishing Harbour at Bhadrak. (Near Bonth Chaka Bus Stand). The Undersigned has reserve the rights to cancel any or all application without assigning any reason thereof.
Sd./- Santosh Kumar Dalai
D.F.O., Bhadrak & Secretary
Management Society Dhamara
Fishing Harbour, Dhamara

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୬ ଫେବୃୟାରୀ, ୨୦୨୦



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ



## ସଂକ୍ଷେପରେ

### ନୂତନ କୋର୍ଟ କୋଠା ଉଦ୍‌ଘାଟନ ଆଶା ତେଜିଲା

**ବଣାଇ, ୧୫।୨(ସ୍ୱ.ପ୍ର.):** ବଣାଇଠାରେ ଦୀର୍ଘଦିନ ହେବ ନୂତନ କୋର୍ଟ କ୍ୟାମ୍ପସ ନିର୍ମାଣ ସାଙ୍ଗକୁ କୋଠା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଥିଲେ ମଧ ଏହାର ଉଦ୍‌ଘାଟନ ପ୍ରସଙ୍ଗ ଏବେବି ଅନିଶ୍ଚିତତା ମଧ୍ୟରେ ରହିଛି। ତେବେ ଶନିବାର ସକାଳେ ରାଜ୍ୟ ଉଚ୍ଚନ୍ୟାୟାଳୟର ବିଚାରପତି ଶତ୍ରୁଘ୍ନ ପ୍ରତିହାରୀ ତୁଫାନି ଗସ୍ତରେ ବଣାଇ ଆସି କୋର୍ଟ କୋଠା ଏବଂ କ୍ୟାମ୍ପସର ସ୍ଥିତି ଅନୁଧ୍ୟାନକରି ଫେରିଥିବା ଜଣାପଡିଛି। ଅଚାନକ ରାଉରକେଲାରୁ ବଣାଇଁ ଆସିବା ପରେ ବଣାଇଁ ଠାରେ ଥିବା ଅଦାଲତର ବିଭିନ୍ନ ବିଚାରପତିଙ୍କ ସହ ଆଲୋଚନା କରି ଖୁବ ଶୀଘ୍ର ନୂତନକୋଠା ଉଦଘାଟନ ହେବ ବୋଲି ସୂଚନା ଦେଇଥିଲେ। ଏନେଇ ବଣାଇଁବାସୀଙ୍କ ଦୀଘଦିନର ଆଶା ପୂରଣ ହେବାକୁ ଯାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି।

# ଟେଷ୍ଟ ହାଉସ୍ ମାଲିକଙ୍କ କବ୍‌ଜାରେ ସୋସିଆଲ ହୋମ

## ଉପକୃତ ହୋଇପାରୁ ନାହାନ୍ତି ଆର୍‌ଏସ୍‌ପି କର୍ମଚାରୀ

**ରାଉରକେଲା ଅଫିସ,୧୫।୨**

ଆର୍‌ଏସ୍‌ପି ତଥା ଅଞ୍ଚଳବାସୀଙ୍କ ପାଇଁ ବିଭିନ୍ନ ସେକ୍ଟରରେ ସାମାଜିକ କାର୍ଯ୍ୟ ଯଥା ବିବାହବ୍ରତାଦି ନେଇ ସମାଜ ମଙ୍ଗଳ କେନ୍ଦ୍ର ରହିଛି। ଏହା ବ୍ୟତୀତ କମ୍ୟୁନିଟି ସେଣ୍ଟର ଭଳି ଏକାଧିକ ବିକଳ୍ପ ବ୍ୟବସ୍ଥା ରହିଛି। ହେଲେ ଦୀର୍ଘ ବର୍ଷ ହେବ ଏହି ସବୁ କେନ୍ଦ୍ରକୁ ବିଭିନ୍ନ କ୍ୟାଟରର ସଂସ୍ଥା ଜବର ଦଖଲ କରିବା, ଆର୍‌ଏସ୍‌ପି କର୍ମଚାରୀଙ୍କୁ ବ୍ୟଥିତ କରୁଛି। ଫର୍ଟିଲାଇଜର ଟାଉନଶିପ ଅଞ୍ଚଳରେ ଗତ କିଛି ବର୍ଷ ହେବ ଟେଷ୍ଟ ହାଉସ ମାଲିକ ଏସବୁ ସୋସିଆଲ ହୋମ ବା ସମାଜ ମଙ୍ଗଳ କେନ୍ଦ୍ର ଜବରଦଖଲ କରିବା ହେତୁ ଆର୍‌ଏସ୍‌ପି କର୍ମଚାରୀ ନିରୁପାୟ ହୋଇ ପଡିଛନ୍ତି। ଏମାନେ ମାସ ମାସ ଧରି ଏହି କେନ୍ଦ୍ରକୁ ଅନାମ ଧେୟ ଆରଏସ୍‌ପି କର୍ମଚାରୀଙ୍କ ନାମରେ ବୁକିଂ କରି ନିଜ ବେପାର ଚଳାଇଛନ୍ତି। ଫଳରେ କର୍ମଚାରୀ ନିଜ ସନ୍ତାନ ସନ୍ତତିଙ୍କ ବିବାହ ବ୍ରତାଦି ନେଇ ସ୍ଥାନ ପାଉ ନାହାଁନ୍ତି। କ୍ୟାଟରିଂ ମାଲିକ ଏମାନଙ୍କ ଉପରେ ଦାଉ ସାଧୁଛନ୍ତି। ଫର୍ଟିଲାଇଜର କମ୍ୟୁନିଟି ସେଣ୍ଟର, ସୋସିଆଲ ହୋମ ଓ ମହିଳା ମଣ୍ଡଳୀ କେନ୍ଦ୍ର ଟେଷ୍ଟ ହାଉସ ମାଲିକଙ୍କ କବଜାରେ ରହୁଛି। କିଛି ଆର୍‌ଏସପି ଅଧିକାରୀଙ୍କୁ ହାତ କରି ଏହି ଟେଷ୍ଟ ହାଉସ ମାଲିକ ମାସ ମାସ ଧରି ଏସବୁ କେନ୍ଦ୍ରକୁ ଜବର ଦଖଲ କରି ରହୁଛନ୍ତି। ଯେଉଁ କାରଣରୁ ବିବାହ ବ୍ରତାଦି କରିବାକୁ ଆଗ୍ରହୀ କର୍ମଚାରୀ ନିରାଶ ହେଉଛନ୍ତି। ଆବଶ୍ୟକ ସ୍ଥଳେ ଏମାନଙ୍କ ଗୋଡହାତ ଧରିବାକୁ ବାଧ ହେଉଛନ୍ତି। ଆରଏସପିର କିଛି ବରିଷ୍ଠ ଅଧିକାରୀଙ୍କ କନ୍ୟା କିମ୍ବା ପୁତ୍ର ବିବାହରେ ଏହି ଟେଷ୍ଟ ହାଉସ ମାଲିକ ଅଯାଚିତ ସହଯୋଗ କରୁଥିବାରୁ ଏଭଳି ଅନିୟମିତତା ଲାଗି ରହିଥିବା ଆଲୋଚନା ହେଉଛି। ଅଧିକାରୀଙ୍କ ବଳରେ ଏମାନେ ବଳିଆନ ସାଜିଥିବା ଆଲୋଚନା ହେଉଛି। କେବଳ ଏତିକି ନୁହେଁ, ଟାଉନଶିପର ବିଭିନ୍ନ ସଂଘ ସଙ୍ଗଠନ ପରିସରକୁ ନିଜ ଅକ୍ତିଆରକୁ ନେଇ ଏହି ଟେଷ୍ଟ ହାଉସ ମାଲିକ ବେପାର ଚଳାଇ ଆସୁଛନ୍ତି। ଏନେଇ ପ୍ରତି ରାତିରେ ଖର୍ଚ୍ଚ ହେଉଥିବା ବିପୁଳ ବିଜୁଳି ଦେୟ ଆରଏସପି କର୍ତ୍ତୃପକ୍ଷ ବହନ କରୁଛନ୍ତି। ଏହାକୁ ଅସାଧୁ ଅଧିକାରୀ ଘଣ୍ଟ ଘୋଡାଉଛନ୍ତି। ବଦଳରେ ନିଜ ପାଇଁ ସାହାଯ୍ୟ ନେଉଛନ୍ତି। ଏଥିପ୍ରତି କେହି ଦୃଷ୍ଟି ଦେଉ ନାହାଁନ୍ତି। ଯେଉଁ ଅଧିକାରୀ ଦାୟିତ୍ୱରେ ଅଛନ୍ତି, ସେମାନେ ନିଜ ସନ୍ତାନ ସନ୍ତତିଙ୍କ ବିବାହ ଉତ୍ସବରେ ତଥାକଥିତ ଟେଷ୍ଟ ହାଉସ ମାଲିକଙ୍କ ଠାରୁ ଉପକୃତ ହେବା ଅଭିଯୋଗ ହେଉଛି। ଫଳରେ ଏ ଦିଗରେ ଧ୍ୟାନ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ସରକାର କ୍ଲବ, ସଂଘ ସଙ୍ଗଠନକୁ ସାମାଜିକ କାର୍ଯ୍ୟ ସମ୍ପାଦନ ନିମନ୍ତେ ପଞ୍ଜିକୃତ ନମ୍ବର ତଥା ଅନୁଦାନ ପ୍ରଦାନ କରୁଛନ୍ତି। କିନ୍ତୁ ଏଠାରେ ବେପାର ଚାଲିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷ କରି ଆର୍‌ଏସ୍‌ପି ସଂସ୍ଥାକୁ ଅସ୍ତ୍ର କରାଯାଇ ଟେଷ୍ଟ ହାଉସ ମାଲିକ ନିଜ ସ୍ୱାର୍ଥ ସାଧନ ସହ ପ୍ରଚୁର ଅର୍ଥ ରୋଜଗାର କରୁଥିବାରୁ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ମାସ ଧରି ଏସବୁ ସଂସ୍ଥା ତଥା ସୋସିଆଲ ହୋମ ବୁକିଂ ରହୁଛି। ନିରୀହ ଲୋକେ ନିଜ କାମ ବେଳେ ଟେଷ୍ଟ ହାଉସ ମାଲିକଙ୍କୁ ନେହୁରା ହେବାକୁ ପଡୁଛି। ଆବଶ୍ୟକ ସ୍ଥଳେ ଆର୍‌ଏସପି କର୍ମଚାରୀ ନିଜ ସନ୍ତାନ ସନ୍ତତିଙ୍କ ବିବାହ ବ୍ରତାଦି କରିବାରୁ ବଞ୍ଚିତ ହେଉଛନ୍ତି। ଘଟଣାନେଇ ଆର୍‌ଏସପି ସଞ୍ଚାର ବିଭାଗ ମୁଖ୍ୟ ରମେନ୍ଦ୍ର କୁମାରଙ୍କୁ ପଚରାଯିବାରୁ ସେ କହିଥିଲେ, ଏଭଳି ନିର୍ଦ୍ଦିଷ୍ଟ ଅଭିଯୋଗ ଆମ ପାଖକୁ ଆସିନାହିଁ। ଯଦି ଆସେ ତାହାର ତଦନ୍ତ କରାଯିବ।



ଉଦିତନଗର ପୋଲିସ ଦ୍ୱାରା ଗିରଫ ୫ ଅଭିଯୁକ୍ତ।

# ପରିବହନ କାର୍ଯ୍ୟାଳୟରେ ଦୁର୍ନୀତି ନେଇ ୫ ଗିରଫ

**ରାଉରକେଲା ଅଫିସ,୧୫।୨**

ଜିଲା ପରିବହନ କାର୍ଯ୍ୟାଳୟରେ ବିଭିନ୍ନ ଦୁର୍ନୀତିରେ ସମ୍ପୃକ୍ତ ରହି ମୋଟା ଅଙ୍କର ଅର୍ଥ ରୋଜଗାର କରୁଥିବା ୫ଜଣଙ୍କୁ ଉଦିତନଗର ପୋଲିସ ଗିରଫ କରିଛି। ଏମାନେ ହେଲେ ଛେଣ୍ଡ କଲୋନୀ ବାସିନ୍ଦା ଅଶ୍ୱିନୀ ମହାନ୍ତି, ପ୍ଲାଣ୍ଟସାଇଟ ବାସିନ୍ଦା ସଞ୍ଜୟ ସାହୁ, କୋଏଲ ନଗର ବାସିନ୍ଦା ଭୋଲାନାଥ ନାୟକ ଓ ପଦ୍ମାଚରଣ ପାଢ଼ି, ଛେଣ୍ଡ ବାସିନ୍ଦା ବିଭୂତି ଭୂଷଣ ଆଚାର୍ଯ୍ୟ । ଏନେଇ ଏକ ମାମଲା (୪୯/ ୨୦୨୦) ରୁଜୁ କରାଯାଇଛି। ଦଫା ୪୧୯/ ୪୨୯/ ୪୬୮ ଓ ୩୪ ଆପିସିରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କଠାରୁ ଏକ ମାରୁତି କାର, ବାଇକ, ସ୍କୁଟି, ଗୋଟିଏ ଏଚପି ପ୍ରିଟର, ଲାପଟପ, ୬ଟି ମୋବାଇଲ ଫୋନ, ନଗଦ ୨୨ହଜାର ୭ଶହ ଏବଂ ଆରଟିଓ ଅଫିସ ସମ୍ପର୍କିତ କାଗଜପତ୍ର ଜବତ କରାଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ, ଆରଟିଓ ଅଫିସ ପରିସରରେ କିଛି ମଧ୍ୟସ୍ଥ ଶନିବାର ସାଧାରଣ ଜନତାଙ୍କୁ ବିଭିନ୍ନ ଆଳରେ ଠକାମି କରି ଅର୍ଥ ଆଦାୟ କରୁଥିବା ଉଦିତନଗର ପୋଲିସକୁ ସୂଚନା ମିଳିଥିଲା । ନିଜକୁ ଆରଟିଓ ଅଫିସ ଷ୍ଟାଫ ପରିଚୟ ତଥା ପାଖ ଲୋକ ଭାବେ ପରିଚୟ ଦେଇ ଏମାନେ ଗ୍ରାହକଙ୍କ ଠାରୁ ମୋଟା ଅଙ୍କ ଅସୁଲି କରୁଥିଲେ। ଦରକାରୀ କାଗଜପତ୍ର ପ୍ରସ୍ତୁତି ଆଳରେ ଏଭଳି କରାଯାଉଥିବା ପୋଲିସ ଖବର ପାଇଥିଲା। ଘଟଣା ଜଣାପଡିବା ପରେ ଉଦିତନଗର ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଏମାନଙ୍କ ଉପରେ ଚଢାଉ କରିଥିଲା। ଫଳରେ ଅଭିଯୁକ୍ତ ୫ଜଣଙ୍କୁ ଗିରଫ କରାଯାଇଛି। ଏମାନଙ୍କ ଠାରୁ ଅନେକ ନକଲି କାଗଜପତ୍ର ଜବତ କରାଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ ଏଭଳି ବେଆଇନ କାରବାର ଯୋଗୁ ପୂର୍ବରୁ ପୋଲିସ ୨୮ ଜଣଙ୍କୁ ଗିରଫ କରିଛି।




ନୟାଡେରା ଗ୍ରାମରେ ବାବା ତିଲକା ମାଝିଙ୍କ ଜନ୍ମ ଦିବସରେ ମଞ୍ଚାସୀନ ଅତିଥି।

# ବାବା ତିଲକା ମାଝିଙ୍କ ଜନ୍ମ ଦିବସ

**ରାଉରକେଲା ଅଫିସ୧୫।୨**

ଲାଠିକଟା ବ୍ଲକ ହାତୀବନ୍ଧା ପଞ୍ଚାୟତ ଅନ୍ତର୍ଗତ ନୟାଡେରା ଗ୍ରାମରେ ବାବା ତିଲକା ମାଝିଙ୍କ ଜନ୍ମ ଦିବସ ରଘୁଗଡ ଯୁବକ ସଂଘ ଦ୍ୱାରା ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ୩୪ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳବାସୀ ଆଗ୍ରହ ସହ ଭାଗ ନେଇ ନାଚ ଗୀତ ପରିବେଷଣ କରିଥିଲେ। ଦୁଇ ଦିନ ଧରି ଆୟୋଜିତ କାର୍ଯ୍ୟକ୍ରମରେ ଗାଁର ବାଳକ, ବାଳିକା ଓ ମହିଳାଙ୍କୁ ନେଇ ବିଭିନ୍ନ ପ୍ରକାର କ୍ରୀଡା ଆୟୋଜନ କରାଯାଇଥିଲା। ଏଥିରେ ଭାଗ ନେଇ ସଫଳ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଲାଠିକଟା ପଞ୍ଚାୟତ ସମିତି ଅଧକ୍ଷା ରଞ୍ଜିତା ଖାଲକୋ, ବିଶିଷ୍ଟ ଲେଖକ ତଥା ମୁଖ୍ୟବକ୍ତା ମଦନମୋହନ ଟୁଡୁ, ହାତୀବନ୍ଧ ସରପଞ୍ଚ ଚମରସିଂ ମୁଣ୍ଡାରୀ, ସିଉଡିହି ସରପଞ୍ଚ ବିନୋଦ କେର୍କେଟା, ପୂର୍ବତନ ଜିଲା ପରିଷଦ ସଭ୍ୟ ପର୍ଶୁରାମ ସିଂ, ରାଉରକେଲା ସ୍ୱତନ୍ତ୍ର କାରାଗାର ଅଧକ୍ଷ ବୀରେନ୍ଦ୍ର ମହାଲି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଭୀମଚରଣ ମୁର୍ମୁ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଦୁର୍ଗା ମାଝି, ବିଶ୍ୱନାଥ ହେମ୍ବରମ, ଦାନ ମାର୍ଡି, ରାମାଇ ମାର୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ପୁଲ୍‌ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ରଉରକେଲା ଅଫିସ,୧୫।୨**

ସ୍ୱର୍ଗତ ଧନଞ୍ଜୟ ମହାନ୍ତିଙ୍କ ସମେତ ପୁଲୱାମା ଶହୀଦଙ୍କୁ ସୁନ୍ଦରଗଡ ଛାତ୍ର କମିଟି ସଭାପତି ରୂପା ବାରିକଙ୍କ ନେତୃତ୍ୱରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏନେଇ ସେକ୍ଟର ୭ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମୀ ଶହୀଦଙ୍କ ଉତ୍ସର୍ଗୀକୃତ ଜୀବନାଦର୍ଶ ନେଇ ଉଦବେଗ ପ୍ରକାଶ କରିଥିଲେ। ଏଥିରେ ନବଜୀବନ ମଣ୍ଡଳ ସଭାପତି ବି.ଏନ ଦାସ, ଶ୍ରଦ୍ଧା ଷଡଙ୍ଗୀ, ପ୍ରବୋଧ ଦାସ, ବିଜୟ ଶଙ୍କର ପୁରୋହିତ, ହିତେଶ ଦେହୁରୀ, ସୁମିତ କଂସାରୀ ପ୍ରମୁଖ ଯୋଗଦେଇ ଫୁଲଓ୍ୱମା ଶହୀଦଙ୍କ ଦେଶ ପ୍ରତି ବଳିଦାନକୁ ସ୍ମରଣ କରିଥିଲେ। ଏଥିରେ ପ୍ରସନ୍ନ ବଳିଆରସିଂ, ମଧୁସୂଦନ ଭୂଇନା, ରମଣ ସିଂ, ପ୍ରସନ୍ନ ନନ୍ଦ, ସୁରେନ୍ଦ୍ର ଦୀପ, ଶୁଭଜିତ ସାମଲ, ଭବାନୀ ଶଙ୍କର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ପୁଲୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

# ଏମ୍‌ପି ପାଣ୍ଠିରୁ ନିର୍ମିତ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

**ରାଉରକେଲା ଅଫିସ, ୧୫।୨**

ସେକ୍ଟର- ୩ ଜଗନ୍ନାଥ ମନ୍ଦିର ପରିସରରେ ଏମ୍‌ପି ଜୁଏଲ ଓରାମଙ୍କ ପାଣ୍ଠିରୁ ୩ ଲକ୍ଷ ଟଙ୍କାରେ ନବ ନିର୍ମିତ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇ ଯାଇଛି। ଏହାକୁ ଏମ୍‌ପି ଜୁଏଲ ଓରାମ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହାଦ୍ୱାର ସାଧାରଣ ଜନତା ବହୁଳ ଭାବେ ଉପକୃତ ହେବେ ବୋଲି ସେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ପକ୍ଷରୁ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ।

# ଜଷ୍ଟିସ ପୂଜାହାରୀଙ୍କ ସହ ଆଲୋଚନା



ରାଉରକେଲା ଓକିଲ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଉଛି।

**ରାଉରକେଲା ଅଫିସ, ୧୫।୨**

ହାଇକୋର୍ଟ ଜଷ୍ଟିସ ଶତୃଘ୍ନ ପୂଜାହାରୀଙ୍କୁ ରାଉରକେଲା ଓକିଲ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଶନିବାର ଅବଗତ କରାଯାଇଛି। ସୁନ୍ଦରଗଡ ଜିଲା ପୋର୍ଟଫୋଲିଓ ଜଷ୍ଟିସ ପୂଜାହାରୀଙ୍କ ରାଉରକେଲା କୋର୍ଟ ପରିଦର୍ଶନ ଅବସରରେ ଏଭଳି ଆଲୋଚନା କରାଯାଇ ଥିଲା। ଏହି ଅବସରରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ଏକ ଅନୌପଚାରିକ ଆଲୋଚନା କରାଯାଇଥିଲା। ଏହି ଅବସରରେ ରାଉରକେଲା କୋର୍ଟର ପାରିପାର୍ଶ୍ୱିକ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଓକିଲ ସଂଘ କର୍ମକର୍ତ୍ତାଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ବର୍ଷକ ପରେ ନିଖୋଜ ନାବାଳିକା ଉଦ୍ଧାର

**ରାଉରକେଲା ଅଫିସ,୧୫।୨**

ବନ୍ଧମୁଣ୍ଡା ଇ ସେକ୍ଟର ଖଟାଲ ବସ୍ତିରୁ ନିଖୋଜ ଜଣେ ନାବାଳିକା ଗତ ଶୁକ୍ରବାର ରାତିରେ ଉଦ୍ଧାର ହୋଇଛନ୍ତି। ନାବାଳିକା ଗତ ବର୍ଷକ ପୂର୍ବେ ଘରୁ ନିଖୋଜ ଥିଲେ। ପରିବାର ଲୋକେ ଏନେଇ ବନ୍ଧମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ସମ୍ପର୍କୀୟଙ୍କୁ ଖବର ଦେବା ସହ ଖୋଜଖବର ଜାରି ରଖିଥିଲେ। ତେବେ ନାବାଳିକା ଜଣଙ୍କ କୋଏଲନଗର ଅଞ୍ଚଳରେ ଜଣଙ୍କ ଘରେ ନଜର ବନ୍ଦି ଅବସ୍ଥାରେ ରହି କାମ କରୁଥିବା ଅଭିଯୋଗ ହୋଇଛି। ତାଙ୍କୁ ବାହାର ଦୁନିଆ ଦେଖିବାକୁ ସୁଯୋଗ ଦିଆଯାଉ ନ ଥିଲା। ଘରେ ଯାବତୀୟ କାମ କରିବାକୁ ପଡୁଥିଲା ତାଙ୍କୁ। ପ୍ରତିବାଦ କଲେ ମାଡ ଗାଳି ଶୁଣିବାକୁ ପଡୁଥିଲା। ଗତ ଶୁକ୍ରବାର ରାତିରେ ନାବାଳିକା କୌଣସି ମତେ ସମ୍ପୃକ୍ତ ବ୍ୟକ୍ତିଙ୍କ ଘର କାନ୍ଥ ଡେଇଁ ପଦାକୁ ବାହାରି ଆସିବା ପରେ ରାଉରକେଲା ସହରରେ ରହୁଥିବା ତାଙ୍କ ମାମୁଁଙ୍କ ଘରେ ପହଞ୍ଚିଥିଲେ। ତାଙ୍କୁ ସେଠାରେ ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରିଥିଲେ। ଫଳରେ କଥା ପ୍ରଘଟ ହୋଇଥିଲା।

# ଭାଜପା ବୁଥସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ

**ଲହୁଣୀପଡା, ୧୫।୨ (ଡି.ଏନ.ଏ)**

ଲହୁଣୀପଡା ବ୍ଲକ ରାଜାମୁଣ୍ଡା ସ୍ଥିତ ଭାଜପା କାର୍ଯ୍ୟାଳୟଠାରେ ଲହୁଣୀପଡା ମଣ୍ଡଳର ବୁଥସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପର୍ଯ୍ୟବେକ୍ଷକ ଭାବେ ରାଜ୍ୟ ପରିଷଦ ସଦସ୍ୟ ଲୁଥାର ଓରାମ, ମନୋଜ ପ୍ରଧାନ, ପୂର୍ବତନ ମଣ୍ଡଳ ସଭାପତି ନାରାୟଣ କୁମ୍ଭାର ଯୋଗଦେଇଥିଲେ। ଲହୁଣୀପଡା ମଣ୍ଡଳର ସଭାପତି ନମିତା ମହାନ୍ତ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବନ୍ଦେ ମାତରଂ ଗାନ କରିବା ସହିତ ୨୦୧୯ ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଲହୁଣୀପଡା ମଣ୍ଡଳରେ ଥିବା ୫୪ଟି ବୁଥ କମିଟି ଗଠନ କରାଯାଇଥିଲା। ମଣ୍ଡଳରେ ୨୦୮ ସକ୍ରିୟ ସଦସ୍ୟଙ୍କ ସୂଚୀ ପ୍ରସ୍ତୁତ କରାଯାଇଥିଲା। ସିଏଏ- ଏନଆରସି ବିଷୟରେ ଆଲୋଚନା କରି ବୁଥସ୍ତରରେ କର୍ମକର୍ତ୍ତାମାନେ ଲୋକଙ୍କୁ ବୁଝାଇବା ପାଇଁ କୁହାଯାଇଥିଲା। ଗୃହମନ୍ତ୍ରୀ ଅମିତ ଶାହା ଆଗାମୀ ଓଡିଶା ଗସ୍ତ ନେଇ ମଧ ଆଲୋଚନା ହୋଇଥିଲା । ଏଥିରେ ଲହୁଣୀପଡା ମଣ୍ଡଳର ବହୁ ଭାଜପା କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।



ଲହୁଣୀପଡ଼ାରେ ବୁଥସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା ଉପସ୍ଥିତ।

**OFFICE OF THE MUNICIPAL COUNCIL, KEONJHARGARH**
email : keonjharm.hud@rediffmail.com
Invitation for Bids (IFB) 'e' Procurement Notice
Bid Identification No.KGM-10/2019-20

Letter No.1475 /KGM Date: 12.02.2020
On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system ,through e-Procurement.
1 - Nature of work- Civil Work
2 - No. of Work-31 Nos.
3 - Value of works: Rs.1,34 ,200 /- to 15,88,000 /-
4 - Date & Time of availability of Bid document in the portal: From. 15.02.2020 at 11.00 A.M. up to 25.02.2020 at 5.00 P.M.
5 - Last date & time of submission of bid in portal- upto 5 P.M of 25.02.2020
6 - Date of Opening of bid in portal. 27.02.2020 at 11 .30. A.M.
7- Name & address of the officer in Inviting Bid- EO, Keonjhargarh Municipality
Further details can be seen from Website: www.tendersorissa.gov.in
Sd./- Executive Officer
Keonjhargarh Municipality

**OFFICE OF THE EXECUTIVE ENGINEER** No. O-1083
**RURAL WATER SUPPLY & SANITATION DIVISION, MALKANGIRI**
Phone - (06861) 231617email:eerwss_mal@nic.in,eerwssmlkg@gmail.com
**QUOTATION CALL NOTICE No. 03 / (EB-61)2020 Dt. 12.02.2020**
The Executive Engineer, RWS&S Division, Malkangiri on behalf of Governor of Odisha invites sealed quotations from Authorised Manufactures, Authorised Dealers/ Distributers for supply of Chemicals, Glassware, Consumables of reputed makes for testing of drinking water at RWS&S Divisional Laboratory, Malkangiri/ Sub-Divisional laboratory, Mathili.
The time schedule of quotation is as follows.
1) **Date for submission of quotation:- Dt.19.02.2020at 10.00 A.M.to 28.02.2020 up to 5.00P.M.**
2) **Date of Opening of Quotation:- Dt.29.02.2020 at 11.30A.M.**
The detailed list of items and term & condition are available in office of the Executive Engineer RWS&S Division,Malkangiriduring office hoursor can be downloaded from **www.odisha.gov.in, www.malkangiri.nic.in**
Sd/12.02.20
Executive Engineer RWS&S Division, Malkangiri
OIPR-25044/11/0010/1920

**SIEP centre for Divvyang** No. gg-20
**SIDR Building, Capital Hospital Campus, Unit-6, Bhubaneswar-751001**
**OPEN TENDER**
**for Procurement of Equipment for SIEP**
No. 132/SIEP Date: 14.02.2020
SIEP/MISC/0016/2019
The Tender aims to approve successful bidder/bidders that will be responsible for supply of different equipment for "SIEP (State Institute for Empowerment of Persons with Disabilities)" at Bhubaneswar. The details of scope of work, eligibility criteria and submission of details can be downloaded from websitehttp://www.ssepd.gov.in
1. Availability of tender document: SSEPDwebsite**www.ssepd.gov.in**
2. Date and time for submission of the Tender documents:
By speed post/ Registered post / Courier/ hand in all working days up to **12:00 noon of 16/03/2020**
3. Pre Bid **26.02.2020 at 11.00 A.M**
This Tender does not entail any commitment on the part of SIEP either financial or otherwise. SIEP reserves the right to accept or reject any or all Tenders without incurring any obligation to inform the affected applicant/s of the grounds. The Tenders will be evaluated based on the information provided.
SD/-ExecutiveDirector,SIEP,Odisha
OIPR-46003/11/0004/1920

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Govt.of Odisha Undertaking)
Regd.Office: Janapath Bhubaneswar-751022
**OFFICE OF THE G.M.(ELECT) EHT (O&M)CIRCLE, JAJPUR ROAD.**
Fax/Phone No.06726-220965 (off), E-mail.id.ehtm.cle.jjp@optcl.co.in CIN: U401020R2004SGC007553
No.Tech-CR-150/156 Dated:15.02.2020
**EXPRESSION OF INTEREST(EOI)**
General Manager(Elect.),EHT(O&M) Circle, OPTCL, Jajpur Road indents to prepare a vendor list for minimum one year for execution of different Civil/Electrical works and supply of different materials for the estimated cost of more than 10(Ten) thousand up to 1(One) lakh. Interested suppliers, dealers, contractors and firm owners may apply with details documents on or before 04.03.2020 (during office hours).For details please visit our website:- www.optcl.co.in.
Corrigendum if any, will be published in the website only.
Sd./- General Manager (Elect)

**PRAGATIPATHE ATHMALIK PANCHAYAT SAMITI**
1. **RURAL HOUSING FOR THE FY 2019-20.**
► PMAY-G Houses - 1922
► BPGY Houses - 125
► NSPGY Houses - 225
2. **MGNREGS FOR THE FY 2019-20**
► Persondays Generation - 334265 days
► House Hold 100 days completed - 166
**PROJECT COMPLETED UNDER MGNREGS**
► AWC Building - 10
► Playground - 3
► Village Tank - 5
► Check Dam - 4
► Road - 14
3. **AGAB FOR THE FY 2019-20**
► Project Completed - 112
4. **RURAL WATER SUPPLY AND SANITATION**
► Pipe water supply completed - 28
► Overhead tank completed - 11
Minakhi Dalei, Chairman
Chairman, Athmallik Block
Sanjay Kumar Acharya
Block Development Officer, Athmallik

**OFFICE OF THE D.F.O.-CUM-CEO.FFDA/ BFDA, BHADRAK AND SECRETARY, MANAGEMENT SOCIETY DHAMARA FISHING HARBOUR, DHAMARA**
**TENDER CALL NOTICE No. 49// Dt. 14.02.2020**
**ENGAGEMENT OF SECURITY GUARDS AND MANPOWER**
Management Society, Dhamara Fishing Harbour, Dhamara of Bhadrak District invites sealed tenders from registered private organizations / Agency for engagement of security Guards and Manpower Services. The agencies having good track record with Registration Certificate, trained manpower and relevant experience in this line is eligible to apply. The agency must be able to provide round the clock security services to Management Society, Dhamara Fishing Harbour, Dhamara. The details tender paper cost Rs. 2000/- (Rupees Two Thousand) only in shape of Cash/ Demand Draft in favour of "Secretary, Management Society, Dhamara Fishing Harbour, Dhamara" Payable at Dhamara may be obtained from the office of Manager, Management Society, Dhamara Fishing Harbour, Dhamara from Dt. 17.02.2020 to Dt. 02.03.2020 in office hours i.e. 10.00 AM to 5.30 PM should be submitted with their proposal (Technical as well as Financial Bids) along with all supporting documents in sealed envelope must superscribed with "Application for outsourcing of Security Services and Manpower at Management Society Dhamara Fishing Harbour, Dhamara" to the office of the D.F.O., Bhadrak and Secretary Management Society, Dhamara Fishing Harbour, Dhamara by Dt. 03.03.2020 till 5.30 PM. The tender will be opened on Dt. 04.03.2020 at 11.30 AM in the office of D.F.O.-cum-CEO, FFDA/BFDA, Bhadrak and Secretary, Management Society, Dhamara Fishing Harbour at Bhadrak. (Near Bonth Chaka Bus Stand). The Undersigned has reserve the rights to cancel any or all application without assigning any reason thereof.
Sd./- Santosh Kumar Dalai
D.F.O., Bhadrak & Secretary
Management Society Dhamara
Fishing Harbour, Dhamara